# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୬/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, April 6/2026 | Page 16 | ₹ 7.00

୫୨ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 131 | ମୂଲ୍ୟ ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
Safal
TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୬/୨୦୨୬ | Bhubaneswar, Monday, April 6/2026 | ପୃଷ୍ଠା-୧




**ଭୟଭୀତ ଅକ୍ଷୟ**

'ଧୁରନ୍ଧର ୨'ର ସଫଳତାରେ ଭୟଭୀତ ହୋଇ ପ୍ରଯୋଜକ ଅକ୍ଷୟ କୁମାର ହରର କମେଡି 'ଭୂତ୍ ବଙ୍ଗଳା'ର ରିଲିଜ୍ ଡେଟ୍ ପରିବର୍ତ୍ତନ କରାଉଥିବା ଚର୍ଚ୍ଚା ହେଉଛି।

୧୦

୧୪

**ଶାମି ପ୍ଲେୟର ଅଫ୍ ଦି ମ୍ୟାଚ୍**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମୁକାବିଲାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟ ବୋଲର ମହମ୍ମଦ ଶାମି।





ଇଷ୍ଟର ପାଳନ ଅବସରରେ ରବିବାର ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ଲୋୟୋଲା ଗ୍ରାଉଣ୍ଡରେ ନନ୍‌ମାନେ କ୍ୟାଣ୍ଡେଲ ଜାଳୁଛନ୍ତି। (ଫଟୋ: ପି.ଟି.)

# ଇ୨୦ ପେଟ୍ରୋଲ: ଆଶୀର୍ବାଦ ନା ଅଭିଶାପ

**ଏବେ ବଜାରରେ ଉପଲବ୍ଧ ହେଉଥିବା 'ଫସିଲ୍ ଫୁଏଲ' ବା ଜୀବାଶ୍ମ ଇନ୍ଧନ ଭାବେ ପରିଚିତ ସାଧାରଣ ପେଟ୍ରୋଲ ଓ ଡିଜେଲର ବ୍ୟବହାର ଆଗକୁ କମିବ। କାରଣ ସରକାର ଅଧିକ ଇଥାନଲ୍‌ଯୁକ୍ତ ଇନ୍ଧନ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ଇଥାନଲ୍‌ଯୁକ୍ତ ଇନ୍ଧନ ବ୍ୟବହାର ଦ୍ୱାରା ଉପଭୋକ୍ତାମାନେ କିଭଳି ସମସ୍ୟାର ସମ୍ମୁଖୀନ ହେବେ ତାହା ଏବେ ସାଧାରଣରେ ପ୍ରଶ୍ନ ହୋଇଛି।**





ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)

ଏପ୍ରିଲ ପହିଲାରୁ ଦେଶର ସବୁ ପେଟ୍ରୋଲ ପମ୍ପରେ ଇ୨୦ ପେଟ୍ରୋଲ ଅର୍ଥାତ୍ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଇ୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଅଶୋଧିତ ପେଟ୍ରୋଲିୟମ ଆମଦାନୀ ହ୍ରାସ ହେବା ସହ ପ୍ରଦୂଷଣ ମାତ୍ରା ମଧ୍ୟ କମିବ ବୋଲି ସରକାରଙ୍କ ପକ୍ଷରୁ କୁହଯାଇଛି। ମାତ୍ର ଏହା ପେଟ୍ରୋଲ ଗାଡ଼ିର ଯନ୍ତ୍ରାଂଶ ତଥା ମାଇଲେଜ୍ ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ ଆକଳନ କରୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପେଟ୍ରୋଲ ଏବଂ ଡିଜେଲରେ ୨୦% ଇଥାନଲ ମିଶ୍ରିତ ଇନ୍ଧନ ବ୍ୟବହାର ପାଇଁ କେନ୍ଦ୍ର ସରକାର ୨୦୨୩ରେ ବିଲ୍ ଆଣିଥିଲେ। ୨୦୩୦ ସୁଦ୍ଧା ଇନ୍ଧନରେ ଇଥାନଲ ଭାଗକୁ ୩୦% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କହିଥିଲେ। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅଶୋଧିତ ପେଟ୍ରୋଲିୟମ ଆମଦାନୀଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଏବେଠାରୁ ଇନ୍ଧନରେ ୩୦% ଇଥାନଲ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। କେତେକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏବେ ବଜାରରେ ଉପଲବ୍ଧ ଇନ୍ଧନରେ ୪୦% ଇଥାନଲ ରହୁଥିବା ଚର୍ଚ୍ଚା ହେଉଛି। ଇଥାନଲ ମିଶ୍ରିତ ଇନ୍ଧନ ବ୍ୟବହାର ଦ୍ୱାରା ସରକାରଙ୍କ ଉପରୁ ଅଶୋଧିତ ପେଟ୍ରୋଲିୟମ ଆମଦାନୀ ଚାପ କମିପାରେ। ହେଲେ ଏହା ଖାଉଟିଙ୍କ ସମସ୍ୟା ବଢ଼ାଇବା ସହ ସେମାନଙ୍କ ଉପରେ ଗାଡ଼ି ମେଣ୍ଟେନାନ୍ସକୁ ନେଇ ଅତିରିକ୍ତ ବୋଝ ପଡ଼ିବାର ଆଶଙ୍କା ସୃଷ୍ଟି କରିଛି। ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ☞ ପୃଷ୍ଠା-୨

# ଛାତ୍ରୀଛାତ୍ର, କର୍ମଜୀବୀ, ଶ୍ରମିକଙ୍କୁ ଚଡ଼କ

**ପଶ୍ଚିମ ଏସିଆ ଯୁଦ୍ଧ ପରଠାରୁ ଭାରତକୁ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଏଥିଯୋଗୁ ରନ୍ଧନ ଗ୍ୟାସର କଳାବଜାର ବଢ଼ିବାରେ ଲାଗିଛି। ବେଆଇନ ଗ୍ୟାସ୍ ମହଜୁଦକାରୀମାନେ ସ୍ଥିତିର ଫାଇଦା ଉଠାଇ ୨ରୁ ୩ ଗୁଣା ଅଧିକ ଟଙ୍କା ନେଇ ଲୋକଙ୍କୁ ଶୋଷଣ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶାରେ ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ହେଲେ ସହରାଞ୍ଚଳରେ ୧ରୁ ୫ କେ.ଜି.ର ସିଲିଣ୍ଡର ବ୍ୟବହାର କରି ଚଳୁଥିବା ଅନେକ ଛାତ୍ରୀଛାତ୍ର, କର୍ମଜୀବୀ ଓ ଶ୍ରମିକମାନେ ଏହାଦ୍ୱାରା ଗୁରୁତର ସମସ୍ୟାରେ ପଡ଼ିବେ। ଏହି ସବୁ ବର୍ଗଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରି ସରକାର କେବଳ ନିଷ୍ପତ୍ତି ଥୋପିଦେଲେ ସେମାନେ ସହର ଛାଡ଼ି ଗାଁକୁ ଫେରିବାକୁ ବାଧ୍ୟହେବେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ବନ୍ଦ ହୋଇଯିବା ସହ ସହରରେ ଅନେକ ବେସରକାରୀ ଓ ନିର୍ମାଣ କାର୍ଯ୍ୟ ଅଚଳ ହୋଇପଡ଼ିବ।**

## ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ବିକ୍ରି ବନ୍ଦ

ଭୁବନେଶ୍ୱର,୫।୪(ରବିନାରାୟଣ ଜେନା)

ରାଜ୍ୟରେ ଗ୍ୟାସ୍ ସଙ୍କଟ ଦିନକୁ ଦିନ ଉତ୍କଟ ପରିସ୍ଥିତି ସୃଷ୍ଟି କରୁଛି। ସହରାଞ୍ଚଳରେ ଲୋକଙ୍କୁ ବଡ଼ିଭୋରରୁ ଗ୍ୟାସ୍ ଏଜେନ୍ସି ଦୋକାନ ସମ୍ମୁଖରେ ଲମ୍ବା ଧାଡ଼ିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେବାକୁ ପଡୁଛି। ପରିସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଗଣମାଧ୍ୟମକୁ ଏକ ନୂଆ କଥା କହିଛନ୍ତି। ସେ କହିଛନ୍ତି, ଏଣିକି ଆଉ ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ମିଳିବ ନାହିଁ। ବେଆଇନ କାରବାର ରୋକିବା ପାଇଁ ରାଜ୍ୟରେ ଏବେଠାରୁ ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।

ମନ୍ତ୍ରୀ କହିଛନ୍ତି, କେବଳ ଗ୍ୟାସ୍ ଏଜେଣ୍ଟମାନେ ହିଁ ଗ୍ୟାସ୍ ବିକ୍ରି କରିପାରିବେ। ଏଥିପାଇଁ ସେମାନେ ହିତାଧିକାରୀଙ୍କ ଇ-କେୱାଇସିକୁ କଡ଼ାକଡ଼ି ଯାଞ୍ଚ କରିବେ। ଯେଉଁମାନଙ୍କର ଇ-କେୱାଇସି ନ ଥିବ ସେମାନଙ୍କୁ ଗ୍ୟାସ୍ ମିଳିବ ନାହିଁ। ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶନାମା ପରେ ସହରାଞ୍ଚଳରେ ୫ କେ.ଜି.ର ସିଲିଣ୍ଡର ବ୍ୟବହାର କରି ଚଳୁଥିବା ଛାତ୍ରୀଛାତ୍ର, କର୍ମଜୀବୀ ଓ ଶ୍ରମିକମାନେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଏହି ସବୁ ବର୍ଗଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରି ସରକାର ଏପରି ନିଷ୍ପତ୍ତି ନେଲେ



ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳର ଏକ ମେସ୍‌ରେ ଜଣେ ଛାତ୍ରୀ ଛୋଟ ସିଲିଣ୍ଡରରେ ରୋଷେଇ କରୁଛନ୍ତି।

ସେମାନେ ସହର ଛାଡ଼ି ଗାଁକୁ ଫେରିବାକୁ ବାଧ୍ୟହେବେ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ବିଶେଷ ଭାବେ ପ୍ରଭାବିତ ହେବା ସହିତ ସହରରେ ଅନେକ ବେସରକାରୀ ଓ ନିର୍ମାଣ କାର୍ଯ୍ୟ ମଧ୍ୟ ଠପ୍ ହୋଇଯିବ। ରାଜ୍ୟରେ ରନ୍ଧନ ଗ୍ୟାସ୍‌ର ଅଭାବ ରହିଥିବାବେଳେ ଅସାଧୁ ବ୍ୟବସାୟୀମାନେ ଏହାର ଫାଇଦା ଉଠାଉଛନ୍ତି। କେଉଁଠି ଚଢ଼ା ଦରରେ ଗ୍ୟାସ୍ ☞ ପୃଷ୍ଠା-୨

### ଉଜ୍ଜ୍ୱଳା: ସବ୍‌ସିଡି ଆସୁଛି, ଗ୍ୟାସ୍ ଆସୁନି

ଭୁବନେଶ୍ୱର,୫।୪ (ରବିନାରାୟଣ ଜେନା)

ରାଜ୍ୟରେ ଗ୍ୟାସ୍ ସଙ୍କଟ ଏବେ ଉଜ୍ଜ୍ୱଳା ଦିଦିଙ୍କ ଉପରେ ପଡ଼ିଛି। ହିତାଧିକାରୀ ବୁକିଂ କରିବା ପରେ ସେମାନଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଯାଉଛି, ହେଲେ ଗ୍ୟାସ୍ ଗାଡ଼ି ଘରକୁ ଆସୁନାହିଁ। ଏହିଭଳି ସାଂଘାତିକ ଅଭିଯୋଗ ଏବେ ଲୋକଲୋଚନକୁ ଆସିଛି। ଅଭିଯୋଗ ଅନୁଯାୟୀ, ରଣପୁର ଅଚ୍ୟୁତପୁରର ମଞ୍ଜୁଲତା ବେହେରା ମାର୍ଚ୍ଚ ୧୦ରେ ଉଜ୍ଜ୍ୱଳାରେ ଗ୍ୟାସ୍ ବୁକିଂ କରିଥିଲେ। ୧୫ରେ ତାଙ୍କୁ ସେଠାକାର ☞ ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

**ଅନେକ ମେରୁ**


# ଇରାନରୁ ପାଇଲଟ୍‌ଙ୍କୁ ଉଦ୍ଧାର କଲା ଆମେରିକା

ୱାଶିଂଟନ,୫।୪

ଇରାନ ଖସାଇଥିବା ଯୁଦ୍ଧବିମାନର ନିଖୋଜ ପାଇଲଟ୍‌ଙ୍କୁ ଆମେରିକା ଉଦ୍ଧାର କରିଥିବା ରବିବାର କହିଛି। ଆମେରିକାର ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଖସିପଡ଼ିଥିଲା। ଶତ୍ରୁ ପାଇଲଟ୍‌ଙ୍କୁ ଯିଏ ଧରାଇଦେବ, ତାଙ୍କୁ ପୁରସ୍କୃତ କରାଯିବ ବୋଲି ଇରାନ ପ୍ରତିଶ୍ରୁତି ଦେଇଥିଲା। ଉଦ୍ଧାର ହୋଇଥିବା ଏୟାରମ୍ୟାନ୍ ଆହତ ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଦୁଃସାହସିକ ଅଭିଯାନ ବଳରେ ସଫଳତାର ସହ ଏୟାରମ୍ୟାନ୍‌ଙ୍କୁ ଉଦ୍ଧାର କରାଯିବା ପରେ ଆମେରିକା ସେନା ୨ଟି ଯୁଦ୍ଧବିମାନକୁ ଧ୍ୱଂସ କରିଦେଇଛି। ପୂର୍ବରୁ ଆଉ ଜଣେ କ୍ରିଉ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିଲା।

ଏୟାରମ୍ୟାନ୍‌ଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ଆମେରିକାର ଅନେକ ବିମାନ ଏବଂ ଶତାଧିକ ସ୍ୱତନ୍ତ୍ର ଅଭିଯାନ ସୈନ୍ୟ ସାମିଲ ହୋଇଥିଲେ। ସେମାନେ ଇରାନର ଆଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟକୁ ଯାଇଥିଲେ। ରାତିର ଅନ୍ଧକାର ମଧ୍ୟରେ ଏହି ନାଟକୀୟ ଅଭିଯାନ ଦିନ ହେବା ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହା ଯୋଜନା ମୁତାବକ ହୋଇ ନ ଥିଲା। ମଝିରେ ଗୁଳିବିନିମୟ ଘଟିଥିଲା। ସଂଘର୍ଷ ମଧ୍ୟରେ ଏୟାରମ୍ୟାନ୍‌ଙ୍କୁ ଆମେରିକା ସେନା ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ଅଲ୍ ଜଜିରା ରିପୋର୍ଟ କରିଛି। ୨ ଦିନ ଧରି ଚାଲିଥିବା ଏହି ଅଭିଯାନରେ ଆମେରିକା ଯୁଦ୍ଧବିମାନରୁ ବୋମାମାଡ଼ ☞ ପୃଷ୍ଠା-୨

# କାଳବୈଶାଖୀ ବର୍ଷା, କମିଲା ତାପମାତ୍ରା

ଭୁବନେଶ୍ୱର,୫।୪(ବନ୍ଦନା ସେଠୀ)

### ଆଜି ୨୬ ଜିଲ୍ଲାକୁ ୟେଲୋ ୱାର୍ନିଂ

କାଳବୈଶାଖୀ ବର୍ଷା ଯୋଗୁ ପାଗ ବଦଳିଛି। ଗତ କିଛିଦିନ ହେବ ରାଜ୍ୟର ଏକାଧିକ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ପଶ୍ଚିମରୁ ଉପକୂଳ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ପ୍ରଭାବିତ କରୁଥିଲା। ତେବେ ରବିବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବା ପରେ ଏଥିରେ ସାମାନ୍ୟ ରୋକ୍ ଲାଗିଛି। ତାପମାତ୍ରା କମିବା ସହ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ଗତ ୨୪ ଘଣ୍ଟାରେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ ହୋଇଛି। ବୌଦ୍ଧରେ ୩୮.୫ ଡିଗ୍ରୀ, ବଲାଙ୍ଗୀର ୩୭, ତାଳଚେର ୩୬.୫, ଅନୁଗୋଳ ୩୬.୧, ଭୁବନେଶ୍ୱର, ମାଲକାନଗିରି ଏବଂ ନୂଆପଡାରେ ତାପମାତ୍ରା ୩୬ ଡିଗ୍ରୀ ରହିଛି। ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବ। ଫଳରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ଓ ବିଜୁଳି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ କରିଛି। ସେହିପରି କାଳବୈଶାଖୀ ପ୍ରଭାବରେ ୨ଦିନ ମଧ୍ୟରେ ୨ରୁ ୪ ଡିଗ୍ରୀ ତାପମାତ୍ରା କମିବ ବୋଲି ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ସୁନ୍ଦରଗଡ଼ ଜିଲ୍ଲା କୁତ୍ରାଠାରେ ସର୍ବାଧିକ ୩୭ ମି.ମି ବର୍ଷା ☞ ପୃଷ୍ଠା-୨

# ଝିଅଙ୍କ ଛାଡ଼ପତ୍ରରେ ଉତ୍ସବ ପାଳିଲେ ବାପା

ମିରଟ,୫।୪

ଜଣେ ଝିଅ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ବାପଘରକୁ ଫେରିଆସିଲେ ସାଧାରଣ ଭାବେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥାଏ। ତେବେ ଉତ୍ତରପ୍ରଦେଶର ମିରଟରେ ଛାଡ଼ପତ୍ର ଦେଇ ଆସିଥିବା ଝିଅଙ୍କ ପାଇଁ ତାଙ୍କ ବାପା ଉତ୍ସବ ପାଳନ କରିଛନ୍ତି, ଯାହା ଅନ୍‌ଲାଇନରେ ଅନେକଙ୍କ ହୃଦୟ ଜିଣିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ନାଚଗୀତ ଓ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦୃଶ୍ୟ ଦେଖିବାକୁ ମିଳିଛି। ପରିବାର ଲୋକେ ବାଜା ଓ ଫୁଲମାଳ ନେଇ ମହିଳା ଜଣଙ୍କୁ ସ୍ୱାଗତ କରିଥିଲେ। ଏସବୁର କେନ୍ଦ୍ରରେ ଥିଲେ ଝିଅଙ୍କ ବାପା, ଯିଏ କି ଜଣେ ଅବସରପ୍ରାପ୍ତ ବିଚାରପତି। ସେ ତାଙ୍କ ଝିଅଙ୍କ ଡାଇଭର୍ସକୁ ଏକ ଅସୁବିଧା ନୁହେଁ, ବରଂ ଏକ ନୂଆ ଆରମ୍ଭ ଭାବେ ବିବେଚନା କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ମିରଟର ଶାସ୍ତ୍ରୀନଗର ବାସିନ୍ଦା ପ୍ରତୀକ୍ଷା ୨୦୧୮ରେ ଶାହଜାହାନପୁର ନିବାସୀ ମେଜର ଗୌରବ ଅଗ୍ନିହୋତ୍ରୀଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁଅ ମଧ୍ୟ ରହିଛି। ତେବେ କିଛିଦିନ ପରେ ସେମାନଙ୍କ ବୈବାହିକ ଜୀବନରେ ସମସ୍ୟା ଦେଖାଦେଇଥିଲା। ଶାଶୁଘର ଲୋକେ ହଇରାଣ କରିବା ସହ ବିବାଦ ଯୋଗୁ ସମ୍ପର୍କ ଭାଙ୍ଗିବା ଅବସ୍ଥାକୁ ଆସିଯାଇଥିଲା। ଦୀର୍ଘଦିନର ଆଇନଗତ ଲଢ଼େଇ ପରେ ଶନିବାର ଦମ୍ପତିଙ୍କ ଛାଡ଼ପତ୍ରକୁ ଆନୁଷ୍ଠାନିକ ମଞ୍ଜୁରୀ ମିଳିଥିଲା। ପ୍ରତୀକ୍ଷା ବାପଘରେ ପହଞ୍ଚିବା ପରେ ତାଙ୍କ ବାପା ଉତ୍ସବର ସହ ତାଙ୍କୁ ସ୍ୱାଗତ କରିଥିଲେ। ବାଜା ବଜାଇ ପରିବାର ଲୋକେ ନାଚିଥିଲେ ଓ ତାଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ଝିଅଙ୍କୁ ବହୁତ ଭଲ ପାଆନ୍ତି ଏବଂ ସର୍ବସମ୍ମୁଖରେ ଏଥିପାଇଁ ଗର୍ବିତ ବୋଲି ତାଙ୍କ ବାପା କହିଛନ୍ତି। ଝିଅମାନେ ପୁଅଙ୍କ ସହ ସମାନ ଏବଂ ସମାନ ସ୍ନେହ, ପ୍ରେମ, ମର୍ଯ୍ୟାଦା ଓ ସମର୍ଥନ ପାଇବାକୁ ହକ୍‌ଦାର, ଏହା ଜଣାଇଦେବା ତାଙ୍କ ଉଦ୍ଦେଶ୍ୟ। ସେ ତାଙ୍କ ଝିଅଙ୍କୁ ଦୁଃଖୀ ଦେଖିପାରିବେ ନାହିଁ। ୬ ବର୍ଷର ବୈବାହିକ ଜୀବନରେ ସେ ଅସୁଖୀ ଥିଲେ। ଏବେ ସେ ଅଧିକ ଦୁଃଖ ଯନ୍ତ୍ରଣା ଅନୁଭବ କରନ୍ତୁ, ଏହା ଚାହେଁନାହିଁ ବୋଲି ବାପା କହିଛନ୍ତି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ, ସ୍ଥାନ: ଲିଙ୍ଗରାଜ ମନ୍ଦିର, ସମୟ: ସକାଳ ୭ଟା।
- ନୂତନ ଛାତ୍ରୀ ଛାତ୍ରଙ୍କ ପ୍ରବେଶ ଉତ୍ସବ, ସ୍ଥାନ: ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ସକାଳ ୮ ଟା।
- ଜାତୀୟ ବିଦ୍ୟାଳୟସ୍ତରୀୟ ରଗବୀ ଚାମ୍ପିଅନସିପ, ସ୍ଥାନ: କଳିଙ୍ଗ ଷ୍ଟାଡ଼ିୟମ୍ ଆଉଟ୍‌ଡୋର୍ ଆଥ୍‌ଲେଟିକ୍ ଗ୍ରାଉଣ୍ଡ, ସମୟ: ସକାଳ ୯ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଣ ଧାରଣା, ସ୍ଥାନ: ବିଧାନସଭା ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ସୀତା ଠାବ ଓ ଲଙ୍କା ପୋଡ଼ି', ସ୍ଥାନ: ବାଲିଅନ୍ତା ବେଣ୍ଟପୁର ରାମଲୀଳା ପଡ଼ିଆସ୍ଥିତ ଶ୍ରୀରାମ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ସୀତା ଠାବ' ପରିବେଷଣ, ସ୍ଥାନ: କାକରୁଦ୍ରପୁରସ୍ଥିତ ଶ୍ରୀ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ରାମ ନାଟକ ପରିବେଷଣ, ସ୍ଥାନ: ଗୋତଳବିନ୍ଧାସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସର ଓ ବଇରୁଆର ଗାନ୍ଧୀଛକସ୍ଥିତ ରାଧା ଗୋବିନ୍ଦ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।

**କଟକ**
- ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ଅଭିମୁଖେ ଅନିୟମିତତା ଓ ଦୁର୍ନୀତି ବିରୋଧରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ନୟାସଡ଼କ ଠାକୁର ଘର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚତୁଃଦିବସୀୟ ୫୫ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ତୃତୀୟ ଦିବସ, ସ୍ଥାନ: ମାତୃଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ପୁରୀ**
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଉଦୟନାଥ ଏକାଡେମୀର ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବରୁଣେଇ ପୀଠ, ଖୋର୍ଦ୍ଧା, ସମୟ: ସକାଳ ୭ଟା।
- ବାଦୀପାଲା, ସ୍ଥାନ: କାଇପଦର, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ସକାଳ ୭ଟା।
- ମା' ଶୀତଳା ଦେବୀଙ୍କ ପୂଜା ଉତ୍ସବର ତୃତୀୟ ଦିବସ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପ୍‌ସା, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ବାଉଁଶଡିହା ଗୁରୁକଲ୍ୟାଣ ଗୃହ, ଭୋଗରାଇ, ସମୟ: ସକାଳ ୯ଟା।
- ନୂତନ କୋର୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସିଭିଲ କୋର୍ଟ କମ୍ପ୍ଲେକ୍ସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ରକ୍ତଦାନ ଶିବିର,ସ୍ଥାନ:ତୋଟାପଡ଼ା ସଂସ୍କୃତ ମହାବିଦ୍ୟାଳୟ, ବେତନଟୀ, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ସର୍ବସାଧାରଣ ଶ୍ରମଦାନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ ଟା ୩୦।
- ଭାଜପାର ପ୍ରତିଷ୍ଠା ଦିବସ, ସ୍ଥାନ: ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଜନଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସିଲ୍‌କ ସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୫ ଟା।

**ଗଞ୍ଜାମ**
- ଏନ୍‌ଏସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା କାର୍ଯ୍ୟକ୍ରମ,ସ୍ଥାନ: ଐତିହାସିକ ପୋତାଗଡ଼, ସମୟ: ସକାଳ ୭ ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ମଦମୁକ୍ତ ଅଭିଯାନ ଉଦବେରୀ, ସ୍ଥାନ: ଦାରିଙ୍ଗବାଡ଼ି ଥାନା ଉଦବେରୀ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ସହରସ୍ଥିତ ବଡ଼ବନ୍ଧର ସାମୂହିକ ସଫେଇ, ସ୍ଥାନ: ବଡ଼ବନ୍ଧ, ଆଠମଲ୍ଲିକ ସହର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ମାଗଣା ସ୍ୱାସ୍ଥ୍ୟଶିବିର, ସ୍ଥାନ: ଅନୁଗୋଳ ବ୍ଲକ ବାରଗୌଣିଆ ପଞ୍ଚାୟତ କାର୍ଯ୍ୟାଳୟ, ସକାଳ ୮ଟା।
- ଭାଜପା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ : ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଏଭି ସ୍କୁଲ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୯ଟା।
- ଭାରତୀୟ ଜନତା ପାର୍ଟିର ୨ ଦିନିଆ ମଣ୍ଡଳ ପ୍ରଶିକ୍ଷଣବର୍ଗ ଶିବିର, ସ୍ଥାନ: ତିର୍ତ୍ତୋଲ, ତେନ୍ତୁଳିପଦା, ଆଦିକବି ଭବନ ପରିସର,ସମୟ: ଅପରାହ୍ନ ୫ଟା।
- ପାରାଦୀପ ନଗର କଂଗ୍ରେସର ସାଙ୍ଗଠନିକ ବୈଠକ କାର୍ଯ୍ୟକ୍ରମ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମହାବୀର ମନ୍ଦିର, ବବକରପୁର, ଅଳାଇଲୋ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଦିବସ, ସ୍ଥାନ: ଯାଜପୁର ଜଗନ୍ନାଥ ମନ୍ଦିର ଓ ଦଶାଶ୍ୱମେଧ ଘାଟ ପରିସର, ସମୟ: ସକାଳ ୬ଟା ୩୦।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଜନତା ପାର୍ଟିର ୪୭ତମ ପ୍ରତିଷ୍ଠା ଦିବସ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଜିଲାପାଳଙ୍କ ଜନଶୁଣାଣୀ ଶିବିର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସଦଭାବନା କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ଜନଗଣନା ପାଇଁ ତାଲିମ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ଜନଗଣନା ପାଇଁ ତାଲିମ ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ଏନ୍‌ଏସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ଦଣ୍ଡପର୍ବର ଦଶମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟାବେଶରେ ଅଭିଷେକ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ନବଦିନ ସନ୍ଧ୍ୟାବେଶରେ ଅଭିଷେକ ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ସ୍ୱଚ୍ଛ ଓଡ଼ିଶା ଦିବସ ଅବସରରେ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ମଲ୍ଲିକେଶ୍ୱର ମନ୍ଦିର ଅଞ୍ଚଳ, କାମ୍ପମାଲିଗାଁ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସଦ୍‌ଭାବନା ଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ, ସ୍ଥାନ: ପୌର ପରିଷଦ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସୁନାବେଡା, ଉମରକୋଟ, ସମୟ: ସନ୍ଧ୍ୟା ୬ଟା।
- କଳସଯାତ୍ରା ସମାପନ, ସ୍ଥାନ: ମେଦନା କଳସୀ ମଣ୍ଡପ, ଡାବୁଗାଁ, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନତା ଶିବିର, ସ୍ଥାନ: ଉପରକାଣ୍ଟି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମାରୀଚମାଳ ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଗୁଣ୍ଡାଲ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ସ୍ୱଚ୍ଛ ଓଡ଼ିଶା ଦିବସ, ସ୍ଥାନ: ଗୁରୁପ୍ରିୟା ସେତୁ, ଚିତ୍ରକୋଣ୍ଡା, ସମୟ: ସକାଳ ୬ଟା।

**ସମ୍ବଲପୁର**
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ଓଡ଼ିଶା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବଲାଙ୍ଗୀର**
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ:ବଡଟିକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଜଗନ୍ନାଥ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିର, ସକାଳ: ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ, ସ୍ଥାନ: ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଲ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ତୁଳସୀ ରାମାୟଣ ନବାହ ପରାୟଣ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ କଳସ ଯାତ୍ରା, ସ୍ଥାନ: ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀ ରାମାୟଣ ନବାହ ପରାୟଣ (ଶିବ ପାର୍ବତୀ ବିବାହ), ସ୍ଥାନ: ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା।
- ରାମଲୀଳା ମହୋତ୍ସବ, ସ୍ଥାନ: ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ,ସମୟ: ପୂର୍ବାହ୍ନ୧୦ଟା।

**ବୌଦ୍ଧ**
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଏକାଦଶ ଦିବସ, ସ୍ଥାନ: ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ପର୍ଯ୍ୟଟନ ସ୍ଥଳ, ପ୍ରଧାନପାଟ ଜଳପ୍ରପାତ, ସମୟ: ସକାଳ ୬ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନବନିଯୁକ୍ତ ସୁବର୍ଣ୍ଣପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନାଥ ଜଗଦଲା ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବୀରମହାରାଜପୁର ଚମ୍ପାପୁର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବୀରମହାରାଜପୁର ମୈତ୍ରୀ ସଦନ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ ବିରୋମାଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶ୍ରୀ ମା' ବେଲାରାଣୀ ଯାତ୍ରା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତ ଖେଳପଡିଆ, ସମୟ: ରାତ୍ର ୧୦ଟା।

**ଝାରସୁଗୁଡ଼ା**
- ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।
- ନାମ ସଂକୀର୍ତ୍ତନ, ସ୍ଥାନ: ଏମ୍. କଣ୍ଟାପାଲି ନାମମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ବୁଧଙ୍କ ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସମ୍ପର୍କୀୟଙ୍କ ସହିତ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବାର ସମ୍ଭାବନା ରହିଛି।

**ବୃଷ** ରାଶି ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ପରିସ୍ଥିତି ତାଡ଼ନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆଜିର ଯାତ୍ରା, ବ୍ୟବସାୟ ଏବଂ କର୍ମକ୍ଷେତ୍ରରେ ଥିବା ସମସ୍ୟା ଦୂର ହେବ। ପାରିବାରିକ ଦୁଃଖକୁ ଲୁଚାଇ ରଖି ବନ୍ଧୁଙ୍କ ସମ୍ମୁଖରେ ହସି ହସି କଥା କହିବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଲାଭଭାବରେ ଶୁକ୍ର ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରାଇପାରନ୍ତି।

**କର୍କଟ** କୋଣଭାବସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ** ଶୁକ୍ର ପ୍ରଭାବରେ କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକସ୍ତରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** ଶନିଙ୍କ ପ୍ରଭାବରୁ ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବରାଗ ଶୁଖାଇବାକୁ ଯାଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସପ୍ତମ ସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିର ଅଭାବରୁ ମାନସିକ ସ୍ଥିତି ବିଶେଷ ଭଲ ରହିନପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ବିଛା** ମାଙ୍ଗଳିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତାରୁ କେତେକ ଭୁଲ୍ କରିପାରନ୍ତି। କେନ୍ଦ୍ର କୋଣରେ ରବି ଓ ରାହୁଙ୍କ ଯୋଗୁ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ବିଳମ୍ବରେ ଆଶା ପୂରଣ ହୋଇଯିବ।

**ଧନୁ** ରାଶି ପ୍ରତି ଶୁଭଗ୍ରହଙ୍କ ଦୃଷ୍ଟିରୁ ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇନପାରେ। ବନ୍ଧୁଙ୍କ ସହାୟତାରୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକିବାରୁ ରକ୍ଷା ପାଇଯିବ। ନିର୍ମାଣ କାମ ପାଇଁ ଅର୍ଥାଭାବ ପ୍ରମୁଖ ସମସ୍ୟା ହୋଇପାରେ।

**ମକର** କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ପଡ଼ୋଶୀଙ୍କ ହସ୍ତକ୍ଷେପରେ ବଦଳିଯିବ।

**କୁମ୍ଭ** ମଙ୍ଗଳଙ୍କ ଯୋଗୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ରାଶିରେ ପାପଗ୍ରହ ରହିଥିବାରୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍‌ସନ ଜମା ଛାଡ଼ିବ ନାହିଁ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଶତ୍ରୁମାନେ ପଛରେ ନାନାଦି କଥା କହିବେ, କିନ୍ତୁ ଚିନ୍ତା କରନ୍ତୁ ନାହିଁ। ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଏପ୍ରିଲ୍ ୬ ତାରିଖ, ବୈଶାଖ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ସୋମବାର। ରାଶିନକ୍ଷତ୍ର- ଅନୁରାଧା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୫।୩୯ ଗତେ ଘ.୦୭।୧୨ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୨ ଗତେ ଘ.୦୮।୪୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋପରି ଲୋ, ମୁଣ୍ଡ ବଥଉଚି !**
**ବିଆଳି ଭାତକୁ ଚେଙ୍ଗଝୋଳ ପାଣି**
**ଟେକି ଟେକି ଗୋଡ଼ ପକାଉଚି ।**

କାମ କରିବାକୁ କହିଲେ କିଛି ବ୍ୟକ୍ତି ଦେହ ଖରାପ ହୋଇଥିବାର ବାହାନା କରିବସନ୍ତି, ଅଥଚ ଖାଇବା କଥା କହିଲେ ଆଗଭର ହୋଇଯାଆନ୍ତି। ଠାପୁଆ ବା ନିକମା ବ୍ୟକ୍ତିଙ୍କର ଏପରି ପ୍ରକୃତି ହୋଇଥିବା ବେଳେ ଚେଙ୍ଗମାଛ ଝୋଳର ସୁଆଦ ବାରି ଲୋଭ ସମ୍ବରଣ କରି ନପାରି ମହିଳା ଧାଇଁ ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଡ଼ିଲି ସକଳ ଆଶା**
**ଧରିଲି ହରି ଭରସା।**

ଦୁଃଖକଷ୍ଟରୁ ମୁକୁଳିବା ନିମନ୍ତେ ସକଳ ପ୍ରଚେଷ୍ଟା ଯେବେ ବ୍ୟର୍ଥ ହୋଇଯାଏ, ସେତେବେଳେ ମନୁଷ୍ୟ ଭଗବାନଙ୍କ ଶରଣାଗତ ହେବାକୁ ବାଧ୍ୟ ହୋଇଥାଏ। ଭଗବାନ ହେଉଛନ୍ତି ତ୍ରାଣକର୍ତ୍ତା। ତାଙ୍କ ଶକ୍ତି ଆଗରେ ସମସ୍ତେ ହାର ମାନନ୍ତି। ଭଗବାନଙ୍କ ଶରଣ ପଶିଲେ ସକଳ ଦୁଃଖକଷ୍ଟ ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଇ୨୦ ପେଟ୍ରୋଲ...

ବିଶ୍ୱଜିତ୍ ସାମନ୍ତରାୟ କହିଛନ୍ତି, ପେଟ୍ରୋଲରେ ଇଥାନଲ୍ ମିଶିବା ଯୋଗୁ ଇନ୍ଧନର କ୍ଷମତା କମିଯାଏ। କାରଣ ଇଥାନଲ୍ ପ୍ରତି ଲିଟରରେ ଶୁଦ୍ଧ ପେଟ୍ରୋଲ୍ ତୁଳନାରେ ୩୦ରୁ ୩୪% କମ୍ ଶକ୍ତି ଦେଇଥାଏ। ଇ୧୦ ମିଶ୍ରଣରେ ମାଇଲେଜ୍ ୧ରୁ ୩% କମୁଥିବାବେଳେ ଇ୨୦ରେ ୩ରୁ ୮% ମାଇଲେଜ୍ କମିଯାଏ। ଏଥିପାଇଁ ଅଧିକ ବାରମ୍ବାର ପେଟ୍ରୋଲ୍ ଭର୍ତ୍ତି କରିବାକୁ ପଡ଼େ। ଇଥାନଲ୍ ପାଣି ଏବଂ ଆର୍ଦ୍ରତା ଶୋଷଣ କରେ। ଏହା ଯୋଗୁ ଇନ୍ଧନ ଟାଙ୍କି ଓ ପାଇପରେ କଳଙ୍କି ଲାଗେ। ରବର ସିଲ୍, ହୋଜ୍ ଓ ପ୍ଲାଷ୍ଟିକ୍ ଖରାପ ହୋଇଯାଏ। ଫଳରେ ଇନ୍ଧନ ପମ୍ପ, ଇଞ୍ଜେକ୍ଟର ଓ ଫିଲ୍ଟର ଶୀଘ୍ର ନଷ୍ଟ ହୁଏ। ବିଶେଷକରି ୨୦୨୩ ପୂର୍ବର ପୁରୁଣା ଗାଡ଼ି ଓ କାର୍ବୋରେଟର୍ ଯୁକ୍ତ ଦୁଇଚକିଆ ଯାନରେ ଏହା ଅଧିକ ସମସ୍ୟା ସୃଷ୍ଟି କରିପାରେ। ଯେଉଁ ଇଞ୍ଜିନ୍ ଇଥାନଲ୍ ପାଇଁ ଉପଯୁକ୍ତ ନୁହେଁ, ସେଠାରେ ଇନ୍ଧନ ମିଶ୍ରଣ ପତଳା ହୋଇଯାଏ। ଏହା ଯୋଗୁ ଇଞ୍ଜିନ୍ ଠିକ୍‌ଚାଲେ ନାହିଁ, ଥଣ୍ଡା ସମୟରେ ଷ୍ଟାର୍ଟ କରିବା କଷ୍ଟ ହୁଏ। ୨୦୨୩ ପରେ ନିର୍ମିତ ନୂଆ ଗାଡ଼ିଗୁଡ଼ିକ ଇ୨୦ ବ୍ୟବହାରକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲେ ହେଁ ଏହାପୂର୍ବରୁ ନିର୍ମିତ ଗାଡ଼ି ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଅଧିକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଯେଉଁମାନଙ୍କ ପାଖରେ ପୁରୁଣା ଗାଡ଼ି ରହିଛି, ସେମାନେ ଗାଡ଼ି ସମସ୍ୟା କମାଇବା ପାଇଁ ଉପଯୁକ୍ତ ସମୟରେ ଗାଡ଼ି ମେଣ୍ଟେନାନ୍ସ କରିବା ସହ ଟାଙ୍କିକୁ ଅଧିକାଂଶ ସମୟ ପୂର୍ଣ୍ଣ ରଖିବା, ଫିଲ୍ଟର ନିୟମିତ ବଦଳାଇବା ଏବଂ ପୁରୁଣା ବାଇକ୍ ବା କାର୍ ପାଇଁ ଇଥାନଲ୍ ପ୍ରୋଟେକ୍ସନ ଆଡିଟିଭ୍ ବ୍ୟବହାର କରିବାକୁ ସାମନ୍ତରାୟ ପରାମର୍ଶ ଦେଇଛନ୍ତି। ସରକାରୀ ନିୟମ ଅନୁଯାୟୀ ୧୫ବର୍ଷ ପୁରୁଣା ଗାଡ଼ି ଚଳାଇହେବ ନାହିଁ। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଉଥିଲେ ହେଁ ଖାଉଟିଙ୍କୁ ଇଥାନଲ ମିଶ୍ରିତ ଇନ୍ଧନ କେତେଦୂର ସୁହାଇବ ତାହା ଏବେ ପ୍ରଶ୍ନ ହୋଇଛି।

ଅନ୍ୟପଟେ ଇନ୍ଧନ ବିତରକ ଏବଂ ଗାଡ଼ି ଡିଲରମାନେ ସେମାନଙ୍କ ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ ସ୍ପଷ୍ଟ ମତ ଦେଉନାହାନ୍ତି। ଉତ୍କଳ ପେଟ୍ରୋଲିୟମ ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି, ୨୦୨୩ରୁ ୨୦୨୫ ମଧ୍ୟରେ ଭାରତରେ ନିର୍ମାଣ ହୋଇଥିବା ଗାଡ଼ିଗୁଡ଼ିକରେ ଇ୨୦ ପେଟ୍ରୋଲ ବ୍ୟବହାରରେ କୌଣସି ସମସ୍ୟା ନାହିଁ। ଅଟୋମୋବାଇଲ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ ବିଭିନ୍ନ ପ୍ରକାର ଗାଡ଼ିରେ ଇ୨୦ ପେଟ୍ରୋଲ ବ୍ୟବହାର କରି ପରୀକ୍ଷାନିରୀକ୍ଷା କରିସାରିଛି। କୌଣସି ଗାଡ଼ିରେ ସେଭଳି ନେଗେଟିଭ୍ ଫିଡବ୍ୟାକ୍ ଆସି ନଥିବା ଜଣାପଡ଼ିବାରେ ଏହା ବାଧ୍ୟତାମୂଳକ କରାଯାଇଥିବା ସେ କହିଛନ୍ତି। ଇ୨୦ ପେଟ୍ରୋଲରେ ଅତିକମରେ ରିସର୍ଚ୍ଚ ଅକ୍ଟେନ ନମ୍ବର(ଆରଓଏନ) ୯୫ ରହିବ। ଯାହା ପୂର୍ବରୁ ୯୧ ଆରଓଏନ୍ ଥିଲା। ତେଣୁ ଏହା ସବୁ ପ୍ରକାର ଗାଡ଼ି ପାଇଁ ଉପଯୋଗୀ ବୋଲି ସେ କହିଛନ୍ତି। ଅଟୋମୋବାଇଲ କମ୍ପାନୀଗୁଡ଼ିକ ସମ୍ପୂର୍ଣ୍ଣ ଇଥାନଲ ଦ୍ୱାରା ପରିଚାଳିତ ଗାଡ଼ି ତିଆରିରେ ଲାଗିଛନ୍ତି। ଏହି ଗାଡ଼ି ଆସିଲେ, ଇଥାନଲ ବ୍ୟବହାର ଆହୁରି ବଢ଼ିଯିବ ବୋଲି ସେ କହିଛନ୍ତି।

## ଇରାନରୁ ପାଇଲଟ୍‌ଙ୍କୁ...

କରାଯିବା ସହ ଇରାନୀୟ ଯାନଗୁଡ଼ିକ ଉପରକୁ ଗୁଳି କରାଯାଇ ସେମାନଙ୍କୁ ଏୟାରମ୍ୟାନ୍ ଲୁଚିରହିଥିବା ସ୍ଥାନଠାରୁ ଦୂରେଇ ରଖିବାକୁ ଉଦ୍ୟମ ହୋଇଥିଲା ବୋଲି ନ୍ୟୁୟର୍କ ଟାଇମ୍ସ ରିପୋର୍ଟରେ କୁହାଯାଇଛି। ଏହି ତଲାସି ଓ ରେସ୍କ୍ୟୁ ଅପରେଶନକୁ ଟ୍ରମ୍ପ୍ ଚମତ୍କାରୀ ବୋଲି କହିଛନ୍ତି। କ୍ରମାଗତ ମିଶାଇଲ ଆକ୍ରମଣ ଏବଂ ରାଡାର ଭୟ ସତ୍ତ୍ୱେ ଇରାନୀୟ ଏୟାରଡିଫେନ୍ସଜୋନ୍ ମଧ୍ୟରେ ତଲାସି ଅଭିଯାନ ଚାଲିଥିଲା। ଆମେରିକୀୟ ସେନା ଏଥିପାଇଁ ଏଚ୍‌ଏଚ୍-୬୦ଡବ୍ଲ୍ୟୁ 'ଜୋଲି ଗ୍ରୀନ୍ ୨' ହେଲିକପ୍ଟର, ଏ-୧୦ ୱାର୍ଥଗ୍ ଆଟାକ୍ ଜେଟ୍, ଏସି-୧୩୦ ରେସ୍କ୍ୟୁ ମିଡ୍‌ଏୟାର ଟ୍ୟାଙ୍କର, ଏଫ୍-୩୫ ଷ୍ଟିଲ୍‌ଥ ଜେଟ୍ ବ୍ୟବହାର କରିଥିଲା।

ଆମେ ପାଇଲଟ୍‌ଙ୍କୁ ପାଇଗଲୁ ବୋଲି ଟ୍ରମ୍ପ୍ ଘୋଷଣା କରିବାର କିଛି ସମୟ ପରେ ଉଦ୍ଧାର ଅଭିଯାନ ବିଫଳ ହୋଇଥିବା ଇରାନ ଦାବି କରିଛି। ଉଦ୍ଧାର କାର୍ଯ୍ୟ ବେଳେ ଇରାନର ଆକ୍ରମଣରେ ୫ ଜଣ ନିହତ ହୋଇଥିବା ସେଠାର ଗଣମାଧ୍ୟମ କହିଛି। ସୂଚନାଯୋଗ୍ୟ, ଟ୍ରମ୍ପ୍ ଶନିବାର ଇରାନ୍‌କୁ ୪୮ ଘଣ୍ଟିଆ ମହଲତ ଦେଇ ଉକ୍ତ ସମୟ ମଧ୍ୟରେ ଶାନ୍ତି ପାଇଁ ଡିଲ୍ କର, ନଚେତ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଜାହାଜ ଚଳାଚଳ ପାଇଁ ଅବରୋଧମୁକ୍ତ କର ବୋଲି ଶନିବାର କହିଥିଲେ। ନଚେତ୍ ଆମେରିକାର ଭୟଙ୍କର କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଥିଲେ।

## ଛାତ୍ରୀଛାତ୍ର, କର୍ମଜୀବୀ...

ବିକ୍ରି କରୁଛନ୍ତି ତ ଆଉ କେଉଁଠି ଉଜ୍ଜ୍ୱଳା ଗ୍ୟାସ୍‌କୁ ବାହାରେ ବିକ୍ରି କରି ମାଲେମାଲ୍ ହେଉଥିବା ଅଭିଯୋଗ ଆସୁଛି। ହେଲେ ଏସବୁ ସରକାରଙ୍କ ଦୃଷ୍ଟିକୁ ଆସୁନାହିଁ। ଫଳରେ ଗ୍ରାମାଞ୍ଚଳର ସାଧାରଣ ଲୋକେ ଗ୍ୟାସ୍ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସହରାଞ୍ଚଳରେ ଉଚ୍ଚଶିକ୍ଷା ଲାଗି ରାଜ୍ୟର କୋଣ ଅନୁକୋଣରୁ ଆସୁଥିବା ଛାତ୍ରୀଛାତ୍ରମାନେ କିଭଳି ଏକାକୀ ରହି ପାଠପଢ଼ିବେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜଣେ ଶ୍ରମିକ ମକରଧ୍ୱଜ ଲୁହା କହିଛନ୍ତି, ୫ କେଜି ଓଜନର ରନ୍ଧନ ଗ୍ୟାସ ସିଲିଣ୍ଡର ଖୋଲାବଜାରରେ ବିକ୍ରି ବନ୍ଦ ହେବା ଶୁଣି ଚିନ୍ତାଲାଗୁଛି। ଏବେ କିଭଳି ରୋଷେଇ କରିବୁ ସେ ନେଇ ଭାବିଲେଣି ପଡ଼ିଛି। ତାଙ୍କ ଭଳି ଦୂରଦୂରାନ୍ତରୁ ଆସୁଥିବା ଶ୍ରମିକ ଭାଇମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ସରକାର ତାଙ୍କ ନିଷ୍ପତ୍ତିରୁ ଓହରିବା ଉଚିତ। ନହେଲେ କାମଧନ୍ଦା ହରାଇ ଗାଁକୁ ଯିବାକୁ ବାଧ୍ୟ ହେବାକୁ ପଡ଼ିବ ବୋଲି ମକରଧ୍ୱଜ ମତ ଦେଇଛନ୍ତି।

ଏସଂକ୍ରାନ୍ତରେ ଯୋଗାଣ ମନ୍ତ୍ରୀ ପାତ୍ର କହିଛନ୍ତି, ବିଭାଗୀୟ ଅଧିକାରୀମାନେ କଳାବଜାର ଉପରେ ଚଢ଼ାଉ ଜାରି ରଖିଛନ୍ତି। ପ୍ରତ୍ୟେକ ଦିନ ଶତାଧିକ ଗ୍ୟାସ୍ ବିଭିନ୍ନ ସ୍ଥାନରୁ ଧରପଗଡ଼ ହେବା ସହିତ କଳାବଜାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତେବେ ଖୋଲାବଜାରରେ ଗ୍ୟାସ୍ ବିକ୍ରି ନ ହେଲେ ଛାତ୍ରାବାସରେ ରହୁଥିବା ତଥା ସହରାଞ୍ଚଳକୁ ଉଚ୍ଚଶିକ୍ଷା ପାଇଁ ଆସୁଥିବା ଛାତ୍ରୀଛାତ୍ରଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା ହେବର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଇ-କେୱାଇସି ଯଦି ଥିବ ତେବେ ଗ୍ୟାସ୍ ଏଜେଣ୍ଟ ଜରିଆରେ ପାଇପାରିବେ। ନଚେତ୍ କୌଣସି ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ଉଜ୍ଜ୍ୱଳା: ସବ୍‌ସିଡି...

ଡିଲର ଗ୍ୟାସ୍ ଆସିଛି ଖୁବ୍‌ଶୀଘ୍ର ଦିଆଯିବ ବୋଲି କହିଥିଲେ। ହେଲେ ଅଦ୍ୟାବଧି ତାଙ୍କୁ ଗ୍ୟାସ୍ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଏକ ନୂଆ କଥା ଦେଖିବାକୁ ମିଳିଛି। ମଞ୍ଜୁଲତାଙ୍କ ମୋବାଇଲକୁ ଏକ ବାର୍ତ୍ତା ଆସିଛି। ଯେଉଁଥିରେ ଉଜ୍ଜ୍ୱଳା ସବ୍‌ସିଡି ଅର୍ଥ ବାବଦକୁ ୩୦୦ଟଙ୍କା ଆସିଛି ବୋଲି ସେ ତଥ୍ୟ ସହିତ କହିଛନ୍ତି। ହେଲେ ଗ୍ୟାସ୍ ଏପର୍ଯ୍ୟନ୍ତ ପାଇ ନାହାନ୍ତି। ଏନେଇ ସେ ସ୍ଥାନୀୟ ଏଜେନ୍ସିକୁ ଅଭିଯୋଗ କରିବା ପରେ ମଧ୍ୟ ତା'ର କୌଣସି ସୁଫଳ ମିଳିନାହିଁ।

## କାଳବୈଶାଖୀ ବର୍ଷା...

ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲା ଆଳିରେ ୩୫ ମି.ମି., ଯାଜପୁର ବରି ଅଞ୍ଚଳରେ ୨୮.୨ ମି.ମି, ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦରେ ୨୬ ମି.ମି., କେନ୍ଦ୍ରାପଡ଼ା ରାଜନଗରରେ ୨୫ ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ରବିବାର ରାଜଧାନୀ ଭୁବନେଶ୍ୱର ସମେତ ପୁରୀ, ବାଲେଶ୍ୱର, କଟକ, ଗଞ୍ଜାମ, କନ୍ଧମାଳ ଆଦି ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ହୋଇଥିଲା। କିଛି ସ୍ଥାନରେ ଗଛପଡି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ସୋମବାର ୨୬ଟି ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ବର୍ଷା ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ସତର୍କସୂଚନା ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାରେ ମଧ୍ୟ ବର୍ଷା ପବନ ହେବ ବୋଲି କୁହାଯାଇଛି।

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ସହିତ ପବନ ଓ ଘଡ଼ଘଡ଼ି ବିଜୁଳି ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, ରାୟଗଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ଦେବଗଡ଼, ବରଗଡ଼, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।



ଇସ୍ରାଏଲ୍ ପକ୍ଷରୁ ରବିବାର ଲେବାନନ୍‌ର ବିରୁଟ୍‌ସ୍ଥିତ ଜନାହ ଅଞ୍ଚଳରେ କରାଯାଇଥିବା ଏୟାର ଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ କୋଠାରୁ ଉଦ୍ଧାର କାର୍ଯ୍ୟ କରାଯାଉଛି। (ଫଟୋ: ରଏଟର୍ସ)

# ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ନୀତିରେ କୋହଳ

## ଉଠିଲା ବିଜ୍ଞାପନ, ୫ ବର୍ଷର ଆଉଟ୍‌ଷ୍ଟାଣ୍ଡିଂ ନିୟମ

ଭୁବନେଶ୍ୱର,୫।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନେଇ କୋହଳ ନୀତି ଅବଲମ୍ବନ କରାଯାଇଛି। ୨୦୨୪ ସେପ୍ଟେମ୍ବର ୧୨ରେ ସରକାରଙ୍କ ପକ୍ଷରୁ ଯେଉଁ କଠୋର ନୀତି ଅବଲମ୍ବନ କରାଯାଇଥିଲା ସେଥିରୁ ଏବେ ଗୁରୁତ୍ୱପୂର୍ଣ୍ଣ ଦିଗକୁ ପ୍ରତ୍ୟାହାର କରି ନିଆଯାଇଛି। ପୂର୍ବ ସଂକଳ୍ପନାମା ଅନୁଯାୟୀ, ଯେଉଁ ବରିଷ୍ଠ ଅଧିକାରୀ ଏକାଥରକେ ୬୦ ମାସର କାର୍ଯ୍ୟକାଳ ମଧ୍ୟରେ ତାଙ୍କର କାର୍ଯ୍ୟଦକ୍ଷତା ନେଇ ଆଉଟ୍‌ଷ୍ଟାଣ୍ଡିଂ ପାଇଥିବେ ସେମାନଙ୍କୁ ନିଯୁକ୍ତି ମିଳିବ ବୋଲି ଧାର୍ଯ୍ୟ ହୋଇଥିଲା। ସେହିପରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ବେଳେ ବିଜ୍ଞାପନ ପ୍ରକାଶ ପାଇବା ସହିତ ଅନ୍ୟ କେତେକ ଦିଗକୁ କଡ଼ାକଡ଼ି ଭାବେ ଧରା ଯାଇଥିଲା। ମାତ୍ର ଗତ ଏପ୍ରିଲ ୨ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଉପରେ ଯେଉଁ ନୂତନ ସଂକଳ୍ପ ଜାରି ହୋଇଛି ସେଥିରେ ଗୁରୁତ୍ୱପୂର୍ଣ୍ଣ ୫ଟି ଦିଗ ଉପରେ କୋହଳ କରାଯାଇଛି। ଫଳରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏଣିକି ମନଇଚ୍ଛା ନିଯୁକ୍ତ ଦିଆଯାଇପାରବ ବୋଲି ଲୋକସେବା ଭବନରେ ଚର୍ଚ୍ଚା ଜୋର ଧରିଛି।

ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏପ୍ରିଲ ୨ରେ ଜାରି କରିଥିବା 'ସଂକଳ୍ପ'ରେ ଦର୍ଶାଇଛନ୍ତି, 'ଗ' ବର୍ଗ କିମ୍ବା ତା'ଠାରୁ ଉପରିସ୍ଥ ପଦ/ସେବାରେ ଅଧିକାରୀ/ କର୍ମଚାରୀଙ୍କୁ ପୁନଃନିଯୁକ୍ତି ବେଳେ ଏଣିକି ଏହି ନୂତନ ସଂକଳ୍ପକୁ ଅନୁସରଣ କରାଯିବ। ପୂର୍ବସଂକଳ୍ପର ଧାରା (୨)(ଗ) ଅନୁସାରେ, ପୁନଃନିଯୁକ୍ତି ପାଇଁ 'ସୁପରାନୁଏଶନ' ତଥା ଅବସର ପୂର୍ବରୁ ଲଗାତର ଭାବେ ତାଙ୍କ ଚରିତ୍ର ପଞ୍ଜିକା (ସିସିଆର୍) କିମ୍ବା ପର୍ଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ (ପିଏଆର୍)ରେ ୬୦ ମାସ ଧରି ଆଉଟ୍‌ଷ୍ଟାଣ୍ଡିଂ ରହିବା ଆବଶ୍ୟକ, ଯେଉଁଥିରେ ଏନ୍‌ଆର୍‌ସିକୁ ଆଉଟ୍‌ଷ୍ଟାଣ୍ଡିଂ ଭାବେ ଗଣନା କରାଯିବ ନାହିଁ ବୋଲି ପ୍ରାବଧାନ ରହିଥିଲା। ମାତ୍ର ନୂତନ ସଂକଳ୍ପରେ ଏହି ନୀତିକୁ ଉଠାଇ ଦିଆଯାଇଛି। ସେହିପରି ପୂର୍ବ ସଂକଳ୍ପର ଧାରା ୩(କ) ଅନୁସାରେ, ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ ଯେକୌଣସି ପଦ୍ଧତି ମାଧ୍ୟମରେ ବ୍ୟକ୍ତି ବାଛିବା ସମ୍ବନ୍ଧୀୟ ବ୍ୟବସ୍ଥାକୁ ମଧ୍ୟ ଉଠାଇ ଦିଆଯାଇଛି। ଫଳରେ ଏଣିକି ଆଉ ନୂତନ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ବେଳେ ବିଜ୍ଞାପନ ଦେବାକୁ ପଡ଼ିବ ନାହିଁ। ଉକ୍ତ ସଂକଳ୍ପର ଧାରା ୩(ଖ) ଅନୁସାରେ, ବିଭିନ୍ନ ବିଭାଗରେ ବରିଷ୍ଠ ଶାଖା(ଏସ୍‌ବି)ସ୍ତର ଓ ତା'ଠାରୁ ଉପର ପଦରେ ପୁନଃନିଯୁକ୍ତି ପାଇଁ ମୋଟ ଅନୁମୋଦିତ ପଦସଂଖ୍ୟାର ୧% ସୀମା ନିର୍ଦ୍ଧାରଣ ମଧ୍ୟ ବିଲୋପ କରାଯାଇଛି। ଆବଶ୍ୟକସ୍ଥଳେ ସରକାର ଏହାଠାରୁ ଅଧିକ ସଂଖ୍ୟକ ଅବସରପ୍ରାପ୍ତଙ୍କୁ ମଧ୍ୟ ନିୟୋଜିତ କରିପାରିବେ।

ସେହିପରି ପୂର୍ବ ସଂକଳ୍ପର ଧାରା ୪(ଙ)ରେ, ପଦବୀ ଛାଡ଼ିବା ପରେ ସରକାରୀ କ୍ୱାର୍ଟର୍ସ ଖାଲି କରିବା ପରେ ପୁନଃନିଯୁକ୍ତି ବିଚାର କରାଯିବା ବ୍ୟବସ୍ଥା ରହିଥିବାବେଳେ ଏବେ ଏହାକୁ ଉଚ୍ଛେଦ କରାଯାଇଛି। ଏହାବ୍ୟତୀତ ୧୨ ସେପ୍ଟେମ୍ବର ୨୦୨୪ରେ ଜାରି ହୋଇଥିବା ସଂକଳ୍ପକୁ ପୁନଃନିଯୁକ୍ତି ବେଳେ ଅନୁସରଣ କରାଯିବ ବୋଲି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

# ଖସିବ ଜିଡିପି, ବଢ଼ିବ ମୁଦ୍ରାସ୍ଫୀତି

**ମଧ୍ୟପ୍ରାଚ୍ୟର ଘମାଘୋଟ ଯୁଦ୍ଧ କେବଳ ତୈଳ ଓ ପ୍ରାକୃତିକ ବାଷ୍ପ ମୂଲ୍ୟକୁ ପ୍ରଭାବିତ କରିନାହିଁ, ଏହାର ପଦଧ୍ୱନି ବୈଶ୍ୱିକ ଅର୍ଥନୀତିରେ ମଧ୍ୟ ଶୁଭାଗଲାଣି। ଫେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା-ଇସ୍ରାଏଲ୍ ଆକ୍ରମଣ କରିବା ପୂର୍ବରୁ ଆକଳନ କରାଯାଇଥିବା ବିଭିନ୍ନ ଦେଶର ଅର୍ଥନୈତିକ ଅଭିବୃଦ୍ଧିର ହାର ଅନୁମାନ ଅନୁରୂପ ରହି ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଭୂରାଜନୈତିକ ଉତ୍ତେଜନା ଲାଗି ରହିଲେ ବାଣିଜ୍ୟିକ କାରବାର ହ୍ରାସ ପାଇବା ସହ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ଦରଦାମ ବଢ଼ିଚାଲିଛି। ଏହା ମୁଦ୍ରାସ୍ଫୀତି ବଢ଼ାଇବା ପ୍ରାୟ ନିଶ୍ଚିତ। କ୍ରୁଡ୍ ଅଏଲ୍ ଏବଂ ରନ୍ଧନ ଗ୍ୟାସ୍ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁମାନକୁ ରେଟିଂ ଏଜେନ୍ସି 'ମୁଡିଜ୍' ୬.୮%ରୁ ୬%କୁ ହ୍ରାସ କରିଛି।**

## ଯୁଦ୍ଧ ପ୍ରଭାବ: ଭାରତର ଅଭିବୃଦ୍ଧି ଅନୁମାନ ୬%କୁ ଖସାଇଲା ମୁଡିଜ୍

ନୂଆଦିଲ୍ଲୀ/ୱାଶିଂଟନ୍,୫।୪

ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ମୁଡିଜ୍ ରବିବାର ଭାରତ ଉପରେ ଏହାର କ୍ରେଡିଟ୍ ଓପିନିଅନ୍ ପ୍ରକାଶ କରିଛି। ଉକ୍ତ ସଂସ୍ଥା ଏଥିରେ ଦର୍ଶାଇଛି ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜରେ ଏଲ୍‌ପିଜି ପରିବହନ କ୍ଷେତ୍ରରେ ବାଧା ଉପୁଜିଥିବାରୁ ଘରକୁ ରନ୍ଧନ ଗ୍ୟାସ୍ ଯୋଗାଣରେ ସଙ୍କଟ ଦେଖାଦେବ। ତୈଳ ଦର ବୃଦ୍ଧି ପାଇବା ଯୋଗୁ ପରିବହନ ମହଙ୍ଗା ହୋଇଯିବ। ଏହିସବୁ କାରଣରୁ ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିବ। ଫଳରେ ପୂର୍ବରୁ ଅଭିବୃଦ୍ଧି ହାର ୬.୮% ରହିବା ନେଇ ଯେଉଁ ଆକଳନ କରାଯାଇଥିଲା, ତାହା ଭୁଲ୍ ପ୍ରମାଣିତ ହେବ।




ପଶ୍ଚିମ ଏସିଆର ଯୁଦ୍ଧ ଚଳିତ ଆର୍ଥିକବର୍ଷରେ ଅଭିବୃଦ୍ଧିକୁ ମନ୍ଥର କରିଦେବା ସହ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ସଙ୍କୁଚିତ କରି ୬%କୁ ଖସାଇଦେବ।

ଉକ୍ତ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି, ସାର କ୍ଷେତ୍ରରେ ମଧ୍ୟ ବାହ୍ୟ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ଅଡୁଆ ସ୍ଥିତି ସୃଷ୍ଟି କରିପାରେ। ମଧ୍ୟପ୍ରାଚ୍ୟରୁ ଭାରତ ୫୫% ଅଶୋଧିତ ତୈଳ ଓ ୯୦%ରୁ ଊର୍ଦ୍ଧ୍ୱ ଏଲ୍‌ପିଜି ଆମଦାନୀ କରିଥାଏ। ବର୍ତ୍ତମାନ ମୁଦ୍ରାସ୍ଫୀତି ସୀମିତ ରହିଥିଲେ ମଧ୍ୟ ଆଗକୁ ଏହା ବଢ଼ିଯିବ। ମୁଡିଜ୍ କହିଛି, ଗତ ଆର୍ଥିକବର୍ଷରେ ଭାରତର ମୁଦ୍ରାସ୍ଫୀତି ୨.୪% ରହିଥିବାବେଳେ ନୂଆ ଆର୍ଥିକବର୍ଷରେ ଏହା ହାରାହାରି ୨ ଗୁଣ ଅର୍ଥାତ୍ ୪.୮% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ମୁଦ୍ରାସ୍ଫୀତି ସଙ୍କଟ ପୁଣି ଉଭା ହୋଇଥିବାରୁ ଭାରତର ଜିଡିପି ୬% ରହିବ। ଘରୋଇ କ୍ଷେତ୍ରରେ ବ୍ୟୟ ସୀମିତ ହୋଇଯିବା ସହ ଶିଳ୍ପ ଜଗତର କାର୍ଯ୍ୟକଳାପ ମଧ୍ୟ ସଙ୍କୁଚିତ ହୋଇଯିବ। ଅନ୍ୟପକ୍ଷେ ଘରୋଇ ରେଟିଂ ଏଜେନ୍ସି ଆଇସିଆର୍‌ଏ ଚଳିତ ଆର୍ଥିକବର୍ଷରେ ଭାରତର ଅଭିବୃଦ୍ଧି ୬.୫% ରହିବା ନେଇ ଅନୁମାନ କରିଛି। ପ୍ରକାଶ ଯେ, ୨୦୨୫ରେ ଭାରତର ବାସ୍ତବ ଜିଡିପି ୭.୫% ରହିଥିଲା।

# ପୁଅ ବିବାହ ଭୋଜି ଦିନ ବାପାଙ୍କ ଆତ୍ମହତ୍ୟା

ଲୋଇସିଂହା,୫।୪(ସୁଶାନ୍ତ ବାରିକ)

ଶନିବାର ଥିଲା ପୁଅ ବାହାଘର। ବାହାଘର ଯଥାରୀତି ସମ୍ପନ୍ନ ହେଲା। ଭୋର ସମୟରେ ବନ୍ଦାପନା କରି ନବବଧୂଙ୍କୁ ଶାଶୁଘରେ ସ୍ୱାଗତ କରାଯାଇଥିଲା। ହେଲେ ପୁଅର ରିସେପଶନ ଦିନ ବାପା ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ସହରରେ ଘଟିଛି। ମୃତକ ହେଲେ ଲୋଇସିଂହାର ଶ୍ୟାମ ମହାକୁର (୫୫)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

ସୂଚନା ଅନୁଯାୟୀ, ଶ୍ୟାମଙ୍କ ଗୋଟିଏ ପୁଅ ଓ ଝିଅ। କିଛି ବର୍ଷ ତଳେ ଝିଅର ବାହାଘର ସରିଯାଇଛି। ଶନିବାର ପୁଅର ବାହାଘର ଥିବାରୁ ନିକଟସ୍ଥ କଅଁଗାଁକୁ ବରଯାତ୍ରୀଙ୍କ ସହ ଯାଇଥିଲେ। ଧୁମ୍‌ଧାମ୍‌ରେ ବାହାଘର ସରିଥିଲା। ରବିବାର ବାହାଘର ରିସେପଶନ ଥିବାରୁ ଘରେ ପ୍ରସ୍ତୁତି ଚାଲିଥିଲା। ବନ୍ଧୁବାନ୍ଧବଙ୍କ ଗହଳି ଲାଗିଥିଲା। ସବୁକିଛି ଠିକ୍‌ଠାକ୍ ଚାଲିଥିବା ବେଳେ ସୁଯୋଗ ଦେଖି ଶ୍ୟାମ ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଘରୁ ଚାଲି ଯାଇଥିଲେ। ପରେ ଘରଠାରୁ ୧ କିମି ଦୂର ଲୋଇସିଂହା ଷ୍ଟେଶନ ନିକଟ ରେଳ ଧାରଣାରେ କୌଣସି କାରଣରୁ ଶୋଇପଡ଼ି ଆତ୍ମହତ୍ୟା କରିଥିଲେ। ଏକ ମାଲବାହୀ ଟ୍ରେନ୍‌ରେ କଟିଯାଇ ତାଙ୍କର ଅକାଳ ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ବାହାଘରର ସବୁ ଖୁସି ନିମିଷକ ମଧ୍ୟରେ ଫିକା ପଡିଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ପରିବାର, ବନ୍ଧୁବର୍ଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା। ପୂର୍ବରୁ ଶ୍ୟାମ ଲୋଇସିଂହା ବସ୍‌ଷ୍ଟାଣ୍ଡ ନିକଟ ବସ୍ତି ରାସ୍ତାରେ ଜଳଖିଆ ବିକ୍ରି କରି ପରିବାର ଚଳାଉଥିଲେ। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହାକୁ ବନ୍ଦ କରି ବସ୍ତି ଅଞ୍ଚଳର ଏକ ଜଳଖିଆ ଦୋକାନରେ ମିସ୍ତ୍ରି ଭାବେ କାମ କରୁଥିଲେ ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ବଲାଙ୍ଗୀର ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଶେଷରେ ଅପରାହ୍ନରେ ଗାଁ ଶ୍ମଶାନରେ ଶ୍ୟାମଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଖବର ମିଳିଛି। ରେଲୱେ ପୋଲିସ ଅଧିକ ତଦନ୍ତ ଚଳାଇଛି।

# କୋଟିଆରେ ପୁଣି ପଶିଲା ଆନ୍ଧ୍ର

ପଟ୍ଟାଙ୍ଗି,୫।୪(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ କିଛି ଦିନର ବ୍ୟବଧାନ ପରେ ପୁଣି ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସରକାରୀ ପଦାଧିକାରୀ ଅନୁପ୍ରବେଶ କରିଛନ୍ତି। ସେମାନେ ପଞ୍ଚାୟତ ସଦର ମହକୁମାସ୍ଥିତ ସମସ୍ତ ସାହିବାସୀଙ୍କୁ ସାକ୍ଷାତ କରି ନିଜ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ଜଗନ୍ନାଥ ମନ୍ଦିର, ଆଶ୍ରମ ବିଦ୍ୟାଳୟ, ବସ୍‌ଷ୍ଟାଣ୍ଡ ଗୃହ ପରିଦର୍ଶନ କରିଛନ୍ତି। ଏହା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆନ୍ଧ୍ରର ସାଲୁର୍ ବ୍ଲକ ସ୍ୱତନ୍ତ୍ର ଅଧିକାରୀ ପ୍ରସାଦ, ଏମ୍‌ପିଡିଓ(ବିଡିଓ) ଜି.ପାର୍ବତୀ ଓ ଅନ୍ୟ କର୍ମଚାରୀମାନେ ମ୍ୟାଲେରିଆ ସମ୍ପର୍କରେ ସୀମାନ୍ତବାସୀଙ୍କୁ ବୁଝାଇଛନ୍ତି। ସେମାନେ ଉପରସେମ୍ଭି, ଗଞ୍ଜେଇପଦର ଗ୍ରାମ ପରିଦର୍ଶନ କରି ଅନୁରୂପ କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ।

ଓଡ଼ିଶାର ପ୍ରଶାସନିକ ଅଧିକାରୀ, ସ୍ୱତନ୍ତ୍ର ନିଯୁକ୍ତି ପାଇଥିବା ଅଧିକାରୀ କୋଟିଆ ପଞ୍ଚାୟତକୁ ଗସ୍ତ କରି ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସୀମାନ୍ତବାସୀଙ୍କ ନିକଟରେ ପହଞ୍ଚାଇବା ନେଇ ଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଏହା ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କ ଉପରେ କୌଣସି ପ୍ରଭାବ ପଡୁ ନାହିଁ। ସୀମାନ୍ତ ଡେରିଡିବାଲସା, ତାଡିବାଲସା, ଫଗୁଣସିନେରୀ ଓ ଫାଟୁସିନେରୀ ଆଦି ଗ୍ରାମଗୁଡ଼ିକରେ ଚଳିତ ଆର୍ଥିକବର୍ଷରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇପାରିବା ନେଇ ଗ୍ରାମବାସୀଙ୍କ ସହ ବିଡିଓ ପାର୍ବତୀ ଆଲୋଚନା କରିଛନ୍ତି। ଅତିଶୀଘ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

କୋଟିଆ ପଞ୍ଚାୟତକୁ ୨ ରାଜ୍ୟର ପ୍ରଶାସନିକ ଅଧିକାରୀ ବାରମ୍ବାର ଗସ୍ତ କରୁଛନ୍ତି। ପଞ୍ଚାୟତବାସୀ ୨ ରାଜ୍ୟର ବିବାଦରେ ଲାଭ ଉଠାଇ ଚାଲିଥିବା ମନୋଭାବ ରଖି ଚୁପ୍ ରହୁଥିବା ଅନୁଭବ ହେଉଛି। ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ସୀମାନ୍ତ ଛାତ୍ରୀଛାତ୍ରଙ୍କୁ ଆଞ୍ଚଳିକ କୁଇ ଭାଷାରେ ପାଠ ପଢ଼ାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିକ୍ଷକ ନିଯୁକ୍ତି କରାଯାଇଥିଲେ ସୁଦ୍ଧା ଏଥିରେ କୌଣସି ସୁଫଳ ମିଳିପାରୁନାହିଁ। ଆନ୍ଧ୍ର ଅଧିକାରୀମାନଙ୍କ ଗସ୍ତ ସମ୍ପର୍କରେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ ତଦନ୍ତ କରାଯିବ ବୋଲି କହିଛନ୍ତି। ପଞ୍ଚାୟତ ପାଇଁ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଅଧିକାରୀ ସୌରଭ ଦାଶ ଏ ନେଇ ବିଡିଓ, ତହସିଲଦାର କହିପାରିବେ ବୋଲି କହିଛନ୍ତି।

# ଆଜି ମହାପ୍ରଭୁଙ୍କ ପଇତା ଲାଗି ନୀତି

## ସନ୍ଧ୍ୟା ୬ରୁ ରାତି ୧୦ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ପଇତାଲାଗି ନୀତି ଅନ୍ୟତମ। ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ମହାପ୍ରଭୁଙ୍କ ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ପଇତା ଲାଗି ନୀତି ଆରମ୍ଭ ହେବ। ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ନୀତି ନିମନ୍ତେ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ ଯାଏଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ଚିନ୍ତା ବଢ଼ାଇଛି ଅତ୍ୟଧିକ ଉତ୍ତୋଳନ

## ଭାରତ ବ୍ୟବହାର କରୁଛି ବିଶ୍ୱର ୨୫% ଭୂତଳ ଜଳ

ନୂଆଦିଲ୍ଲୀ, ୫।୪ (ପି.ଟି.)

ବିଶ୍ୱର ମୋଟ ଭୂତଳ ଜଳର ପ୍ରାୟ ୨୫ ପ୍ରତିଶତ ଏକାକୀ ଭାରତ ବ୍ୟବହାର କରୁଛି ବୋଲି ସଂସଦର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ଦର୍ଶାଇବା ସହ ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ଏଥିସହ ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନକୁ ରୋକିବା ପାଇଁ ରାଜ୍ୟଗୁଡ଼ିକୁ ପ୍ରବର୍ତ୍ତାଇବାକୁ କମିଟି ଜଳ ଶକ୍ତି ମନ୍ତ୍ରଣାଳୟକୁ ଅନୁରୋଧ କରିଛି। କମିଟିର ଅଧ୍ୟକ୍ଷ କେ. ସି. ବେଣୁଗୋପାଳଙ୍କ ଦ୍ୱାରା ଗତ ଏପ୍ରିଲ ୧ରେ ଲୋକ ସଭା ଓ ରାଜ୍ୟ ସଭାରେ ଉପସ୍ଥାପିତ 'ଭୂତଳ ଜଳ ପରିଚାଳନା ଓ ନିୟନ୍ତ୍ରଣ' ସମ୍ପର୍କିତ ୪୧ତମ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି।

ରିପୋର୍ଟ ଅନୁଯାୟୀ, ଭାରତ ବାର୍ଷିକ ପ୍ରାୟ ୨୪୫ ବିଲିୟନ କ୍ୟୁବିକ ମିଟର (ବିସିଏମ୍) ଭୂତଳ ଜଳ ବ୍ୟବହାର କରୁଛି, ଯାହା ବିଶ୍ୱର ମୋଟ ଉତ୍ତୋଳନର ୨୫ ପ୍ରତିଶତ। ଦେଶର ପ୍ରାୟ ୮୦ ପ୍ରତିଶତ ପାନୀୟ ଜଳ ଆବଶ୍ୟକତା ଏବଂ ୬୪ ପ୍ରତିଶତ ଜଳସେଚନ ଆବଶ୍ୟକତା ଭୂତଳ ଜଳ ଉପରେ ନିର୍ଭରଶୀଳ। ଦେଶର ୪ଟି ରାଜ୍ୟରେ ଭୂତଳ ଜଳ ଉତ୍ତୋଳନ ହାର ୧୦୦ ପ୍ରତିଶତ ଅତିକ୍ରମ କରିଛି। ସେହିପରି ୨୬୭ଟି ଜିଲାରେ ଜଳ ନିଷ୍କାସନ ସ୍ତର ୬୪%ରୁ ୩୮୫%ମଧ୍ୟରେ ରହିଛି,



ଯାହା ଅତ୍ୟନ୍ତ ଚିନ୍ତାଜନକ। ବିଶେଷ କରି ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ରାଜସ୍ଥାନରେ ଭୂତଳ ଜଳସ୍ତର ଭୟଙ୍କର ଭାବେ ହ୍ରାସ ପାଇଛି। କମିଟି କହିଛି ଯେ, ସ୍ଥାୟୀ ଜଳ ବ୍ୟବହାରକୁ ପ୍ରାଥମିକତା ଦେବାରେ ବିଫଳତା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ତେଣୁ ରାଜ୍ୟ ସରକାରମାନେ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏହାର ଉତ୍ତରରେ ଜଳ ଶକ୍ତି ମନ୍ତ୍ରଣାଳୟ କହିଛି ଯେ, ୨୦୧୭ ତୁଳନାରେ ୨୦୨୩ରେ ଭୂତଳ ଜଳ ନିଷ୍କାସନ ସ୍ତର ୬୩.୩୩%ରୁ ୫୯.୨୬%କୁ ହ୍ରାସ ପାଇଛି। ସରକାର ଜଳ ଶକ୍ତି ଅଭିଯାନ, ଅଟଳ ଭୂଜଳ ଯୋଜନା ଏବଂ ଅମୃତ ସରୋବର ମିଶନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ସ୍ଥିତିରେ ସୁଧାର ଆଣିବାକୁ ଚେଷ୍ଟା କରୁଛନ୍ତି। ୨୦୨୨ର ତଥ୍ୟ ଅନୁଯାୟୀ, ପ୍ରାୟ ୬୧% କୂଅର ଜଳସ୍ତରରେ ବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ଏକ ଶୁଭ ସଙ୍କେତ ବୋଲି ମନ୍ତ୍ରଣାଳୟ ଦର୍ଶାଇଛି।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। **-ଶ୍ରୀଅରବିନ୍ଦ**



# ଅନେକ ମେରୁ

ଯେତେବେଳେ ସାଧାରଣ ନାଗରିକ କୌଣସି ଯୁଦ୍ଧରେ ଏକତ୍ରିତ ହୋଇ ଲାଗିପଡ଼ନ୍ତି, ସେହି ଯୁଦ୍ଧ ସମ୍ପୂର୍ଣ୍ଣ ଭିନ୍ନ ରୂପ ନେଇଥାଏ। ତାହା ନାଗରିକଙ୍କ ଯୁଦ୍ଧ ପାଲଟିଯାଇଥାଏ ; ଯେତେବେଳେ ନେତୃତ୍ୱ ଉଭାନ ହୋଇଯାଇଥାଏ। ଇରାନ୍ ସେହି କଥାକୁ ଏବେ ପ୍ରମାଣିତ କରିଦେଇଛି। ଇସ୍ରାଏଲ ଓ ଆମେରିକା ବିରୋଧରେ ଇରାନ୍‌ର ଲଢ଼େଇ ବର୍ତ୍ତମାନ ସେହି ତିନୋଟି ଦେଶ ମଧ୍ୟରେ ରହିନାହିଁ। ଏଭଳି ଯୁଦ୍ଧ କେବଳ ଇସ୍‌ଲାମୀୟ ଧର୍ମାବଲମ୍ବୀଙ୍କ ଦ୍ୱାରା ହୋଇପାରିବା କହିବା ଅନୁଚିତ ହେବ। ଧର୍ମର ଭୂମିକା ନିଶ୍ଚିତ ଭାବେ ରହିଛି। ତତ୍‌ସହିତ ଇରାନ୍‌ର ନେତୃତ୍ୱ କୌଣସି ବ୍ୟକ୍ତିବିଶେଷ ହାତରେ ରହିବା ପରିବର୍ତ୍ତେ ସାଧାରଣ ଲୋକଙ୍କ ପାଖକୁ ଚାଲିଗଲାଣି। ଇସ୍‌ଲାମିକ୍ ରିଭୋଲ୍ୟୁଶନାରୀ ଗାର୍ଡ କର୍(ଆଇଆର୍‌ଜିସି)ର ପ୍ରତ୍ୟେକ ସୈନ୍ୟ ଏବେ ସ୍ୱାଧୀନ ଭାବେ ଲଢ଼ିବାର ପରିସ୍ଥିତିକୁ ପହଞ୍ଚିଗଲେଣି, ଯେଉଁଥିରେ ଅନ୍ୟ ଦେଶ ଯଥା-ଆମେରିକା ମୋଟାସୋଟା ଜାହାଜ, ବୁଡ଼ାଜାହାଜ ଓ ମିଶାଇଲ ରଖିଥିବା ସତ୍ତ୍ୱେ ମଧ୍ୟମଧରଣର ସାମରିକ ଶକ୍ତିକୁ ପାରିବା କାଠିକର ପାଠ ହେଉଛି।

ଇରାନ୍ ଯୁଦ୍ଧ ଏକ ମାସ ଟପିଗଲାଣି। ଇସ୍ରାଏଲ ଓ ଆମେରିକା ଥକିଯିବା ଭଳି ମନେ ହେଉଥିବା ବେଳେ ଇରାନ୍‌ର ମାଡ଼ କରିବାର ଶକ୍ତି ଅସରନ୍ତି ବୋଲି ବୁଝାପଡୁଛି। ଏହାର ଦୃଷ୍ଟାନ୍ତ ଏପ୍ରିଲ ୪ ତାରିଖରେ ଦେଖିବାକୁ ମିଳିଲା, ଯେତେବେଳେ ଆମେରିକାର ଅତ୍ୟାଧୁନିକ ଶକ୍ତିଶାଳୀ ଯୁଦ୍ଧବିମାନ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ଏବଂ ଏ-୧୦ ୱାର୍ଟ୍‌ହଗ୍‌କୁ ଇରାନ୍ ମାରି ଖସାଇଦେଲା। ଏପରିକି ୨ ଯୁଦ୍ଧବିମାନର ବିମାନ କର୍ମଚାରୀଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ୨ଟି 'ବ୍ଲାକ୍ ହକ୍' ହେଲିକପ୍ଟର ମଧ୍ୟ ଇରାନ୍ ଆକ୍ରମଣର ଶିକାର ହେଲା। ଯୁଦ୍ଧବିମାନ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲର ଦୁଇ ପାଇଲଟଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ କୁହାଯାଉଛି ଆଉ ଜଣେ ଇରାନ୍ ସାମରିକ ବାହିନୀ ଅକ୍ତିଆରରେ ଅଛି। ବିଶ୍ୱସ୍ତରରେ ସବୁଠାରୁ ଶକ୍ତିଶାଳୀ ବୋଲାଇ ଆସୁଥିବା ଆମେରିକା ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲକୁ ନେଇ ବଡ଼ ଆସ୍ପର୍ଦ୍ଧା ଦେଖାଇଥାଏ। କାରଣ ଡୁଆଲ୍ ରୋଲ୍ ଫାଇଟର ଭାବେ ଏହା ଆକାଶରୁ ଆକାଶ ଏବଂ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ଶତ୍ରୁ ପକ୍ଷର ବ୍ୟାପକ କ୍ଷତି ଘଟାଇବାର କ୍ଷମତା ରଖିଥାଏ। ପ୍ରାୟ ୧୦୦ ମିଲିୟନ୍ ଡଲାରର ଏହି ଯୁଦ୍ଧ ବିମାନ ଷ୍ଟେଲ୍‌ଥ ହୋଇଥିବାରୁ ରାଡାର ଦ୍ୱାରା ଚିହ୍ନଟ ହୋଇପାରିବ ନାହିଁ ବୋଲି ବିଶ୍ୱସ୍ତରରେ ସାମରିକ ବିଶେଷଜ୍ଞମାନେ ଭାବୁଥିଲେ। ଅନ୍ୟପକ୍ଷରେ ନିଜର ସାମରିକ କ୍ଷମତାକୁ ସର୍ବସମ୍ମୁଖରେ ଦେଖେଇ ନ ହୋଇ ଇରାନ୍ ବାସ୍ତବ ସମୟରେ ଆମେରିକା ଓ ଇସ୍ରାଏଲକୁ କଡ଼ା ଜବାବ ଦେବା ଅନ୍ତର୍ଜାତୀୟ ସ୍ତରରେ ଚହଳ ପକାଇ ଦେଇଛି।

> **ପୂର୍ବରୁ ଦୁଇ ମେରୁ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ରୁଷିଆ ନିଜ ମଧ୍ୟରେ ସମଗ୍ର ପୃଥିବୀକୁ ବାଣ୍ଟି ନେଇଥିଲେ। ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ଅଧିକ ପରିଲକ୍ଷିତ ହୋଇଥିଲା। ଆଜିର ସ୍ଥିତିରେ ପୃଥିବୀର ଆମୂଳଚୂଳ ପରିବର୍ତ୍ତନ ଘଟିଲାଣି, ଯେଉଁଥିରେ ଦୁଇ ପରିବର୍ତ୍ତେ ଅନେକ ମେରୁ ସୃଷ୍ଟି ହେବାର ସୁଯୋଗ ତିଆରି ହେଲାଣି।**

ବିଶ୍ୱ ପରିସ୍ଥିତି ଏବେ ବଦଳିବାରେ ଲାଗିଛି। ପୂର୍ବରୁ, ଆମେରିକା ଯଦି କୌଣସି ଅଶାନ୍ତ ଅଞ୍ଚଳରେ ପ୍ରବେଶ କରୁଥିଲା ତେବେ ବିପକ୍ଷରେ ଥିବା ସବୁ ଦେଶ ଏବଂ ଗୋଷ୍ଠୀ ଭୟଭୀତ ବା ଚିନ୍ତିତ ହୋଇପଡୁଥିଲେ। ଆଜିର ପରିସ୍ଥିତିକୁ ଦେଖିଲେ ସେହି ଭୟ ସମ୍ପୂର୍ଣ୍ଣ ଭାବେ ଛାଡ଼ିଗଲାଣି। ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଆମେରିକାଠାରୁ ଭୟ ଛାଡ଼ି ହାତ ମିଳାଇବାକୁ ଅନିଚ୍ଛୁକ ବୋଲି ପ୍ରଦର୍ଶନ କରିସାରିଲେଣି। ପୂର୍ବରୁ ଦୁଇ ମେରୁ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ରୁଷିଆ ନିଜ ମଧ୍ୟରେ ସମଗ୍ର ପୃଥିବୀକୁ ବାଣ୍ଟି ନେଇଥିଲେ। ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ଅଧିକ ପରିଲକ୍ଷିତ ହୋଇଥିଲା। ଆଜିର ସ୍ଥିତିରେ ପୃଥିବୀର ଆମୂଳଚୂଳ ପରିବର୍ତ୍ତନ ଘଟିଲାଣି, ଯେଉଁଥିରେ ଦୁଇ ପରିବର୍ତ୍ତେ ଅନେକ ମେରୁ ସୃଷ୍ଟି ହେବାର ସୁଯୋଗ ତିଆରି ହେଲାଣି।

ଦୁଃଖଦ ବିଷୟ ଯେ, ନୂଆ ବିଶ୍ୱ ବ୍ୟବସ୍ଥାରେ ଭାରତ କେବଳ ଏକ ଦର୍ଶକ ଭାବେ ରହିଯାଇଛି। ଏପରିକି ଭାରତ କିଣିଥିବା ଏଲ୍‌ପିଜି ବୋଝେଇ ଜାହାଜକୁ ଚାଇନା ଛଡ଼େଇ ନେଇପାରିଲା। ଆମେ ଗୃହଶାନ୍ତି ପୂଜା କଲାଭଳି ଘର ଭିତରେ ରହି ନିର୍ବାଚନ ପ୍ରଚାର କରିବାରେ ବ୍ୟସ୍ତ ରହିଲୁ। ଆମ ପାଇଁ ପାକିସ୍ତାନ ହେଉଛି ମହାବଳ ବାଘ ଏବଂ ସେହି ଦେଶକୁ ଅଭଦ୍ର ଭାଷାରେ ଗାଳିଦେଇ ଧମକାଇ ପାରିଲେ ଆମେ ବିଶ୍ୱରେ ଶକ୍ତିଶାଳୀ ବୋଲି ପ୍ରମାଣିତ ହେବା ସହ ମୁସଲମାନ ଧର୍ମକୁ ଆଞ୍ଚ ଆଣିପାରିଲୁ ବୋଲି ଭାବୁଛୁ। ସେଥିପାଇଁ ଯୁଦ୍ଧ ଆରମ୍ଭ ହେବା ପୂର୍ବଦିନ ଭାରତ ଏବଂ ଇସ୍ରାଏଲ ଉଭୟ ଦେଶ ଭିତରେ ବନ୍ଧୁତ୍ୱ ଦେଖେଇ ସର୍ବସମ୍ମୁଖରେ ଧେଇ ଧେଇ ହେଲେ। ଏବେ ସେହି ନିର୍ବୋଧତାର ପରିଣାମ ଦେଖିବାକୁ ବାକି ଅଛି।

# ସର୍ଜନଶୀଳ ଓଡ଼ିଶା



**ଡ.ପ୍ରଫୁଲ୍ଲ କୁମାର ସାହୁ**

ପୃଥିବୀର ଯେକୌଣସି ଗୌରବମୟ ସଂସ୍କୃତି ମଧ୍ୟରେ ଓଡ଼ିଆ ସଂସ୍କୃତି କେବଳ ଅନ୍ୟତମ ନୁହେଁ, ଅନନ୍ୟ। ଓଡ଼ିଆଙ୍କ ଜୀବନ ଦର୍ଶନ, ଚିନ୍ତା ଚେତନା,ଭାବଭାବନା ତଥା ଏ ଜାତିର କାରୁକାର୍ଯ୍ୟ, ପ୍ରଥା ପରମ୍ପରା ଓ ପର୍ବପର୍ବାଣି ଆଦି ସବୁଥିରେ ରହିଛି ସର୍ଜନଶୀଳ ଦୃଷ୍ଟିଭଙ୍ଗୀ। ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱ ବିଖ୍ୟାତ। ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିର ସ୍ଥାପତ୍ୟ କଳାରେ ତା'ର ଉତ୍କର୍ଷ ଚରମସୀମାରେ ପହଞ୍ଚି ସାରିଥିଲା, ଯା'ର ସର୍ବଶ୍ରେଷ୍ଠ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। କୋଣାର୍କର ସୂକ୍ଷ୍ମ ଭାସ୍କର୍ଯ୍ୟରୁ ବାରିହୁଏ ଉତ୍କଳୀୟ ଶିଳ୍ପୀର ହାତଯଶ। କଳାର ଦରବାରରେ ଏ ଜାତି ଏମିତି ମନ୍ଦିର ଗଢ଼ିପାରେ, ଯାହାର ପ୍ରତିଟି କାରୁକାର୍ଯ୍ୟରେ ଉଛୁଳିପଡ଼େ କାମ ବିମୋହିତ ଆଧ୍ୟାତ୍ମିକ ଉଲ୍ଲାସ। ବିଶ୍ୱ ଅଧ୍ୟାତ୍ମ ବଡ଼ଦାଣ୍ଡରେ ସେ ଏମିତିକା ଅଧାଗଢ଼ା ଠାକୁର ଗଢ଼ିପାରେ, ଯେଉଁ ଠାକୁର ମଧ୍ୟରେ ସ୍ୱତଃ ସମାହିତ ହୋଇଯାଏ ସବୁ ଧର୍ମ,ସବୁ ମତ ଓ ସବୁ ପଥ। ଓଡ଼ିଆର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ କେବଳ ମନ୍ଦିରର ଦିଅଁ ନୁହନ୍ତି, ସେ ଓଡ଼ିଆ ଜାତିର ଆତ୍ମା, ଯିଏ ହାତ ନ ଥାଇ ବି ମହାବାହୁ, ପାଦ ନ ଥାଇ ବି ହୋଇପାରନ୍ତି ପଦ୍ମପାଦ। ଓଡ଼ିଆ ଜାତି ଭକ୍ତି ଭିତରେ ଖଞ୍ଜିଦେଇପାରେ ଅକଳ୍ପନୀୟ ଶକ୍ତି,ଯେଉଁ ଶକ୍ତି ନେଇ ଭକ୍ତ ଅଟକାଇ ଦିଏ ଭଗବାନଙ୍କ ରଥ। ଓଡ଼ିଆ କବି ଶବ୍ଦ କୋଣାର୍କର ଶିଳ୍ପୀ। କବିତାର ଭାବକୁ ସେ ଏମିତି ଈଶ୍ୱରୀକରଣ କରିଦିଏ ଯେ ଶବ୍ଦ ନ ପାଇଲେ ଲେଖନୀ ଧରି ପଦ ପୂରଣ କରିଦିଅନ୍ତି ନିଜେ ଈଶ୍ୱର। ସେଥିପାଇଁ ଗୀତ ଗୋବିନ୍ଦ ଛୋଟିଆ କାବ୍ୟଟିଏ ହେଲେ ବି ତା'ର କାନ୍ତକୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। କେଇଖଣ୍ଡ ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଚାହିଁ ବହୁ ଜଟିଳ ତତ୍ତ୍ୱର ସରଳ ସୂତ୍ର ଆବିଷ୍କାର କରିପାରେ ଏହି ମାଟିର ଖଗୋଳ ବିଜ୍ଞାନୀ। ଏହି ମାଟିରେ ଜନ୍ମ ନେଇଛି ଦଶମିକ ଭଗ୍ନାଂଶ, ଯାହା ଗଣିତ ଶାସ୍ତ୍ରକୁ ଏକ ଯୁଗାନ୍ତକାରୀ ଅବଦାନ ବୋଲି ସ୍ୱୀକାର କରିଛି ସାରା ବିଶ୍ୱ। ଏହି ଆଧ୍ୟାତ୍ମିକ ଭୂଇଁକୁ ଆତ୍ମପ୍ରକାଶ କରିଛି ଅଭିନବ ଧର୍ମଧାରା ମହିମାଧର୍ମ। ଜାତିସଂଘର ଲଲାଟ ପଟରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଆ କବିର ମହାନ୍ ବାଣୀ -''ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।''

ଏକଦା ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧ ସାହିତ୍ୟ, ବୋଧ ସାହିତ୍ୟ, ତନ୍ତ୍ର ସାହିତ୍ୟ, ଲୋକ ସାହିତ୍ୟ ତଥା ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ପୋଥି। ତାଳପତ୍ରରେ ଅକ୍ଷର ଲେଖିବା,ଚିତ୍ର ଆଙ୍କିବା ତଥା ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ଖୁବ୍ ଉଚ୍ଚକୋଟୀର। ପୋଥିରେ ନିମପତ୍ର ଓ ହଳଦୀ ଲେପଦେଇ ଏବଂ ନିୟମିତ ବ୍ୟବଧାନରେ ଖରାରେ ଶୁଖାଇରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖରୁଲି, ପୋଥି ବିମାନ, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି। ଶିଳ୍ପକଳା ଓଡ଼ିଆ ଜାତିର ଅସ୍ଥି ମଜ୍ଜାଗତ। ଯେଉଁଠି ପଥରର ପ୍ରାଚୁର୍ଯ୍ୟ, ସେହି ଏକାମ୍ରରେ ଓଡ଼ିଆ ଶିଳ୍ପୀ ଶତାବ୍ଦୀରେ ଗଢ଼ିଥିଲା ହଜାର ହଜାର ମନ୍ଦିର। ପ୍ରତିଟି ପଥରଖଣ୍ଡରେ ଲେଖିଥିଲା କଳାର କବିତା।

ଏ ଜାତି ସୁନା ରୁପାରେ କରିପାରେ ତାରକସି କାମ। ରୁପା ତାରକସି ପାଇଁ ସିଲ୍‌ଭର ସହର କଟକ ବିଶ୍ୱବିଖ୍ୟାତ। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱ ଦେଖିଛି ଓଡ଼ିଆ ତାରକସି କାମର ଝଲକ। ପଥର ଖୋଦନ ଓଡ଼ିଆ ଜାତିର ଏକ ପୁରାତନ ଶିଳ୍ପ। ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପଥରକାନ୍ଥରେ ଖୋଦିତ ହାତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପୁରାତନ ପ୍ରସ୍ତର କଳାକୃତି ମଧ୍ୟରେ ଅନ୍ୟତମ। କଂସା ଓ ପିତଳ ହାଣ୍ଡି ଉପରେ ସୁନ୍ଦର ଖୋଦନ ଓଡ଼ିଆ ସୂକ୍ଷ୍ମକଳାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ଓଡ଼ିଶାର ଘରେ ଘରେ ଦେଖିବାକୁ ମିଳେ ଧାତୁ ନିର୍ମିତ କଳାକୃତି। ଓଡ଼ିଶାରେ ଏପରି କାରିଗର ଅଛନ୍ତି, ଯିଏ ଗୋରୁର ଶିଙ୍ଗରୁ ତିଆରି କରିପାରନ୍ତି ପାନିଆ,ଫୁଲ ଓ କଲମ ଷ୍ଟାଣ୍ଡ ଆଦି ନାନା ପ୍ରକାର ଜିନିଷ। ଓଡ଼ିଶାରେ କାଠ ଖୋଦେଇ କାମ ମଧ୍ୟ ବହୁ ଭାବରେ ଲୋକପ୍ରିୟ। ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱ ସମ୍ପର୍କରେ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ଜଣା କାଠରେ ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ସେ ଏକାଧିକ ବୋଇତକୁ ଯୋଡ଼ି ନିର୍ମାଣ କରିପାରେ ବିଶାଳକାୟ ଓ ସୁଦୃଶ୍ୟ ବୋଇତ। ଓଡ଼ିଆଣୀ ମାଟିକାନ୍ଥ ଚଟାଣ ଉପରେ ପକାଉଥିବା ଚାଉଳବଟା ଝୋଟିଚିତା କେବଳ ଗୃହର ସାଜସଜ୍ଜା ନୁହେଁ, ବରଂ ବସ୍ତୁବାଦୀ ଓ ରହସ୍ୟବାଦ ମଧ୍ୟରେ ସମ୍ପର୍କ ସ୍ଥାପନ କରୁଥିବା କିଛି ଅର୍ଥପୂର୍ଣ୍ଣ ସଙ୍କେତ।

ଓଡ଼ିଆଙ୍କ ଜୀବନ ଦର୍ଶନ, ଚିନ୍ତା ଚେତନା,ଭାବ ଭାବନା ଆଦି ସବୁଠି ରହିଛି ଅନନ୍ୟ କଳାତ୍ମକ ପରିପ୍ରକାଶ। ହସ୍ତଶିଳ୍ପ ଓ ହସ୍ତତନ୍ତରେ ପ୍ରସାରିତ



ହୋଇଛି ଓଡ଼ିଶାର ସୂକ୍ଷ୍ମ କଳାରୂପ। ସମ୍ବଲପୁର ବୟନକଳାର ଗୁଣବତ୍ତା ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ। ସମ୍ବଲପୁରୀ ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ, ଯାହା ଲୋକରୁଚି, ଲୋକ ଚଳଣି ଓ ଲୋକ ଅଭିବ୍ୟକ୍ତିକୁ ନେଇ ସମୃଦ୍ଧ ଓ ଋଦ୍ଧିମନ୍ତ। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ କଳାର ନମୁନା। ପଟ୍ଟଚିତ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ କଳା। ଏହାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଅଦ୍ୟାବଧି ମୌଳିକ ଭାବରେ ଭାସ୍ୱର। ପଟ୍ଟଚିତ୍ରରେ ଓଡ଼ିଶାର ସାଂସ୍କୃତିକ ଚିତ୍ରାବଳୀର ମହିମାନ୍ୱିତ ରୂପ ଅନ୍ତରାଳରେ ରହିଛି ତା'ର ଶୈଳୀଗତ ଅବବୋଧ। ପଟ୍ଟଚିତ୍ର ନିମନ୍ତେ ରଙ୍ଗ ପ୍ରସ୍ତୁତି ଓ ତା'ର ପ୍ରୟୋଗ କଳା ମଧ୍ୟ ଅନନ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଟ୍ଟଚିତ୍ରର ଆଧାର। ତେଣୁ ଜଗନ୍ନାଥ ସଂସ୍କୃତି ସହ ପଟ୍ଟଚିତ୍ର ପରମ୍ପରା ଓତପ୍ରୋତ ଭାବରେ ଜଡ଼ିତ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି କେଉଁ ସ୍ମରଣାତୀତ କାଳରୁ ଓଡ଼ିଆ ଜନଜୀବନରେ ପ୍ରବାହିତ ହୋଇଛି ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ। ଏହା ଯେତିକି ଭକ୍ତି ଭାବାପନ୍ନ, ସେତିକି କଳାତ୍ମକ ଚେତନାରେ ରସାଣିତ। ସର୍ଜନଶୀଳତାରେ ସିକ୍ତ ଓଡ଼ିଆ ଜାତି ଜଗନ୍ନାଥ କ୍ଷେତ୍ରକୁ କ୍ଷେତ୍ର ନ କହି କହିଲା ଶ୍ରୀକ୍ଷେତ୍ର। ମନ୍ଦିରକୁ ମନ୍ଦିର ନ କହି କହିଲା ଶ୍ରୀମନ୍ଦିର। ପ୍ରସାଦକୁ ପ୍ରସାଦ ନ କହି କହିଲା ମହାପ୍ରସାଦ। ମହାପ୍ରଭୁଙ୍କ ମାହାତ୍ମ୍ୟ ଓ ମହନୀୟତାକୁ ମର୍ମେ ମର୍ମେ ଅନୁଭବ କରିଥିବା ଓଡ଼ିଆ ଜାତିର ମଗଜରୁ ଉତୁରି ଆସିଲା ନୀଳକନ୍ଦର, ନିର୍ମାଲ୍ୟ, କୈବଲ୍ୟ କଣିକା, ଶରଧାବାଲି ଓ କଳ୍ପବଟ ଆଦି ଅନେକ ସୁନ୍ଦର ଶବ୍ଦ। କେବଳ ଆଧ୍ୟାତ୍ମିକ ଭାବ ଓ ଭାବନାରେ ନୁହେଁ,ନଦୀଠାରୁ ନକ୍ଷତ୍ର ଏବଂ ଭୂମିଠାରୁ ଭୂଧର ପର୍ଯ୍ୟନ୍ତ କ୍ଷେତ୍ରରେ ସେ ଚୟନ କଲା କଳା ବିଭୂଷିତ ନାମ। ସର୍ଜନଶୀଳତାର ତୁଙ୍ଗିମା ଆରୋହଣକରି ନଦୀକୁ କହିଲା ମହାନଦୀ ଓ ସମୁଦ୍ରକୁ କହିଲା ମହୋଦଧି। ନଦୀର ନାମ ଦେଲା ସୁବର୍ଣ୍ଣରେଖା, ସାଳନ୍ଦୀ,ତାମସା, ଋଷିକୁଲ୍ୟା, ଚିତ୍ରୋତ୍ପଳା , ମହେନ୍ଦ୍ରତନୟା ଇତ୍ୟାଦି। ଉଭୟ ଗୁଣାତ୍ମକ ଓ କଳାତ୍ମକ ଦିଗକୁ ଦୃଷ୍ଟିରେ ରଖି ପାହାଡ଼ ପାଇଁ ଚୟନକଲା ମେଘାସନ,ସ୍ୱର୍ଣ୍ଣଚୂଡ଼, ଦେଓମାଳି, ମହେନ୍ଦ୍ରଗିରି,ମଣିକର୍ଣ୍ଣିକା, ଗୋନାସିକା ଓ ଗୋକର୍ଣ୍ଣିକା ଏବଂ ଏମିତି ଆହୁରି ଅନେକ ସୁନ୍ଦର ନାମ। ଗ୍ରାମ ଓ ନଗର ନାମକରଣରେ ମଧ୍ୟ ବୋଲି ହୋଇଗଲା ସମ୍ଭ୍ରାନ୍ତୀୟ ଛାପ। ଜନପଦର ନାମ ଦେଲା ଅସ୍ତରଙ୍ଗ, ନିଶ୍ଚିନ୍ତକୋଇଲି, ମଧୁବନ, ଚନ୍ଦ୍ରାବାଲି, ଚାନ୍ଦବାଲି ଓ ଆହୁରି କେତେ କ'ଣ। କାବ୍ୟ କବିତାର ଶୀର୍ଷକ ଚୟନରେ ମଧ୍ୟ ସେହି ନାନ୍ଦନିକ ଭାବ। ଯେଉଁ ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ଭଳି କବିସମ୍ରାଟ, ସଙ୍ଗୀତ ସମ୍ରାଟ ଓ ଶବ୍ଦସମ୍ରାଟ ଜନ୍ମନିଅନ୍ତି, ସେହି ଜାତି କେବଳ ତା'ର କାବ୍ୟର ନାମ ରଖିପାରେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରହସ୍ୟ ମଞ୍ଜରୀ ଓ ଚନ୍ଦ୍ରଭାଗା ଇତ୍ୟାଦି। ଇତିହାସର ଆବର୍ତ୍ତନ ଓ ବିବର୍ତ୍ତନ ମଧ୍ୟରେ ଓଡ଼ିଶା କଳିଙ୍ଗ, କଙ୍ଗୋଦ, କୋଶଳ ଓ ମହାକାନ୍ତାର ଆଦି ନାମରେ ପରିଚିତ ହୋଇଥିଲେ ମଧ୍ୟ ଶେଷରେ ଆମ ପୂର୍ବଜମାନଙ୍କ ସର୍ଜନଶୀଳ ଚିନ୍ତନ ଯୋଗୁ ଗଠନହେଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ, ଯାହା ଓଡ଼ିଆ ଜାତିର ନାନ୍ଦନିକ ଦିଶା ଓ ଦର୍ଶନର ଦର୍ପଣ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ନୀରବତା ଏକ ମୃଗତୃଷ୍ଣା



**ବିଭୁ ପ୍ରସାଦ ନାଥ**

ହେ ଜଡ଼! ତୁମେ ନିଷ୍କ୍ରିୟ ହୋଇ ପଡ଼ିରହିଛ। ତୁମକୁ ମଣିଷ ହୋଇ ବଞ୍ଚି ରହିବାର କୌଣସି ଅଧିକାର ନାହିଁ। ଅତିଶୟ ଅନ୍ୟାୟର ବଳୟରେ ସୁପ୍ତପ୍ରାୟ ତୁମ ଜୀବନ ଧିକ୍ ପ୍ରାୟ। ଯେଉଁଠି ପ୍ରତ୍ୟେକ ହୃଦୟର ସ୍ପନ୍ଦନରେ ପ୍ରାଣ ସଂଚାରର ଅନୁଭୂତି ହେଉଛି, ସେଠି ତୁମେ ବିନା ଶିହରଣରେ ବଞ୍ଚିଛ କେମିତି? ପ୍ରତିବାଦର ଅଗ୍ନି ତୁମକୁ ଜାଳି ପୋଡ଼ି ନଷ୍ଟ କରିଦେବନି ତ? ତୁମକୁ ପଶ୍ଚାତ୍ତାପ ରୂପକ ଝଡ଼ ଭାଙ୍ଗିଦେବନି ତ? ମାନବୀୟ ମୂଲ୍ୟର ଅଭାବରେ କି ସୌନ୍ଦର୍ଯ୍ୟର ଗର୍ବ କରୁଛ? ସତରେ ତୁମେ ଲୁଟି ହୋଇ ଯାଇଛ। ତୁମ ଭିତରର ଆବେଗକୁ କେହି ଜଣେ ପରିଚାଳିତ କରୁଛି। ଭୁଲ୍ ଠିକ୍‌ର ବିଚାର ନ କରି କେଉଁ ଇତିହାସ ରଚିତ ତାହା ତ ପରଂବ୍ରହ୍ମଙ୍କୁ ଜଣା। ହେଲେ ଭବିଷ୍ୟ ତୁମକୁ ଖୋଜିବ ଆଉ ଲାଞ୍ଛନା ହେବ। ଆଉ କହିବ ଜଡ଼, ଜଡ଼ ଓ ଜଡ଼। ମୃତ ପ୍ରାୟ, ମୃତ ପ୍ରାୟ, ମୃତ ପ୍ରାୟ।

ଠିକ୍ ଯେମିତି ମହାଭାରତର ଦ୍ରୌପଦୀ ବସ୍ତ୍ରହରଣ ସମୟରେ ସବୁ ମୁରବି ଦୁଃଶାସନର ଗୋଲାମ ପାଲଟିଥିଲେ ଆଉ ନୀରବ ରହିଥିଲେ, ସେହିପରି ତୁମେ ଜଣେ ଜଣେ ପିତାମହ ଭୀଷ୍ମ ଓ ଦୁଃଶାସନର ଗୋଲାମ। ଯେମିତି ସମାଜ ସମସ୍ତ ବୀର ଚରିତ୍ରଙ୍କ ଗୁଣଗାନ କରେ, ଆଉ ଭୀରୁମାନଙ୍କୁ ଭର୍ତ୍ସନା ଦିଏ, ଠିକ୍ ସେହିପରି ଅବସ୍ଥା ନୀରବତାରେ ମଗ୍ନ ବ୍ୟକ୍ତିମାନଙ୍କର ହେବ।

ସାଧୁ ସନ୍ଥଙ୍କ ନୀରବତା ହୁଏତ ଏକ ପ୍ରକାର ପ୍ରାମାଣିକ। ହେଲେ ସଂସାରିମାନଙ୍କ ନୀରବତା ସମାଜ ଅଧୋପତନର ମୂଳ କାରଣ। କୁଆଡ଼େ ଗଲା ସେ ବଳ ଏବଂ ବୀର୍ଯ୍ୟ? କୁଆଡ଼େ ଗଲା ସେ ନିର୍ଭୀକ ଓଡ଼ିଆର ରକ୍ତ? କ'ଣ ଶିଥିଳ ହୋଇଗଲା କି! ଅନ୍ୟାୟର ପ୍ରତିବାଦରେ ଡର କାହିଁକି? ଯେଉଁ ଜାତି ନିଜ ସ୍ୱାଭିମାନ ପାଇଁ ଗର୍ବ କରେ, ଯେଉଁ ମାଟିର ପୁଅ ନିଜର ସାହସକୁ ବ୍ରିଟିଶ୍ ଶାସନ ସମୟରେ ବି ପ୍ରମାଣିତ କରି ପାରୁଥିଲା, ଆଜି ସେ ଗୁଣସୂତ୍ର ସୁପ୍ତ ହୋଇଗଲା କେମିତି?

ଧନ ମୋହରେ ଏ କି ମାନସିକ ବିକୃତି ଦେଖାଦେଲା ତାହା ତ ପରଂବ୍ରହ୍ମଙ୍କୁ ଜଣା। ହେଲେ ସମ୍ପର୍କଟା ଯେ ଏତେ ଶସ୍ତା, ତାହା ଏବେ ପ୍ରମାଣିତ ହୋଇଗଲା। ପ୍ରତ୍ୟେକ ପରିବାରର କଳହ ଗୋଟିଏ କଥା ଚିତ୍କାର କରି କୁହେ, ସମୟର ନୀରବତା ଆଉ ମୁରବିଶୂନ୍ୟ ସମାଜ ଏ ବିଘଟନ ପାଇଁ ଦାୟୀ। ଆଜିର ସମାଜର ଅବସ୍ଥା ଏମିତି, ଏଠି ଲକ୍ଷ ଲକ୍ଷ କୃତଘ୍ନ ଧଳା କପଡ଼ା ଘୋଡ଼େଇ ହୋଇ ଦାନୀ ପାଲଟିଯାଆନ୍ତି। ଆଉ ଶ୍ମଶାନରେ ଚାକିରି ଖଟୁଥିବା ରାଜା ହରିଶ୍ଚନ୍ଦ୍ର ଇତର ବୋଲାଏ। ଏଠି ଶ୍ମଶାନକୁ ପକ୍କା ରାସ୍ତା ଅଛି ଆଉ ଗାଁ ମଝି ରାସ୍ତାଟା ଖାଲଖମାରେ ଭରା। ସତେ ଯେମିତି ସମସ୍ତଙ୍କ ଆବେଗ ଶିଥିଳ ହୋଇଯାଇଛି। ଏହା ନୀରବତାର ଦାନ ନୁହେଁ ତ ଆଉ କ'ଣ?

ଦିନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ରାଣୀ ଗାନ୍ଧାରୀ ପ୍ରଶ୍ନ କଲେ, ହେ ବାସୁଦେବ! ଶହେ ପୁଅଙ୍କୁ ହରେଇ ମୁଁ



ଆଜି ଦୁଃଖର ପୀଡ଼ାରେ ଜର୍ଜରିତ ହେଉଛି। ଆପଣଙ୍କ ପାଇଁ ହିଁ ମୋର ଶହେ ପୁଅଙ୍କୁ ମୁଁ ହରେଇଲି। ଯଦି ଯୁଦ୍ଧ ନ ହୋଇଥା'ନ୍ତା, ହୁଏତ ମୁଁ ଶତ ପୁତ୍ରର ଜନନୀ ହୋଇ ବହୁତ ଖୁସିରେ ରହିଥା'ନ୍ତି। ଭଗବାନ୍ ଶ୍ରୀକୃଷ୍ଣ ଉତ୍ତରଦେଲେ- ତୁମ ପୁତ୍ରମାନଙ୍କ ବିୟୋଗ ପାଇଁ ତୁମେ ହେଉଛ ପରୋକ୍ଷରେ ଦାୟୀ। ଯଦିଓ ତୁମେ ଜଣେ ପତିବ୍ରତା ନାରୀ, ପତିଙ୍କ ନେତ୍ରହୀନତା ପାଇଁ ତୁମେ ମଧ୍ୟ ଆଖିରେ ପୁଟୁଳି ବାନ୍ଧି ନେତ୍ରହୀନ ହୋଇଥିଲ। କିନ୍ତୁ ତୁମେ ତ ତୁମ ପୁତ୍ରମାନଙ୍କ ଉପଦ୍ରବ ଶୁଣିଥିବ। କାହିଁ ତୁମେ ତ କେବେହେଲେ ଏହି ଅନ୍ୟାୟକୁ ବିରୋଧ କରିନାହଁ? ତୁମ ପୁତ୍ରମାନଙ୍କ ବିୟୋଗ ପାଇଁ କେବଳ ତୁମେ ହିଁ ଦାୟୀ।

ଆଜିର ସମାଜର ଅଧିକାଂଶ ଘରେ ଜଣେ ଜଣେ ପିତାମହ ଭୀଷ୍ମ ଓ ଜଣେ ଜଣେ ଗାନ୍ଧାରୀ ବିଦ୍ୟମାନ। କେଉଁମାନେ ପୁତ୍ର ମୋହରେ ଅନ୍ଧ ତ ଆଉ କେତେଜଣ ଆଶ୍ରୟଦାତାଙ୍କ ମୋହରେ ଅନ୍ଧ। ଯେମିତି ସେଦିନ ପିତାମହ ଭୀଷ୍ମ କହିଥିଲେ, ମୁଁ ଯେହେତୁ ଦୁର୍ଯ୍ୟୋଧନର ଲୁଣ ଖାଇଥିଲି, ତେଣୁ ଦୁର୍ଯ୍ୟୋଧନର ଯେକୌଣସି କାର୍ଯ୍ୟକୁ ବିରୋଧ କରିବା ମୋ ପାଇଁ ଅନ୍ୟାୟ। ଠିକ୍ ସେହିପରି ଅନ୍ୟାୟର ନୀରବଦ୍ରଷ୍ଟା ସାଜିଥିବା ବ୍ୟକ୍ତିମାନେ ପିତାମହ ଭୀଷ୍ମ ସଦୃଶ।

ହେ ନୀରବଦ୍ରଷ୍ଟାମାନେ! ଯେଉଁ ମୃଗତୃଷ୍ଣା ଆଶାରେ ବଞ୍ଚିଛ, ଯେଉଁ ଅନ୍ୟାୟର ଅଗ୍ନିରେ ପାଦ ଦେଇ ଅସହ୍ୟ ଜ୍ୱାଳାକୁ ସହି ନେଉଛ, ତାହା ଦିନେ ତୁମ ପାଇଁ ବୁମେରାଂ ପାଲଟିବ। ଆଜିର ତାତିକୁ ହୁଏତ ତୁମେ ସହିଯାଇପାର। ହେଲେ ଭବିଷ୍ୟତରେ ଏହି କୁହୁଳା ନିଆଁ ବାଡ଼ବାଗ୍ନିର ରୂପ ନେବ, ଯାହା ତୁମ ଶରୀର ରୂପକ ଜଳରାଶିରେ ମଧ୍ୟରେ ଅଗ୍ନି ଉଦ୍‌ଗିରଣ କରେଇଦେବ।

ତେଣୁ ହେ ଜଡ଼! ତୁମର ନୀରବତା ଆଜି ନିରୀହ ଜୀବଜଗତମାନଙ୍କ ପାଇଁ କାଳ ସାଜିଛି। ଏହି ନୀରବତା ବଳରେ ଆଜି ଅନ୍ୟାୟର ନିଆଁରେ ଘୃତଯଜ୍ଞ ଚାଲିଛି ଆଉ ଲକ୍ଷ ଲକ୍ଷ ନିରୀହ ଜୀବ ଏହି ଯଜ୍ଞରେ ଆହୁତି ଦେଉଛନ୍ତି। ଯଦି ଏହି ନୀରବତାକୁ ଭାଙ୍ଗି ଆମେ ସମସ୍ତ ଜଡ଼ ପ୍ରତିବାଦ ରୂପକ ବ୍ରତରେ ବ୍ରତୀ ହୋଇପାରିବା, ତେବେ ନିଶ୍ଚୟ ରାମ ରାଜ୍ୟ ଫେରିଆସିବ। ଲକ୍ଷ ଲକ୍ଷ ପରିବାର ହସି ଉଠିବ। ମୁରବିଙ୍କ ପ୍ରତି ସମ୍ମାନ ଆହୁରି ବଢ଼ିବ। ସବୁ ଭାଙ୍ଗିଯାଇଥିବା ଘର ପୁଣିଥରେ ଗଢ଼ି ଉଠିବ। ଯେ ପର୍ଯ୍ୟନ୍ତ ଆମେ ସମସ୍ତେ ସ୍ୱାର୍ଥ ରୂପକ ଅନ୍ଧପୁଟୁଳି ବାନ୍ଧି ଅନ୍ୟାୟ, ଅତ୍ୟାଚାର ଓ କୁସଂସ୍କାର ରୂପକ ଅଗ୍ନିକୁ ନିଜ ଅଣ୍ଟିରେ ସାଇତିଥିବା ସେ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ଆମ ସମାଜରେ ହୋଇପାରିବ ନାହିଁ। ଏସବୁ କରି ଆମେ କେଉଁ ଯଶ ଅର୍ଜନ କରୁଛେ ତାହା ସମସ୍ତଙ୍କୁ ଜଣା। ମଣିଷ ଶରୀରରେ ଆମେ ମଣିଷ ପ୍ରାୟ ହୋଇ ବଞ୍ଚୁଛେ କେମିତି? ଆମର ଆବେଗକୁ ଆମେ ଅନ୍ୟମାନଙ୍କୁ ବିକି ଦେଉଛେ କେମିତି? କାହିଁକି ଏ କୁସଂସ୍କାର, ଅନ୍ୟାୟ, ଅତ୍ୟାଚାର ଆମ ସମାଜ ଉପରେ ଚାବୁକ ଧରି ରାଜ୍ କରୁଛି? ଥରେ ବିଚାର କରନ୍ତୁ ମାନବୀୟ ମୂଲ୍ୟ ଆମ ଶରୀରରେ କେତେ ପରିମାଣ ପ୍ରବାହିତ ହେଉଛି। ଆଉ ଜଡ଼ତାର ପରିମାଣ କେତେ।

**କେନ୍ଦ୍ରାପଡ଼ା**
**ମୋ: ୭୮୫୫୯୭୯୬୨୦**

## ଏଇ ଭାରତରେ

ଜଳ ସଙ୍କଟ ଦୂର କରିବା ପାଇଁ ମଧ୍ୟପ୍ରଦେଶ ଉଜ୍ଜୟିନୀ ମ୍ୟୁନିସିପାଲ କର୍ପୋରେଶନ କମିଶନର ଅନଶୁଲ ଗୁପ୍ତାଙ୍କ ପ୍ରୟାସ ପ୍ରଶଂସନୀୟ। ସେ ୧୨୫ ସ୍ୱେଚ୍ଛସେବୀଙ୍କ ସହାୟତାରେ ଉଜ୍ଜୟିନୀର ୟାମ୍ ତଲୟା ପୁଷ୍କରିଣୀର ପୁନରୁଦ୍ଧାର କରିପାରିଛନ୍ତି। ଏହି ପୁଷ୍କରିଣୀରେ ଏବେ ଜଳଧାରଣ କ୍ଷମତା ବୃଦ୍ଧି ପାଇବା ସହ ପାଖ ଜମିକୁ ବର୍ଷର ସବୁ ସମୟରେ ଜଳସେଚନ ହୋଇପାରୁଛି। ୪.୨ ଏକର ପରିମିତ ୟାମ୍ ତଲୟାର ମୂଳ ପୁଷ୍କରିଣୀ ବିଷ୍ଣୁସାଗର ସହ ସଂଯୋଗ ରହିଛି। ହେଲେ ଏହା ପଙ୍କରେ ପୋତି ହୋଇଯାଇଥିଲା। ଅନଶୁଲ କମିଶନର ଭାବେ ନିଯୁକ୍ତ ହେବା ପରେ ସେ ଏନ୍‌ଭାଇରନ୍‌ମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ସହ ଯୋଗାଯୋଗ କରି ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏପରିକି ସ୍ଥାନୀୟ ସାମାଜିକ ସଙ୍ଗଠନ ଓ କଲେଜରୁ ପ୍ରାୟ ୧୨୫ ସ୍ୱେଚ୍ଛାସେବୀ ତାଙ୍କ ଅଭିଯାନରେ ସାମିଲ ହୋଇଥିଲେ। ପୁନରୁଦ୍ଧାର କାର୍ଯ୍ୟରେ ମୋଟ ୬୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ୧୦ ଲକ୍ଷ ଟଙ୍କା କର୍ପୋରେଟ୍ ସୋସିଆଲ ରେସ୍‌ପନସିବିଲିଟି (ସିଏସ୍‌ଆର୍) ଫଣ୍ଡରୁ ମିଳିଥିବାବେଳେ ଆଉ ୫୦ ଲକ୍ଷ ବିଭିନ୍ନ ବର୍ଗର ଲୋକଙ୍କଠାରୁ ଦାନ ଆକାରରେ ସଂଗ୍ରହ କରାଯାଇଥିଲା। ଅନଶୁଲ ଉଜ୍ଜୟିନୀର କମିଶନର ହେବା ପୂର୍ବରୁ ଉମରିଆ ଜିଲା ପଞ୍ଚାୟତର ସିଇଓ ଭାବେ ପାଖାପାଖି ୩୦ଟି ପୁଷ୍କରିଣୀ ପୁନରୁଦ୍ଧାର କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଏପ୍ରିଲ ୧୯୭୭**

- ବାଣୀବିହାରର ଛାତ୍ରଛାତ୍ରୀ ସେମାନଙ୍କ ତିନୋଟି ଦାବି ଉପରେ ଶ୍ରେଣୀ ବର୍ଜନ କରିବା ସହ କୁଳପତିଙ୍କ ଅଫିସ ସମ୍ମୁଖରେ ଅନଶନ ଆରମ୍ଭ କରିଛନ୍ତି।
- ବମ୍ବେର ମେୟର ରୂପେ ନାଟକୀୟ ଭାବେ କଂଗ୍ରେସ ପ୍ରାର୍ଥୀ ଆର୍. ଦେଓରା ନିର୍ବାଚିତ।

## ଚିରନ୍ତନୀ

ତୁମେ ଦଶନେ ନ ଦିଅ ହାସ,
କଳକଣ୍ଠେ ନାହିଁ ଭାଷ,
ଆଜି କେଉଁ ଭବିଷ୍ୟ କୁହୁତାନେ ମଜି
ମୁଁ ନ ମାନେ ପଥ ଅପଥ
ତୁମେ ଅଧରେ ନ ଦିଅ ଉକତ।
-(ବିଶ୍ୱର ଆହ୍ୱାନ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | 2 | 5 | |
| | | | 2 | 5 | | | | 8 |
| | | | | | | | 1 | 3 |
| 2 | | | 3 | | 9 | | | |
| | 7 | | | | 1 | | | |
| | | 3 | 8 | 6 | | | | |
| | | 7 | 9 | 8 | 4 | | | |
| 8 | 2 | 9 | | | | 7 | | |
| 3 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 7 | 3 | 8 | 5 | 6 | 1 |
| 8 | 3 | 6 | 5 | 1 | 9 | 2 | 4 | 7 |
| 5 | 7 | 1 | 2 | 4 | 6 | 8 | 9 | 3 |
| 3 | 8 | 5 | 9 | 2 | 4 | 1 | 7 | 6 |
| 6 | 2 | 7 | 1 | 8 | 3 | 9 | 5 | 4 |
| 9 | 1 | 4 | 6 | 5 | 7 | 3 | 8 | 2 |
| 7 | 5 | 3 | 4 | 9 | 1 | 6 | 2 | 8 |
| 1 | 6 | 9 | 8 | 7 | 2 | 4 | 3 | 5 |
| 2 | 4 | 8 | 3 | 6 | 5 | 7 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ପୋଲିସ କେତେ ଦକ୍ଷ

ମହାଶୟ,

ମୋର ପୈତୃକ ସମ୍ପତ୍ତି ଓ ଗୃହକୁ ଗ୍ରାମର କିଛି ଗୁଣ୍ଡା ଶ୍ରେଣୀୟ ଲୋକ ଜବରଦଖଲରେ ବିଗତ ଚାଳିଶବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରଖି ଭୋଗଦଖଲ କରିବା ସହ ଫଳ ଫସଲ ଗଛ ପ୍ରଭୃତି କାଟି ନେଇଯାଉଛନ୍ତି। ଏ ସମ୍ବନ୍ଧରେ ମୁଁ ୧୯୮୯ ମସିହାଠାରୁ ମାହାଙ୍ଗା ଥାନାରେ ପ୍ରାୟ ୨୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ ଦାଖଲ କରିଆସୁଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମୋତେ ଖଣ୍ଡେ ଏଫ୍‌ଆଇଆର୍ କପି ବି ମିଳିଲାନି କି ମୋ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦିଆ ନ ଯିବାର କାରଣ ଏୟା ଯେ ମୁଁ ଲାଞ୍ଚ ଦେଲିନାହିଁ। ତେଣୁ ମୋ ଅଭିଯୋଗ ଦରଜ ହୋଇପାରିଲା ନାହିଁ। ଏ ସମ୍ବନ୍ଧରେ ସାଲେପୁରର ଏସ୍‌ଡିପିଓ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ, କଟକ ଓ ସର୍ବୋପରି ଆରକ୍ଷୀ ମହାନିର୍ଦ୍ଦେଶକ ଏବଂ ଗୃହ ବିଭାଗ ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ମଧ୍ୟ ଫଳ ଶୂନ। ଇତିମଧ୍ୟରେ ମୋର ପୈତୃକ ଘରକୁ ଜବରଦଖଲକାରୀମାନେ ସଂପୂର୍ଣ୍ଣ ତାଡ଼ି ନେଲେଣି। ୨୦୧୧ଠାରୁ କୁମୁଡ଼ା ଜୟପୁରରେ ଫାଣ୍ଡି ପ୍ରତିଷ୍ଠା ହେଲା। ସେଇ ଏକା ତରିକା। ଲାଞ୍ଚ ନ ଦେଲେ ଅଭିଯୋଗ ଦରଜ ହେଉନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ। ତେଣୁ ଶେଷ ଆଶ୍ରୟ ଥିଲା ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ନିଜର ବେଦନା ଜଣାଇଲି। ବର୍ଷେ ହେଲାଣି, କିଛି ଫଳ ମିଳିଲାନି। ଏହା ଆମ ଲୋକଙ୍କ ସରକାରର ପ୍ରତିଫଳନ।

**-ଡ. ରାଜୀବ ଷଡ଼ଙ୍ଗୀ, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରନ୍ଧନ ଗ୍ୟାସ୍ ବିକ୍ରି କଟକଣା

### ଛାତ୍ରୀଛାତ୍ର, କର୍ମଜୀବୀ, ଶ୍ରମିକ ଚିନ୍ତାରେ

# ସହର ଛାଡ଼ି ଗାଁକୁ ଯିବୁ

ଖୋଲା ବଜାରରେ ଖୁଚୁରାରେ ବିକ୍ରି ହେଉଥିବା ରନ୍ଧନ ଗ୍ୟାସ୍ ଆଉ ମିଳିବ ନାହିଁ। ହିତାଧିକାରୀ ଠିକ୍ ସମୟରେ ଗ୍ୟାସ୍ ପାଉ ନ ଥିବାବେଳେ ବେଆଇନ କାରବାର ବୃଦ୍ଧି ପାଉଥିବା ନେଇ ଅଭିଯୋଗ ଆସିବାରୁ ରାଜ୍ୟ ସରକାର କଡା କଟକଣା ଲଗାଇଛନ୍ତି। ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର କହିବା ପରେ ଏହା ଉପରେ ନିର୍ଭର କରୁଥିବା ମେସ୍ କରି ବା ଏକୁଟିଆ ରହୁଥିବା ଛାତ୍ରୀଛାତ୍ର, କର୍ମଜୀବୀ ଓ ଶ୍ରମିକମାନେ ଚିନ୍ତାରେ ପଡିଛନ୍ତି। ଯୁଦ୍ଧ ପାଇଁ ଗ୍ୟାସ୍ ସଙ୍କଟ ଜାରି ରହିଛି। ଖୋଲା ବଜାରରେ ପୂର୍ବାପେକ୍ଷା ୩ଗୁଣା ଦର ଦେଇ ବହୁ କଷ୍ଟରେ ଏମାନେ ଗ୍ୟାସ୍ କିଣି ରାନ୍ଧି ଖାଉଛନ୍ତି। କିଏ ୫ ଲିଟିରିଆରେ ଗ୍ୟାସ୍ ରିଫିଲ୍ ତ ଆଉ କିଏ ସିଲିଣ୍ଡର କିଣି ନେଉଛନ୍ତି। କମ୍ ଗ୍ୟାସ୍ ଖର୍ଚ୍ଚ ପାଇଁ ଛ' ତିଅଣ ବଦଳରେ ଭାତ ଡାଲ୍ମା, ଆଳୁ ଚକଟା, ବାଇଗଣ ପୋଡ଼ା ଖାଇ ଚଳିଯାଉଛନ୍ତି। ହେଲେ ଏବେ ଗ୍ୟାସ୍ ନ ମିଳିଲେ କିପରି ବଞ୍ଚିବେ, ସହରରେ କେମିତି ରହିବେ, ସେହି ଚିନ୍ତାରେ ଏବେ ଘାରି ହେଉଛନ୍ତି। ମନ୍ତ୍ରୀଙ୍କ ଘୋଷଣା ପରେ ଧରିତ୍ରୀ ପକ୍ଷରୁ ଏହି ବର୍ଗର ଲୋକଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସମସ୍ତେ ଦୁଃଖ ବଖାଣିବା ସହ ସରକାର ଆମ କଥା ଚିନ୍ତା କରନ୍ତୁ, କିଛି ବ୍ୟବସ୍ଥା କରନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି।

- ରିପୋର୍ଟ: ବନ୍ଦନା ସେଠୀ



ଭୁବନେଶ୍ୱରର ଏକ ଗ୍ୟାସ୍ ରିଫିଲିଂ ଦୋକାନ ଆଗରେ ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

### ହଠାତ୍ କେମିତି ବେଆଇନ ହୋଇଗଲା



ବର୍ଷ ବର୍ଷ ଧରି ୫ କେ.ଜି. ଗ୍ୟାସ୍ ଖୋଲାରେ ବିକ୍ରି ହେଉଥିଲା, ହେଲେ ହଠାତ୍ କେମିତି ଏହା ବେଆଇନ ହୋଇଗଲା। ଯଦି ଏହା ବେଆଇନ ଭାବେ ବିକ୍ରି ହେଉଥିଲା, ତେବେ ସରକାର ଏତେବର୍ଷ ଧରି ଚୁପ୍ ବସିଥିଲେ କେମିତି। ରାଜ୍ୟରେ ଗ୍ୟାସ୍ ସଙ୍କଟ ଦେଖାଦେଇଥିବା ବେଳେ ତାହାର ସମାଧାନ ନ କରିପାରି ଭାଜପା ସରକାର ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି। ଏବେ ଆମେ ବଞ୍ଚିବୁ କେମିତି?

- ଶିବ ପ୍ରଧାନ, ଛାତ୍ର

### ୫ କେ.ଜି. ଗ୍ୟାସ୍‌ରେ ୪ ସାଙ୍ଗ ମାସେ ଚଳୁଥିଲୁ



୪ବର୍ଷ ହେବ ୩ଜଣ ସାଙ୍ଗ ଭୁବନେଶ୍ୱରରେ ମେସ୍ କରି ରହୁଛୁ। ଭଡ଼ାଘରେ ରହୁଥିବାରୁ ସବୁ ପ୍ରକାର ଡକ୍ୟୁମେଣ୍ଟ ଦେଇ ଏଜେନ୍ସିରୁ କେୱାଇସି କରି ଗ୍ୟାସ୍ ସିଲିଣ୍ଡର ବୁକ୍ କରିବା ସମ୍ଭବପର ନୁହେଁ। ତେଣୁ ୫ କେ.ଜି. ଗ୍ୟାସ୍ ସିଲିଣ୍ଡର କିଣି ରୋଷେଇ କରୁଛୁ। ଏଥିରେ ପ୍ରାୟ ମାସେ ଚଳି ଯାଉଛୁ। ଏବେ ଗ୍ୟାସ୍ ମିଳିବନି ଜାଣିବା ପରେ ଚିନ୍ତାରେ ପଡ଼ିଛୁ। ସରକାର ଲୋକଙ୍କ ସୁବିଧାକୁ ନ ଦେଖି ମନଇଚ୍ଛା ନିୟମ କରୁଥିବାରୁ ଲୋକେ ସମସ୍ୟାରେ ପଡୁଛନ୍ତି।

- ଆକୁଳ ସାମନ୍ତରା, କର୍ମଜୀବୀ

### ତିନିଗୁଣା ଦରରେ ରୋକ୍ ଲଗାନ୍ତୁ



ସରକାର ଲୋକଙ୍କ ସୁବିଧା କରିବା ପରିବର୍ତ୍ତେ ସେମାନଙ୍କୁ ସଙ୍କଟ ଭିତରକୁ ଠେଲି ଦେଉଛନ୍ତି। ଉଚ୍ଚଶିକ୍ଷା ପାଇଁ ମୁଁ ଗାଁ ଛାଡି ଭୁବନେଶ୍ୱରରେ ଏକାକୀ ରୁମ୍ ନେଇ ପଢୁଛି। ତେଣୁ ରୋଷେଇ କରିବା ପାଇଁ ୫କେ.ଜି. ସିଲିଣ୍ଡର ଉପରେ ନିର୍ଭର କରୁଛି। ଗତ କିଛିଦିନ ହେବ ଗ୍ୟାସ୍‌ର ଦର ଖୋଲା ବଜାରରେ ହଠାତ୍ ବଢ଼ିଯାଇ କିଲୋ ପିଛା ୩୦୦ ଟଙ୍କାକୁ ବୃଦ୍ଧି ପାଇଛି। ସରକାର ଏହାକୁ ରୋକିବା ବଦଳରେ ସିଲିଣ୍ଡର ବିକ୍ରି ଉପରେ ରୋକ୍ ଲଗାଇଦେଲେ। ଏହା ଠିକ୍ ନୁହେଁ। ଯଦି ଖୋଲା ବଜାରରେ ସିଲିଣ୍ଡର ନ ମିଳିବ, ତେବେ ବାଧ ହୋଇ ଗାଁକୁ ଫେରିବାକୁ ପଡିବ।

- ଶ୍ରୁତିରେଖା ପ୍ରିୟଦର୍ଶିନୀ, ଛାତ୍ରୀ

### ଚାକିରି ଛାଡ଼ିବାକୁ ବାଧ ହେବୁ



ସରକାରଙ୍କ ଏହି ନିଷ୍ପତ୍ତି ଆମ ଭଳି ଗରିବ ଶ୍ରେଣୀର ଲୋକଙ୍କ ପାଇଁ କାଳ ସାଜିବ। ମୁଁ ଏବଂ ମୋ ସ୍ତ୍ରୀ ଶ୍ରମିକ ଭାବେ ଗୋଟେ ହୋଟେଲରେ କାମ କରୁଛୁ। ସ୍ୱଳ୍ପ ରୋଜଗାରରେ ଘରଭଡ଼ା ନେଇ ରହିବା ସହିତ ରୋଷେଇ ପାଇଁ ଛୋଟ ୫ କେ.ଜି.ର ଟାଙ୍କି ବ୍ୟବହାର କରୁଛୁ। ଏବେ ଯଦି ଛୋଟ ଟାଙ୍କି ନ ମିଳିବ ତେବେ ଆମେ ରୋଷେଇ କେମିତି କରିବୁ, ଆଉ ଖାଇବୁ କ'ଣ। ଗାଁ ହୋଇଥିଲେ ଚୁଲିରେ ରାନ୍ଧିଦେଇ ଥାନ୍ତୁ, କିନ୍ତୁ ଏଠି ତ ସେ ସୁବିଧା ନାହିଁ। ତେଣୁ ବାଧହୋଇ ଗାଁକୁ ଯିବାକୁ ପଡିବ।

- ଧୀରେନ୍ ସାହୁ, ଶ୍ରମିକ

### ମୁଣ୍ଡରେ ପଡ଼ିଲା ଚଡ଼କ



ଭୁବନେଶ୍ୱରର ଆସିବାର ୫ବର୍ଷ ବିତିଲାଣି। ଆମେ ମେସ୍‌ରେ ରହି ୫ କେଜିଆ ଗ୍ୟାସ୍‌ରେ ରୋଷେଇ କରୁଛୁ। ସରକାର ବାହାରେ ଗ୍ୟାସ୍ ବିକ୍ରି ବନ୍ଦ କରିଥିବା ଖବର ଶୁଣି ମୁଣ୍ଡରେ ଚଡ଼କ ପଡ଼ିଲା ପରି ଲାଗୁଛି। ବର୍ତ୍ତମାନ ଖୋଲା ବଜାରରେ ଲିଟର ପିଛା ୩ଶହ ଟଙ୍କା ଦରରେ ଗ୍ୟାସ୍ ଭର୍ତ୍ତି କରିଛୁ। ଗ୍ୟାସ୍ ସରିଲା ପରେ କ'ଣ କରିବୁ ? ମୋର ସୀମିତ ଦରମାରେ ବାହାରୁ ସବୁଦିନ କିଣି ଖାଇବା ଅସମ୍ଭବ। ମୋ ପରି ଅନେକ ଲୋକ ଏପରି ସମସ୍ୟାର ସାମ୍ନା କରିବେ। ସରକାର ଆମଭଳି ଲୋକଙ୍କ କଥା ୧୦ଥର ଭାବିବା ଦରକାର।

- ଦେବାଶିଷ ଚିନ୍ମୟ କରଣ, କର୍ମଜୀବୀ

### ଏବେ କିଛିଦିନ ଘରକୁ ପଳେଇ ଯିବି



୫ କେଜିଆ ଗ୍ୟାସ୍ ଥରେ ଭର୍ତ୍ତିକଲେ ଏକମାସରୁ ଅଧିକ ଚଳିଯାଏ। ଦିନରେ ଥରେ ରୋଷଇ କଲେ ରାତିରେ ତାହାକୁ ଗରମ କରି ଖାଉଥିଲୁ। କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟ ପାଲଟ ହୋଇଯାଇଛି। ବର୍ତ୍ତମାନ ଆମ ମେସ୍‌ରେ ପ୍ରାୟ ୮ଦିନ ହେବ ଗ୍ୟାସ୍ ଟାଙ୍କି ଖାଲି। ଖୋଲା ବଜାରରେ ଟାଙ୍କି ସହ ପଇସା ମଧ ଆଗୁଆ ଦେଇ ଆସିଥିଲୁ। କିନ୍ତୁ ସରକାର ଗ୍ୟାସ୍ ବିକ୍ରି ବନ୍ଦ ଖବର ଶୁଣିଲା ପରେ ଦୋକାନୀ ମନା କରିବା ସହ ପଇସା, ଟାଙ୍କି ଘରେଇ ଦେଇଛନ୍ତି। ଭାବୁଛି କିଛିଦିନ ଘରକୁ ପଳେଇଯିବି।

- ଜ୍ଞାନ ପ୍ରକାଶ ବେହେରା, ଛାତ୍ର

### ରୋଷେଇ କେମିତି କରିବୁ, ଖାଇବୁ କ'ଣ



ସମସ୍ତଙ୍କ ପାଇଁ ବିଶେଷକରି ଷ୍ଟୁଡେଣ୍ଟମାନଙ୍କ ଲାଗି କେୱାଇସି କରି ଏଜେନ୍ସିଠାରୁ ୧୪ କେ.ଜି ଟାଙ୍କି ବୁକିଂ କରିବା ସମ୍ଭବପର ନୁହେଁ। ଖୋଲା ବଜାରରେ ଗ୍ୟାସ୍ ସିଲିଣ୍ଡର ନ ମିଳିଲେ ଆମେ ରୋଷେଇ କେମିତି କରିବୁ, ଖାଇବୁ କ'ଣ। ତେଣୁ ସରକାର କିଛି ନିୟମ କରିବା ପୂର୍ବରୁ ସବୁ ବର୍ଗର ଲୋକଙ୍କୁ ଦୃଷ୍ଟିରେ ରଖି କରିବା କଥା। ଆମ ମେସ୍‌ରେ ଲାଗିଥିବା ୫ କେ.ଜିର ଟାଙ୍କି ଆଉ ୪/୫ଦିନ ଯିବ। ତା' ପରେ କ'ଣ କରିବୁ ଏବେ ଆମକୁ ସେ ଚିନ୍ତା ଘାରିଲାଣି।

- ସାଗରିକା ସେଠୀ, ଛାତ୍ରୀ

### ସହରରେ ବଞ୍ଚିବା ଭାରି କଷ୍ଟ ହେବ

ଏବେ କିଛିଦିନ ହେବ ଗ୍ୟାସ୍ ସଙ୍କଟ ପରିସ୍ଥିତି ଯୋଗୁ ମୁଁ ବାହାରେ ରାସ୍ତା କଡ଼ରେ ମିଳୁଥିବା ୩୦ ଟଙ୍କିଆ ଭାତ, ଡାଲମା ଖାଉଛି। ପାଖରେ ବେଳେବେଳେ ପଇସା ନ ଥିଲା ବେଳେ ଆହାର କେନ୍ଦ୍ରରେ ଯାଇ ଖାଇଥାଏ। ମୋର ୫ କେଜିଆ ଟାଙ୍କିରେ ଗ୍ୟାସ ନ ଥିବାରୁ ବାହାରେ ବୁଲି ଖାଇବାକୁ ପଡୁଛି। ଏବେ ପୁଣି ତାହାକୁ ବ୍ୟାନ୍ କରାଯାଉଛି, ଯାହା ବଡ଼ କଷ୍ଟଦାୟକ। ବାହାରେ ରହୁଥିବା ଅଧିକାଂଶ ଛାତ୍ରୀଛାତ୍ର ଏହି ୫ କେଜିଆ ଗ୍ୟାସ୍ ଉପରେ ନିର୍ଭରଶୀଳ। ସରକାର ବ୍ୟାନ କରିବା ପୂର୍ବରୁ ପ୍ରଥମେ ଚିନ୍ତା କରିବାର ଆବଶ୍ୟକ ଥିଲା। ହଠାତ୍ ୫ କେଜି ଗ୍ୟାସ ବ୍ୟାନ୍ ପରେ ଅନେକ ଛାତ୍ରୀଛାତ୍ର ଏବେ ନିରାଶ ହେବେ।



- ଚନ୍ଦ୍ର ପ୍ରକାଶ ସେଠୀ, ଛାତ୍ର

### ସଙ୍କଟ ସମୟରେ ହଇରାଣ କରୁଛନ୍ତି



ଗ୍ୟାସ୍ ସଙ୍କଟ ଦେଖା ଦେବା ଦିନଠାରୁ ରାସ୍ତାକଡ଼ ହୋଟେଲ, ମନ୍ଦିର ଏବଂ ଆହାର କେନ୍ଦ୍ର ଏବେ ସାହାରା ପାଲଟିଛି। ରାସ୍ତାକଡ଼ରେ ୫୦ ଟଙ୍କାରେ ଖାଇବା ମିଳିଯାଉଛି ତ ଆଉ କେତେବେଳେ ମନ୍ଦିର କିମ୍ବା ଆହାର କେନ୍ଦ୍ରରେ ୫ ଟଙ୍କାରେ ଭାତ, ଡାଲମା ଖାଇ ଭୋକ ମେଣ୍ଟାଇବାକୁ ପଡୁଛି। ସରକାର ରାଜ୍ୟରେ ଗ୍ୟାସ୍ ସଙ୍କଟ ନାହିଁ ବୋଲି ଗୋଟେପଟେ ବାହୁସ୍ଫୋଟ ମାରୁଛନ୍ତି। ମାତ୍ର ଏପଟେ ବିଭିନ୍ନ ନିୟମ ଆଣି ଲୋକଙ୍କୁ ହଇରାଣ କରୁଛନ୍ତି।

- ଭଗବାନ ପାତ୍ର, କର୍ମଜୀବୀ

### ଦୋକାନୀ ଗ୍ୟାସ୍ ଦେବାକୁ ମନାକଲେ



ସନ୍ଧ୍ୟାରେ ଗ୍ୟାସ୍ ପାଇଁ ସ୍ଥାନୀୟ ବଜାରକୁ ଯାଇଥିଲୁ। ପୂର୍ବରୁ ଯେଉଁ ଦୋକାନୀ ଗ୍ୟାସ୍ ଦେଉଥିଲେ, ଏବେ ସେ ରୋକ୍ ଠୋକ୍ ମନା କଲେ। କହିଲେ, ସରକାର ଖୋଲା ବଜାରରେ ଗ୍ୟାସ୍ ବିକିବାକୁ ବାରଣ କରିଛନ୍ତି। ତେଣୁ ଆଉ ଗ୍ୟାସ୍ ଦେଇ ପାରିବୁ ନାହିଁ। ଏବେ ଭାବୁଛି, ଦିନେ କିମ୍ବା ଦୁଇଦିନ ପାଖ ହୋଟେଲରେ ଖାଇବି। କେନ୍ଦୁଝରସ୍ଥିତ ଆମ ଘରକୁ ଖବର କରିଛି। ସାଙ୍ଗମାନେ ମଧ ସେମାନଙ୍କ ଘରକୁ ଖବର ଦେଇଛନ୍ତି। ଯଦି କୌଣସି ବିକଳ୍ପ ନ ଆସେ ତେବେ ଘରକୁ ଚାଲିଯିବୁ।

- ଶୁଭସ୍ମିତା ସାହୁ, ବିଟେକ୍ ଦ୍ୱିତୀୟବର୍ଷ ଛାତ୍ରୀ, ଜଟଣୀସ୍ଥିତ ଘରୋଇ ମହାବିଦ୍ୟାଳୟ

---

## ତାଳସାରିରେ ବଙ୍ଗୀୟ ଅଭିନେତାଙ୍କ ମୃତ୍ୟୁ ଘଟଣା

# ମେରାଇନ ଥାନାରେ ସ୍ତ୍ରୀ, ବଙ୍ଗୀୟ କଳାକାରଙ୍କ ଏତଲା

**ଭୋଗରାଇ,୫।୪(ପ୍ରଦୀପ ଦାସ)**

### ଷଡ଼ଯନ୍ତ୍ର ଅଭିଯୋଗ, ନିରପେକ୍ଷ ତଦନ୍ତ ଦାବି

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ତାଳସାରି ବେଳାଭୂମିରେ ବୁଡ଼ି ପଶ୍ଚିମବଙ୍ଗ ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀ(୪୩)ଙ୍କ ମୃତ୍ୟୁ ଘଟଣା ଅଲଗା ମୋଡ଼ ନେଇଛି। ଶନିବାର ମଧ୍ୟରାତ୍ରିରେ ମୃତ ଅଭିନେତାଙ୍କ ସ୍ତ୍ରୀ ଅଭିନେତ୍ରୀ ପ୍ରିୟାଙ୍କା ସରକାର ଓ ବଙ୍ଗୀୟ କଳାକାରମାନେ ତାଳସାରି ମେରାଇନଥାନାରେ ଏତଲା ଦେଇଛନ୍ତି। ଟେଲିଫିଲ୍ମ ଶୁଟିଂ କରୁଥିବା ପ୍ରଡକ୍ସନ ୟୁନିଟ୍ ବିରୋଧରେ ମୃତ୍ୟୁ ଷଡ଼ଯନ୍ତ୍ର ହୋଇଥିବା ଦର୍ଶାଇ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୯ ତାରିଖରେ ତାଳସାରି ସମୁଦ୍ର ବେଳାଭୂମିରେ ପଶ୍ଚିମବଙ୍ଗର ଟେଲିଫିଲ୍ମ ସଂସ୍ଥା ପକ୍ଷରୁ ଅପରାହ୍ନ ୫ଟାରେ ଶୁଟିଂ ହେଉଥିଲା। ସମୁଦ୍ରକୁ ସଂଯୋଗ ନାଳରେ ଜୁଆର ମାଡ଼ିଆସିବାରୁ ଅଭିନେତା ଓ ଅଭିନେତ୍ରୀ ଭାସି ଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ଅଭିନେତ୍ରୀ ଶତୋ ମିଶ୍ର, ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କୁ ଉଦ୍ଧାର କରି ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଅଭିନେତାଙ୍କୁ ମୃତ ଘୋଷଣା କରିଥିଲେ।



ରାହୁଲ ଅରୁଣୋଦୟ ବାନାର୍ଜୀ

ଘଟଣାରେ କଳାକାରଙ୍କ ସୁରକ୍ଷା ଓ ଟେଲିଫିଲ୍ମ ପ୍ରଡକ୍ସନ ୟୁନିଟ୍ ବିରୋଧରେ କଳାକାର ଓ ଟେକ୍ନିସିଆନମାନେ ରିଜେଣ୍ଟ ପାର୍କ ପୋଲିସ ଥାନାରେ ଏତଲା ଦେଇଛନ୍ତି। ଅନୁରୂପ ଅଭିନେତାଙ୍କ ସ୍ତ୍ରୀ ଓ ବଙ୍ଗୀୟ କଳାକାରଙ୍କ ପକ୍ଷରୁ ଅଭିଯୋଗ ଆଧାରେ ମାମଲା(ନଂ. ୬୩ /୨୬) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିବ୍ୟଜ୍ୟୋତି ଦାଶ କହିଛନ୍ତି।


**OFFICE OF THE ADDITIONAL DIRECTOR, SUBSIDIARY INTELLIGENCE BUREAU**
(Ministry of Home Affairs) Government of India
Bidyut Marg, Unit-V, Bhubaneswar

**Auction Notice**

**Condemned Technical Equipments of SIB Bhubaneswar are to be disposed off.**

Interested parties may inspect during office hours from 1000 hrs to 1300 hrs & 1500 hrs to 1800 hrs on any working day before 22.04.2026 and submit their quotations by 1700 hrs on or before 21.04.2026 along with a demand draft (not A/c Payee) of Rs. 2000/- as EMD in favour of DDO, SIB Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as "Quotation for auction of Technical Store" and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 22.04.2026 at 11:30 hrs.

Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in government account by the highest bidder, having NGT certificate and GST of 18% is to be deposited in government account by the highest bidder, not having NGT certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/scrap batteries/e-waste as per NGT guidelines with their responsibility. The Head of the office reserves the right to cancel any bid without assigning any reason thereof.

**Sd./- Assistant Director**


---

# ସକାଳର ପ୍ରଥମ କିରଣ ଛୁଇଁଥିଲା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ...

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### ରାତିସାରା ବେଦମନ୍ତ୍ର ଝଙ୍କୃତ ହୋଇଥିଲା ପଦ୍ମକ୍ଷେତ୍ରରେ






କୋଣାର୍କ ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟର ଦୃଶ୍ୟ। **(ଫଟୋ: ଜ୍ୟୋତିରାଜ ମହାନ୍ତି, କୋଣାର୍କ)**

କୋଶୋଦାସର ଶ୍ରୀପଦ୍ମକେଶର ମନ୍ଦିର ଆକ୍ରମଣର ସବିଶେଷ ଇତିହାସ ଆଲୋଚନା ଆଢୁଆଳରେ ଅଛି। ଆମେ କେବଳ ଗତ ସଂଖ୍ୟାରେ ସୂଚନା ଦେଇଥିଲୁ। ଅନୁସନ୍ଧାନ ଆମର ନୀରବ ହୋଇନାହିଁ।

ଶ୍ରୀପଦ୍ମକେଶର ମନ୍ଦିର ଭାଙ୍ଗିବା ଘଟଣାର ଆଦ୍ୟ ସାହାନାଇ ବଜାଇଥିଲେ କେଶୋଦାସ ମାରୁ। ଦେଉଳ ଭାଙ୍ଗିଯିବାର କାରଣ ଆଲୋଚନା କରିଛନ୍ତି ଛ'ଜଣ ବାହାରିଆ ଲେଖକ। କେଶୋଦାସର ୧୬୦୯ ମସିହା କୋଣାର୍କ ଆକ୍ରମଣ କଥା କେହି ମଧ ଲେଖିନାହାନ୍ତି। ବହୁ କଳ୍ପନାଜଳ୍ପନା ସେମାନେ ଲେଖିଛନ୍ତି, ଅନ୍ଧ ହାତୀ ଦେଖିଲା ପରି। ସେଗୁଡ଼ିକର ଉତ୍ତର ପଣ୍ଡିତ କୃପାସିନ୍ଧୁ ମିଶ୍ର ଦେଇଛନ୍ତି ତାଙ୍କ କୋଣାର୍କ ପୁସ୍ତକରେ।

ଶ୍ରୀଆର୍ଣ୍ଣେଟ ଲେଖିଲେ- ମନ୍ଦିର ଆଦୌ ପ୍ରତିଷ୍ଠା ହୋଇ ନ ଥିଲା। ସେଥିପାଇଁ ଭାଙ୍ଗିଗଲା। ପଣ୍ଡିତ ମହାଶୟ ଏହାର ଉତ୍ତରରେ ଲେଖିଛନ୍ତି ତିଆରି ହେଉ ହେଉ ଯଦି ଭାଙ୍ଗିଗଲା, ୩୦୦ ବର୍ଷ ପରେ ଆବୁଲଫଜଲ ମନ୍ଦିରର ବର୍ଣ୍ଣନା କେମିତି କଲେ ? ସେମିତି ଫର୍ଗୁସନ ୧୮୩୯ ମସିହାରେ ଲେଖିଲେ- ଦେଉଳ ରେଖାଂଶର ଏକ ପାଖ କାନ୍ଥ ପ୍ରାୟ ୧୦୦ ଫୁଟ ଉଚ୍ଚରେ ଥିଲା। ତାହା ଭାଙ୍ଗିଯିବାରୁ ମନ୍ଦିର ଭାଙ୍ଗିଗଲା।

ପଣ୍ଡିତେ ଲେଖିଲେ- ତାହା ତ ୬୦୦ ବର୍ଷ ଧରି ଦଣ୍ଡାୟମାନ ଥିଲା। ଭାଙ୍ଗିଯାଇଥିଲା କେବେ ? ଅନ୍ୟତମ ଲେଖକ ଶ୍ରୀବିଷନ ସ୍ୱରୂପ ଲେଖିଛନ୍ତି, ବହୁକାଳ ପର୍ଯ୍ୟନ୍ତ କୋଣାର୍କରେ ଦେବପୂଜା ଚାଲିଥିଲା। ମାଦଳାପାଞ୍ଜି ମତରେ- ନରସିଂହଦେବ ମନ୍ଦିର ନିର୍ମାଣ ପରେ ଭୋଗର ପରିମାଣ ଓ ଆଡ଼ମ୍ବର ବଢ଼ାଇ ଦେଇଥିଲେ। ତେଣୁ ତିଆରି ହେଉ ହେଉ ଭାଙ୍ଗିଯାଇଥିଲା କହିବା, କେବଳ ଅନୁମାନ।

ଷ୍ଟାର୍ଲିନ କହିଲେ- ଭୂମିକମ୍ପ ଓ ବିଦ୍ୟୁତ୍ ଆଘାତରେ ଦେଉଳ ଭାଙ୍ଗିଗଲା। ପରେ ବର୍ଷା- ପବନ ଯୋଗୁ ମନ୍ଦିର ଧ୍ୱଂସ ପାଇଗଲା। ପଣ୍ଡିତ କୃପାସିନ୍ଧୁ ମିଶ୍ର ଉକ୍ତ ମତକୁ ନିରାଧାର କରିଛନ୍ତି। ଭୂମିକମ୍ପ ଦ୍ୱାରା ଦେଉଳ ଭାଙ୍ଗିଥିଲେ ମୁଖଶାଳା ନିଶ୍ଚୟ ସମଦଶା ପାଇଥା'ନ୍ତା x x x ଭୂମିକମ୍ପ ହୋଇଥିଲେ x x x ତାହା କୋଣାର୍କ ପୂର୍ବରୁ ପୁରୀ ଓ ଭୁବନେଶ୍ୱର ମନ୍ଦିରକୁ ଏକାବେଳକେ ଭୂମିସାତ୍ କରିଦେଇଥା'ନ୍ତା (ପୃ- ୨୪୩)। ଓଡ଼ିଶା ଲୋକେ- ଦୁର୍ଦ୍ଧାନ୍ତ କଳାପାହାଡ଼ ଆକ୍ରମଣ, ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ, ସିବେଇ ସାନ୍ତରାଙ୍କ ଝିଙ୍କିଝିଆ ଘଟଣା... ମନେରଖିଛନ୍ତି! ଭୂମିକମ୍ପ ଲୋକକଥାରେ ନ ଥା'ନ୍ତା! ତେଣୁ ଷ୍ଟାର୍ଲିନଙ୍କ ଆଶଙ୍କା ଅମୂଳକ। କେତେକ ଲେଖିଛନ୍ତି ଚଡ଼ଚଡ଼ି ମାରିବାରୁ ବିଦ୍ୟୁତ୍ ପ୍ରଭାବରେ ଭାଙ୍ଗିଗଲା। ହଇଓ! ଶ୍ରୀପଦ୍ମକେଶର ମନ୍ଦିରର କାନ୍ଥ ୨୦ରୁ ୨୫ଫୁଟ ମୋଟା। ଏତେ ମୋଟା କାନ୍ଥ ଚଡ଼ଚଡ଼ିରେ ଭାଙ୍ଗିବା ସମ୍ଭବ ନୁହେଁ। ଦ୍ୱିତୀୟ କଥା ହେଲା ଚଡ଼ଚଡ଼ି ଆଘାତରୁ ରକ୍ଷା ପାଇବା ପାଇଁ ଓଡ଼ିଶାର ମନ୍ଦିରରେ ନୀଳଚକ୍ର ଓ ତ୍ରିଶୂଳ ଖଞ୍ଜା ଯିବାର ବ୍ୟବସ୍ଥା ଅଛି। ଚଡ଼ଚଡ଼ି ପ୍ରସଙ୍ଗ ସମ୍ପୂର୍ଣ୍ଣ କଳ୍ପନା।

ଶ୍ରୀ ହଣ୍ଟର କହିଲେ- ଖମ୍ବ ଦବିଯିବାରୁ ମୂଳ ପଉନ ଦବିଗଲା। ମୂଳପଉନ ଭାର ସହି ନ ପାରି ଦବିଯାଇଥିଲା। ଶେଷକୁ ଶୁଙ୍ଘି ଶୁଙ୍ଘି ସୈନ୍ଧବଲବଣ କହିବା ପରି କହିଲେ, ମୂଳପଉନ ଗଠନ ଦୋଷ କୋଣାର୍କ ମନ୍ଦିର ପତନର ମୂଳ କାରଣ। ଶେଷକୁ କହିଲେ, ମନ୍ଦିର ନିର୍ମାଣ ଶେଷ ନ ହେଉଣୁ ଓ ସୂର୍ଯ୍ୟଦେବଙ୍କ ପ୍ରତିଷ୍ଠା ପୂର୍ବରୁ କୋଣାର୍କ ମନ୍ଦିରର ଅବସାନ ହୋଇଛି। ଏ ବାବୁ ମନ୍ଦିରର ପ୍ରକୃତ ନାମ ଜାଣିନାହାନ୍ତି। ପଥର ଶିଳ୍ପୀ ନୁହନ୍ତି, କାରିଗର ନୁହନ୍ତି, ସ୍ଥପତି ନୁହନ୍ତି, ସର୍ବଜାଣତା ପରି ନିଜ ଐତିହ୍ୟ ନ ଲେଖି 'ବଳେ ପଶି ମଙ୍ଗଳବାର' କରିଛନ୍ତି। ବାସ୍ତବରେ କୋଣାର୍କ ଆକ୍ରମଣର ଇତିହାସ ମୋଗଲମାନେ ପାର୍ସୀ ଭାଷାରେ ଲେଖିଥିଲେ। ସେ ଇତିହାସ ନ ଜାଣି ଅନୁମାନକୁ ଆଧାର କରି ପ୍ରକାରାନ୍ତରରେ ଓଡ଼ିଆ ଶିଳ୍ପୀଙ୍କୁ କିଛି ଜଣା ନ ଥିଲା ବୋଲି ବୁଲେଇ ବଙ୍କେଇ (ଇଂରେଜ ଡିପ୍ଲୋମାସି) କହିବାକୁ ଚେଷ୍ଟା କରିଛନ୍ତି। ଏବେ ଆମେ ଆଲୋଚ୍ୟ ପ୍ରସଙ୍ଗକୁ ଫେରିବା।

ଶ୍ରୀପଦ୍ମକେଶର ମନ୍ଦିରର ଧ୍ୱଜବନ୍ଧା ପ୍ରସଙ୍ଗ ପୂର୍ବରୁ ଲେଖି, ତାହା ଓଡ଼ିଶା ଉପାସନା ପରମ୍ପରାରେ କିପରି ନିଆରା, ତାହାର ଆଲୋଚନା କରାଯାଇଥିଲା। ଧ୍ୱଜବନ୍ଧା ହେବା ପରେ ଗଜପତି, କସ୍ତୁରିକା ମେଦିନୀଦେବୀ ଓ ରାଜ ପରିବାର ଧ୍ୱଜର 'ଅଗଫୁଲି' ଧରି ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଧ୍ୱଜପଦ୍ମରୁ ଧ୍ୱଜ କାଢ଼ିବା ଆଦେଶ ଦେଇଥିଲେ ସୂତ୍ରଧର। ନାରାୟଣ ମହାପାତ୍ର ଗଜପତିଙ୍କ ହାତକୁ ଦେଇଥିଲେ। ସେହିଦିନ ଗଜପତିଙ୍କର ଏକ 'ଲାଖବିନ୍ଧା' ମୂର୍ତ୍ତି ଶିଳ୍ପୀ ଗଙ୍ଗାଧର ମହାପାତ୍ର ନିର୍ମାଣ କରି ଭେଟି ଦେଇଥିଲେ।

ପ୍ରତିଷ୍ଠା ପରେ ଆଠ ପ୍ରହର ପ୍ରତିଷ୍ଠିତ ବିଗ୍ରହ ଶାନ୍ତ ଅବସ୍ଥାରେ ଥାଆନ୍ତି। କୌଣସି ନୀତି ହୁଏ ନାହିଁ। ସମୟ ଶେଷ ହେବାପରେ 'ଆଚାର୍ଯ୍ୟମାନେ ଋକ୍‌ବେଦ ସୂକ୍ତ ପାଠ ଆରମ୍ଭ କରିଥିଲେ। ରାତ୍ରିର ଶେଷ ପ୍ରହର ହୋଇ ଆସୁଛି। ବେଦମନ୍ତ୍ରରେ ମନ୍ଦିର ପରିସର ଝଙ୍କୃତ ହେଉଥାଏ। ଅନ୍ଧକାର ଅପସରି ଯାଇଛି... ଗଜପତିଙ୍କଠାରୁ ଶିଳ୍ପୀଙ୍କ ପର୍ଯ୍ୟନ୍ତ ବହୁ ଆଶା/ଉଦ୍ଦୀପନାରେ ପ୍ରତୀକ୍ଷା କରିଥାନ୍ତି...। ପୂର୍ବ ଆକାଶରୁ ଉଇଁ ଆସିଲେ ସୂର୍ଯ୍ୟଦେବତା। ନିର୍ନିମେଷ ନୟନରେ ସମସ୍ତେ ଚାହିଁଥାନ୍ତି ବିଗ୍ରହଙ୍କୁ। ପ୍ରଥମ କିରଣରେ ଝଲସିଉଠିଲେ ବିଗ୍ରହ। ହରିବୋଲ ଶବ୍ଦରେ ଭାବାନ୍ତର ସୃଷ୍ଟି ହୋଇଥିଲା। ଶିଳ୍ପୀକୁଳଙ୍କୁ ନେଇ ସିବେଇ ସାନ୍ତରା ଏକ ଅକୁହା ଆବେଗରେ ଥିଲେ... ଶ୍ରୀସୂର୍ଯ୍ୟଙ୍କର ପ୍ରଥମ କିରଣ ଶ୍ରୀସୂର୍ଯ୍ୟଙ୍କ ବିଗ୍ରହକୁ ଛୁଇଁଛି କି ନାହିଁ! ଆଶ୍ୱସ୍ତ ହେଲେ ସମସ୍ତେ। ଓଡ଼ିଆ ଶିଳ୍ପୀ ସଫଳ ହୋଇଛି। ତତ୍କାଳୀନ ସମୟରେ ଏପରି ଏକ ଅଦ୍ଭୁତ ଶିଳ୍ପକଳାର ଚାତୁରୀ କେମିତି ପୁଲକିତ କରିଥିବ!


**ନିଖୋଜ ବ୍ୟକ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି**



ନାମ:- ଶଙ୍କର ପ୍ରସାଦ ସାହା
ବୟସ:- ୭୨ ବର୍ଷ
କେବେଠାରୁ ନିଖୋଜ:- ୨ ଏପ୍ରିଲ ୨୦୨୬
ଟ୍ରେନ୍‌ର ନାମ:- ଗୁଆହାଟୀ ଏକ୍ସପ୍ରେସ୍
ଟ୍ରେନ୍ ନମ୍ବର:- ୧୨୫୦୯
ସ୍ଥାନ:- ସେ ଶେଷଥର ପାଇଁ ପଳାସା ଷ୍ଟେଶନ ନିକଟରେ ଦେଖିବାକୁ ମିଳିଥିଲେ।
ପିନ୍ଧିଥିବା ପୋଷାକ:- ଧଳା ଗଞ୍ଜି ଓ ଲୁଙ୍ଗି

ଯଦି କାହା ନିକଟରେ ତାଙ୍କ ସମ୍ପର୍କରେ କୌଣସି ସୂଚନା ଅଛି କିମ୍ବା ସେ ଯଦି କେଉଁଠି ଦେଖିବାକୁ ମିଳନ୍ତି, ଦୟାକରି ତୁରନ୍ତ ଯୋଗାଯୋଗ କରନ୍ତୁ।

**ଯୋଗାଯୋଗ ନଂ.: 7975597177 7004744620**



No.34001/4/2627

Government of Odisha

**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

**('e'-PROCUREMENT NOTICE)**

**Bid Identification No.CCE.Ctc.(R&B) 20/2025-26**

1 The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building works as mentioned below.
2 No. of work : 03 Nos.
3 Nature of work : Building works
4 Class of contractor : **'B' & 'A' Class**
5 Tender paper cost : Rs. 10000/- **(online)**
6 Available of bid document in the website : **From 10.04.2026 to 17:30 Hours of 24.04.2026**
7 Date of opening of bid : **Dt. 27.04.2026 at 11.00 Hours**
8 The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- T.Behera
Chief Engineer (Civil)
Cuttack (R&B) Circle

OIPR-34001/34012/1/26-27/0001



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, PURI**
(ODISHA SCHOOL EDUCATION PROGRAMME AUTHORITY (OSEPA))
(DEPARTMENT OF SCHOOL & MASS EDUCATION, ODISHA)
E-mail : dpcpurissa.opepa@od.gov.in, fcpurissa.opepa@od.gov.in

Letter No. : 1268 Date : 04.04.2026
File No. :

**TENDER CALL NOTICE FOR UPGRADATION OF IT EQUIPMENT AT CRC POINT, PURI DISTRICT**

Sealed tenders are invited from the reputed & credible agencies / suppliers / manufactures for Upgradation of IT Equipment at all CRC point, Puri District in two bid systems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Bid document for Upgradation of IT Equipment at all CRC point, Puri district | Rs.15,000/- | Rs.3,00,000/- | 17.04.26 by 5.00 P.M. | 18.04.26 at 11 A.M. |

The detailed BID document is available in the website www.puri.odisha.gov.in & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/cancel the entire selection process at any stage without assigning any reason thereof.

**By orders of Collector-cum-Chairman, SS, Puri**
**Sd./- DEO-cum-DPC, SS, Puri**

# ବେଆଇନ ଭାବେ ୟୁଜର ଫି' ଆଦାୟ କରୁଛି ବିଏମ୍‌ସି

## ବନ୍ଦ ନ କଲେ ବଡ଼ ଆନ୍ଦୋଳନ
## ବିରୋଧରେ ୯ରେ ବସିବ ମିଳିତ ବୈଠକ

**ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଳିଆ ସଫା ଓ ପରିମଳ ସେବା ଆଳରେ ଜନସାଧାରଣଙ୍କଠାରୁ ଜୋରଜବରଦସ୍ତି ୟୁଜର ଫି' ଆଦାୟ କରୁଛି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଅନ୍ୟାୟ ହୋଇଥିବାରୁ ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଏହି ବେଆଇନ ଓ ମନମୁଖି କାର୍ଯ୍ୟର ଦୃଢ଼ ବିରୋଧ କରାଯାଉଛି। ଏଥିସହ ଏହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିଯୋଗୁ ବିଏମ୍‌ସି ଓ ସରକାରଙ୍କ ଉପରେ ଲୋକଙ୍କ ଅସନ୍ତୋଷ ବଢୁଥିବାବେଳେ ଆଗକୁ ବଡ଼ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି। ୟୁଜର ଫି'କୁ ବିରୋଧ କରି ଆସନ୍ତା ୯ ତାରିଖରେ ରାଜଧାନୀବାସୀ, ବରିଷ୍ଠ ନାଗରିକ, ସହର ପାଇଁ କାମ କରୁଥିବା ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ମିଳିତ ବୈଠକ ବସି ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ଭୁବନେଶ୍ୱର ଉନ୍ନୟନ ପରିଷଦ କହିଛି, ହାଇକୋର୍ଟ ୪ ବର୍ଷ ପୂର୍ବରୁ ଏହି ବେଆଇନ ୟୁଜର ଫି' ଆଦାୟ ଉପରେ ରହିତାଦେଶ ଦେବା ପରେ ବିଏମ୍‌ସି ବନ୍ଦ କରିଦେଇଥିଲା। ଏଥିସହ ହାଇକୋର୍ଟ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗରୁ ସ୍ପଷ୍ଟୀକରଣ ମାଗିଥିଲେ। ଆଜି ପର୍ଯ୍ୟନ୍ତ ସରକାର ହାଇକୋର୍ଟରେ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି। ମ୍ୟୁନିସିପାଲିଟିରୁ ଭୁବନେଶ୍ୱର ମହାନଗର ନିଗମ ହେବା ପରେ ସମସ୍ତ ସମ୍ପତ୍ତିର ମୂଲ୍ୟାୟନ କରି ପ୍ରପର୍ଟି ଟାକ୍ସ ଆଦାୟ କରିବା କଥା। ମାତ୍ର ବିଏମ୍‌ସି ଏପର୍ଯ୍ୟନ୍ତ ସମ୍ପତ୍ତି ମୂଲ୍ୟାୟନ କରିନାହିଁ ଏବଂ ପୂର୍ବଭଳି ହୋଲ୍ଡିଂ ଟାକ୍ସ ଆଦାୟ କରୁଛି। ହୋଲ୍ଡିଂ ଟାକ୍ସରେ ଡ୍ରେନ, ଅଳିଆ ସଫା ଓ ପରିମଳ ସେବା ଯୋଗାଇବା ବାଧ୍ୟତାମୂଳକ। ତେଣୁ ଅଲଗା ଭାବେ ୟୁଜର ଫି' ଆଦାୟ କରିବାର କୌଣସି ଅଧିକାର ବିଏମ୍‌ସିର ନାହିଁ। ବିଏମ୍‌ସି ଫନ୍ଦି କରି ଜୋରଜବରଦସ୍ତି ୟୁଜର ଫି' ଆଦାୟ କରୁଛି ବୋଲି ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଏପ୍ରିଲ ୯ ବୁଦ୍ଧ ମନ୍ଦିରଠାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ସାମାଜିକ ସଂଗଠନ ସମେତ ଜନସାଧାରଣଙ୍କୁ ନେଇ ଏକ ବିଚାର ବିମର୍ଶ ବୈଠକ ଡକାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅଳିଆକୁ ପ୍ରକ୍ରିୟାକରଣ କରି ବିଏମ୍‌ସି ଜୈବିକ ଖତ, ଧୂପକାଠି ପାଇଁ କାଠ ଓ ପତ୍ରଗୁଣ୍ଡ, ପ୍ଲାଷ୍ଟିକ ଗୁଣ୍ଡ, କାଗଜ ପେଡ଼ି ଆଦି ଉପକରଣ ବିକ୍ରି କରି କୋଟି କୋଟି ଟଙ୍କା ରାଜସ୍ୱ ପାଉଛି। ଅଳିଆ ଆବର୍ଜନାରୁ ଗ୍ୟାସ ଉତ୍ପାଦନ ପାଇଁ ଓଏନ୍‌ଜିସି ସହ ଏମ୍‌ଓୟୁ କରିଛି। ତଥାପି ସାଧାରଣ ଲୋକଙ୍କଠାରୁ ବେଆଇନ ଭାବେ ଜବରଦସ୍ତି ଫି' ଆଦାୟ କରିବା ବେଆଇନ। ତେଣୁ ୟୁଜର ଫି' ତୁରନ୍ତ ବନ୍ଦ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ଭୁବନପୁରରେ ଗ୍ରୀଡ୍ ସବ୍‌ଷ୍ଟେଶନ କାର୍ଯ୍ୟ ତଦାରଖ କଲେ ଶକ୍ତିମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗ୍ରୀଡ୍ ସବ୍‌ଷ୍ଟେଶନ ବୁଲି ଦେଖୁଛନ୍ତି।

**ବାଲିଅନ୍ତା, ୫।୪ (ନୀଳମାଧବ ସାହୁ)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ଭୁବନପୁର ଗ୍ରାମରେ ନିର୍ମାଣାଧୀନ ଓପିଟିସିଏଲ୍‌ର ନୂତନ ୨୨୦/ ୧୩୨/ ୩୩ କେଭି ଗ୍ୟାସ ଇନ୍‌ସୁଲେଟେଡ୍ ସବ୍‌ଷ୍ଟେଶନ (ଜିଆଇଏସ୍)ର କାର୍ଯ୍ୟକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ରବିବାର ତଦାରଖ କରିଛନ୍ତି। ଏହି ଗ୍ରୀଡ୍ ସବ୍‌ଷ୍ଟେଶନର ଲୋକାର୍ପଣ ଉତ୍ସବ ଆସନ୍ତା ୯ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହେବ। ଏହି ଲୋକାର୍ପଣ ଉତ୍ସବର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକୁ ଶକ୍ତିମନ୍ତ୍ରୀ ସିଂହଦେଓ ସମୀକ୍ଷା କରିଥିଲେ। ଶକ୍ତିମନ୍ତ୍ରୀ ୧୫ ମିନିଟ ରହଣି ଭିତରେ ସବ୍‌ଷ୍ଟେଶନର କଣ୍ଟ୍ରୋଲ ରୁମ୍ ଗ୍ୟାସ ଇନ୍‌ସୁଲେଟେଡ୍ ହଲ ଓ ସୁଇଚ ଚ୍ୟାମ୍ବରକୁ ବୁଲି ଦେଖିବା ସହିତ ଅନ୍ୟାନ୍ୟ କାର୍ଯ୍ୟକୁ ତଦାରଖ କରିଥିଲେ। ମନ୍ତ୍ରୀ ବାଟରେ ଆସିବା ସମୟରେ ବାଲିଅନ୍ତା ମହାତ୍ମା ସେତୁ ଉପରୁ କୁଶଭଦ୍ରା ନଦୀ ଭିତରେ ଚାଲିଥିବା ଓପିଟିସିଏଲ୍ କାର୍ଯ୍ୟକୁ ଦେଖିଥିଲେ। ନିର୍ଦ୍ଧାରିତ ସମୟସୀମା ଭିତରେ ଏହି ସବ୍‌ଷ୍ଟେଶନ କାର୍ଯ୍ୟ ଶେଷ ହୋଇଥିବାରୁ ସେ ଓପିଟିସିଏଲ୍‌ର ସମସ୍ତ ଟିମ୍‌କୁ କୃତଜ୍ଞତା ଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ସହରକୁ ଚନ୍ଦକା ଗ୍ରୀଡ୍‌ରୁ ପାୱାର ସପ୍ଲାଏ ହେଉଛି। ଏହି ଗ୍ରୀଡ୍ ସବ୍‌ଷ୍ଟେଶନ ସମ୍ପୂର୍ଣ୍ଣ ହେଲା ପରେ ଯଦି କୌଣସି କାରଣରୁ ପାୱାର ବ୍ରେକ ଡାଉନ ହେଲା ତେବେ ବାଲିଅନ୍ତା ଗ୍ରୀଡ୍‌ରୁ ଭୁବନେଶ୍ୱର ସହରକୁ ପାୱାର ସପ୍ଲାଏ ଯୋଗାଇ ଦେଇ ପାରିବ ବୋଲି କହିଥିଲେ। ଶକ୍ତିମନ୍ତ୍ରୀଙ୍କ ଏହି କାର୍ଯ୍ୟର ସମୀକ୍ଷା ଓ ତଦାରଖ ସମୟରେ ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଶର୍ମା, ଡାଇରେକ୍ଟର ଅପରେଶନ ପ୍ରଶାନ୍ତ କୁମାର ପଟ୍ଟନାୟକ, ଡାଇରେକ୍ଟର ପ୍ରୋଜେକ୍ଟ ପିକେ ଦାସ, ସିଜିଏମ୍ ପ୍ରୋଜେକ୍ଟ ଅନାଦି ଚରଣ ଜେନା, ସୁନୀଲ କୁମାର ଦଣ୍ଡସେନା, ସିଜିଏମ ଏଚ୍‌ଆର୍‌ଡି ଅନୀତା ମହାପାତ୍ର, ଜିଏମ୍‌ଏଚ୍ ଆର୍‌ଡି ମଧୁସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ଲିଭାଇବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

## ତତ୍‌କ୍ଷଣ ପଦକ୍ଷେପ ପାଇଁ ମନ୍ତ୍ରୀ, ପିସିସିଏଫଙ୍କୁ ଚିଠି ଲେଖିଲେ ଦିଲୀପ ଶ୍ରୀଚନ୍ଦନ

**ଭୁବନେଶ୍ୱର, ୫।୪ (ବନ୍ଦନା ସେଠୀ)**

ଜଙ୍ଗଲ ହେଉଛି ଜୀବଜଗତର ଫୁସ୍‌ଫୁସ୍ ଏବଂ ଜୈବ ବିବିଧତାର ପ୍ରାଣକେନ୍ଦ୍ର। ଖରାଦିନେ ସାଧାରଣତଃ ଅନେକ ଛୋଟ ବଡ଼ ଜଙ୍ଗଲରେ ନିଆଁ ଲାଗିଥାଏ। ଏହାଦ୍ୱାରା ବଡ଼ବଡ଼ ଗଛର କ୍ଷତି ହେବା ସହ ଛୋଟ ଛୋଟ ଗୁଳ୍ମ ଲତା ଜଳିପୋଡି ପାଉଁଶ ହୋଇଯାଏ। ଏଥିସହ ଅନେକ ବନ୍ୟ ଜୀବଜନ୍ତୁ ମୃତ୍ୟୁବରଣ କରିଥାନ୍ତି। ଫଳରେ ଇକୋଲୋଜିକାଲ ବାଲାନ୍ସରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସ୍ଥାନୀୟ ଅଞ୍ଚଳରେ ବାୟୁ ମଣ୍ଡଳର ଉଷ୍ମତା ବୃଦ୍ଧି ପାଇଥାଏ। ତେଣୁ ଜଙ୍ଗଲ ନିଆଁ ଲିଭାଇବା ଦାୟିତ୍ୱ କେବଳ ବନ ବିଭାଗ କର୍ମଚାରୀଙ୍କ ବୋଲି ନ ଭାବି ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନେ ସହଯୋଗ କରିବାକୁ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ଆହ୍ୱାନ ଦେଇଛନ୍ତି। ଏଥିସହ ୩୦ ଜିଲାର ବନଖଣ୍ଡ ଅଧିକାରୀ ନିଜ କାର୍ଯ୍ୟାଳୟରେ ଏକ ସେଲ୍ ଗଠନ କରି ଟୋଲ୍ ଫ୍ରି ନମ୍ବର ମାଧ୍ୟମରେ ସାଧାରଣ ଜନତାଙ୍କଠାରୁ କେଉଁ ଜଙ୍ଗଲରେ ନିଆଁ ଲାଗିଛି ଖବର ସଂଗ୍ରହ କରି ତତ୍‌କ୍ଷଣ ପଦକ୍ଷେପ ନେବା ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପିସିସିଏଫଙ୍କୁ ଚିଠି ଲେଖିଛନ୍ତି।



ରାଜଧାନୀ ଭୁବନେଶ୍ୱରରେ ରବିବାର ଅପରାହ୍ନରେ ହୋଇଥିବା ବର୍ଷା ସମୟରେ ଲୋକମାନେ ଛତାଧରି ଯାଉଛନ୍ତି।

# ଡ୍ରିମ୍‌ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ୪୧୯ଜଣଙ୍କୁ ନିଯୁକ୍ତି



**ଭୁବନେଶ୍ୱର, ୫।୪ (ଅନୁରାଧା ମହାରଣା)**

କଟକସ୍ଥିତ ଡ୍ରିମ୍‌ସ ପଲିଟେକ୍‌ନିକ (ସ୍ୱୟଂଶାସିତ)ର କ୍ୟାମ୍ପସ ଚୟନରେ ବିଭିନ୍ନ ବିଭାଗର ୪୧୯ଜଣ ଛାତ୍ରୀଛାତ୍ର ଦେଶର ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଲ୍ ଆଣ୍ଡ୍ ଟି, ଏକ୍‌ଜିକମ୍ ଟେଲି ସିଷ୍ଟମ୍, କୁମୁନ୍ସ ଇଣ୍ଡିଆ, ୟୋକୋହାମା ଅଫ୍ ହାଇୱେ ଟାୟାର, ଶୋଭା ଲିମିଟେଡ୍, ଗ୍ରୀନ୍‌କୋ ଗ୍ରୁପ, ଆମ୍ପିନ୍ ସୋଲାର, ସେମ୍ ଇଲୋଟ୍ରୋନିକ୍ସ, ଥରମାକ୍ସ ଲିମିଟେଡ୍ ଆଦି ଉଦ୍ୟୋଗରେ ଏହି ନିଯୁକ୍ତି ମିଳିଛି। ଏହି ଅବସରରେ ଅନୁଷ୍ଠିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ୍‌ଆମ୍ବାସଡର ଭାବରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ନିଷ୍ଠା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ନିରନ୍ତର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଆଧାରରେ ଏଭଳି ସଫଳତା ମିଳିପାରିଛି ବୋଲି କହିଥିଲେ। ଟ୍ରେନିଂ ଆଣ୍ଡ୍ ପ୍ଲେସ୍‌ମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡିନ୍ (ଭାରପ୍ରାପ୍ତ) ଡ. ଶ୍ରୀକାନ୍ତ କୁମାର ଓଝା, ସିଡିସି ନିର୍ଦ୍ଦେଶକ ରମାକାନ୍ତ କାସ୍ତା, ଜିତେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କଲା ମନଛୁଆଁ କବିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଭୁବନେଶ୍ୱର, ୫।୪ (ସୌମ୍ୟରଞ୍ଜନ ରାଉତ)**

ହର୍ଷେ ଇ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିରଠାରେ 'ତନ୍ତୁଲତାର କବି ସୁନୀଲ ପୃଷ୍ଟି ସନ୍ଧ୍ୟା' ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଭଗବାନ୍ ଜୟସିଂହ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଲେଖକ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ କବି ସୁନୀଲ ପୃଷ୍ଟିଙ୍କ କବିତାର ଗୂଢ଼ାର୍ଥ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଭିନେତା ହର ରଥ, କବି ଅମରେଶ ବିଶ୍ୱାଳ, କବି ପ୍ରଣୟ ସୁଧା, କବି ସୁମିତ ପଣ୍ଡା, କବି ସତ୍ୟ ଶିବ ସୁନ୍ଦର, କବି ଶୀତଳ ମିଶ୍ର, କବି ନୀଳପଦ୍ମ ଏବଂ କବି ପ୍ରଜ୍ଞା ପାରମିତା ପ୍ରିୟଦର୍ଶିନୀ ପ୍ରମୁଖ ସୁନୀଲ ପୃଷ୍ଟିଙ୍କ କବିତାଗୁଡ଼ିକୁ ମନଛୁଆଁ ଶୈଳୀରେ ଆବୃତ୍ତି କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ସନାତନ ନାୟକ ଏବଂ ବଂଶିକା ବଂଶାଳୀ କବିତାର ଭାବକୁ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରିଥିବା ବେଳେ ରୋଜାଲିନ ବାରିକ ଏହାକୁ ଦୃଶ୍ୟକଳା ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ସ୍ମୃତି ପ୍ରତୀକ ଓ ସିପୁନ ନାୟକଙ୍କ ସୁମଧୁର କଣ୍ଠରେ କବିତାଗୁଡ଼ିକ ଗୀତ ଓ ସଙ୍ଗୀତରେ ଝଙ୍କୃତ ହୋଇଥିଲା। ଏହି ଅବସରରେ ଚିତ୍ରକର ଜିତେନ୍ଦ୍ର କୁମାର ଭଞ୍ଜ ନିଜ ତୂଳୀ ସ୍ପର୍ଶରେ କବିଙ୍କୁ ଚିତ୍ରପଟରେ ଅତି ନିଖୁଣ ଭାବେ ସଜେଇଥିଲେ। କାର୍ଯ୍ୟକ୍ରମକୁ ବେଦପ୍ରକାଶ ନାୟକ ସଂଯୋଜନା କରିଥିଲାବେଳେ ଗାଳ୍ପିକ ଦେବବ୍ରତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମେଟ୍ରୋ ପ୍ରକଳ୍ପ ହେଉ, କିନ୍ତୁ ରାସ୍ତା ସଂଖ୍ୟା ବଢୁ'

- ଚାରବାଟିଆରେ ଏୟାରପୋର୍ଟ କରିବାକୁ ଗୁରୁତ୍ୱ
- ଖାନନଗର ନୂତନ ବସ୍‌ଷ୍ଟାଣ୍ଡ ଉଠାଯାଇପାରେ

**କଟକ, ୫।୪ (ଶିକ୍ଷା ପ୍ରିୟଦର୍ଶିନୀ)**



ମେଟ୍ରୋ ପ୍ରକଳ୍ପ ହେଲେ ସାଧାରଣ ବର୍ଗର ଲୋକେ ସୁରୁଖୁରୁରେ ଯାତାୟାତ କରିପାରିବେ। ତେବେ ଆଜି ଇଚ୍ଛା କଲେ କାଲି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ହୋଇପାରିବ ନାହିଁ, ଏଥିପାଇଁ ୮ରୁ ୧୦ ବର୍ଷ ସମୟ ଲାଗିବ। କଟକରୁ ଭୁବନେଶ୍ୱର ଅଧିକ ରାସ୍ତା ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା କଥା। ଏଲିଭେଟେଡ୍ ରୋଡ୍ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ଏବଂ ଆଉ ଏକ ବ୍ରିଜ ପାଇଁ ଆପ୍ରୁଭାଲ ହୋଇଯାଇଛି। ଏହାସତ୍ତ୍ୱେ ଆଉ ଏକ ରାସ୍ତା ଆବଶ୍ୟକ ରହିଛି ଏବଂ ସରକାର ଏଦିଗରେ ଯୋଜନା କରୁଛନ୍ତି ବୋଲି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ରବିବାର ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଭର୍ତ୍ତୃହରି କହିଛନ୍ତି ଯେ, ୬ ଲେନ୍ ହେବା ପରେ ମଧ୍ୟ କଟକରୁ ଭୁବନେଶ୍ୱର ପହଞ୍ଚିବାକୁ ୨ଘଣ୍ଟା ସମୟ ଲାଗୁଛି। ମେଟ୍ରୋ ପ୍ରକଳ୍ପ ହେଲେ ସାଧାରଣଲୋକେ ସୁବିଧା ପାଇବେ, ହେଲେ ଅନ୍ୟ ଲୋକ ଯାତାୟାତ କରିବା ପାଇଁ ରାସ୍ତା ଆବଶ୍ୟକ। ସେହିପରି ଖାନନଗର ବସ୍‌ଷ୍ଟାଣ୍ଡ ଉଠେଇବାକୁ ପଡ଼ିବ। ସେ କହିଛନ୍ତି ଯେ, ନୂଆ ଟର୍ମିନାଲ ହେବା ପାଇଁ ଯାହା ବଜେଟ ଥିଲା, ତାହାକୁ ବଢାଯାଇଥିଲା। ହେଲେ ସମସ୍ୟା ସମ୍ପର୍କରେ ତତ୍କାଳୀନ ସରକାର ଠିକ ଭାବେ ଜାଣିଲେ ନାହିଁ। କଟକରେ ତୃତୀୟ ଓ ଚତୁର୍ଥ ରେଳଲାଇନ ପାଇଁ ମଞ୍ଜୁରି ମିଳିଛି, ହେଲେ ଏଥିପାଇଁ ଯାହା ଆବଶ୍ୟକ ତାହା ଠିକ ଭାବେ ତର୍ଜମା କରାଯାଇ ନାହିଁ। ରେଳ ବିଭାଗ ସହ ଏହାର ନିର୍ମାଣ କାର୍ଯ୍ୟରେ ଥିବା ବିଭାଗୀୟ ଅଧିକାରୀମାନେ କୌଣସି ଆଲୋଚନା କରିନାହାନ୍ତି। ତତ୍କାଳୀନ ସରକାରଙ୍କୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣର ସମସ୍ୟା ନେଇ ବହୁବାର ଅବଗତ କରିଥିଲି, ହେଲେ ଗୁଗଲ୍ ମ୍ୟାପ୍ ଦେଖି ଏହି କାର୍ଯ୍ୟକୁ କରାଯାଇଛି, ଯେଉଁଥିପାଇଁ ଏବେ ବସ୍‌ଷ୍ଟାଣ୍ଡ ଉଠାଇବା ଆବଶ୍ୟକ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ କଟକ ଚାରବାଟିଆରେ ଏୟାରପୋର୍ଟ ହେଉ ବୋଲି ସେ କହିଛନ୍ତି। ପୁରୀରେ ବହୁ ଲୋକ ଇନଭେଷ୍ଟ କରିଛନ୍ତି, ହେଲେ ଚାରବାଟିଆରେ କେହି ଇନଭେଷ୍ଟ କରିନାହାନ୍ତି। ଚାରବଟିଆରେ ଯେଉଁ ଯାଗା ଅଛି, ତାହା ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି। ବିମାନଯାତ୍ରୀଙ୍କ ସଂଖ୍ୟା ବଢିଛି ଏବଂ ବିମାନବନ୍ଦରର ସଂଖ୍ୟା ବି ବଢିବ। ଚାରବାଟିଆରେ କାର୍ଗୋ ହବ୍ କରିବାକୁ ଯୋଜନା କରିବାକୁ ଲକ୍ଷ୍ୟ ରହିଛି। ଭାଇଜାଗ୍ ଓ ଚାରବାଟିଆ ଦୁଇଟି ଜାଗାରେ ଏହାକୁ ନିର୍ମାଣ କରାଯିବ ବୋଲି ଭର୍ତ୍ତୃହରି ପ୍ରକାଶ କରିଛନ୍ତି।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ସାରସ୍ୱତ ପ୍ରତିଯୋଗିତା ସମାରୋହ

**ଭୁବନେଶ୍ୱର, ୫।୪ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ସାରସ୍ୱତ ପ୍ରତିଯୋଗିତା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ଯୋଗଦେଇ ଯୁବ ପିଢ଼ିଙ୍କ ମଧ୍ୟରେ ସୃଜନଶୀଳତାର ଉଦ୍ରେକ କରିବା ପାଇଁ ପରାମର୍ଶ ଦେଇଥିଲେ। ସାହିତ୍ୟ ଏକାଡେମୀ ସର୍ବଦା ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଦାୟିତ୍ୱ ବହନ କରୁଛି ବୋଲି ଛୁଆଳସିଂହ ମତ ରଖିଥିଲେ। ସାରସ୍ୱତ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇ ଯୁବ ସାହିତ୍ୟିକ ଡ. ସତ୍ୟଜିତ ଦାସ, ଡ. ମିନାକ୍ଷୀବାଳା ପ୍ରଧାନ, ଡ. ସୁନିତା ଦାସ ପ୍ରତିଯୋଗୀଙ୍କ ପ୍ରତିଭାର ପ୍ରଶଂସା କରିଥିଲେ। ଏହି ଅବସରରେ ଚୟନ କରାଯାଇଥିବା ୨୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗ ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା ସଂଯୋଜନା କରିଥିଲେ।



ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ସହ ଅନ୍ୟମାନେ।

# ମାତୃଭାଷା ପ୍ରତି ଉଦାସୀନତାକୁ ଭାଷା ଆନ୍ଦୋଳନର ବିରୋଧ

- ବୈଠକରେ ୧୮ ପ୍ରସଙ୍ଗ ଉପରେ ଆଲୋଚନା
- ସରକାର ନ ଶୁଣିଲେ ୧୪ରୁ କଳାପତାକା ଅଭିଯାନ

**ଭୁବନେଶ୍ୱର, ୫।୪ (ସୌମ୍ୟରଞ୍ଜନ ରାଉତ)**



ବୈଠକରେ ଭାଷା ଆନ୍ଦୋଳନ ଓଡ଼ିଶାର କର୍ମକର୍ତ୍ତାମାନେ।

ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ସାଧାରଣ ବୈଠକ ଉତ୍କଳ ସାମ୍ବାଦିକ ସଂଘ ସଭାକକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାତୃଭାଷା ପ୍ରତି ସରକାରୀ କଳର ଉଦାସୀନତା ତଥା ଇଂଲିଶ୍ ଭାଷାରେ ସରକାରୀ କାର୍ଯ୍ୟ କରାଯିବା ପାଇଁ ଅମଲାତାନ୍ତ୍ରିକ ଷଡଯନ୍ତ୍ରକୁ ତୀବ୍ର ବିରୋଧ କରାଯିବା ସହ ଏହା ଉପରେ ଆଲୋଚନା କରାଯାଇଥିଲା। ପୂର୍ବରୁ ଦୀର୍ଘ ୮୭୮ ଦିନଧରି ଶାନ୍ତିପୂର୍ଣ୍ଣ କଳାପତାକା ଅଭିଯାନ କରାଯିବା ଫଳରେ ତତ୍କାଳୀନ ସରକାର ଭାଷା ଆଇନକୁ ତିନିଥର ସଂଶୋଧନ କରି ୨୦୧୯ ମସିହାରେ ଲାଗୁ କରିଥିଲେ। ୨୦୧୮ରେ ଓଡ଼ିଶା ସରକାରୀ ଭାଷା ଆଇନ-୧୯୫୪ ତୃତୀୟ ଥର ପାଇଁ ସଂଶୋଧନ କରାଗଲା ପରେ ୨୦୧୯ରେ ନିୟମାବଳୀ ପ୍ରକାଶ ପାଇଥିଲା। ସେବେଠାରୁ ଓଡ଼ିଆ ହିଁ ଏକମାତ୍ର ସରକାରୀ ଭାଷାରୂପେ ଆଇନତଃ ଲାଗୁ ହୋଇଥିଲା। ଯେଉଁ ସରକାରୀ କର୍ମଚାରୀ ଆଇନକୁ ଖିଲାପ କରିବେ, ସେମାନଙ୍କୁ ସରକାରୀ ଚାକିରୀ ସର୍ତ୍ତାବଳୀ ଅନୁଯାୟୀ ଦଣ୍ଡିତ କରାଯିବାର ପ୍ରାବଧାନ ରଖାଯାଇଥିବାରୁ ଆଶା କରାଯାଇଥିଲା ଯେ, ଓଡିଶାରେ ସମସ୍ତ ସରକାରୀ କାର୍ଯ୍ୟ କେବଳ ଓଡିଆ ଭାଷାରେ ହିଁ କରାଯିବ। ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି ଯେ, 'ଓଡ଼ିଆ ଅସ୍ମିତା'କୁ ସମ୍ମାନ ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଓଡିଶା ସରକାର ସମସ୍ତ ପ୍ରକାର ଅସ୍ମିତା ବିରୋଧୀ କାର୍ଯ୍ୟ କରିଚାଲିଛନ୍ତି। ସଂଶୋଧିତ ଓଡିଶା ସରକାରୀ ଭାଷା ଆଇନ ୨୦୧୮ ଏବଂ ୨୦୧୯ ନିୟମାବଳୀକୁ ଅମାନ୍ୟକରି ୨୭ ଅଗଷ୍ଟ ୨୦୨୪ରେ ଏକ ଅଧିସୂଚନା ଜାରି କରାଯାଇଛି, ଯାହା ୨୦୧୮ ସଂଶୋଧନ ପରେ ଅକାମୀ ହୋଇଯାଇଥିବା ୨୦୧୬ ଆଇନ ଆଧାରରେ ପ୍ରସ୍ତୁତ ହୋଇଥିଲା। ୨୦୧୬ ଆଇନରେ ଓଡ଼ିଆ ସହିତ ଇଂଲିଶ୍ ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାଷା ଆନ୍ଦୋଳନ ପକ୍ଷରୁ ବିରୋଧ ସତ୍ତ୍ୱେ ପୁନର୍ବାର ୧୩ ଜାନୁଆରୀ ୨୦୨୬ରେ ୨୭ ଅଗଷ୍ଟ ୨୦୨୪ରେ ଜାରି ହୋଇଥିବା ଅଧିସୂଚନାକୁ ମାନିବାକୁ ସରକାରୀ କର୍ମଚାରୀଙ୍କୁ ତାଗିଦ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ଏପରି ଅଧିସୂଚନା ଜାରି କରିବା ଆଇନତଃ ତ୍ରୁଟିପୂର୍ଣ୍ଣ ତଥା ବେଆଇନ। ସ୍ୱାଭାବିକ ଭାବେ ସର୍ବଶେଷ ସଂଶୋଧିତ ଆଇନ ହିଁ ସର୍ବମାନ୍ୟ ହୋଇଥିଲେ ହେଁ ଏଭଳି ଗୁରୁତର ତ୍ରୁଟିପୂର୍ଣ୍ଣ ଅଧିସୂଚନାକୁ ସରକାର ଫେରସ୍ତ ନେଇନାହାନ୍ତି। ଏଥିସହ ଓଡ଼ିଆ ଉତ୍କର୍ଷ କେନ୍ଦ୍ରକୁ ସ୍ୱୟଂଶାସିତ କରିବା, ଭାଷା ପ୍ରତିଷ୍ଠାନ ମାଧ୍ୟମରେ କର୍ମଚାରୀଙ୍କ ଭାଷାପ୍ରଶିକ୍ଷଣକୁ ତ୍ୱରାନ୍ୱିତ କରିବା, ଓଡ଼ିଶା ଗଠନ ପାଇଁ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀକୁ ସରକାର ହାତକୁ ନେବା ଭଳି ପ୍ରାୟ ୧୮ ଗୁରୁତ୍ୱପୂର୍ଣ୍ଣ ଦାବି ଓ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ନିଆଯାଇଛି। ସରକାର ନଶୁଣିଲେ ପୂର୍ବପରି କଳାପତାକା ଅଭିଯାନ କରିବାକୁ ସ୍ଥିର ହୋଇଛି। ଆଗାମୀ ୧୪ ତାରିଖରୁ ପୁନର୍ବାର କଳାପତାକା ଅଭିଯାନ ପାଇଁ ସମସ୍ତ ସଦସ୍ୟ ସହମତ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଘରୋଇ ବିଦ୍ୟାଳୟରେ ଅର୍ଥ ହେରଫେର ଅଭିଯୋଗ

କଳାପଥର,୫।୪(ଗଙ୍ଗାଧର ସାହୁ)

ଡମପଡ଼ାସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଅର୍ଥ ହେରଫେର ହୋଇଥିବା ନେଇ ଅଧ୍ୟକ୍ଷ ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୮୭/୨୬) ରୁଜୁ ହୋଇଛି। ସୂଚନା ମୁତାବକ, ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉକ୍ତ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଜଣେ ମହିଳା ଇନ୍‌ଚାର୍ଜ ଭାବେ କାମ କରିଆସୁଥିଲେ। ଅଧ୍ୟକ୍ଷ ଅସୁସ୍ଥ ଥିବାରୁ ବିଦ୍ୟାଳୟ ଆସି ନ ପାରିବାରୁ ବିଦ୍ୟାଳୟର ସମସ୍ତ ଆର୍ଥିକ କାରବାର ସମ୍ପୃକ୍ତ ମହିଳା ଜଣଙ୍କ ବୁଝୁଥିଲେ। ଛାତ୍ରୀଛାତ୍ରଙ୍କ ମାସିକ ସ୍କୁଲ ଫି ମହିଳା ଜଣଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟରେ ନେଇଥିବା ଏବଂ ସମସ୍ତ ଅର୍ଥରାଶିକୁ ଆତ୍ମସାତ କରିଛନ୍ତି। ଏପରିକି ବିଦ୍ୟାଳୟର ଆସବାବପତ୍ର ଏବଂ ଟିଭି ମହିଳା ଜଣଙ୍କ ନେଇଯାଇଥିବା ଅଭଯୋଗ ହୋଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୫।୪(ସନ୍ଧ୍ୟାରାଣୀ ମିଶ୍ର)

କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମାଠାରୁ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨ତାରିଖରେ ଅଙ୍କୁରାରୋପଣ, ୩ ତାରିଖରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ସନ୍ଧ୍ୟା ୭ଟାରେ ପ୍ରବଚକ ଡ.ଗଣେଶ୍ୱର ସ୍ୱାଇଁଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ୪ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଶିବଙ୍କ ଷୋଡ଼ଶ ଉପଚାର ପୂଜା, ଶିବମନ୍ତ୍ରରେ ଆହୁତି ପ୍ରଦାନ, ସନ୍ଧ୍ୟା ୭ଟାରେ ପ୍ରବଚକ ଡ.ଗୁରୁପ୍ରସାଦ ମହାପାତ୍ରଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଏବଂ ୫ ତାରିଖରେ ସର୍ବଦେବଦେବୀ ପୂଜା ଓ ଆହୁତି ପ୍ରଦାନ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ପ୍ରଦୀପ ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଶ୍ରୀରାମଚରିତ ମାନସ ପାଠ

କଳାପଥର,୫।୪(ଗଙ୍ଗାଧର ସାହୁ)

ପୁଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ପୂର୍ବଗାଡ଼ିଆ ରଘୁନାଥ ଦେବଙ୍କ ପୀଠରେ ରାମଚରିତ ମାନସ ପାଠ ସମ୍ପନ୍ନ ହୋଇଛି। ପୂର୍ଣ୍ଣାହୁତି ଦିନ ୧୦୮ ହନୁମାନ ଚାଳିଶା ପାଠ ସହ ହରିହାଟର ବ୍ୟବସ୍ଥା ହୋଇଥିଲା। ଭାସ୍କର ପଲେଇ, ରଞ୍ଜନ ପଲେଇ, କାମଦେବ ଜେନା, ସନ୍ତୋଷ ମହାପାତ୍ର, ମନୁ ବେହେରା, ଗାଣ୍ଡୁ ସାହୁ, ଦେବରାଜ ମାନସିଂ, ବିପିନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ଫୁଟ୍‌ବଲ ଖେଳାଳି ସିଧୁ ଚରଣଙ୍କ ପରଲୋକ

ଟାଙ୍ଗୀ,୫।୪(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ପୂର୍ବତନ ଫୁଟ୍‌ବଲ ଖେଳାଳି ସିଧୁ ଚରଣ ମାଝୀଙ୍କ ରବିବାର ସକାଳେ ଚଣ୍ଡେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ପଢୁଥିବା ସମୟରେ ସେ ଜଣେ ଭଲ ଫୁଟବଲ ଖେଳାଳିଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପୁରୀ ସାଂସଦଙ୍କ ପ୍ରତିନିଧି ଦୀନବନ୍ଧୁ ସାହୁ, ଚିଲିକା ବ୍ଲକ ଶିକ୍ଷକ ନେତା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଫୁଟ୍‌ବଲ ଖେଳାଳି ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ବିପ୍ର ଚରଣ ମୁଖାଗ୍ନି ଦେଇଥିଲେ।

### ବ୍ଲେଡ୍‌ରେ ଆକ୍ରମଣ କରିବାରୁ ଇଟାରେ ମୁଣ୍ଡ ଫଟାଇଲେ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ବ୍ଲେଡ୍‌ରେ ମୁହଁକୁ କାଟିଦେବାରୁ ପଥରରେ ମୁଣ୍ଡ ଫଟାଇଲେ। ଏପରି ପରସ୍ପରକୁ ଆକ୍ରମଣ କରିଥିବା ୨ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦ୍ମପୋଖରୀପୁରର ବିଦ୍ୟା ଦାଶ ଓ କୁନା ଦାଶ। ଗତ ୪ ତାରିଖ ରାତି ପ୍ରାୟ ୮ଟାରେ କୁନା ଓ ବିଦ୍ୟା ଗାଁ ମଣ୍ଡପ ନିକଟରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରସ୍ପର ପେଲାଠେଲା ଭିତରେ ବିଦ୍ୟା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଛୁରୀ ଧରି ହତ୍ୟା କରିବାକୁ କୁନାଙ୍କୁ ଧମକ ଦେଇଥିଲେ। କୁନା ପ୍ରତିବାଦ କରିବାରୁ ବିଦ୍ୟା ଏକ ବ୍ଲେଡରେ ତାଙ୍କୁ ଆକ୍ରମଣ କରିଥିଲେ। କୁନାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ପରେ ପ୍ରତିଶୋଧ ସ୍ୱରୂପ କୁନା ଏକ ଇଟା ଧରି ଅକ୍ରମଣ କରିଥିଲେ।

# ଲିଫ୍ଟ ଦେବା ଆଳରେ ୧୦ଜଣଙ୍କଠାରୁ ଲୁଟ୍ କରିଥିଲେ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ଲିଫ୍ଟ ଦେବା ବାହାନାରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ସୁନା ଗହଣା, ଟଙ୍କା ଓ ଅନ୍ୟାନ୍ୟ ଜିନିଷପତ୍ର ଲୁଟିନେଇଥିବା ଜଣେ ଚତୁର ଲୁଟେରାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଇଟାମାଟିର ଶରତ ମହାରଣା। ତାଙ୍କ ନିକଟରୁ ପୋଲିସ ଚୋରି ସୁନା ଗହଣା ସହ ବିଭିନ୍ନ ଜିନିଷପତ୍ର ଜବତ କରିଛି। ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୬ରେ ବିଡ଼ାନାସୀରେ ରହୁଥିବା ବିଳାସିନି ବେହେରା ଖଣ୍ଡଗିରି ବାଇପାସ୍ ନିକଟରେ ବସ୍‌ରେ ଯିବା ପାଇଁ ଲୋକଙ୍କୁ ପଚାରୁଥିଲେ। ଏହି ସମୟରେ ଅଭିଯୁକ୍ତ ଶରତ ତାଙ୍କୁ ଲିଫ୍ଟ ଦେବାକୁ କହିଥିଲେ। ବିଳାସିନୀ ତାଙ୍କ ମୋଟରସାଇକେଲରେ ବସିଥିଲେ। ପରେ ଶରତ ନୟାପଲ୍ଲୀ ଅଣ୍ଡରପାସ ନିକଟରେ ତାଙ୍କୁ ଛାଡ଼ି ଦେଇ ବ୍ୟାଗରୁ ପ୍ରାୟ ୨୦ ଗ୍ରାମ

**ଅଭିଯୁକ୍ତ ଲୁଟେରା ଗିରଫ**

ଓଜନର ସୁନା ଚେନ, ନଗଦ ୧୫୦୦ ଟଙ୍କା, ମୋବାଇଲ ଫୋନ, ଆଧାର କାର୍ଡ, ଏଟିଏମ କାର୍ଡ, ପ୍ୟାନ କାର୍ଡ ସହିତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ନେଇ ଫେରାର ହୋଇଯାଇଥିଲେ। ଏନେଇ ବିଳାସିନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଆଧାରରେ ଅଭିଯୁକ୍ତ ଶରତଙ୍କୁ ଫାୟାରଷ୍ଟେଶନ ଛକ ନିକଟରୁ ଗିରଫ କରିଛି। ତାଙ୍କ ହେପାଜତରୁ ଦୁଇଟି ସୁନା ଚେନ, ହଳେ ସୁନା କାଚ, ୭୪ ହଜାର ୪୯୫ ଟଙ୍କା, ଏକ ମୋଟସାଇକେଲ ଏବଂ ଆଧାର କାର୍ଡ ଜବତ କରଛି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ବିଭିନ୍ନ ଥାନାରେ ୬ଟି ମାମଲା ରହିଥିବା ଜଣାପଡିଛି।

ଏହା ପୂର୍ବରୁ ଗତ ଫେବୃୟାରୀ ୪ ଦିନ ପ୍ରାୟ ୧୦ଟାରେ ଅଭିଯୁକ୍ତ ଶରତ ଫାୟାର ଷ୍ଟେସନ ଛକରୁ ଜଣେ ବ୍ୟକ୍ତିଙ୍କୁ ତାଙ୍କ ବାଇକ୍‌ରେ ଲିଫ୍ଟ ଦେଇ ବାଟରେ ତାଙ୍କଠାରୁ ୧୫ ହଜାର ଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇଥିଲେ। ଗତ ଫେବୃୟାରୀ ୩୦ ଦିନ ପ୍ରାୟ ୧୦ଟାରେ ଫାୟାର ଷ୍ଟେଶନ ଛକରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗାଡିରେ ନେଇ ପାତ୍ରପଡ଼ା ଛକରେ ଛାଡ଼ିବାକୁ କହିଥିଲେ। କିନ୍ତୁ ବାଟରେ ତେଲ ଭରିବା ବାହାନାରେ ଖଣ୍ଡଗିରି ଭାରତ ପେଟ୍ରୋଲ ପମ୍ପ ନିକଟରେ ଅଟକିବା ପରେ ଚତୁରତାର ସହ ଉକ୍ତ ବ୍ୟକ୍ତିଙ୍କ ବ୍ୟାଗରୁ ୬୦ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେହିପରି ଫେବୃୟାରୀ ୧୦ରେ ଶରତ ଫାୟାର ଷ୍ଟେଶନ ଛକରୁ ଜଣେ ମହିଳାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ନୟାଗଡ଼ ଚାନ୍ଦପୁର ନିକଟରେ ଛାଡ଼ିବାକୁ କହିଥିଲେ। ପରେ କୋଲଥିଆ ଛକ ନିକଟରେ ତାଙ୍କୁ ଛାଡ଼ି ଦେଇ ତାଙ୍କ ବ୍ୟାଗରୁ ସୁନା ହାର, ସୁନା ଚୁଡ଼ି, ୪ ହଜାର ଟଙ୍କା ନଗଦ ଏବଂ ଗୋଟିଏ ହାତ ଘଡ଼ି ନେଇ ପଳାଇଥିଲେ। ଗତ ୨ତାରିଖ ଦିନ ପ୍ରାୟ ଗୋଟିଏରେ ଶରତ ବୁଦ୍ଧନଗର ଏଟିଏମ୍ ନିକଟରୁ ଜଣେ ମହିଳାଙ୍କୁ ବାଇକରେ ଲିଫ୍ଟ ଦେଇ ବାଟରେ ତାଙ୍କ ବ୍ୟାଗ ଛଡ଼ାଇ ପଳାଇଗଲେ। ଉକ୍ତ ବ୍ୟାଗରେ ଥିବା ୭ ହଜାର ଟଙ୍କା, ୪ଟି ଏଟିଏମ କାର୍ଡ, ୪ଟି ପାସବୁକ, ଆଧାର କାର୍ଡ, ପ୍ୟାନ କାର୍ଡ ଓ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ଥିଲା। ମାର୍ଚ୍ଚ ୩୦ ଅପରାହ୍ନ ୩ ଟାରୁ ୪ଟା ମଧ୍ୟରେ ଶରତ ଫାୟାର ଷ୍ଟେଶନ ଛକରୁ ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ଆଚାର୍ଯ୍ୟ ବିହାର ନିକଟରେ ଛାଡ଼ିବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ କୌଶଳକ୍ରମେ ୫ ଗ୍ରାମ୍‌ରୁ ଅଧିକ ଓଜନର ସୁନାଚେନ, ରୂପା ଚୁଡ଼ି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା।



ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ରାମଲୀଳା ନାଟକର ଏକ ଦୃଶ୍ୟ।

## ଶ୍ରୀରାମ-ହନୁମାନ ଭେଟ ସହ ସେତୁବନ୍ଧ ପ୍ରତିଷ୍ଠା, ବିଭୀଷଣ ଶରଣ

**ରାମଲୀଳା ନାଟକର ୧୦ମ ସନ୍ଧ୍ୟା**

ଯାଁଳା,୫।୪(ବୁଲା ବାରିକ)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ପରିବେଷଣ ହେଉଛି। ରବିବାର ଦଶମ ସନ୍ଧ୍ୟାରେ ଶ୍ରୀରାମ ହନୁମାନ ଭେଟ, ସେତୁବନ୍ଧ ପ୍ରତିଷ୍ଠା ଓ ବିଭୀଷଣ ଶରଣ ନାଟକ ପରିବେଷିତ ହୋଇଥିଲା। ନାଟକରେ ଭରତ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ଶିବ ମଙ୍ଗରାଜ ଲକ୍ଷ୍ମଣ, ମୁରଲୀଧର ପ୍ରଧାନ ସୀତା, ଶଙ୍କର୍ଷଣ ମଙ୍ଗରାଜ ହନୁମାନ, ଦାଶରଥି ସ୍ୱାଇଁ ବିଭୀଷଣ, ସୁନୀଲ ମଙ୍ଗରାଜ ସୁଗ୍ରୀବ, ସନ୍ତୋଷ ପ୍ରଧାନ ରାବଣ, ସଞ୍ଜୟ ପରିଡ଼ା ମନ୍ଦୋଦରୀ, ଗୁରୁ ପ୍ରସାଦ ମଙ୍ଗରାଜ ମୂଷିକ ରାଜ ପ୍ରମୁଖ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ




ଅତିଥିଙ୍କଠାରୁ ଜଣେ ଶିବିରାର୍ଥୀ ମାନପତ୍ର ଗ୍ରହଣ କରୁଛନ୍ତି।

କୃଷ୍ଣପ୍ରସାଦ,୫।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ ଉଦ୍‌ଯାପନ ସଭାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଶିବିରାର୍ଥୀମାନଙ୍କୁ ସେବା ପାଇଁ ଉତ୍ସାହିତ କରିବା ସହିତ ମାନପତ୍ର ବଣ୍ଟନ କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ପ୍ରକାଶ କୁମାର ଜେନା ସଭାପତିତ୍ୱ କରିଥିଲେ। ୫୦ଜଣ ବାଳିକା ଏବଂ ୫୦ଜଣ ବାଳକ ଶିବିରରେ ଭାଗ ନେଇଥିଲେ। ଶିବିରକୁ ବାଳକ ବିଭାଗ ଯୋଜନା ଅଧିକାରୀ ପ୍ରସନ୍ନ କୁମାର ସାହୁ ଏବଂ ବାଳିକା ବିଭାଗ ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପବିତ୍ର ମୋହନ ଦାସଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

# ମିଠା ଦୋକାନୀଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ଗାଡି ଦୁର୍ଘଟଣାକୁ କେନ୍ଦ୍ରକରି ଜଣେ ମିଠାଦୋକାନୀଙ୍କୁ ଗୋଡ଼ାଇ ଗୋଡ଼ାଇ ୪ ଜଣ ଦୁର୍ବୃତ୍ତ ହାଣିଛନ୍ତି। ଖାରବେଳନଗର ଥାନା ୟୁନିଟ୍-୪ ମାଛ ମାର୍କେଟ ନିକଟରେ ଏହି ଘଟଣା ଘଟିଛି। ଆକ୍ରମରେ ପଶ୍ଚିମବଙ୍ଗର ବୁଦ୍ଧ ଭୂୟାଁ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ପଶ୍ଚିମବଙ୍ଗର ବୁଦ୍ଧ ୟୁନିଟ୍-୪ ଅଞ୍ଚଳରେ ଥିବା ଏକ ହୋଟେଲରେ କାମ କରନ୍ତି। ଶନିବାର ରାତି ପ୍ରାୟ ୧୧ଟାରେ ସେ ହୋଟେଲ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ମାଛ ମାର୍କେଟ ନିକଟରେ ୨ଜଣ ମଦ୍ୟପ ଯୁବକ ତାଙ୍କୁ ବାଇକ୍ ଧକ୍କା କରିଥିଲେ। ଏହାକୁ ବୁଦ୍ଧ ବିରୋଧ କରିବାରୁ ସେମାନେ ତାଙ୍କୁ ଅଟକାଇ ତାଙ୍କ ସହ ଝଗଡ଼ା କରିବା ପରେ ଆଉ ୨ଜଣଙ୍କୁ ଡ଼ାକିଥିଲେ। ସେମାନେ ପହଞ୍ଚିବା ପରେ ମିଳିତ ଭାବେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଜୀବନ ବିକଳରେ ସେ ଦୌଡ଼ି ଥିଲେ ମଧ୍ୟ ଅଭିଯୁକ୍ତ ଛାଡ଼ି ନ ଥିଲେ। ବାରମ୍ବାର ଖଣ୍ଡା ଚୋଟ ମାରିବା ପରେ ସେଠାରୁ ଚମ୍ପଟ ମାରିଥିଲେ।

# ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା, ଟଙ୍କା ଚୋରି

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ଏକୁଟିଆ ଘରେ ପଶି ଚୋରି କଲେ। ସୁନା ଗହଣା, ଟକା ଧରି ଖୁସିରେ ନାଚିଲେ ଚୋର। ଖଣ୍ଡଗିରି ଥାନା ଅନ୍ତର୍ଗତ ଶୁକ ବିହାର ଅଞ୍ଚଳରେ ଘଟିଥିବା ଏଭଳି ଘଟଣା ସିସିଟିଭିରେ କଏଦ ହୋଇଛି। ଘଟଣାକ୍ରମରେ ଶୁକବିହାର ଅଞ୍ଚଳରେ ଦୁଇଦିନ ତଳେ ଏକ ଘରୁ ଚୋରି ହୋଇଥିବାବେଳେ ପୋଲିସ ଚୁପ୍ ବସିବାରୁ ଶନିବାର ରାତିରେ ପୁଣି ଆଉଜଣଙ୍କ ଘରୁ କଳାକନା ବୁଲାଇଛନ୍ତି ଚୋର। ଘରର ଲକ୍ ଭାଙ୍ଗି ସୁନା ଗହଣା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ଚୋରିର ଶିକାର ହୋଇଥିବା ଜଣେ ମହିଳା ନମିତା ଦୁବେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଲୁଟ୍ ହୋଇଥିବା ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଛାନ୍‌ଭିନ୍ କରିଥିଲେ ମଧ୍ୟ ଚୋର କିମ୍ବା ଚୋରି ସାମଗ୍ରୀ ଠାବ କରିପାରି ନାହିଁ।

ନମିତା ଏକ ବ୍ରତଘର କାର୍ଯ୍ୟକ୍ରମରେ ଯୋଗଦେବାକୁ ପାରାଦୀପ ଯାଇଥିଲେ। ଫେରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ତାଙ୍କ ଘରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଓ ଶହେ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଅଭିଯୋଗର ଦିନକ ପରେ ସାଇଣ୍ଟିଫିକ ଟିମ୍ ଘରକୁ ଯାଇ ଛାନିଭନ କରିଥିବାବେଳେ ଏଯାଏ ଚୋରକୁ ଧରି ନ ଥିବାରୁ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ପ୍ରଶ୍ନ ଉଠିଛି। ଚୋର ଜଣକ ଏକଲା ଲୁହାରଡ଼ ଧରି ଘର ଭିତରକୁ ପଶିଥିଲେ। ସେ ଲୁହାରଡ଼ ସାହାଯ୍ୟରେ ଘର ଭିତରକୁ ପଶିବା ପରେ ଆଲମିରାରୁ ସୁନାଗହଣା ଲୁଟ୍‌ପାଟ କରି ଚମ୍ପଟ ମାରିଥିଲେ। ଲୁଟ୍ ପରେ ଲୁଟେରା ଲୁହାରଡ଼କୁ ବୁଲାଇ ଖୁସିରେ ନାଚି ନାଚି ଯାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ଥାନାରେ ଅଭିଯୋଗ କରିବା ପରେ ପୋଲିସ କେବଳ ଏକ ମାମଲା ରୁଜୁ କରି ବସି ପଡ଼ିଥିଲେ। ଶୁକବିହାରରେ ଆଉ ଗୋଟିଏ ଘରୁ ଚୋରି ହୋଇଥିବା ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୁଇଟି ଚୋରିରେ ଜଣେ ଚୋରର ସମ୍ପୃକ୍ତି ରହିଥିବା ପୋଲିସ କହିଛି।

## ମୋବାଇଲ୍ ହ୍ୟାକ୍ କରି ଲୁଟିନେଲେ ୨.୫ ଲକ୍ଷ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ମୋବାଇଲ୍ ହ୍ୟାକ୍ କରି ସାଇବର ଠକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୨.୫ ଲକ୍ଷ ଟଙ୍କା ନେଇଯାଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ନୟାପଲ୍ଲୀର ରଘୁନାଥ ବେହେରା। ଅଭିଯୋଗ ଅନୁସାରେ, ରଘୁନାଥଙ୍କ ନିକଟକୁ ଏକ ଫୋନ୍ କଲ ଆସିଥିଲା। ସାଇବର ଠକ ତାଙ୍କୁ ଅନ୍‌ଲାଇନ୍‌ରେ ଲଟେରି ବିଜେତା ହୋଇଥିବା କହିଥିଲେ। ପୁରସ୍କାର ବାବଦକୁ ୧୦ ଲକ୍ଷ ଟଙ୍କା ପାଇବାକୁ ଲୋଭ ଦେଖାଇଥିଲେ। ଏହି ପୁରସ୍କାର ପାଇବାକୁ ହେଲେ ଓଟିପି ଦେବାକୁ ହେବ ବୋଲି ସାଇବର ଠକ କହିଥିଲେ। ଟଙ୍କା ଲୋଭରେ ଅଭିଯୁକ୍ତ ତାଙ୍କ କଥାରେ ରାଜି ହୋଇ ସାଇବର ଠକଙ୍କୁ ଓଟିପି ଦେଇଥିଲେ। ପରେ ତାଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ଏଥିସହ ତାଙ୍କ ଆକାଉଣ୍ଟରୁ ଅଢେଇ ଲକ୍ଷ ଟଙ୍କା କଟିଯାଇଥିଲା। ପରେ ରଘୁନାଥ କଲ୍ ଆସିଥିବା ଉକ୍ତ ନମ୍ବରକୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ ରଘୁନାଥ।

# ଆନ୍ଦୋଳନ ପାଇଁ ଆଶାକର୍ମୀଙ୍କ ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଆଶାକର୍ମୀ।

ବେଗୁନିଆ,୫।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ମା'ବରମୂଳେଇଙ୍କ ପୀଠରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ବେଗୁନିଆ ବ୍ଲକ ଆଶାକର୍ମୀମାନଙ୍କ ଆନ୍ଦୋଳନ ପାଇଁ ବ୍ଲକ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶାକର୍ମୀ ସରସ୍ୱତୀ ଦେବୀଙ୍କ ଆବାହକତ୍ୱରେ ଜିଲା ସଭାପତି ବସନ୍ତ କୁମାର ସେଠୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବାକୁ ଆହ୍ୱାନ ଦିଆଯାଇଥିଲା। ନିୟମିତ ଭତ୍ତା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରାପ୍ୟ ନିୟମିତ ଭାବେ ମିଳୁ ନ ଥିବାରୁ ଆଶା କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ବିଭିନ୍ନ ସମୟରେ ନୂତନ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଆସୁଥିବା ବେଳେ ପାରିଶ୍ରମିକ ମିଳୁ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହେଉଛି। ତୁରନ୍ତ ନିୟମିତ ଭତ୍ତା ପ୍ରଦାନ ସହ କାର୍ଯ୍ୟ ଅନୁଯାୟୀ ଅର୍ଥରାଶି ଦେବାକୁ ଦାବି କରାଯାଇଥିଲା। ଦାବି ମୁତାବକ ଅର୍ଥ ପ୍ରଦାନ କରା ନ ଯାଏ, ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏଥିରେ ଚୁନି ମାନସିଂହ, ସୁନ୍ଦରମଣି ପ୍ରଧାନ, ରିନା ଚମ୍ପତି, ବାସନ୍ତୀ ବାରିକ, ରେବତୀ ନାୟକ, ସଞ୍ଜୁଲତା ପ୍ରଧାନ, ମମତା ରାଣୀ, ମାନିନୀ ସ୍ୱାଇଁଙ୍କ ସମେତ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

# ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର,୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)




ବଡ଼ପୋଖରିଆ ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଦୁଇଦିନ ବ୍ୟାପୀ ଚାଲିଥିବା ବଡ଼ପୋଖରିଆ ମଣ୍ଡଳର ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ନିକୁଞ୍ଜ କିଶୋର ପଟ୍ଟନାୟକ, ମନୋଜ ନନ୍ଦ, ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରବିବାର ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଅନୁରୂପଭାବେ ଶ୍ରୀରଞ୍ଜନ ମଙ୍ଗରାଜ, ପ୍ରଫୁଲ୍ଲ ଦଳେଇ, ଦିଲୀପ ହୋତା, କେଳୁ ଜଗଦେବ, ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଖୋର୍ଦ୍ଧା ଜିଲା ଭାଜପା ପ୍ରଭାରୀ ପବିତ୍ର ମୋହନ ଦାସ, ଲକ୍ଷ୍ମୀକାନ୍ତ ମିଶ୍ର, ଭାଗୀରଥି ସାମନ୍ତରାୟ, ବଡ଼ପୋଖରିଆ ପଞ୍ଚାୟତ ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ଛଣଗିରି ସମିତିସଭ୍ୟା ତଥା ମଣ୍ଡଳ ସାଧାରଣ ସମ୍ପାଦିକା ସୁମିତ୍ରା ବରିସଲ, ଅଚ୍ୟୁତପୁର ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂହ, ଟଙ୍କଧର ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ଜେନାଙ୍କ ସମେତ ମଣ୍ଡଳ କମିଟିର ସଦସ୍ୟ, ସମସ୍ତ ବୁଥ୍ ସଭାପତି ଏବଂ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ।

# ଆସାମରେ ଓଡ଼ିଆ ପକ୍ଷ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

ଆସାମର ଡିବ୍ରୁଗଡ଼ ଜିଲାରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ସେଠାରେ କାମ କରୁଥିବା ବହୁ ଓଡ଼ିଆଙ୍କ ସମେତ ସେଠାରେ ରହୁଥିବା ଓଡ଼ିଆ ଲୋକମାନେ ପକ୍ଷ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଗୋଡ଼ା ଲୋକନାଥଙ୍କ ପୀଠରେ ନୀଳାଞ୍ଚଳ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଉପଦେଷ୍ଟା ଓ ଗୋଡ଼ା ଦାତବ୍ୟ ଚିକିତ୍ସାଳୟର ସଂଯୋଜକ ଏବଂ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ସହ ନିର୍ଦ୍ଦେଶକ ଇଂ. ଜ୍ଞାନରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଆ ଓ ଆସାମୀ ଭାଷା, ସାହିତ୍ୟ, ସଂସ୍କୃତି ବାବଦରେ ତୁଳନାକରି ଆସାମ ଏବଂ ଓଡ଼ିଶା ଭିତରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରଶଂସା କରିଥିଲେ।

# 'ସାହିତ୍ୟରୁ କମନୀୟ ସ୍ୱର୍ଣ୍ଣକାତର ସାନ୍ନିଧ ମିଳେ'

କଟକ,୫।୪(କାର୍ତ୍ତିକ ସାହୁ)

**ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ'**

ଗଙ୍ଗାଧର ରଥ ଥିଲେ ସାଲିସବିହୀନ ସଂଗ୍ରାମୀ, ନୀତି ଓ ଆଦର୍ଶର ଚଳନ୍ତି ପ୍ରତିମା। ଆଡ୍‌ଭୋକେଟ ଜେନେରାଲ ଭାବେ ସେ ଅଦାଲତରେ ସର୍ବଦା ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ। ନିଜସ୍ୱ ଆୟରେ ଅନୁଷ୍ଠାନ ଗଢ଼ି ସାହିତ୍ୟ ସେବାରେ ନିମଗ୍ନ ବ୍ୟକ୍ତିଙ୍କୁ ସମ୍ମାନ ଓ ପୁରସ୍କାର ପ୍ରଦାନ କରି ପ୍ରେରଣା ଯୋଗାଉଥିଲେ। ଏଭଳି ସମ୍ମାନ ପ୍ରଦାନର ପରମ୍ପରା ଜାତିର ସଭ୍ୟତା, ସଂସ୍କୃତି ଓ ଇତିହାସକୁ ଜୀବନ୍ତ କରି ରଖିବାର ପ୍ରୟାସ ବୋଲି ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ କଳାବିକାଶ କେନ୍ଦ୍ରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ୩୧ତମ ସମ୍ମାନ ପ୍ରଦାନ ସମାରୋହକୁ ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ବକ୍ତା ଅଧ୍ୟାପକ ଅଭିରାମ ବିଶ୍ୱାଳ ସାହିତ୍ୟରୁ କମନୀୟ ସ୍ୱର୍ଣ୍ଣକାତର ସାନ୍ନିଧ ମିଳେ ବୋଲି ଗଙ୍ଗାଧର ରଥଙ୍କ ଉକ୍ତି ଉଦ୍ଧାର କରି କହିଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ଓ ବିବିଧବର୍ଣ୍ଣା ସ୍ୱଭାବର ବୋଲି ସେ କହିଥିଲେ। ଏହି ଅବସରରେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୬' ସ୍ୱରୂପ ଏକଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯାଇଛି। ସେହିପରି ଫାଉଣ୍ଡେଶନ ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଶିକ୍ଷାବିତ୍ ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। କାବ୍ୟ ସାହିତ୍ୟରେ ଡ. ଇନ୍ଦିରା ଦାଶଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ କଥାକାର ରବି ସ୍ୱାଇଁଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ଯୁବ ସାରସ୍ୱତ ପ୍ରତିଭା ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରି ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ଜଣେ ସାହିତ୍ୟିକ ପାଇଁ ପାଠକୀୟ ପୁରସ୍କାର ବଡ଼ ପୁରସ୍କାର। ଟ୍ରଷ୍ଟ ଅଧ୍ୟକ୍ଷ ଡା. ଜୟନ୍ତ ରଥ ଅଧ୍ୟକ୍ଷତା କରି ୧୯୯୬ ମସିହାରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଉଥିବା କହିଥିଲେ। ଫାଉଣ୍ଡେଶନ ଉପଦେଷ୍ଟା ସଦସ୍ୟ ଡ. ବିଜୟାନନ୍ଦ ସିଂହ ଅତିଥି ପରିଚୟ ଓ ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ଡ. ବୈଜୟନ୍ତୀ ମିଶ୍ର, ବିଦ୍ୟୁତ ପ୍ରଧାନ, ଅରୁଣା ସାମନ୍ତରାୟ ଓ ଶଙ୍ଖଚୂଳ ଦାସ ମାନପତ୍ର ପାଠ କରିଥିଲେ। ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ଆଡଭୋକେଟ ସଞ୍ଜୟ ରଥ, ଲିପ୍ସିତା ରଥ ଓ ହର୍ଷବର୍ଦ୍ଧନ ରଥ ସହଯୋଗ କରିଥିଲେ।

**ନାବାଳିକା ନିଖୋଜ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଞ୍ଚଳର ଏକ ନାବାଳିକା ନିଖୋଜ ହୋଇଥିବା ନେଇ ବାପା ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ନାବାଳିକାଙ୍କ ବାପା କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ରାତିରେ ନାବାଳିକା ଜଣକ ଶୋଇଥିବା ବେଳେ ଆମେ ବନ୍ଧୁଙ୍କ ଘରକୁ ଯାଇଥିଲୁ। ପରଦିନ ବୁଢ଼ି ମା' ଉଠି ସକାଳୁ ନାତୁଣୀକୁ ଡାକିବାରେ ନାତୁଣୀ ଘରେ ନ ଥିବା ଦେଖି ଫୋନ ଯୋଗେ ପୁଅ ବୋହୂଙ୍କୁ ଜଣାଇଥିଲେ। ସେମାନେ ଘରକୁ ଆସି ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଏ ନେଇ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୧୦୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୪।୨୦୨୬

| ୬,୩୨,୦୮୮ ଟଙ୍କା | |
|---|---|
| ସୁନା | ୧ ଗ୍ରାମ୍ |
| ରୁପା | ୮୨ ଗ୍ରାମ୍ |

# ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀବାମନ

ପୁରୀ,୫।୪( ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଏପ୍ରିଲ୍ ମାସର ବୈଠକ ରବିବାର ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତମାସର ଆଲୋଚ୍ୟର ବିଷୟ ରହିଥିଲା 'ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀବାମନ'। ଡ. ଶ୍ରୀନିବାସ ଆଚାର୍ଯ୍ୟ ଉକ୍ତ ବିଷୟ ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାବିଷ୍ଣୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ସେ ସତ୍ୟ ଯୁଗରେ ଦଶଅବତାର ମଧ୍ୟରେ ପଞ୍ଚମ ବାମନ ଅବତାର ରୂପେ ଆବିର୍ଭୂତ ହୋଇଥିଲେ। ସତ୍ୟଯୁଗରେ ବଳି ନିଜ ପରାକ୍ରମରେ ସ୍ୱର୍ଗ ଅଧିକାର କରିବାରୁ ସମସ୍ତ ଦେବତା ବିଷ୍ଣୁଙ୍କ ନିକଟକୁ ଯାଇ ବିପତ୍ତିରୁ ଉଦ୍ଧାର ନିମିତ୍ତ ପ୍ରାର୍ଥନା କଲେ। ଏଥିରେ ସନ୍ତୁଷ୍ଟ ହୋଇ ଦେବମାତା ଅଦିତିଙ୍କ ଗର୍ଭରୁ ସ୍ୱୟଂ ଜନ୍ମ ହୋଇ ଦେବତାଙ୍କୁ ସ୍ୱର୍ଗପୁର ପ୍ରଦାନ କରିବେ। ରାଜା ବଳି ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ।

ଭଗବାନ ବିଷ୍ଣୁ ଭାଦ୍ରପଦ ଶୁକ୍ଳ ଦ୍ୱାଦଶୀ ମଧ୍ୟାହ୍ନରେ ବାମନ ରୂପେ ଅବତାରିତ ହୋଇ ବାଳ ବ୍ରହ୍ମଚାରୀ ବେଶରେ ବଳିଙ୍କ ଯଜ୍ଞଶାଳାରେ ପହଞ୍ଚି ତାଙ୍କୁ ଦାନରେ ତିନିପାଦ ଭୂମି ମାଗିଥିଲେ। ରାଜା ବଳିଦାନ ଦେବା ପାଇଁ ସଂକଳ୍ପ କରିବା ପରେ ବାମନ ଗୋଟିଏ ପାଦରେ ସମଗ୍ର ପୃଥିବୀ, ଦ୍ୱିତୀୟ ପାଦରେ ଉର୍ଦ୍ଧ୍ୱରୁ ସମସ୍ତ ଲୋକ ଅଧିକାର କଲେ, ତୃତୀୟପାଦରେ ନିଜ ଚରଣ କମଳ ବଳିଙ୍କ ଶିରରେ ରଖି ତାଙ୍କୁ ସୁତଳ ଲୋକକୁ ପଠାଇ ସେଠାକାର ସ୍ୱାମୀ କଲେ। ଶ୍ରୀବାମନ ସ୍ୱର୍ଗରେ ଦେବରାଜ ଇନ୍ଦ୍ରକୁ ପ୍ରତିଷ୍ଠିତ କଲେ। ଶ୍ରୀମନ୍ଦିରରେ ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ଶ୍ରୀଜଗନ୍ନାଥଙ୍କୁ ବାମନ ରୂପେ ଅଭିହିତ କରାଯାଇ ଜନ୍ମନୀତି ପାଳନ କରାଯାଏ। ମଧ୍ୟାହ୍ନ ଧୂପ ଉଠିବା ପରେ ପଞ୍ଚବର୍ଣ୍ଣ ମୁରୁଜରେ ସର୍ବତୋ ଭଦ୍ରମଣ୍ଡଳ ଲେଖାଯାଇ ଦକ୍ଷିଣୀ ଘରୁ ଶ୍ରୀକୃଷ୍ଣଙ୍କୁ ବିଜେ କରାଯାଇ ମଣ୍ଡଳରେ ପ୍ରତିଷ୍ଠିତ କରାଯାଏ। ଉକ୍ତ ମଣ୍ଡଳରେ ସୁବର୍ଣ୍ଣର ବାମନ ପ୍ରତିମା ବିଜେ କରିଥାନ୍ତି। ସେଠାରେ ଜନ୍ମନୀତି ସହ ଅନ୍ୟାନ୍ୟ ନୀତି ହୋଇଥାଏ। ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ବଳିବାମନ ବେଶ ଅନୁଷ୍ଠିତ ହୋଇଥାଏ। ବାମନଙ୍କ ଦୁଇଟି ରୂପ ରହିଛି। ଗୋଟିଏ ବଟୁ ବହ୍ମଚାରୀ ବାମନ ରୂପେ ଦୃଶ୍ୟମାନ ଏବଂ ଅନ୍ୟଟି ତ୍ରିବିକ୍ରମ ବେଶ। ସେହିପରି ଆଷାଢ଼ ମାସର ଅଧିପତି ଶ୍ରୀବାମନ ହୋଇଥିବାରୁ ଜଗନ୍ନାଥଙ୍କ ଠାରେ ତାଙ୍କୁ ସ୍ମରଣ କରାଯାଏ। ଉକ୍ତ ଆଲୋଚନାରେ ଡ. ଉମେଶ ଚନ୍ଦ୍ର ତିହ୍ନରା, ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ, ଡ. ବିମଳ ପ୍ରସାଦ ମହାନ୍ତି , ଡ. ବିଜୟ ନାରାୟଣ ରାମାନୁଜ ଦାସ, ଡ. ନୃସିଂହ ଚରଣ ସାହୁ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଅନାମ ଚନ୍ଦ୍ର ସାହୁ, ଡ. ପ୍ରମୋଦ କୁମାର ଦଳେଇ, ଡ. କଲ୍ୟାଣୀ ଶତପଥୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର କର୍ମକର୍ତ୍ତାମାନେ ।

# ବର୍ଷକ ପରେ ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୫।୪(ରଶ୍ମିରଞ୍ଜନ ପ୍ରଧାନ)

**ବସନ୍ତପୁର ସଂଘବଦ୍ଧ ଆକ୍ରମଣ ଘଟଣା**

ବସନ୍ତପୁର ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ ଓ ଲୁଟ୍‌ପାଟ ଘଟଣାକୁ ୧ ବର୍ଷ ବିତିଯାଇଥିଲେ ମଧ ଫେରାର ଅଭିଯୁକ୍ତଙ୍କୁ ଡେଲାଙ୍ଗ ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ତିରିମଲ୍ଲ ଗ୍ରାମର ଅଶୋକ ପାତ୍ର(୪୮)। ନଦୀବନ୍ଧ କାମକୁ ନେଇ ୨୦୨୫ ମସିହାରେ ବସନ୍ତପୁର ଗ୍ରାମରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

ସୂଚନାଥାଉ କି, ଡେଲାଙ୍ଗ ଥାନା ଅଧୀନ ବସନ୍ତପୁର ଗ୍ରାମରେ ନଦୀବନ୍ଧ କାମକୁ କେନ୍ଦ୍ରକରି ୨୦୨୫ ଫେବୃଆରୀରେ ଗ୍ରାମର ସ୍ୱାଇଁ ପରିବାର ଓ ମହାପାତ୍ର ପରିବାର ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ୍ ହୋଇଥିଲା। ଏନେଇ ଡେଲାଙ୍ଗ ପୋଲିସ ୨ଟି ମାମଲା ରୁଜୁ କରିଥିବା ବେଳେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନରେ ଫେରିଥିଲେ। ୨୦୨୫ ମାର୍ଚ୍ଚ ୧୧ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବସନ୍ତପୁର ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କୁ ପୁନର୍ବାର ମରଣାନ୍ତକ ଆକ୍ରମଣ କରି କୁମୁଣ୍ଡାଳ ଗ୍ରାମ ନିକଟରେ ତାଙ୍କ ହାତଗୋଡ଼ ଭାଙ୍ଗି ରାସ୍ତାକଡ଼ରେ ଫିଙ୍ଗିଦେବା ସହିତ ତାଙ୍କଠାରୁ ଟଙ୍କା ଲୁଟିନେଇଥିବା ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଥିଲେ। ନଦୀବନ୍ଧ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ପାଖରୁ ଶ୍ରମିକଙ୍କ ଦରମା ବାବଦ ଟଙ୍କା ନେଇ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତ ଅଶୋକଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### କାଳବୈଶାଖୀର ତାଣ୍ଡବ, ବ୍ୟାପକ ଧାନଫସଲ ନଷ୍ଟ

କଣାସ,୫।୪(ବିଭୂତି ଭୂଷଣ ତ୍ରିପାଠୀ)

କିଛିଦିନ ହେଲା ବିଭିନ୍ନ ଜିଲାରେ କାଳବୈଶାଖୀ ତାଣ୍ଡବ ସୃଷ୍ଟିକରି ବହୁ କ୍ଷୟକ୍ଷତି ହେଉଥିବାବେଳେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ଯୋଗୁ ଚାଷୀଙ୍କ ଧାନ ଫସଲ ମାଟିରେ ମିଶିଯାଇଛି। ଅନେକ ସ୍ଥାନରେ ଗଛଡାଳ ଭାଙ୍ଗିପଡ଼ିଥିବା ବେଳେ ଚାଳ ଛପର ଘର ଉଡ଼ିଯାଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବାରୁ କଣାସ ଅଞ୍ଚଳ ଅନ୍ଧାରରେ ରହିଛି। ବିଶେଷକରି ଚିଲିକା ଉପକୂଳ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଖଣ୍ଡହତା, ବିନ୍ଧଣ, ଅଣ୍ଡାଳସିଂହ, ଗଡ଼ସାହି, ଚୁପୁରିଙ୍ଗି, କାଦୁଆ, ଗୋପୀନାଥପୁର, ବଡ଼ାଲ, ଗଡ଼ଖାରଦ, ଦେଇପୁର, ସାହୁପଡ଼ା, ବକୁ, ଦୋଛିଆଁ, ଦିବ୍ୟସିଂହପୁର ପଞ୍ଚାୟତର ଚାଷଜମିରେ ପାଚିଲା ଧାନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନ ଯୋଗୁ ଆମ୍ବ ଫସଲ ମଧ ନଷ୍ଟ ହୋଇଛି।

### ପୁରୀ କ୍ଲବ ପକ୍ଷରୁ ଚେସ୍ ପ୍ରଶିକ୍ଷଣ ଶିବିର

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ନୂଆ ଚେସ୍ ତାରକା ସୃଷ୍ଟି ଲକ୍ଷ୍ୟରେ ପୁରୀ କ୍ଲବ ପକ୍ଷରୁ ଚେସ୍ ପ୍ରଶିକ୍ଷଣ ଶିବିର କ୍ଲବ୍ ପରିସରରେ ରବିବାର ଶୁଭାରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପ୍ରତ୍ୟେକ ଶନିବାର ଏବଂ ରବିବାର ଏହି ତାଲିମ୍ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ପ୍ରଶିକ୍ଷାର୍ଥୀଙ୍କ ଚାହିଦାକୁ ଦେଖି ଅବଧି ବୃଦ୍ଧି କରାଯିବ। ଯେଉଁମାନେ ନିକଟ ଭବିଷ୍ୟତରେ ଚେସ୍ କ୍ଷେତ୍ରରେ ସଫଳତା ହାସଲ କରିବେ, ସେମାନଙ୍କୁ ଆଗକୁ ନେବା କ୍ଲବର ମୁଖ୍ୟ ଲକ୍ଷ୍ୟ ରହିଛି। ପ୍ରାଥମିକ ଭାବେ ୬ରୁ ୧୨ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ନିଆଯାଉଛି। କ୍ଲବ ପକ୍ଷରୁ ଭିତ୍ତିଭୂମି, ପ୍ରଶିକ୍ଷଣ, ଅଧ୍ୟୟନ ସାମଗ୍ରୀ ଆଦି ଯୋଗାଇ ଦିଆଯିବ। ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟରଙ୍କୁ ନିଯୁକ୍ତି ଦେବାର ଯୋଜନା ରଖିଛୁ ବୋଲି କ୍ଲବର ସାଧାରଣ ସମ୍ପାଦକ ରବିନାରାୟଣ ସାହୁ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ବିଶ୍ୱନାଥ ମିଶ୍ର କହିଛନ୍ତି। ଆନ୍ତର୍ଜାତିକ ଚେସ୍ ପ୍ରଶିକ୍ଷକ ମନୋଜ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ନଳିନୀ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଅରୁଣ କୁମାର ରାୟ, କାର୍ଯ୍ୟକାରୀ କମିଟି ସଭ୍ୟ ନୂତନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କଣାସରେ ଗଡ଼ିଲା ଶିକ୍ଷା ସଚେତନତା ରଥ

କଣାସ,୫।୪(ବିଭୂତି ଭୂଷଣ ତ୍ରିପାଠୀ)

ନୂତନ ଶିକ୍ଷାବର୍ଷ ୨୦୨୬-୨୭ ପ୍ରାରମ୍ଭ ରେ ପ୍ରଶେ ଉତ୍ସବ ତଥା ନୂତନ ରୂପେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ଯୋଗ ଦେଉଥିବା ଛାତ୍ରୀଛାତ୍ରଙ୍କର ଖଡ଼ିଛୁଆଁ କାର୍ଯ୍ୟକ୍ରମ କଣାସ ବ୍ଲକର ସମସ୍ତ ବିଦ୍ୟାଳୟରେ ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଶିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ଉପାଧକ୍ଷ ଅଭିମନ୍ୟୁ ଜୟ ସିଂହ, ମୁଖ୍ୟବକ୍ତା ଭାବେ ତହସିଲ୍‌ଦାର କଣାସ ହିମାଂଶୁ ଶେଖର ଗିରି ଓ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ଲତାମଣି ଜଗଦ୍ଦେବ, ସିରେଇ ସରପଞ୍ଚଙ୍କ ପ୍ରତିନିଧି ଦେବବ୍ରତ ପରିଡ଼ା, ସମିତିସଭ୍ୟା ମଧୁସ୍ମିତା ମାର୍ଥା, ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ପେଣ୍ଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼




ଗଣଦୌଡ଼କୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଆମ ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ସହ ଯୁବପିଢ଼ିକୁ ଅବଗତ କରାଇ ଏହାକୁ ଅଧିକ ଋଦ୍ଧିମନ୍ତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ରବିବାର ପୂର୍ବାହ୍ନରେ ଓଡ଼ିଆ ପକ୍ଷ ପାଳନର ୫ମ ଦିବସରେ ଏକ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଏହି ଗଣଦୌଡ଼ ଯାଇଥିଲା। ଅତିରିକ୍ତ ଜିଲାପାଳ ବେହେରା ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିବା ସହ ବଗଲା ଧର୍ମଶାଳା ଠାରେ ଯୁବବର୍ଗଙ୍କୁ ସମ୍ବୋଧିତ କରି ଓଡ଼ିଶାର ଐତିହ୍ୟ ପରମ୍ପରା ସମ୍ପର୍କରେ ଜାଣିବାକୁ ପରାମର୍ଶ ଦେଇଥିଲେ। ଆମେ ୧୯୩୬ରେ ଭାଷାଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ। ୨୦୩୬କୁ ରାଜ୍ୟ ଗଠନର ଶହେ ବର୍ଷ ପୂରିବ। ଏହାକୁ ସମସ୍ତଙ୍କ ସହଯୋଗରେ ବିକଶିତ କରିବା ବୋଲି ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଖୋ ଖୋ ର ମୁଖ୍ୟ କୋଚ ସଞ୍ଜୀବ ଶର୍ମା, ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ଗୋପାଳ ଚନ୍ଦ୍ର ପରିଡ଼ା, ଏନ୍‌ଏସ୍‌ଏସ୍ ଅଫିସର ଗୋଲକ ବିହାରୀ ପଲାଇ, କ୍ରୀଡ଼ା ପ୍ରଶିକ୍ଷକ ଚୌଧୁରୀ ପାର୍ଥସାରଥୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ମଧ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା।

## ଶର୍ଟସର୍କିଟ ଯୋଗୁ ଜଳିଗଲା ୨ ଦୋକାନ

ଯୋଗେଶ୍ୱରପୁର,୫।୪(ରଶ୍ମି ରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଓ୍ୱଳୀ ପଞ୍ଚାୟତର ଶାସନ ଛକରେ ଥିବା ୨ ଦୋକାନରେ ବିଦ୍ୟୁତ୍ ଶର୍ଟ୍‌ସର୍କିଟ ଯୋଗୁ ଶନିବାର ବିଳମ୍ବିତ ରାତିରେ ଜଳି ଯାଇଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଶାସନ ଛକରେ କାଶିଆ ମଲିକଙ୍କର ଟିଭି ମରାମତି ଦୋକାନ ଓ ସୁଧୀର ରାଉତଙ୍କ ସେଲୁନ୍ ଦୋକାନ ରହିଛି। ବିଦ୍ୟୁତ୍ ଶର୍ଟ୍‌ସର୍କିଟଯୋଗୁ ତାହା ପୋଡ଼ି ପାଉଁଶ ହୋଇଯାଇଛି। ଜଳି ଯାଇଥିବା ସମ୍ପତ୍ତିର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୫।୪(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁଡୁଣିଆର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିସଭ୍ୟ ମନୋଜ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଭୂତି ନାୟକ, ସିଆର୍‌ସିସି ଏକବାଲ ହୋସେନ ଖାନ, ଅବସରପ୍ରାପ୍ତ ଶିକ୍ଷକ ବିକ୍ରମ କିଶୋର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ଦଳାଇ, ବିଜୟ କୁମାର ଦଳାଇ, ପୂର୍ବତନ ସିଆର୍‌ସିସି ଦୁର୍ଗା ପ୍ରସାଦ ଦାଶ, ଶିକ୍ଷାବିତ୍ ଅଶୋକ ପାଢ଼ିଆରୀ ଓ ସାମାଜିକ କର୍ମୀ ଦିବାକର ସାହୁ ଉପସ୍ଥିତ ଥିଲେ। ଅତିଥିମାନେ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୈତିକ ଶିକ୍ଷା ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବୃନ୍ଦାବନ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଯଶୋବନ୍ତ ଦଳାଇ, ପଦ୍ମଚରଣ ମଲ୍ଲିକ, ପାଣ୍ଡୁ ସିଂହ, ସରସ୍ୱତୀ ପରିଡ଼ା ଓ ମଧୁସ୍ମିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବୋମାମାଡ଼ ଘଟଣା, କୁଖ୍ୟାତ ଅଭିଯୁକ୍ତ ମୁନା ଗିରଫ



ଖବରଦାତା ସମ୍ମିଳନୀ କରାଯାଉଛି ।

କାକଟପୁର/ଅସ୍ତରଙ୍ଗ,୫।୪(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**ବିଭିନ୍ନ ଥାନାରେ ରହିଛି ୧୦ରୁ ଉର୍ଦ୍ଧ୍ୱ ମାମଲା**

ପୁରୀ ଜିଲା ଅସ୍ତରଙ୍ଗ ନିକଟସ୍ଥ ଝାଡ଼ଲିଙ୍ଗ ଗ୍ରାମରେ ବୋମାମାଡ଼ ଘଟଣାରେ ନୂଆଗଡ଼ ଥାନା ପୋଲିସ ଜଣେ କୁଖ୍ୟାତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ମୁନା ବିଶ୍ୱାଳ ଓରଫ ରାଧାମୋହନ(୩୪)।

ପୋଲିସ ସୂଚନା ମୁତାବକ, ଗତ ଶନିବାର ଅସ୍ତରଙ୍ଗ ନିକଟସ୍ଥ ଝାଡ଼ଲିଙ୍ଗ ଗ୍ରାମରେ ଚୈତ୍ରପୂର୍ଣ୍ଣିମା ଅବସରରେ ଘୋଡ଼ାନାଚ ହେଉଥିଲା। ସେଠାରେ ଅଭିଯୁକ୍ତ ମୁନା ନିଶାସକ୍ତ ଅବସ୍ଥାରେ ପହଞ୍ଚି ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ପରେ ମୁନା ଉତ୍‌କ୍ଷିପ୍ତ ହୋଇ ବୋମାମାଡ଼ କରିଥିଲେ, ଯାହାକି ଉପସ୍ଥିତ ୩ଶହରୁ ଉର୍ଦ୍ଧ୍ୱ ଦର୍ଶକ ଓ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇଯାଇଥିଲେ। ଏନେଇ ଗ୍ରାମବାସୀ ନୂଆଗଡ଼ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ନୂଆଗଡ଼ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଏଏସ୍‌ଆଇ ଯୁଧିଷ୍ଠିର ସାହୁଙ୍କ ସମେତ ପୋଲିସ ଫୋର୍ସ ରବିବାର ମୁନାଙ୍କ ଘରେ ପହଞ୍ଚିବା ବେଳକୁ ସେ ସେଠାରୁ ଦୌଡ଼ି ପଳାଉଥିଲେ। ପୋଲିସର ସ୍ୱତନ୍ତ୍ର ଟିମ୍ ସହ ଏଏସ୍‌ଆଇ ଯୁଧିଷ୍ଠିର ସାହୁ ଗୋଡ଼ାଇ ଗୋଡ଼ାଇ ମୁନାଙ୍କୁ ଧରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ କେସ ନଂ ୧୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ଅସ୍ତରଙ୍ଗ-ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନାଧିକାରୀ ବିଦିତା ନାୟକ, ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୋମାମାଡ଼ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ମୁନାଙ୍କର ପୂର୍ବରୁ ବିଭିନ୍ନ ଥାନାରେ ୧୦ଟି ଆପରାଧିକ ମାମଲା ରହିଛି। ରବିବାର ଅପରାହ୍ନରେ ପୁରୀ ସାଇଣ୍ଟିଫିକ ଟିମ୍ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି।

# ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

ପିପିଲି,୫।୪(ଦୁର୍ଗାମାଧବ ମିଶ୍ର)

ଓଡ଼ିଆ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ୨୦୨୬-୨୭ ଶିକ୍ଷାବର୍ଷର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗୋବିନ୍ଦପୁର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟକୁ ସାଜସଜ୍ଜା କରାଯାଇ ୩ଟି ଷ୍ଟଲ୍ ଖୋଲାଯାଇଥିଲା। ଶିଶୁବାଟିକା ଶ୍ରେଣୀରେ ନୂତନ କରି ନାମ ଲେଖାଇଥିବା ଶିଶୁଙ୍କୁ ସ୍ୱାଗତ କରାଯାଇ ଫୁଲ ଚନ୍ଦନ ଦିଆଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶିଶୁଙ୍କ ସହ ସେମାନଙ୍କ ପିତାମାତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ମିଶ୍ର ଶିଶୁଙ୍କୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ସହ ଭୟ ଶୂନ୍ୟ ବାତାବରଣ ସୃଷ୍ଟି କରିବା।

# ଦରଜି ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ପିପିଲି,୫।୪(ଦୁର୍ଗାମାଧବ ମିଶ୍ର)

ଦରଜିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏକ ବିଦ୍ୟାରମ୍ଭ ଯଜ୍ଞ ପ୍ରସ୍ତୁତି କରାଯାଇଥିଲା। ପରେ ବିଦ୍ୟାଳୟର ଅଧ୍ୟକ୍ଷ ସେକ୍ କଲିମ୍‌ଙ୍କ ଅଧ୍ୟକ୍ଷତାରେ ପିଲାଙ୍କୁ ଫୁଲ ଚନ୍ଦନ ଦେଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ। ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ପତି, କାଦମ୍ବିନୀ ଜେନା ପିଲାମାନଙ୍କୁ ଖଡ଼ି ଛୁଆଁଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ଭରତ ବେହେରା, ଗୋପାଳ ମହାପାତ୍ର, ତୋଫାନ ଦାସ, ବଳରାମ ମହାପାତ୍ର, ରାକେଶ ମହାପାତ୍ର ଓ ଜିତେନ୍ଦ୍ର ମହାରଣା ଆଦି ଉପସ୍ଥିତ ରହି ଶିଶୁଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ନାରାୟଣୀ ମହାନ୍ତି ସଭା ପରିଚାଳନା କରିଥିବା ବେଳେ ସସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

# ରବିଋତୁରେ ଆଳୁଚାଷ କରିବାକୁ ଚାଷୀଙ୍କୁ ପରାମର୍ଶ

ସାକ୍ଷୀଗୋପାଳ,୫।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଆଳୁ ବିହନ ଉତ୍ପାଦନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ ସହାୟତାକ୍ରମେ ଅନ୍ତର୍ଜାତୀୟ ଆଳୁ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଳୁଚାଷୀ, ଉଦ୍ୟାନ ବିଭାଗ ଅଧିକାରୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଆଳୁ ଗବେଷଣା କେନ୍ଦ୍ର ବୈଜ୍ଞାନିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବିଋତୁରେ ଧାନ ପରିବର୍ତ୍ତେ ଉନ୍ନତ କିସମର ଆଳୁ ଚାଷକରି ଅଧିକ ଲାଭବାନ୍ ହେବାକୁ ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ବିହନ ଅମଳ, ବିକ୍ରି ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତବର୍ଷ ରବି ଋତୁରେ ଆଳୁଚାଷ କରି ସଫଳତା ଲାଭ କରିଥିବା ଚାଷୀମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଉଦ୍ୟାନ ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ବୈଜ୍ଞାନିକ ଡ. ଏଲିନା ଏଟିନୋ, ଡ. କଳ୍ପନା ଶର୍ମା, ଡ. ବିଷ୍ଣୁପଦ ଗିରି, ନବକିଶୋର ପରିଡ଼ା, ବିଦ୍ୟାଧର ରାଉତ ଏବଂ ମୁଖ୍ୟ ଜିଲା କୃଷିଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ପ୍ରମୁଖ ଆଳୁ ବିହନ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ ।

# ୨୪ ଘଣ୍ଟିଆ ଖୋଲାରହୁନି ନିରାମୟ, ମିଳୁନି ସବୁ ଔଷଧ

କାକଟପୁର/ଅସ୍ତରଙ୍ଗ,୫।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)




**ହଇରାଣ ହେଉଛନ୍ତି ରୋଗୀ**

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୫ଟି ପଞ୍ଚାୟତର ବାସିନ୍ଦାଙ୍କ ସମେତ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ନିର୍ଭର କରିଥାନ୍ତି। ତେବେ ଡାକ୍ତର ଓ କର୍ମଚାରୀ ଅଭାବରୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ସେହିପରି ଚିକିତ୍ସାଳୟ ପରିସରସ୍ଥ ନିରାମୟ କେନ୍ଦ୍ର ୨୪ ଘଣ୍ଟିଆ ଖୋଲା ରହୁନାହିଁ ଓ ସମସ୍ତ ପ୍ରକାର ଔଷଧ ମଧ ଉପଲବ୍ଧ ହେଉନାହିଁ। ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଦିନ ସମୟରେ ନିରାମୟ କେନ୍ଦ୍ରରେ ଔଷଧ ନ ମିଳିଲେ ରୋଗୀ ଘରୋଇ ମେଡିସିନ ଷ୍ଟୋରରୁ କିଣିଥାନ୍ତି। ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ମେଡିସିନ ଷ୍ଟୋର ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଯଦି ରାତି ୧୧ଟା ପରେ କାହାର ଔଷଧ ଆବଶ୍ୟକ ପଡ଼େ, ତେବେ ତାଙ୍କୁ ଈଶ୍ୱରଙ୍କୁ ଡାକି ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ରାତି ୧୨ଟା ପରେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ଔଷଧ ପାଇଁ ହଇରାଣ ହେଉଛନ୍ତି। ନିରାମୟ କେନ୍ଦ୍ରରେ ପ୍ରାୟ ସମୟରେ ଔଷଧ ମିଳୁନାହିଁ। ବାହାରେ ଔଷଧ ଦୋକାନ ବନ୍ଦ ରହୁଥିବାରୁ ବାଧହୋଇ ରୋଗୀ ଓ ତାଙ୍କ ସମ୍ପର୍କୀୟ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। କିଛିଦିନ ତଳେ କୈଳାସ ନାୟକ ନାମକ ଯୁବକ ତାଙ୍କ ବୃଦ୍ଧ ବାପାଙ୍କୁ ଗୁରୁତର ଅସୁସ୍ଥତା କାରଣରୁ ରାତି ୨ଟାରେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଯେଉଁ ଇଞ୍ଜେକ୍ସନ ଲେଖିଥିଲେ, ତାହା ନିରାମୟ କେନ୍ଦ୍ରରେ ମିଳି ନ ଥିଲା। ବାହାରେ ଔଷଧ ଦୋକାନ ବନ୍ଦ ଥିବାରୁ ସେ କେବଳ ଭଗବାନଙ୍କୁ ଡାକି ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଧ ହୋଇଥିଲେ। ଏହା କେବଳ ଗୋଟିଏ ଉଦାହରଣ ନୁହେଁ, ଏମିତି ଘଟଣା ବହୁବାର ରୋଗୀଙ୍କ ସହ ଘଟିଛି। ଏ ନେଇ ଅସ୍ତରଙ୍ଗ ମୁଖ୍ୟ ବଜାର କମିଟି ସଭାପତି ତଥା ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା କହିଛନ୍ତି, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ନିରାମୟ କେନ୍ଦ୍ରକୁ ୨୪ଘଣ୍ଟିଆ ଖୋଲା ରଖାଯିବା ଏବଂ ସମସ୍ତ ପ୍ରକାର ଔଷଧ ଉପଲବ୍ଧ ହେବା ଉଚିତ। ନଚେତ ଲୋକେ ଉପଯୁକ୍ତ ସେବା ପାଇପାରିବେ ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ କହିଛନ୍ତି, ଏଠାରେ ଜଣେ ମାତ୍ର ଫାର୍ମାସିଷ୍ଟ କାର୍ଯ୍ୟରତ ଅଛନ୍ତି। ତେଣୁ ଆମେ ସକାଳ ୮ଟାରୁ ରାତି ୭ଟା ପର୍ଯ୍ୟନ୍ତ ନିରାମୟ କେନ୍ଦ୍ର ଖୋଲା ରଖିପାରୁଛୁ। ଅଧିକ ସଂଖ୍ୟକ କର୍ମଚାରୀ ନିଯୁକ୍ତ ହେଲେ ଆହୁରି ଉତ୍ତମ ସେବା ଯୋଗାଇଦେଇପାରିବୁ।

**ଭାଜପାର ମିଶ୍ରଣ ପର୍ବ**

କଟକ ସଦର,(ସୁଶାନ୍ତ କୁମାର ଜେନା): ବୟାଳିଶ ମୌଜାରେ ରବିବାର ଭାଜପାର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ଜିଲା ଉପସଭାପତି ସୁରେଶ ଚନ୍ଦ୍ର ଜେନା, ଆତ୍ମା ସଭାପତି ରମାପ୍ରସାଦ ବିଶ୍ୱାଳ, ମଣ୍ଡଳ ସଭାପତି ସୁଧାଂଶୁ ନାରାୟଣ ଦାସ, ଚିତ୍ତରଞ୍ଜନ ସାହୁ, ପ୍ରବେଶ ରାଉତ, ସମ୍ପାଦକ ସତ୍ୟଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବେଣ୍ଟକାର ସମିତି ସଭ୍ୟ ବିନୋଦ ବେହେରା,ପ୍ରଭାତ ଖଟୁଆଙ୍କ ସମେତ ୨୨୦ ଜଣ ଭାଜପାରେ ସାମିଲ ହୋଇଥିଲେ। ଇଂ. ଅଶୋକ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରିୟରଞ୍ଜନ ଖଟୁଆ, ବିଜୟ ରାଉତରାୟ, ପୀୟୂଷ ପରିଡ଼ା, ପରମାନନ୍ଦ ଚୌଧୁରୀ, ସୁଧୀର ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଠଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି କିରଣ ବିହାରୀ ଖଟୁଆ

**ଖୁଣ୍ଟୁଣୀ,୫।୪(ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ କିରଣ ବିହାରୀ ଖଟୁଆଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ



ଅନୁମୋଦନ କ୍ରମେ କଟକ ଜିଲା କଂଗ୍ରେସ କମିଟି ସଭାପତି ପ୍ରଦୀପ କୁମାର ଦାସ ନିଯୁକ୍ତି ଦେଇଛନ୍ତି। ଖଟୁଆଙ୍କ ପୂର୍ବରୁ ଆଠଗଡ଼ ସବ୍‌ଡିଭିଜନାଲ ଗୃହ ନିର୍ମାଣ ସମବାୟ ସମିତିର ସଭାପତି ଓ କଟକ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ମଞ୍ଚେଶ୍ୱର ପଞ୍ଚାୟତରେ ୩ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ସେ ଲୋକଙ୍କ ଆସ୍ଥା ଭାଜନ ହୋଇ ପାରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସେ ଜଣେ ବିଶ୍ୱସ୍ତଭାବେ କାମ କରିଥିଲେ। ଖଟୁଆଙ୍କୁ ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଆଠଗଡ଼ରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ପାଇଁ ସବୁ ବର୍ଗର ନେତା ଓ କର୍ମୀମାନଙ୍କୁ ଏକଜୁଟ କରିବାକୁ ସେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି। ତାଙ୍କୁ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଦାସ, ଜିଲା ସଭାପତି ଦାସ ଓ ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ସୁଦର୍ଶନ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୩ ବିଧାୟକଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ: ଭର୍ତ୍ତୃହରି

**କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟ ସଭା ନିର୍ବାଚନରେ କଟକର ୩ ବିଧାୟକଙ୍କ କ୍ରସ୍ ଭୋଟିଂ ପ୍ରସଙ୍ଗରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁହଁ ଖୋଲିଛନ୍ତି। ରବିବାର ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଭର୍ତ୍ତୃହରି କହିଛନ୍ତି, ସମ୍ପୃକ୍ତ ୩ ବିଧାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ୩ଜଣ କାହା ପ୍ରଭାବରେ ଆସି ଭୋଟ ଦେଇନାହାନ୍ତି, ନିଜ ମତ ଓ ବିବେକ ଅନୁଯାୟୀ ଭୋଟ ଦେଇ ଠିକ କରିଛନ୍ତି। କ୍ରସ୍ ଭୋଟିଂ କରିବାର କାରଣ ମଧ୍ୟ ସର୍ବସମ୍ମୁଖରେ ରଖିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ସୂଚନାଥାଉ କି, ରାଜ୍ୟ ସଭା ନିର୍ବାଚନରେ ବିଧାୟକ ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ଓ ସୋଫିଆ ଫିର୍ଦ୍ଦୋସ ନିଜ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ଫଳରେ ସମ୍ପୃକ୍ତ ୩ ବିଧାୟକଙ୍କୁ ସେମାନଙ୍କ ଦଳରୁ ନିଲମ୍ବନ କରାଯାଇଛି।

### କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଫୁଲନଖରା,୫।୪(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅନ୍ତର୍ଗତ କାକଟପୁର ବ୍ରାଞ୍ଚ କେନାଲର ଜରିପଡ଼ା ନିକଟରୁ ପୋଲିସ ରବିବାର ସକାଳେ ଜଣେ



ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ପ୍ରତାପନଗରୀ ଗ୍ରାମର ସନ୍ଦୀପ ରାଉତ (୨୮)। ସୂଚନା ଅନୁଯାୟୀ, ସନ୍ଦୀପ ଶନିବାର ରାତିରେ ଘରୁ ଖାଇସାରି ମା' ଧାକୁଲେଇଙ୍କ ପୀଠରେ ଚାଲିଥିବା ଯାତ୍ରା ଦେଖିବା ପାଇଁ ଆସିଥିଲେ। ତେବେ ରବିବାର ସକାଳେ ତାଙ୍କର ମୃତଦେହ ଜରିପଡ଼ା ନିକଟ କାକଟପୁର ବ୍ରାଞ୍ଚ କେନାଲରେ ଭାସୁଥିବା ଦେଖି ଗ୍ରାମର ଯୁବକମାନେ ପୋଲିସକୁ ଖବର ଦେବା ସହ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

# 'ମେଟ୍ରୋ ପ୍ରକଳ୍ପ ହେଉ, କିନ୍ତୁ ରାସ୍ତା ସଂଖ୍ୟା ବଢୁ'

**କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ)**



ଏମ୍‌ପି ଭର୍ତ୍ତୃହରି ମହତାବ

- ଚାରବାଟିଆରେ ଏୟାରପୋର୍ଟ କରିବାକୁ ଗୁରୁତ୍ୱ
- ଖାନ୍‌ନଗର ନୂତନ ବସ୍‌ଷ୍ଟାଣ୍ଡ ଉଠାଯାଇପାରେ

ମେଟ୍ରୋ ପ୍ରକଳ୍ପ ହେଲେ ସାଧାରଣ ବର୍ଗର ଲୋକେ ସୁରୁଖୁରୁରେ ଯାତାୟାତ କରିପାରିବେ। ତେବେ ଆଜି ଇଚ୍ଛା କଲେ କାଲି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ହୋଇପାରିବ ନାହିଁ, ଏଥିପାଇଁ ୮ରୁ ୧୦ ବର୍ଷ ସମୟ ଲାଗିବ। କଟକରୁ ଭୁବନେଶ୍ୱର ଅଧିକ ରାସ୍ତା ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା କଥା। ଏଲିଭେଟେଡ୍ ରୋଡ୍ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ଏବଂ ଆଉ ଏକ ବ୍ରିଜ ପାଇଁ ଆପ୍ରୁଭାଲ ହୋଇଯାଇଛି। ଏହାସତ୍ତ୍ୱେ ଆଉ ଏକ ରାସ୍ତା ଆବଶ୍ୟକ ରହିଛି ଏବଂ ସରକାର ଏଦିଗରେ ଯୋଜନା କରୁଛନ୍ତି ବୋଲି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ରବିବାର ବିହାରୀବାଗସ୍ଥିତ କାର୍ଯ୍ୟାଳୟରେ ଭର୍ତ୍ତୃହରି କହିଛନ୍ତି ଯେ, ୬ ଲେନ୍ ହେବା ପରେ ମଧ୍ୟ କଟକରୁ ଭୁବନେଶ୍ୱର ପହଞ୍ଚିବାକୁ ୨ଘଣ୍ଟା ସମୟ ଲାଗୁଛି। ମେଟ୍ରୋ ପ୍ରକଳ୍ପ ହେଲେ ସାଧାରଣଲୋକେ ସୁବିଧା ପାଇବେ, ହେଲେ ଅନ୍ୟ ଲୋକ ଯାତାୟାତ କରିବା ପାଇଁ ରାସ୍ତା ଆବଶ୍ୟକ। ସେହିପରି ଖାନନଗର ବସ୍‌ଷ୍ଟାଣ୍ଡ ଉଠେଇବାକୁ ପଡ଼ିବ। ସେ କହିଛନ୍ତି ଯେ, ନୂଆ ଟର୍ମିନାଲ ହେବା ପାଇଁ ଯାହା ବଜେଟ ଥିଲା, ତାହାକୁ ବଢାଯାଇଥିଲା। ହେଲେ ସମସ୍ୟା ସମ୍ପର୍କରେ ତତ୍କାଳୀନ ସରକାର ଠିକ ଭାବେ ଜାଣିଲେ ନାହିଁ। କଟକରେ ତୃତୀୟ ଓ ଚତୁର୍ଥ ରେଲଲାଇନ ପାଇଁ ମଞ୍ଜୁରୀ ମିଳିଛି, ହେଲେ ଏଥିପାଇଁ ଯାହା ଆବଶ୍ୟକ ତାହା ଠିକ ଭାବେ ତର୍ଜମା କରାଯାଇ ନାହିଁ। ରେଳ ମନ୍ତ୍ରଣାଳୟ ସହ ଏହାର ନିର୍ମାଣ କାର୍ଯ୍ୟରେ ଥିବା ବିଭାଗୀୟ ଅଧିକାରୀମାନେ କୌଣସି ଆଲୋଚନା କରିନାହାନ୍ତି। ତତ୍କାଳୀନ ସରକାରଙ୍କୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣର ସମସ୍ୟା ନେଇ ବହୁବାର ଅବଗତ କରିଥିଲି, ହେଲେ ଗୁଗଲ୍ ମ୍ୟାପ୍ ଦେଖି ଏହି କାର୍ଯ୍ୟକୁ କରାଯାଇଛି, ଯେଉଁଥିପାଇଁ ଏବେ ବସ୍‌ଷ୍ଟାଣ୍ଡ ଉଠାଇବା ଆବଶ୍ୟକ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପଟେ କଟକ ଚାରବାଟିଆରେ ଏୟାରପୋର୍ଟ ହେଉ ବୋଲି ସେ କହିଛନ୍ତି। ପୁରୀରେ ବହୁ ଲୋକ ଇନଭେଷ୍ଟ କରିଛନ୍ତି, ହେଲେ ଚାରବାଟିଆରେ କେହି ଇନଭେଷ୍ଟ କରିନାହାନ୍ତି। ଚାରବଟିଆରେ ଯେଉଁ ଯାଗା ଅଛି, ତାହା ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି। ବିମାନଯାତ୍ରୀଙ୍କ ସଂଖ୍ୟା ବଢିଛି ଏବଂ ବିମାନବନ୍ଦରର ସଂଖ୍ୟା ବି ବଢିବ। ଚାରବାଟିଆରେ କାର୍ଗୋ ହବ୍ କରିବାକୁ ଯୋଜନା କରିବାକୁ ଲକ୍ଷ୍ୟ ରହିଛି। ଭାଇଜାଗ୍ ଓ ଚାରବାଟିଆ ଦୁଇଟି ଜାଗାରେ ଏହାକୁ ନିର୍ମାଣ କରାଯିବ ବୋଲି ଭର୍ତ୍ତୃହରି ପ୍ରକାଶ କରିଛନ୍ତି।

## ଯୋଗ ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିହେବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ମଙ୍ଗୁଳି-ଜଗତପୁର,୫।୪(ମାନସ ସାମଲ)**

ଚୌଦ୍ୱାର ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ପ୍ରାର୍ଥନା ମଣ୍ଡପରେ କଟକ ଜିଲା ଯୋଗ ମହୋତ୍ସବ ସମିତି ପକ୍ଷରୁ ଜିଲାସ୍ତରୀୟ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ବରିଷ୍ଠ ସନ୍ଥ ସ୍ୱାମୀ ଶିବା ଚିଦାନନ୍ଦ ସରସ୍ୱତୀ, ମୁଖ୍ୟ ଅତିଥି ଭାବେ ଭାଜପା ନେତା ସନ୍ତୋଷ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଉଗ୍ରତାରା ପୀଠ ତିଗିରିଆ ମୁଖ୍ୟ ମଠାଧୀଶ ସ୍ୱାମୀ ଚିଦାନନ୍ଦ ଦାସ ମହାରାଜ, ଅଧ୍ୟାପକ ପଦ୍ମଲାଭ ଶତପଥୀ, ଓଡ଼ିଶା ଯୋଗ ମହୋତ୍ସବ ସମିତି ପ୍ରାନ୍ତ ସଂଗଠକ, ସଂଯୋଜକ ଛତ୍ରଧାରୀ ନାୟକ, କଟକ ଜିଲା ଯୋଗ ମହୋତ୍ସବ ସଂଯୋଜକ ଜୟକୃଷ୍ଣ ପରିଡ଼ା, ସହସଂଯୋଜକ ଭୋଳାନାଥ ନାୟକ ପ୍ରମୁଖ ଯୋଗଦେଇ କହିଥିଲେ, ଯୋଗ ମାଧ୍ୟମରେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିହେବ। ଯୋଗପାଇଁ ସମସ୍ତେ ଦିନକୁ ୧ଘଣ୍ଟା ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଶିବିରରେ ଶତାଧିକ ଯୋଗ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଐତିହ୍ୟ ଗଣଦୌଡ଼



ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର କଟକ ଜିଲା ପ୍ରଶାସନ ଏବଂ ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଐତିହ୍ୟ ଗଣଦୌଡ଼।

**କଟକ,୫।୪(କାର୍ତ୍ତିକ ସାହୁ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର କଟକ ଜିଲା ପ୍ରଶାସନ ଏବଂ ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସଂସ୍କୃତି, ପରମ୍ପରା, ଓଡ଼ିଆ ଅସ୍ମିତା ତଥା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଏହି ଗଣଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ। ଏହି ଐତିହ୍ୟ ଦୌଡ଼ କେବଳ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଆମର ସମୃଦ୍ଧ ଅତୀତ ସହ ଯୋଡ଼ି ହେବାର ଏକ ମାଧ୍ୟମ। ଜିଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଐତିହ୍ୟ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼ ଗଡ଼ଖାଇ, ଦୟା ଆଶ୍ରମ, ବିଜୁ ପଟ୍ଟନାୟକ ଛକ ଦେଇ ପୁଣି ଇନ୍‌ଡୋର ଷ୍ଟାଡିୟମରେ ପହଞ୍ଚିଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସଭାପତି ଜ୍ଞାନ ରଞ୍ଜନ ପରିଡା, ସାଇକେଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ, ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଅଫିସର ଇନଚାର୍ଜ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ମହାନ୍ତିଙ୍କ ଦୁଇଟି କବିତା ସଙ୍କଳନ ଉନ୍ମୋଚିତ

**କଟକ,୫।୪(କାର୍ତ୍ତିକ ସାହୁ)**

କବି ଭାଗବତ ମହାନ୍ତିଙ୍କ ଦୁଇଟି କବିତା ସଂକଳନ 'ସଦ୍‌ଭାବନା ପଥେ' ଓ 'ମାନସପକ୍ଷୀ' ରବିବାର ସାରଳା ଭବନରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଅରୁଣ କୁମାର ପରିଚ୍ଛା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ମୁଖ୍ୟବକ୍ତା ଡ. ସଂଜିତା ମିଶ୍ର କହିଲେ, ଭାଗବତଙ୍କ କବିତାରେ ଆବେଗ, ସତ୍ୟାନୁଭୂତି, ପ୍ରକୃତି, ଆଧ୍ୟାତ୍ମିକଭାବ ବିନ୍ୟାସ ସୁନ୍ଦର ଭାବେପରିପୁଷ୍ଟ ହୋଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଲେଖକ ଭାଗବତ ମହାନ୍ତି ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରଫେସର ଡ. ନର୍ମଦା କୁମାରୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଜେଏସ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ଚୌଦ୍ୱାର,୫।୪(ଆଶୁତୋଷ ଦାସ)**

କଖଡ଼ିସ୍ଥିତ ଜେଏସ୍ ପବ୍ଲିକ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ରୁକ୍ମିଣୀ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କଳ୍ପନା ଛତାର ଓ ଡିଭିଆଇପିଏସ୍ ବିଦ୍ୟାଳୟ ସମୂହର ମୁଖ୍ୟ ପରିଚାଳକ ସୁକାନ୍ତ କୁମାର ଜେନା ଅତିଥି ଭାବେ ଯୋଗଦେଇ ଶିଶୁ ଯତ୍ନ ଓ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ମୁଖ୍ୟ ପରିଚାଳକ ସୁପ୍ରିୟା ଦାସ ବିବରଣୀ ପାଠ କରିଥିଲେ। ସ୍ୱର୍ଣ୍ଣପ୍ରଭା ନାୟକ, ସମ୍ପିତ କୁମାର ସାହୁ, ପ୍ରକାଶ ପ୍ରଧାନ, ଓମ୍‌ପ୍ରକାଶ ମୁଦୁଲି, ଆଶିଷ ଦାସ ପ୍ରମୁଖ ସହଯୋଗ କରିଥିଲେ। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଟୁର୍ନାମେଣ୍ଟ ଅବସରରେ ଉପସ୍ଥିତ ଅତିଥି ଓ ଆୟୋଜକବୃନ୍ଦ।

**ଚୌଦ୍ୱାର,୫।୪(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍‌ଡୋର ଗେମ୍ସ ଆସୋସିଏଶନ୍ ପକ୍ଷରୁ ୧୧ନମ୍ବର ୱାର୍ଡ଼ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ରବିବାର ବ୍ଲକସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୨ଟି ବିଭାଗରେ ୩୨ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ଦୀପକ କୁମାର ପରିଡ଼ା ଚାମ୍ପିୟନ୍ ଓ ପୀୟୁଷ କୁମାର ନାୟକ ରନର୍ସଅପ୍ ହୋଇଥିଲେ। ସେହିପରି ୨୦ ବର୍ଷରୁ କମ ବିଭାଗରେ ସାହିଲ କୁମାର ବେହେରା ଓ ଜ୍ୟୋତି ରଞ୍ଜନ ବାରିକ ଯଥାକ୍ରମେ ଚାମ୍ପିୟନ୍ ଓ ରନର୍ସଅପ୍ ଆଖ୍ୟା ଅର୍ଜନ କରିଥିଲେ। କ୍ରୀଡ଼ାବିତ୍ ଅଶ୍ୱିନୀ କୁମାର ଜେନା, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ରାଉତରାୟ, ଗୁକୁ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ଚିତ୍ତରଞ୍ଜନ ଜେନା, ମନୋଜ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ୍‌ର ସଭାପତି ଅମୂଲ୍ୟ ରଞ୍ଜନ ରାଉତରାୟ ଓ ସମ୍ପାଦକ ଭୀମସେନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଟୁର୍ନାମେଣ୍ଟରେ ରାଜକିଶୋର ସ୍ୱାଇଁ, ଅପ୍ରମିତ ଜେନା, ଭାସ୍କର ମହାପାତ୍ର, ବିଦ୍ୟାଧର ରାଉତ, କାହ୍ନୁ ଚରଣ ଜେନା, ବିନମ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ବୋଧପୁର ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**କଟକ ସଦର,୫।୪(ସୁଶାନ୍ତ କୁମାର ଜେନା)**

ଆଞ୍ଚଳିକ ସ୍ପୋର୍ଟସ୍ ଆଣ୍ଡ ଗେମ୍ସ ଆସୋସିଏଶନ୍ କିଶୋରନଗର ଆନୁକୂଲ୍ୟରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗନେଇଥିଲେ। ବୋଧପୁର୍ ଓ ବଉଳକୁଦ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ବୋଧପୁର ଟିମ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି କାଙ୍ଗାଳି ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରମାପଦ ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ସାଧୁ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଶାନ୍ତ ଦାସ, ସଫିକ୍ ମହମ୍ମଦ, ଅମର ରାଉତ, ଫିରୋଜ୍ ଅହମ୍ମଦ ଖାଁ, ଅଭୟ ବିଶୋଇ, ସୁନାକର ଭୋଇ, ମୌଲାନା ଇସ୍ତେଖାର କାର୍ସୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# କଟକ କଂଗ୍ରେସରେ ନେତୃତ୍ୱକୁ ନେଇ ଆଲୋଚନା

**କଟକ,୫।୪(ଶିଳ୍ପା ପ୍ରିୟଦର୍ଶିନୀ**

**ପିସିସି ସଭାପତିଙ୍କ ନେତୃତ୍ୱରେ ଆଜି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ**

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ଯୋଗୁ କଂଗ୍ରେସ ନେତ୍ରୀ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଦଳ ନିଲମ୍ବନ କରିଛି। ପୂର୍ବରୁ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କୁ ଦଳରୁ ବହିଷ୍କାର କରାଯାଇଥିବାବେଳେ ଏବେ ଏହି ନିଲମ୍ବନ ପରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ଟଳମଳ ରହିଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସର କର୍ପୋରେଟରମାନଙ୍କୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଭୁବନେଶ୍ୱର କାର୍ଯ୍ୟାଳୟରୁ ଡାକରା ଆସିଥିଲା। ଶନିବାର ଭକ୍ତଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପିସିସି ମୁଖପାତ୍ର ଅମ୍ରିତା ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଜେ.କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକଙ୍କ ସମେତ କେତେଜଣ କର୍ମୀ ଉପସ୍ଥିତ ଥିଲେ। କଟକରେ କର୍ମୀମାନଙ୍କୁ ଏକଜୁଟ କରିବା ସହ ତୃଣମୂଳସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ମୁଖ୍ୟତଃ କଟକରେ କିଏ ନେତୃତ୍ୱ ନେବେ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସୋମବାର ପିସିସି ସଭାପତିଙ୍କ କାର୍ଯ୍ୟାଳୟରେ କଟକକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ କଟକର କଂଗ୍ରେସ ସହ ଜଡ଼ିତ ଥିବା ନେତା, କର୍ପୋରେଟର ଓ କର୍ମୀମାନେ ଯୋଗଦେବାକୁ କୁହାଯାଇଛି। ତେବେ ଏଭଳି ବୈଠକ ପରେ କଟକ ରାଜନୀତି ସରଗରମ ହୋଇଉଠିଛି। ଅନ୍ୟପଟେ ମୋକିମ ଓଡ଼ିଶା ଜନତା କଂଗ୍ରେସ ଦଳ ଗଠନ କରିବା ନେଇ ଅଣ୍ଟା ଭିଡ଼ି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏପଟେ କଂଗ୍ରେସରେ ମୋକିମଙ୍କ ପରେ କିଏ ନେତୃତ୍ୱ ନେବେ ତାହା ପ୍ରଶ୍ନ ପାଲଟିଛି। ସେହିପରି ମୋକିମଙ୍କ ଏଭଳି ଦଳ ଗଠନର ସିଧା ପ୍ରଭାବ କଂଗ୍ରେସରେ ପଡ଼ିଥିବା ଚର୍ଚ୍ଚା ହେଉଛି।

## ନାଦ ନିନାଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

**କଟକ,୫।୪(କାର୍ତ୍ତିକ ସାହୁ)**

ନାଦ ନିନାଦ ଅନୁଷ୍ଠାନ ପକ୍ଷରୁ ରବିବାର ଶ୍ରୀରାମଚନ୍ଦ୍ର ଭବନରେ ପ୍ରାତଃକାଳୀନ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ଡ. ସତ୍ୟ ରାୟ, ଆକାଶବାଣୀ କଟକର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ସୁମିତ୍ରା ମହାପାତ୍ର ଓ ଗୌର ପଟ୍ଟନାୟକ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁ ଏ. ମହେଶ୍ୱର ରାଓ ଏବଂ ତାଙ୍କର ସହଯୋଗୀ କଳାକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଗଣେଶ ବନ୍ଦନା ଗାନ କରିଥିଲେ। ପରେ ଗୋପାଳକୃଷ୍ଣ ସାହୁ ରାଗ ମୋଡ଼ି, ଦେବସ୍ମିତା ମିଶ୍ର ରାଗ ଅହିର ଭୈରବ, ସୁବର୍ଣ୍ଣରେଖା ପ୍ରଧାନ ରାଗ ବାହାର, ରିତିକା ସ୍ୱାଇଁ ରାଗ ନଟ ଭୈରବ ଏବଂ ସାମୂହିକ ଭାବେ ଛାତ୍ରୀଛାତ୍ରମାନେ ରାଗ ତିଲକକାମୋଦ ପରିବେଷଣ କରିଥିଲେ। ହାର୍ମୋନିୟମରେ ଏ ନାରାୟଣ ରାଓ, ବିଶ୍ୱନାଥ ମିଶ୍ର ଓ ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ ସହଯୋଗ କରିଥିଲେ। ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁଜନ କୁମାର ରାୟ ଚୌଧୁରୀ, ମିଲନ କୁମାର ପରିଡ଼ା, ବିଜୟ କୁମାର ସ୍ୱାଇଁ, ଅଜୟ କୁମାର ବାରିକ ପ୍ରମୁଖ ସହଯୋଗ କରିଥିବାବେଳେ ଉଦ୍‌ଘୋଷକ ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଣ୍ଠଶିଳ୍ପୀ ଗୋପାଳକୃଷ୍ଣ ସାହୁ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# 'ସାହିତ୍ୟରୁ କମନୀୟ ସ୍ୱର୍ଣକାତର ସାନ୍ନିଧ ମିଳେ'

**ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ'**

**କଟକ,୫।୪(କାର୍ତ୍ତିକ ସାହୁ)**



ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୬' ପ୍ରଦାନ କରୁଛନ୍ତି।

ଗଙ୍ଗାଧର ରଥ ଥିଲେ ସାଲିସବିହୀନ ସଂଗ୍ରାମୀ, ନୀତି ଓ ଆଦର୍ଶର ଚଳନ୍ତି ପ୍ରତିମା। ଆଡ୍‌ଭୋକେଟ ଜେନେରାଲ ଭାବେ ସେ ଅଦାଲତରେ ସର୍ବଦା ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ। ନିଜସ୍ୱ ଆୟରେ ଅନୁଷ୍ଠାନ ଗଢ଼ି ସାହିତ୍ୟ ସେବାରେ ନିମଗ୍ନ ବ୍ୟକ୍ତିଙ୍କୁ ସମ୍ମାନ ଓ ପୁରସ୍କାର ପ୍ରଦାନ କରି ପ୍ରେରଣା ଯୋଗାଉଥିଲେ। ଏଭଳି ସମ୍ମାନ ପ୍ରଦାନର ପରମ୍ପରା ଜାତିର ସଭ୍ୟତା, ସଂସ୍କୃତି ଓ ଇତିହାସକୁ ଜୀବନ୍ତ କରି ରଖିବାର ପ୍ରୟାସ ବୋଲି ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ କଳାବିକାଶ କେନ୍ଦ୍ରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ୩୧ତମ ସମ୍ମାନ ପ୍ରଦାନ ସମାରୋହକୁ ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ବକ୍ତା ଅଧ୍ୟାପକ ଅଭିରାମ ବିଶ୍ୱାଳ ସାହିତ୍ୟରୁ କମନୀୟ ସ୍ୱର୍ଣକାତର ସାନ୍ନିଧ ମିଳେ ବୋଲି ଗଙ୍ଗାଧର ରଥଙ୍କ ଉକ୍ତି ଉଦ୍ଧାର କରି କହିଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ଓ ବିବିଧବର୍ଣ୍ଣା ସ୍ୱଭାବର ବୋଲି ସେ କହିଥିଲେ। ଏହି ଅବସରରେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୬' ସ୍ୱରୂପ ଏକଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯାଇଛି। ସେହିପରି ଫାଉଣ୍ଡେଶନ ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଶିକ୍ଷାବିତ୍ ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। କାବ୍ୟ ସାହିତ୍ୟରେ ଡ. ଇନ୍ଦିରା ଦାଶଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ କଥାକାର ରବି ସ୍ୱାଇଁଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ଯୁବ ସାରସ୍ୱତ ପ୍ରତିଭା ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରି ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ଜଣେ ସାହିତ୍ୟିକ ପାଇଁ ପାଠକୀୟ ପୁରସ୍କାର ବଡ଼ ପୁରସ୍କାର। ଟ୍ରଷ୍ଟ ଅଧ୍ୟକ୍ଷ ଡା. ଜୟନ୍ତ ରଥ ଅଧ୍ୟକ୍ଷତା କରି ୧୯୯୬ ମସିହାରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଉଥିବା କହିଥିଲେ। ଫାଉଣ୍ଡେଶନ ଉପଦେଷ୍ଟା ସଦସ୍ୟ ଡ. ବିଜୟାନନ୍ଦ ସିଂହ ଅତିଥି ପରିଚୟ ଓ ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ଡ. ବୈଜୟନ୍ତୀ ମିଶ୍ର, ବିଦ୍ୟୁତ ପ୍ରଧାନ, ଅରୁଣା ସାମନ୍ତରାୟ ଓ ଶଙ୍ଖଚୂଳ ଦାସ ମାନପତ୍ର ପାଠ କରିଥିଲେ। ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା, ଆଡଭୋକେଟ ସଞ୍ଜୟ ରଥ, ଲିପ୍ସିତା ରଥ ଓ ହର୍ଷବର୍ଦ୍ଧନ ରଥ ସହଯୋଗ କରିଥିଲେ।

# ଲିଫ୍ଟ ଦେବା ବାହାନାରେ ୧୦ଜଣଙ୍କଠାରୁ ଲୁଟିଥିଲେ ଗହଣା, ଟଙ୍କା

## ଅଭିଯୁକ୍ତ ଲୁଟେରା ଗିରଫ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ଲିଫ୍ଟ ଦେବା ବାହାନାରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ସୁନା ଗହଣା, ଟଙ୍କା ଓ ଅନ୍ୟାନ୍ୟ ଜିନିଷପତ୍ର ଲୁଟିନେଇଥିବା ଜଣେ ଚତୁର ଲୁଟେରାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଇଟାମାଟିର ଶରତ ମହାରଣା। ତାଙ୍କ ନିକଟରୁ ପୋଲିସ ଚୋରି ସୁନା ଗହଣା ସହ ବିଭିନ୍ନ ଜିନିଷପତ୍ର ଜବତ କରିଛି। ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୬ରେ ବିଡ଼ାନାସୀରେ ରହୁଥିବା ବିଳାସିନି ବେହେରା ଖଣ୍ଡଗିରି ବାଇପାସ୍ ନିକଟରେ ବସ୍‌ରେ ଯିବା ପାଇଁ ଲୋକଙ୍କୁ ପଚାରୁଥିଲେ। ଏହି ସମୟରେ ଅଭିଯୁକ୍ତ ଶରତ ତାଙ୍କୁ ଲିଫ୍ଟ ଦେବାକୁ କହିଥିଲେ। ବିଳାସିନୀ ତାଙ୍କ ମୋଟରସାଇକେଲରେ ବସିଥିଲେ। ପରେ ଶରତ ନୟାପଲ୍ଲୀ ଅଣ୍ଡରପାସ ନିକଟରେ ତାଙ୍କୁ ଛାଡ଼ି ଦେଇ ବ୍ୟାଗରୁ ପ୍ରାୟ ୨୦ ଗ୍ରାମ ଓଜନର ସୁନା ଚେନ, ନଗଦ ୧୫୦୦ ଟଙ୍କା, ମୋବାଇଲ ଫୋନ, ଆଧାର କାର୍ଡ, ଏଟିଏମ କାର୍ଡ, ପ୍ୟାନ କାର୍ଡ ସହିତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ନେଇ ଫେରାର ହୋଇଯାଇଥିଲେ। ଏନେଇ ବିଳାସିନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଆଧାରରେ ଅଭିଯୁକ୍ତ ଶରତଙ୍କୁ ଫାୟାରଷ୍ଟେଶନ ଛକ ନିକଟରୁ ଗିରଫ କରିଛି। ତାଙ୍କ ହେପାଜତରୁ ଦୁଇଟି ସୁନା ଚେନ, ହଳେ ସୁନା କାଚ, ୭୪ ହଜାର ୪୯୫ ଟଙ୍କା, ଏକ ମୋଟସାଇକେଲ ଏବଂ ଆଧାର କାର୍ଡ ଜବତ କରଛି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ବିଭିନ୍ନ ଥାନାରେ ୬ଟି ମାମଲା ରହିଥିବା ଜଣାପଡିଛି।

ଏହା ପୂର୍ବରୁ ଗତ ଫେବୃୟାରୀ ୪ ଦିନ ପ୍ରାୟ ୧୦ଟାରେ ଅଭିଯୁକ୍ତ ଶରତ ଫାୟାର ଷ୍ଟେସନ ଛକରୁ ଜଣେ ବ୍ୟକ୍ତିଙ୍କୁ


ଶରତ ମହାରଣା

ତାଙ୍କ ବାଇକ୍‌ରେ ଲିଫ୍ଟ ଦେଇ ବାଟରେ ତାଙ୍କଠାରୁ ୧୫ ହଜାର ଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇଥିଲେ। ଗତ ଫେବୃୟାରୀ ୩୦ ଦିନ ପ୍ରାୟ ୧୦ଟାରେ ଫାୟାର ଷ୍ଟେଶନ ଛକରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗାଡିରେ ନେଇ ପାତ୍ରପଡ଼ା ଛକରେ ଛାଡ଼ିବାକୁ କହିଥିଲେ। କିନ୍ତୁ ବାଟରେ ତେଲ ଭରିବା ବାହାନାରେ ଖଣ୍ଡଗିରି ଭାରତ ପେଟ୍ରୋଲ ପମ୍ପ ନିକଟରେ ଅଟକିବା ପରେ ଚତୁରତାର ସହ ଉକ୍ତ ବ୍ୟକ୍ତିଙ୍କ ବ୍ୟାଗରୁ ୬୦



ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେହିପରି ଫେବୃୟାରୀ ୧୦ରେ ଶରତ ଫାୟାର ଷ୍ଟେଶନ ଛକରୁ ଜଣେ ମହିଳାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ନୟାଗଡ଼ ଚାନ୍ଦପୁର ନିକଟରେ ଛାଡ଼ିବାକୁ କହିଥିଲେ। ପରେ କୋଳଥିଆ ଛକ ନିକଟରେ ତାଙ୍କୁ ଛାଡ଼ି ଦେଇ ତାଙ୍କ ବ୍ୟାଗରୁ ସୁନା ହାର, ସୁନା ଚୁଡ଼ି, ୪ ହଜାର ଟଙ୍କା ନଗଦ ଏବଂ ଗୋଟିଏ ହାତ ଘଡ଼ି ନେଇ ପଳାଇଥିଲେ। ଗତ ୨ତାରିଖ ଦିନ ପ୍ରାୟ ଗୋଟିଏରେ ଶରତ ବୁଦ୍ଧନଗର ଏଟିଏମ୍ ନିକଟରୁ ଜଣେ ମହିଳାଙ୍କୁ ବାଇକରେ ଲିଫ୍ଟ ଦେଇ ବାଟରେ ତାଙ୍କ ବ୍ୟାଗ ଛଡ଼ାଇ ପଳାଇଗଲେ। ଉକ୍ତ ବ୍ୟାଗରେ ଥିବା ୭ ହଜାର ଟଙ୍କା, ୪ଟି ଏଟିଏମ କାର୍ଡ, ୪ଟି ପାସବୁକ, ଆଧାର କାର୍ଡ, ପ୍ୟାନ କାର୍ଡ ଓ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ଥିଲା। ମାର୍ଚ୍ଚ ୩୦ ଅପରାହ୍ନ ୩ ଟାରୁ ୪ଟା ମଧ୍ୟରେ ଶରତ ଫାୟାର ଷ୍ଟେଶନ ଛକରୁ ଜଣେ ମହିଳା ଓ ତାଙ୍କ ଝିଅଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ଆଚାର୍ଯ୍ୟ ବିହାର ନିକଟରେ ଛାଡ଼ିବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ କୌଶଳକ୍ରମେ ୫ ଗ୍ରାମରୁ ଅଧିକ ଓଜନର ସୁନା ଚେନ, ଦୁଇଟି ରୁପା ଚୁଡ଼ି ଓ କିଛି କାଗଜପତ୍ର ଥିବା ବ୍ୟାଗ୍ ନେଇ ସମ୍ପଟ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ମୋବାଇଲ୍ ହ୍ୟାକ୍ କରି ଲୁଟିଲେ ୨.୫ ଲକ୍ଷ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ମୋବାଇଲ୍ ହ୍ୟାକ୍ କରି ସାଇବର ଠକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ୨.୫ ଲକ୍ଷ ଟଙ୍କା ନେଇଯାଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ନୟାପଲ୍ଲୀର ରଘୁନାଥ ବେହେରା। ଅଭିଯୋଗ ଅନୁସାରେ, ରଘୁନାଥଙ୍କ ନିକଟକୁ ଏକ ଫୋନ୍ କଲ ଆସିଥିଲା। ସାଇବର ଠକ ତାଙ୍କୁ ଅନ୍‌ଲାଇନ୍‌ରେ ଲଟେରି ବିଜେତା ହୋଇଥିବା କହିଥିଲେ। ପୁରସ୍କାର ବାବଦକୁ ୧୦ ଲକ୍ଷ ଟଙ୍କା ପାଇବାକୁ ଲୋଭ ଦେଖାଇଥିଲେ। ଏହି ପୁରସ୍କାର ପାଇବାକୁ ହେଲେ ଓଟିପି ଦେବାକୁ ହେବ ବୋଲି ସାଇବର ଠକ କହିଥିଲେ। ଟଙ୍କା ଲୋଭରେ ଅଭିଯୁକ୍ତ ତାଙ୍କ କଥାରେ ରାଜି ହୋଇ ସାଇବର ଠକଙ୍କୁ ଓଟିପି ଦେଇଥିଲେ। ପରେ ତାଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ଏଥିସହ ତାଙ୍କ ଆକାଉଣ୍ଟରୁ ଅଢେଇ ଲକ୍ଷ ଟଙ୍କା କଟିଯାଇଥିଲା। ପରେ ରଘୁନାଥ କଲ୍ ଆସିଥିବା ଉକ୍ତ ନମ୍ବରକୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ ରଘୁନାଥ।

# ଦୁର୍ଘଟଣାକୁ ନେଇ ମିଠା ଦୋକାନୀଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଲେ

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ୫।୪ (ତ୍ରିନାଥ ମହାନ୍ତି)

ଗାଡି ଦୁର୍ଘଟଣାକୁ କେନ୍ଦ୍ରକରି ଜଣେ ମିଠାଦୋକାନୀଙ୍କୁ ଗୋଡ଼ାଇ ଗୋଡ଼ାଇ ୪ ଜଣ ଦୁର୍ବୃତ୍ତ ହାଣିଛନ୍ତି। ଖାରବେଳନଗର ଥାନା ୟୁନିଟ୍-୪ ମାଛ ମାର୍କେଟ ନିକଟରେ ଏହି ଘଟଣା ଘଟିଛି। ଆକ୍ରମରେ ପଶ୍ଚିମବଙ୍ଗର ବୁଦ୍ଧ ଭୂୟାଁ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

ପଶ୍ଚିମବଙ୍ଗର ବୁଦ୍ଧ ୟୁନିଟ୍-୪ ଅଞ୍ଚଳରେ ଥିବା ଏକ ହୋଟେଲରେ କାମ କରନ୍ତି। ଶନିବାର ରାତି ପ୍ରାୟ ୧୧ଟାରେ ସେ ହୋଟେଲ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ମାଛ ମାର୍କେଟ ନିକଟରେ ୨ଜଣ ମଦ୍ୟପ ଯୁବକ ତାଙ୍କୁ ବାଇକ୍ ଧକ୍କା କରିଥିଲେ। ଏହାକୁ ବୁଦ୍ଧ ବିରୋଧ କରିବାରୁ ସେମାନେ ତାଙ୍କୁ ଅଟକାଇ ତାଙ୍କ ସହ ଝଗଡ଼ା କରିବା ପରେ ଆଉ ୨ଜଣଙ୍କୁ ଡ଼ାକିଥିଲେ। ସେମାନେ ପହଞ୍ଚିବା ପରେ ମିଳିତ ଭାବେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଜୀବନ ବିକଳରେ ସେ ଦୌଡ଼ି ଥିଲେ ମଧ୍ୟ ଅଭିଯୁକ୍ତ ଛାଡ଼ି ନ ଥିଲେ। ବାରମ୍ବାର ଖଣ୍ଡା ଚୋଟ ମାରିବା ପରେ ସେଠାରୁ ଚମ୍ପଟ ମାରିଥିଲେ।

# ବ୍ଲେଡ୍‌ରେ ଆକ୍ରମଣ କରିବାରୁ ଇଟାରେ ମୁଣ୍ଡ ଫଟାଇଲେ

## ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ବ୍ଲେଡ୍‌ରେ ମୁହଁକୁ କାଟିଦେବାରୁ ପଥରରେ ମୁଣ୍ଡ ଫଟାଇଲେ। ଏପରି ପରସ୍ପରକୁ ଆକ୍ରମଣ କରିଥିବା ୨ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଦ୍ମପୋଖରୀପୁରର ବିଦ୍ୟା ଦାଶ ଓ କୁନା ଦାଶ। ଗତ ୪ ତାରିଖ ରାତି ପ୍ରାୟ ୮ଟାରେ କୁନା ଓ ବିଦ୍ୟା ଗାଁ ମଣ୍ଡପ ନିକଟରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରସ୍ପର ପେଲାଠେଲା ଭିତରେ ବିଦ୍ୟା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଛୁରୀ ଧରି ହତ୍ୟା କରିବାକୁ କୁନାଙ୍କୁ ଧମକ ଦେଇଥିଲେ। କୁନା ପ୍ରତିବାଦ କରିବାରୁ ବିଦ୍ୟା ଏକ ବ୍ଲେଡରେ ତାଙ୍କୁ ଆକ୍ରମଣ କରିଥିଲେ। କୁନାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ପରେ ପ୍ରତିଶୋଧ ସ୍ୱରୂପ କୁନା ଏକ ଇଟା ଧରି ଅକ୍ରମଣ କରିଥିଲେ। ଫଳରେ ବିଦ୍ୟାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଗାଁଲୋକ ହସ୍ତକ୍ଷେପ କରି ସେମାନଙ୍କୁ ମାର୍‌ପିଟ୍‌ରୁ ଦୂରେଇ ରଖିଥିଲେ। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଦୁଇଟି ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନ ପକ୍ଷରୁ ରବିବାର ଭଗବତୀ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥି। (ଫଟୋ: ମନୋରଞ୍ଜନ ମିଶ୍ର)

# ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ


ଉତ୍ସବରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡ. ନବୀନ କୁମାର ଧଳଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୫।୪ (ଅନୁରାଧା ମହାରଣା)

ଭୁବନେଶ୍ୱର ଛତାବରସ୍ଥିତ ନିସ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିଅରିଂ ଆଣ୍ଡ୍ ଟେକ୍ନୋଲୋଜିର ବାର୍ଷିକ ଉତ୍ସବ 'ପ୍ରତିଭା ୨୦୨୬' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡ. ନବୀନ କୁମାର ଧଳ ଓ ସମ୍ମାନିତ ଅତିଥି ଭାବେ ଆଇବିଏମ୍ ବାଙ୍ଗାଲୋରର ମୁଖ୍ୟ ବିଭୁଦତ୍ତ ମହାପାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ର ବୈଷୟିକ ଶିକ୍ଷା ଗ୍ରହଣ କରି ଉନ୍ନତ ଭବିଷ୍ୟତ ଗଠନ କରିବା ସହିତ ଦେଶ ବିଦେଶରେ ସୁନାମ ଅର୍ଜନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ଦୀର୍ଘ ୨୬ ବର୍ଷର ଅନୁଭୂତି ବର୍ଣ୍ଣନା କରି ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ ସୃଷ୍ଟି କରିଥିଲେ।

ଶିକ୍ଷାନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଟ୍ରଷ୍ଟି ସାଇ ସମ୍ମିତ ନାୟକ, ନିର୍ଦ୍ଦେଶକ ଡ. ଅଜିତ ଖଟୁଆ, ଅଧକ୍ଷ ଡ. ହିମାଂଶୁ ଶେଖର ମହାରଣା, ଉପାଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସେନାପତି, ଉପଦେଷ୍ଟା ଲୋକନାଥ ଓଝା ଓ ପ୍ରଫେସରେ ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଡିଜେ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ କାର୍ଯ୍ୟକ୍ରମ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି।

# ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ'

କଟକ,୫।୪(କାର୍ତ୍ତିକ ସାହୁ)

ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ କଳାବିକାଶ କେନ୍ଦ୍ରରେ ରବିବାର ୩୧ତମ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଓ ସମ୍ମାନିତ ବକ୍ତା ଅଧାପକ ଅଭିରାମ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଅଧାପକ ବିଶ୍ୱରଞ୍ଜନଙ୍କୁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୬' ସ୍ୱରୂପ ଏକଲକ୍ଷ ଟଙ୍କା, ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯାଇଛି। ସେହିପରି ଶିକ୍ଷାବିତ୍ ପ୍ରଫେସର ଅମିୟ କୁମାର ପଟ୍ଟନାୟକଙ୍କୁ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ', କାବ୍ୟ ସାହିତ୍ୟରେ ଡ. ଇନ୍ଦିରା ଦାଶଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ କଥାକାର ରବିସ୍ୱାଇଁଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ଯୁବ ସାରସ୍ୱତ ପ୍ରତିଭା ସୁନନ୍ଦା ପ୍ରଧାନ ଓ ଲକ୍ଷ୍ମଣ କୁମାରଙ୍କୁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଛି।

# ଚୋରି ପରେ ଖୁସିରେ ନାଚିଲେ ଚୋର

## ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା, ଟଙ୍କା ଚୋରି

ଭୁବନେଶ୍ୱର,୫।୪(ତ୍ରିନାଥ ମହାନ୍ତି)

ଏକୁଟିଆ ଘରେ ପଶି ଚୋରି କଲେ। ସୁନା ଗହଣା, ଟଙ୍କା ଧରି ଖୁସିରେ ନାଚିଲେ ଚୋର। ଖଣ୍ଡଗିରି ଥାନା ଅନ୍ତର୍ଗତ ଶୁକ ବିହାର ଅଞ୍ଚଳରେ ଘଟିଥିବା ଏଭଳି ଘଟଣା ସିସିଟିଭିରେ କଏଦ ହୋଇଛି। ଘଟଣାକ୍ରମରେ ଶୁକବିହାର ଅଞ୍ଚଳରେ ଦୁଇଦିନ ତଳେ ଏକ ଘରୁ ଚୋରି ହୋଇଥିବାବେଳେ ପୋଲିସ ଚୁପ୍ ବସିବାରୁ ଶନିବାର ରାତିରେ ପୁଣି ଆଉଜଣଙ୍କ ଘରୁ କଳାକନା ବୁଲାଇଛନ୍ତି ଚୋର। ଘରର ଲକ୍ ଭାଙ୍ଗି ସୁନା ଗହଣା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ଚୋରିର ଶିକାର ହୋଇଥିବା ଜଣେ ମହିଳା ନମିତା ଦୁବେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଲୁଟ୍ ହୋଇଥିବା ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଛାନ୍‌ଭିନ୍ କରିଥିଲେ ମଧ୍ୟ ଚୋର କିମ୍ବା ଚୋରି ସାମଗ୍ରୀ ଠାବ କରିପାରି ନାହାଁ।



ନମିତା ଏକ ବ୍ରତଘର କାର୍ଯ୍ୟକ୍ରମରେ ଯୋଗଦେବାକୁ ପାରାଦୀପ ଯାଇଥିଲେ। ଫେରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ତାଙ୍କ ଘରୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଓ ଶହେ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଅଭିଯୋଗର ଦିନକ ପରେ ସାଇଣ୍ଟିଫିକ ଟିମ୍ ଘରକୁ ଯାଇ ଛାନଭିନ କରିଥିବାବେଳେ ଏଯାଏ ଚୋରକୁ ଧରି ନ ଥିବାରୁ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ପ୍ରଶ୍ନ ଉଠିଛି। ଚୋର ଜଣକ ଏକଲା ଲୁହାରଡ଼ ଧରି ଘର ଭିତରକୁ ପଶିଥିଲେ। ସେ ଲୁହାରଡ଼ ସାହାଯ୍ୟରେ ଘର ଭିତରକୁ ପଶିବା ପରେ ଆଲମିରାରୁ ସୁନାଗହଣା ଲୁଟ୍‌ପାଟ କରି ଚମ୍ପଟ ମାରିଥିଲେ। ଲୁଟ୍ ପରେ ଲୁଟେରା ଲୁହାରଡ଼କୁ ବୁଲାଇ ଖୁସିରେ ନାଚି ନାଚି ଯାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ଥାନାରେ ଅଭିଯୋଗ କରିବା ପରେ ପୋଲିସ କେବଳ ଏକ ମାମଲା ରୁଜୁ କରି ବସି ପଡ଼ିଥିଲା। ଶେଷରେ ଶୁକବିହାରରେ ଆଉ ଗୋଟିଏ ଘରୁ ଚୋରି ହୋଇଥିବା ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୁଇଟି ଚୋରିରେ ଜଣେ ଚୋରର ସମ୍ପୃକ୍ତି ରହିଥିବା ପୋଲିସ କହିଛି।

# ପ୍ରୟାସର ୧୯ତମ ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)

ପ୍ରୟାସର ୧୯ତମ ବାର୍ଷିକ ସମ୍ମିଳନୀ ରବିବାର ଲୋହିଆ ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସାମାଜିକ କର୍ମୀ ଶ୍ୟାମସୁନ୍ଦର ଜାଲ ଯୋଗଦେଇ କଳାହାଣ୍ଡି ଜିଲାର ଧର୍ମଗଡ଼ରେ 'ଯଶୋଦା ଶାନ୍ତି ନିକେତନ' ସ୍ଥାପନ କରି ସମାଜର ଅନାଥ ଓ ଅବହେଳିତ ଶିଶୁଙ୍କ ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଅନ୍ୟତମ ଅତିଥି ଭାବେ ସେବା ପ୍ରତିନିଧି ଆବାହକ ନୀଳମଣି ମିଶ୍ର ଏବଂ ସାମାଜିକ କର୍ମୀ ଗଗନ ବିହାରୀ ପାଇଟାଳ, ପ୍ରୟାସର ଉପଦେଷ୍ଟା ପ୍ରଦୀପ୍ତ କୁମାର ଦାସ ଓ ପ୍ରସନ୍ନ କୁମାର ପରିଡା ମଧ୍ୟ ସମ୍ମିଳନୀରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ହେଲୋ ଇଣ୍ଡିଆ'ର ମୁଖ୍ୟ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରୟାସ ପକ୍ଷରୁ ସାହାଯ୍ୟପ୍ରାପ୍ତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ସମ୍ପାଦକ ପ୍ରମୋଦ କୁମାର ମହାରଣା ସମ୍ପାଦକୀୟ ପାଠ କରିଥିଲେ। ସଭାପତି ଚିରଞ୍ଜୀବୀ ରେଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ସଂଗଠକ ବିବେକାନନ୍ଦ ସ୍ୱାଇଁ ଓ ସଂଯୋଜକ ଅରବିନ୍ଦ ମଲ୍ଲିକ ପରିଚାଳନା କରିଥିଲେ।

**OFFICE OF THE MUNICIPAL COUNCIL : JAGATSINGHPUR**

No. 2087 Dt.31/03/2026

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. JSPURM-02/2025-26/Dt.**

**No.13001/41/2627** : On behalf of the Jagatsinghpur Municipality, on-line e-tender **Item Rate Bids** are invited by the Executive Officer, Jagatsinghpur Municipality from the intending **registered suppliers / manufacturers / agencies** and eligible category of bidders in conformity with the Detailed Tender Call Notice for execution of the work **"Exterior Glass Paneling work for Office Building of Jagatsinghpur Municipality"** as mentioned in the DTCN.

1. Total No. of works for which Tenders invited: 01 No.
2. Place of Execution: Inside of Jagatsinghpur Municipality.
3. Eligible Class of Contractors: Registered suppliers/ manufacturers/ agencies as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11 A.M on 02-04-2026 to 5 P.M on 16-04-2026 for online bidding.
6. Bids received online will be opened at 11 A.M on 17.04.2026.
7. The bidder must possess valid and compatible Digital Signature Certificate (DSC).
8. The DTCN for 01 No. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Jagatsinghpur Municipality

OIPR-13001/13087/1/26-27/0001

**Government of Odisha**
**Department of Panchayati Raj & Drinking Water**
**Office of the Panchayat Samiti, Bhadrak**
Invitation of Bids (IFB)
Bid Identification No. PSB-16/2025-26
e-mail:ori-bbhadrak@nic.in Fax/TEL:********

No.19001/8/2627: Bid documents consisting of Work, Estimated amount for put to tender, Cost of Tender Paper, Time of Completion, Class of Contractor, the set of terms and conditions of contract and other necessary documents can be seen from the Office of Panchayat Samiti, Bhadrak.

1. Name of the Work : As per DTCN
2. No. of Works : 1 no's of package
3. Estimated Cost for put to tender : As per DTCN
4. Period of Completion : 06 Calendar Months each
5. Date and Time of availability of bid documents : From 02.04.2026 at 10.30 am hours to 20.04.2026 at 11.00 am. Hours
6. Last date/time for receipt/drop of bid in the office. : 20.04.2026 at 11.00 am
7. Date of opening of Bids : 20.04.2026 at 03.00 PM hours
8. Class of Contractor : "C" & "D" Class
9. Name of the Officer Inviting Bids : Block Development Officer Panchayat Samiti Bhadrak

Further details can be seen from the office of Panchayat Samiti, Bhadrak on working hours. Any addendum/corrigendum/cancellation of tender can also be seen at the office of the undersigned. The detailed information is also available on district website **"https://bhadrak.odisha.gov.in."**

Sd./- Block Development Officer
Panchayat Samiti, Bhadrak

OIPR-19001/19031/1/26-27/0003

GOVERNMENT OF ODISHA No.32001/16/2627
**OFFICE OF THE SUPERINTENDING ENGINEER POTTERU IRRIGATION DIVISION,**
AT/PO : BALIMELA, DIST : MALKANGIRI (ODISHA)
e-mail Id : eepid78@gmail.com
**e-Procurement Notice No. - SE-PID-BML-01/2026-27**

| | | | |
|---|---|---|---|
| 1. | No. of works | : | 1 (One) |
| 2. | Approx. Estimated cost | : | ₹ 33.34 Lac |
| 3. | Eligibility of the bidders | : | Registered & licensed security service agencies for deployment of security personnel |
| 4. | Period of completion | : | 335 days |
| 5. | Date & time of availability of bid document in the portal | : | 10.04.2026 (10:00 A.M.) to 20.04.2026 (05:00 P.M.) |
| 6. | Last date/time for receipt of bid in the portal | : | 20.04.2026 (05:00 P.M.) |
| 7. | Date of opening of the bids on-line | ; | 21.04.2026 (11:00 A.M.) |
| 8. | Name & address of the O.I.T | : | Superintending Engineer, Potteru Irrigation Division, At/po : Balimela, District : Malkangiri |

Further details can be seen from the e-procurement portal http://tendersodisha.gov.in

Sd./- Superintending Engineer
Potteru Irrigation Division, Balimela

OIPR-32001/32052/1/26-27/0001

**GOVT. OF ODISHA, DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**RENGALI RIGHT CANAL DIVISION NO.VI, JAGATPUR, CUTTACK**
e-mail id- eerrcd6jagatpur@gmail.com
'e' Procurement Notice

No.32001/17/2627: The Superintending Engineer, Rengali Right Canal Division No-VI, Jagatpur Cuttack on behalf of the Governor of Odisha invites online percentage basis bids in single cover system for construction of the work as detailed below: 1.Name of the Work : 03 Nos. of Works. 2. Tender Cost: Rs.12.65 lakh to 39.68 lakh. 3. Bid Document Cost: Rs.6,000.00 (Online) for each work. 4. Bid Security : Rs.12,700.00 to Rs.39,700.00 (Online). 5. Class of Contractor: 'C' & 'B' Class and 'Govt. Registered Firm dealing with Sub-Soil Exploration Work' 6. Period of Completion: 02 to 03 Calendar Months. 7. Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No-VI, Jagatpur Cuttack | SERRCDVI-05/2025-26 | 07.04.2026 10.00 AM | 18.04.2026 5.30 PM | 20.04.2026 11.00 AM |

8. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer,
Rengali Right Canal Division No-VI, Jagatpur, Cuttack

OIPR-32001/32527/1/26-27/0001

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
No.487/RDA, dated 31.03.26
**PROCLAMATION**

No.13001/33/2627: It is hereby informed to the General public that Mahabir Prasad Agarwal, S/o- Late Maliram Agarwal, has applied for permission for transfer of House site No.S3H2-16, under **Leftout Site & Services Scheme, Gopabandhunagar, Stage-II, Chhend** in favour of **Smt. Sitan Parida**, W/o- Sri Sanjay Kumar Parida. Anybody has got objection to the proposed transfer, he/she may file objection petition before the undersigned within 15 (Fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./-Secretary
Rourkela Development Authority

OIPR-13001/13250/1/26-27/0001

**GOVERNMENT OF ODISHA**
**DEPARTMENT OF P.R. & D.W**
**INVITATION FOR BIDS (IFB)**
Identification No.AGLB-05/2025-26
E-mail address: ori-bangul@nic.in

No.19001/5/2627: 1. The Block Development Officer, Angul on behalf of the Governor of Orissa invites Percentage rate civil bids in single cover system for the works as detailed in the table, from the class of eligible contractors as mentioned in Col 4 (four), registered with the State Government and contractors of equivalent grade/ Class registered with Central Government / MES/ Railways to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed alongwith the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement.

1. Sale of Bid Documents : 08.04.2026 to 17.04.2026 (upto 5.30 PM)
2. Received of Bid documents : 08.04.2026 to 18.04.2026 **(through speed post or registered post only)**
3. Opening of Bid documents : 21.04.2026 at 11.00 P.M.

The details of the Eligibility criteria, EMD, enclosures etc. alongwith the list of projects can be viewed & downloaded from the district website i.e. https://www.angul.odisha.gov.in. and can be seen in the office of Panchayat Samiti, Angul during office hours only.

Sd./-
Block Development Officer, Angul

OIPR-19001/19073/1/26-27/0001

# ଏକାଠି ଦୌଡ଼ିଲେ, ସଂଗ୍ରାମୀଙ୍କ ଜୀବନୀ ଜାଣିବାକୁ ପରାମର୍ଶ

## ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)



ଐତିହ୍ୟ ଗଣଦୌଡ଼ ଅବସରରେ ବିଧାୟକ ପ୍ରଶାନ୍ତ ଜଗଦେବ, ପ୍ରଶାସନିକ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ।

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବିଜେବି ହାଇସ୍କୁଲଠାରୁ ଶୁଭାରମ୍ଭ ହୋଇ କୋର୍ଟ ଛକ ଦେଇ ପୁନଃ ବିଜେବି ହାଇସ୍କୁଲରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସମାବେଶରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ପତାକା ଦେଖାଇ ଗଣଦୌଡ଼କୁ ଶୁଭାରମ୍ଭ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, ଓଡ଼ିଶାର ଗୌରବମୟ ଇତିହାସ ରହିଛି। ଏହାର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ଐତିହ୍ୟ ଅନନ୍ୟ। ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ ଭଳି ଯୋଦ୍ଧା ନିଜ ଜୀବନକୁ ପଛରେ ପକାଇ ସ୍ୱାଧୀନତା ସଂଗ୍ରାମରେ ପାଇକ ନେଇ କରି ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିବା ବେଳେ ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଶହୀଦ ରଘୁ-ଦିବାକର ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୌରବ ଗାଥାକୁ ଅନୁସରଣ କରି ଓଡ଼ିଶାର ଅସ୍ମିତାକୁ ତଥା ଜିଲାର ଗରିମାକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ ଦେଇଥିଲେ। ସଭାପତିତ୍ୱ ଭାଷଣରେ ଅତିରିକ୍ତ ଜିଲାପାଳ ବେଉରା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କଳିଙ୍ଗର ଇତିହାସ ସମୃଦ୍ଧ। ଓଡ଼ିଶାର ଗୌରବମୟ ଇତିହାସ ଜାଣିବାକୁ ହେଲେ ଓଡ଼ିଆ ପକ୍ଷ ପାଳନର ସମସ୍ତ ଦିବସର ମହତ୍ତ୍ୱ ବୁଝିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ବାରଭୂଇଁ ମାଟି। ଏହାର ଇତିହାସ ପଢ଼ି ଏକ ଅଗ୍ରଣୀ ଜିଲା ଗଢ଼ିତୋଳିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁଣ୍ଣ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଐତିହ୍ୟ ଗଣଦୌଡ଼ ସମାରୋହରେ ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି, ଅବକାରୀ ଅଧୀକ୍ଷକ ସୁମିତ୍ରା ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ଜନପ୍ରତିନିଧି, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ।

# 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ'



## ମୁକ୍ତିପସରାର ସପ୍ତବିଂଶତମ ବାର୍ଷିକୋତ୍ସବର ଦ୍ୱିତୀୟ ଦିବସ

ବେଗୁନିଆ,୫।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମୂଆସାହି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଶ୍ରୀଜଗନ୍ନାଥ ଚେତନା ପରିଷଦ 'ମୁକ୍ତି ପସରା'ର ସପ୍ତବିଂଶତମ ବାର୍ଷିକୋତ୍ସବରେ ରବିବାର ଥିଲା ଦ୍ୱିତୀୟ ଦିବସ। ଅନୁଷ୍ଠାନ ସଭାପତି ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇଥିଲେ। ପ୍ରବକ୍ତା କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମ୍ପାଦକ ଭାଗୀରଥି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚେତନା ଯୁଗେ ଯୁଗେ ପ୍ରସିଦ୍ଧି ଲାଭ କରିଛି। ଧର୍ମ, ସଂସ୍କୃତି ଓ ପରମ୍ପରା କହିଲେ ଶ୍ରୀଜଗନ୍ନାଥଙ୍କୁ ହିଁ ବୁଝାଏ। ମହାପ୍ରଭୁଙ୍କ ନୀତି ଓ ନିୟମ ବିଶ୍ୱବିଦିତ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ନେଇ ଭଜନ ଜଣାଣ ସମ୍ପର୍କରେ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆୟୁଷ୍ମାନ ପଣ୍ଡା ଏବଂ ଆଦ୍ୟାଶକ୍ତି ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରବକ୍ତା ପଣ୍ଡିତ ଚାରଣ କାଶୀନାଥ ଦାସ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଆଲୋଚନା କରିଥିଲେ।

# ଅସରାଏ ବର୍ଷାରେ ରାସ୍ତାରେ ପାଣି, ଲୋକେ ହଇରାଣ



ଟାଙ୍ଗୀ,୫।୪(ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଚାନ୍ଦପୁର ବଜାର ରାସ୍ତାର ଦୁଇପାର୍ଶ୍ୱ ପିଚୁ ଓ ଡ୍ରେନ କାର୍ଯ୍ୟ ମଧ ଶେଷ ହୋଇଛି। ତେବେ ରବିବାର ଅପରାହ୍ନରେ ହୋଇଥିବା ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଡ୍ରେନ୍‌କୁ ପାଣି ନିଷ୍କାସନ ହେଉ ନ ଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ ଅଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କାର୍‌କୁ ଧକ୍କାଦେଲା ଟ୍ରକ୍, ୫ ତୀର୍ଥଯାତ୍ରୀ ଗୁରୁତର

ଟାଙ୍ଗୀ,୫।୪(ରଘୁନାଥ ସାହୁ)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ଗୌରଚନ୍ଦ୍ରପୁର ଓଭରବ୍ରିଜ୍ ନିକଟରେ ଏକ କାର୍‌କୁ ଟ୍ରକ୍ ଧକ୍କାଦେବାରୁ ୫ଜଣ ତୀର୍ଥଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଚାନ୍ଦପୁର ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲରେ ଭର୍ତ୍ତି କରିଛି। ସୂଚନା ମୁତାବକ, କେତେଜଣ ତୀର୍ଥଯାତ୍ରୀ ଦୁଇଟି କାର୍‌ରେ ଆନ୍ଧ୍ରପ୍ରଦେଶରୁ ଅଯୋଧ୍ୟାକୁ ଯାଉଥିଲେ। ଚାନ୍ଦପୁର ବାଇପାସ୍ ଗୌରଚନ୍ଦ୍ରପୁର ନିକଟରେ ଚାହା ପିଇବା ପାଇଁ କାର୍ ଦୁଇଟିକୁ ପାର୍କିଂ କରିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଟ୍ରକ୍‌ଟି ପାର୍କିଂ ହୋଇଥିବା ଏକ କାର୍‌ର ପଛକୁ ଧକ୍କା ଦେଇଥିଲା। ଫଳରେ ୫ଜଣ ତୀର୍ଥଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଗୁରୁତରମାନେ ହେଲେ ବିଜୟ ଲକ୍ଷ୍ମୀ (୭୦), ଆର୍ ଗଙ୍ଗା (୬୦), ରାମ ମୂର୍ତ୍ତି (୬୦)ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ମିଳିପାରି ନାହିଁ। ସମସ୍ତ ଆହତଙ୍କ ଘର ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲାରେ। ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ଟ୍ରକ୍ ଚାଳକ ସୁଶାନ୍ତ ପାଣିଗ୍ରାହୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ଗୋଦାମ ଘର ତାଲା ଭାଙ୍ଗି ୧୭ବସ୍ତା ଚାଉଳ ଚୋରି

ବୋଲଗଡ଼,୫।୪(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଫାସିଓଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ଗୋଦାମ ଗୃହରୁ ଶୁକ୍ରବାର ରାତିରେ ୧୭ବସ୍ତା ତଥା ୮କୁଇଣ୍ଟାଲ ୫୦କେଜି ପିଡିଏସ୍ ଚାଉଳ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଶନିବାର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପବିତ୍ର କୁମାର ସ୍ୱାଇଁଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୩୬/୨୬)ରୁଜୁ ହୋଇଛି। ଥାନା ଅଧିକାରୀ ସୁକାନ୍ତ ଦଳେଇ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ପରେ ସେହିଦିନ ବୋଲଗଡ଼ ଯୋଗାଣ ଅଧିକାରୀ, ସରପଞ୍ଚ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଯୋଗାଣ ସହାୟକ ପ୍ରମୁଖ ଉପସ୍ଥିତ ରହି ଷ୍ଟକ ଖାତା ଯାଞ୍ଚ କରି ଗରିବ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କୁ ବଣ୍ଟନ ପାଇଁ ଆସିଥିବା ଚାଉଳରୁ ବଣ୍ଟନ ପାଇଁ ମହଜୁଦ ଥିବା ଚାଉଳ ମଧ୍ୟରୁ ବଳକା ଥିବା ପ୍ରାୟ ୧୭ବସ୍ତା ଚାଉଳ ଦୁର୍ବୃତ୍ତମାନେ ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ଯୋଗାଣ ନିରୀକ୍ଷକ ସୂଚନା ଦେଇଛନ୍ତି। ଯୋଗାଣ ସହାୟକ ସୁଧାକର ସେନାପତିଙ୍କଠାରୁ ଖବରପାଇ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଘଟଣା ଜାଣିଥିଲେ। ଆଇଆଇସି ଏହି ଘଟଣାର ତଦନ୍ତ କରୁଛନ୍ତି।

# କୃଷ୍ଣଚନ୍ଦ୍ର ସଭାପତି, ଗଗନ ସମ୍ପାଦକ



ବୈଠକରେ ଉପସ୍ଥିତ ଯାଦବ ସଙ୍ଗଠନର କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ଯାଦବ ସଙ୍ଗଠନ କର୍ମକର୍ତ୍ତା ଚୟନ

ଟାଙ୍ଗୀ,୫।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଯାଦବ ସଙ୍ଗଠନର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଜିଲାର ୬ଟି ଜୋନର ଯାଦବ ସମାଜର ସମସ୍ତ କର୍ମକର୍ତ୍ତା ଓ ବେହେରା ଭାଇମାନେ ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ଶ୍ରୀଧର ଦାସ ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତିକ୍ରମେ ରତନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧି ସଭାପତି, ଅର୍ଜ୍ଜୁନ ବେହେରା ଉପସଭାପତି, ଗଗନ ବିହାରୀ ବେହେରା ସମ୍ପାଦକ, ଆନନ୍ଦ ଚନ୍ଦ୍ର ବେହେରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହିତ ଆଗାମୀ ଦିନରେ ଅନୁଷ୍ଠାନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ସଦସ୍ୟଙ୍କ ସହଯୋଗରେ ଯାଦବ ସମାଜର ଉନ୍ନତି ସହିତ ସଙ୍ଗଠନର ବିକାଶ ଧାରାକୁ ଆଗକୁ ନେବାକୁ ଚେଷ୍ଟାକରିବି ବୋଲି ନୂତନ ସଭାପତି ସୁବୁଦ୍ଧି କହିଛନ୍ତି।

# ବଦାନ୍ୟ ବ୍ୟକ୍ତି ଥିଲେ ଭ୍ରମରବର

ବାଣପୁର,୫।୪(ଦିଲୀପ କୁମାର ସ୍ୱାଇଁ)

ବାଣପୁର ଅଞ୍ଚଳର ବଦାନ୍ୟ ବ୍ୟକ୍ତି ଭ୍ରମରବର ପାତ୍ରଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ସ୍ୱର୍ଗତ ଭ୍ରମରବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାମାଜିକ କର୍ମୀ ଅନନ୍ତ ଖୁଣ୍ଟିଆ, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ସାହିତ୍ୟ ସିନ୍ଦୁରାର ପ୍ରତିଷ୍ଠାତା ଗୋଲଖ ବିହାରୀ ପରିଡ଼ା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କଂଗ୍ରେସ କମିଟିର ସଭାପତି ବିଜୟ ରଥ, ଶିକ୍ଷାବିତ୍ ପ୍ରମୋଦ ନାୟକ, ପ୍ରଶାନ୍ତ ଦଳବେହେରା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସମାଜସେବା ଏବଂ ବଦାନ୍ୟତାକୁ ସ୍ମରଣ କରିବା ସହ ବାଣପୁରବାସୀଙ୍କ ହୃଦୟରେ ରହିଥିବେ ବୋଲି ମତବ୍ୟକ୍ତ କରିଥିଲେ।

# ମା'ମଙ୍ଗଳା କ୍ଲବ୍ କଟକ ଚାମ୍ପିୟନ

## କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବେଗୁନିଆ,୫।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମସ୍ଥିତ ମିନି ଷ୍ଟାଡିୟମରେ ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକର ମା'ମଙ୍ଗଳା କ୍ଲବ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମା'ମଙ୍ଗଳା କ୍ଲବ୍ ଏବଂ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ୍ ଘାଟିକିଆ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ମା'ମଙ୍ଗଳା କ୍ଲବ୍ ଗୋଟିଏ ଗୋଲ ଏବଂ ଦ୍ୱିତୀୟାର୍ଦ୍ଧରେ ଆଉ ୩ଟି ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ଗୋଲ ଦେଇପାରି ନ ଥିଲା। ଫଳରେ ୪–୦ ଗୋଲରେ ମା'ମଙ୍ଗଳା କ୍ଲବ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ପରିଚାଳକ ଅବଦୁଲ ଦୟାନ ଖାଁଙ୍କ ନେତୃତ୍ୱରେ ରାଜୁ ମହାନ୍ତି, ପ୍ରିୟବ୍ରତ ବାହିନୀପତି, ପ୍ରଫୁଲ୍ଲ କୁମାର ବେହେରା ଏବଂ ଗିରିଶ ଚନ୍ଦ୍ର ଜାନି ମ୍ୟାଚ୍ ପରିଚାଳନା କରିଥିଲେ। ଫୈଜଲ ଖାନ ଏବଂ ରମାକାନ୍ତ ପାତ୍ର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ମାଣିବନ୍ଧ ସରପଞ୍ଚ ସୁନନ୍ଦା ବରାଳ, ଗୋପାଳପୁର ସରପଞ୍ଚ ଡ.ପ୍ରଦୀପ ବାରିକ, ସାମାଜିକ କର୍ମୀ ଲଡୁକେଶ୍ୱର ପଟ୍ଟନାୟକ, ମଳୟ ରଞ୍ଜନ ପଣ୍ଡା, କୁଶପଲ୍ଲା ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମହିୟଦ୍ଦିନ ଅହମ୍ମଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାମ୍ପିୟନ ଟିମ୍‌ର ଖେଳାଳି ଗଣେଶଙ୍କୁ ମ୍ୟାନ ଅଫ୍ ଦି ସିରିଜ ଏବଂ କାର୍ତ୍ତିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩୦ ହଜାର ଟଙ୍କା ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅସାମାଜିକଙ୍କ କବ୍‌ଜାରେ ଗୋଚର ଜମି

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

**ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନି**

ଖୋର୍ଦ୍ଧା ସହର ସମେତ ଜିଲାର ଏକାଧିକ ସରକାରୀ ଜମି ଦୀର୍ଘ ବର୍ଷ ଧରି ଜବରଦଖଲରେ ରହିଛି। ଏହାକୁ ମୁକ୍ତ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାର ବ୍ୟତିକ୍ରମ ଖୋର୍ଦ୍ଧା ତହସିଲ ଅଞ୍ଚଳରେ ଦେଖିବାକୁ ମିଳିଛି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କଦଳୀବାଡ଼ି ମୌଜାରେ ଥିବା ପ୍ରାୟ ୧୦.୩୬୦ ଡିସିମିଲ ଜମି ଖାତା ନଂ.୩୦୧, ପ୍ଲଟ ନଂ.୨୦୭ ଜମିକୁ କେତେଜଣ ଅସାମାଜିକ ବ୍ୟକ୍ତି ଜବରଦଖଲ କରିବା ସହିତ ସେଥିରେ ଥିବା ଆମ୍ବ, ପଣସ ଏବଂ ବିଭିନ୍ନ କିସମର ଗଛଗୁଡ଼ିକୁ କାଟି ନେଇଛନ୍ତି। ଏ ସଂକ୍ରାନ୍ତରେ ଜଣେ ବ୍ୟକ୍ତି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରି ବିଫଳ ହେବା ପରେ ଜିଲା ପ୍ରଶାସନ ନିକଟରେ ମଧ ଅଭିଯୋଗ କରିଥିଲେ। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଅନ୍ୟପଟେ ଜବରଦଖଲରେ ଥିବା ସରକାରୀ ଜମିକୁ ବିକ୍ରି ଲାଗି ଯୋଜନା କରିଛନ୍ତି। ବିରୋଧ କଲେ ଧମକ ଦେଉଛନ୍ତି। ସରକାରୀ ଅଧିକାରୀ, ପୋଲିସ ଆମ ହାତରେ, କେହି କିଛି କରିପାରିବେ ନାହିଁ ବୋଲି ଧମକ ଦେଉଛନ୍ତି ବୋଲି ଅଭିଯୋଗକାରୀ ଗଣମାଧ୍ୟମରେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ୧୫ବର୍ଷ ପୂର୍ବେ ଉକ୍ତ ଗୋଚର ଜମିରେ ବିଭିନ୍ନ କିସମର ଗଛ ଲଗାଯାଇଥିଲା। ଜଣେ ବ୍ୟକ୍ତି ଯତ୍ନ ନେବା ସହ ସେହି ଗଛଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସେଠାରେ ଏକ ପାଣି କୁଣ୍ଡ ଏବଂ ଅସ୍ଥାୟୀ ଭାବେ ଖରାଦିନେ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ ଏକ ଚାଳ ଘର ନିର୍ମାଣ କରିଥିଲେ। ସେହି ପାଣି କୁଣ୍ଡ ଏବଂ ଚାଳ ଘରକୁ ମଧ ଅସାମାଜିକ ବ୍ୟକ୍ତିମାନେ ଭାଙ୍ଗି ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।


**OFFICE OF THE MUNICIPAL COUNCIL : JAGATSINGHPUR**

No. 2087 Dt.31/03/2026

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. JSPURM-02/2025-26/Dt.**

**No.13001/41/2627** : On behalf of the Jagatsinghpur Municipality, on-line e-tender **Item Rate Bids** are invited by the Executive Officer, Jagatsinghpur Municipality from the intending **registered suppliers / manufacturers / agencies** and eligible category of bidders in conformity with the Detailed Tender Call Notice for execution of the work **"Exterior Glass Paneling work for Office Building of Jagatsinghpur Municipality"** as mentioned in the DTCN.

1. Total No. of works for which Tenders invited: 01 No.
2. Place of Execution: Inside of Jagatsinghpur Municipality.
3. Eligible Class of Contractors: Registered suppliers/ manufacturers/ agencies as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11 A.M on 02-04-2026 to 5 P.M on 16-04-2026 for online bidding.
6. Bids received online will be opened at 11 A.M on 17.04.2026.
7. The bidder must possess valid and compatible Digital Signature Certificate (DSC).
8. The DTCN for 01 No. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Jagatsinghpur Municipality

OIPR-13001/13087/1/26-27/0001

**Government of Odisha**
**Department of Panchayati Raj & Drinking Water**
**Office of the Panchayat Samiti, Bhadrak**
Invitation of Bids (IFB)
Bid Identification No. PSB-16/2025-26
e-mail:ori-bbhadrak@nic.in Fax/TEL:********

No.19001/8/2627: Bid documents consisting of Work, Estimated amount for put to tender, Cost of Tender Paper, Time of Completion, Class of Contractor, the set of terms and conditions of contract and other necessary documents can be seen from the Office of Panchayat Samiti, Bhadrak.

1. Name of the Work : As per DTCN
2. No. of Works : 1 no's of package
3. Estimated Cost for put to tender : As per DTCN
4. Period of Completion : 06 Calendar Months each
5. Date and Time of availability of bid documents : From 02.04.2026 at 10.30 am hours to 20.04.2026 at 11.00 am. Hours
6. Last date/time for receipt/drop of bid in the office. : 20.04.2026 at 11.00 am
7. Date of opening of Bids : 20.04.2026 at 03.00 PM hours
8. Class of Contractor : "C" & "D" Class
9. Name of the Officer Inviting Bids : Block Development Officer Panchayat Samiti Bhadrak

Further details can be seen from the office of Panchayat Samiti, Bhadrak on working hours. Any addendum/corrigendum/cancellation of tender can also be seen at the office of the undersigned. The detailed information is also available on district website **"https://bhadrak.odisha.gov.in."**

Sd./- Block Development Officer
Panchayat Samiti, Bhadrak

OIPR-19001/19031/1/26-27/0003

GOVERNMENT OF ODISHA No.32001/16/2627
**OFFICE OF THE SUPERINTENDING ENGINEER POTTERU IRRIGATION DIVISION,**
AT/PO : BALIMELA, DIST : MALKANGIRI (ODISHA)
e-mail Id : eepid78@gmail.com
**e-Procurement Notice No. - SE-PID-BML-01/2026-27**

| | | |
|---|---|---|
| 1. | No. of works | : 1 (One) |
| 2. | Approx. Estimated cost | : ₹ 33.34 Lac |
| 3. | Eligibility of the bidders | : Registered & licensed security service agencies for deployment of security personnel |
| 4. | Period of completion | : 335 days |
| 5. | Date & time of availability of bid document in the portal | : 10.04.2026 (10:00 A.M.) to 20.04.2026 (05:00 P.M.) |
| 6. | Last date/time for receipt of bid in the portal | : 20.04.2026 (05:00 P.M.) |
| 7. | Date of opening of the bids on-line | ; 21.04.2026 (11:00 A.M.) |
| 8. | Name & address of the O.I.T | : Superintending Engineer, Potteru Irrigation Division, At/po : Balimela, District : Malkangiri |

Further details can be seen from the e-procurement portal http://tendersodisha.gov.in

Sd./- Superintending Engineer
Potteru Irrigation Division, Balimela

OIPR-32001/32052/1/26-27/0001

**GOVT. OF ODISHA, DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO.VI, JAGATPUR, CUTTACK**
e-mail id- eerrcd6jagatpur@gmail.com
**'e' Procurement Notice**

No.32001/17/2627: The Superintending Engineer, Rengali Right Canal Division No-VI, Jagatpur Cuttack on behalf of the Governor of Odisha invites online percentage basis bids in single cover system for construction of the work as detailed below: 1.Name of the Work : 03 Nos. of Works. 2. Tender Cost: Rs.12.65 lakh to 39.68 lakh. 3. Bid Document Cost: Rs.6,000.00 (Online) for each work. 4. Bid Security : Rs.12,700.00 to Rs.39,700.00 (Online). 5. Class of Contractor: 'C' & 'B' Class and 'Govt. Registered Firm dealing with Sub-Soil Exploration Work' 6. Period of Completion: 02 to 03 Calendar Months. 7. Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No-VI, Jagatpur Cuttack | SERRCDVI-05/2025-26 | 07.04.2026 10.00 AM | 18.04.2026 5.30 PM | 20.04.2026 11.00 AM |

8. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer,
Rengali Right Canal Division No-VI, Jagatpur, Cuttack

OIPR-32001/32527/1/26-27/0001

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
No.487/RDA, dated 31.03.26
**PROCLAMATION**

No.13001/33/2627: It is hereby informed to the General public that Mahabir Prasad Agarwal, S/o- Late Maliram Agarwal, has applied for permission for transfer of House site No.S3H2-16, under **Leftout Site & Services Scheme, Gopabandhunagar, Stage-II, Chhend** in favour of **Smt. Sitan Parida**, W/o- Sri Sanjay Kumar Parida. Anybody has got objection to the proposed transfer, he/she may file objection petition before the undersigned within 15 (Fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./-Secretary
Rourkela Development Authority

OIPR-13001/13250/1/26-27/0001

**GOVERNMENT OF ODISHA**
**DEPARTMENT OF P.R. & D.W**
**INVITATION FOR BIDS (IFB)**
Identification No.AGLB-05/2025-26
E-mail address: ori-bangul@nic.in

No.19001/5/2627: 1. The Block Development Officer, Angul on behalf of the Governor of Orissa invites Percentage rate civil bids in single cover system for the works as detailed in the table, from the class of eligible contractors as mentioned in Col 4 (four), registered with the State Government and contractors of equivalent grade/ Class registered with Central Government / MES/ Railways to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed alongwith the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement.

1. Sale of Bid Documents : 08.04.2026 to 17.04.2026 (upto 5.30 PM)
2. Received of Bid documents : 08.04.2026 to 18.04.2026 **(through speed post or registered post only)**
3. Opening of Bid documents : 21.04.2026 at 11.00 P.M.

The details of the Eligibility criteria, EMD, enclosures etc. alongwith the list of projects can be viewed & downloaded from the district website i.e. https://www.angul.odisha.gov.in. and can be seen in the office of Panchayat Samiti, Angul during office hours only.

Sd./-
Block Development Officer, Angul

OIPR-19001/19073/1/26-27/0001

# ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା, ପ୍ରଚାର ପାଇଁ ସଂକଳ୍ପ

## ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼'

ଭୁବନେଶ୍ୱର,୫।୪
(ସୌମ୍ୟରଞ୍ଜନ ରାଉତ)



ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ଐତିହ୍ୟ ଗଣଦୌଡ଼ରେ ବିଧାୟକ ବାବୁ ସିଂଙ୍କ ସହ ଅଧିକାରୀ ଓ ସାଧାରଣ ଜନତା।

କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ'ର ୫ମ ଦିବସରେ ରବିବାର ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼' ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ଟା ୩୦ରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଦୌଡ଼ର ଶୁଭାରମ୍ଭ ହୋଇଥିଲା। ପରେ ଏହି ଐତିହ୍ୟ ଗଣଦୌଡ଼ ବିବେକାନନ୍ଦ ମାର୍ଗ, ରାମେଶ୍ୱର ମନ୍ଦିର, କଳ୍ପନା ମ୍ୟୁଜିୟମ ଛକ, ଲୁଇସ୍ ରୋଡ, ବିଜେବି କଲେଜ ଏବଂ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଞ୍ଚିଥିଲା। କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉତ୍ସାହର ସହ ଏଥିରେ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ବାର୍ତ୍ତା ଦେବା ସହ ସଂକଳ୍ପ ନେଇଥିଲେ। ଗଣଦୌଡ଼ରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଏବଂ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ୩ଜଣଙ୍କୁ ପଦକ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଐତିହ୍ୟ ଗଣଦୌଡ଼ରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକାମ୍ର ବିଧାୟକ ବାବୁ ସିଂ କହିଲେ, ଏହି ଗଣଦୌଡ଼ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଏକ ସୁନ୍ଦର ପ୍ରୟାସ। ଆମ ରାଜ୍ୟର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏହାର ସଂରକ୍ଷଣ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଜ ମାଟିର ଗୌରବମୟ ଇତିହାସ ସହ ଯୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସଙ୍ଗୀତା ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତିତପାବନ ବାନାରେ ଶୂନ୍ୟଗଣ୍ଠି

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ପରେ ପତିତପାବନ ବାପାରେ ଶୂନ୍ୟଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ମଧ୍ୟାହ୍ନରେ ଆକାଶ କଳାହାଣ୍ଡିଆ କରି ମେଘ ଘୋଟି ଆସିଥିଲା। ପରେ ଅପରାହ୍ନରେ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ଶ୍ରୀମନ୍ଦିର ଉପରେ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ନୀଳାଚକ୍ର ଉପରେ ଲାଗିଥିବା ପତିତପାବନ ବାନାରେ ଶୂନ୍ୟଗଣ୍ଠି ପଡ଼ିଥିବା ଭକ୍ତମାନେ ଦେଖିବାକୁ ପାଇଥିଲେ। ସନ୍ଧ୍ୟାରେ ଚୁନରା ସେବାୟତ ପତିତପାବନ ବାନା ବଦଳାଇବା ପାଇଁ ଯାଇଥିବା ବେଳେ ଏହି ବିରଳ ଦୃଶ୍ୟ ଦେଖିବା ସହ ଉକ୍ତ ବାନାକୁ ଆଣିଥିବା ସୂଚନା ମିଳିଛି। ନୀଳଚକ୍ରରେ ଲାଗିଥିବା ବାନାଗୁଡ଼ିକ ଉଡିବା ସମୟରେ ଆପେ ଆପେ ପରସ୍ପର ମଧ୍ୟରେ ଗଣ୍ଠି ପଡ଼ିଲେ ତାହାକୁ ଶୂନ୍ୟଗଣ୍ଠି ବୋଲି କୁହାଯାଇଥାଏ। ଯାହା ପ୍ରାୟ ଦେଖିବାକୁ ମିଳି ନ ଥାଏ। ପୂର୍ବରୁ ଶ୍ରୀମନ୍ଦିର ନୀଳଚକ୍ରରେ ୧୫୧ ହାତ ବାନା ସହ ଏକାଧିକ ବାନା ଲାଗୁଥିଲା। ଫଳରେ ବାନାଗୁଡ଼ିକ ମଧ୍ୟରେ ଶୂନ୍ୟଗଣ୍ଠି ଦେଖିବାକୁ ମିଳୁଥିଲା। ଗଣ୍ଠିଗୁଡ଼ିକ ଏତେ ବଡ଼ ଓ ଓଜନିଆ ହୋଇଥାଏ ତାକୁ ଖୋଲିବା ସମ୍ଭବପର ହୋଇ ନ ଥାଏ। ଏବେ ନୀଳଚକ୍ରରେ ୧୪ ହାତିଆ ବାନା ଲାଗୁଥିବାରୁ କେବେ କେବେ ଜୋର୍‌ରେ ପବନ ହେଲେ ଏପରି ଶୂନ୍ୟଗଣ୍ଠି ଦେଖିବାକୁ ମିଳୁଛି। ବିଶେଷ କରି କାଳବୈଶାଖୀର ବର୍ଷା ସମୟରେ ପବନର ବେଗ ଅଧିକ ଥିବାରୁ ବାନାରେ ଏପରି ଶୂନ୍ୟଗଣ୍ଠି ଦେଖିବାକୁ ମିଳିଛି। ଏହି ଶୂନ୍ୟଗଣ୍ଠି ବାନାକୁ ଘରେ ରଖିଲେ, ସମସ୍ତ ପ୍ରକାର ଅସୁବିଧା ଦୂର ହେବା ସହ ଶରୀର ସୁସ୍ଥ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଗାଡ଼ି ଧକ୍କାରେ ଯୁବ ଡାକ୍ତରଙ୍କ ଜୀବନଗଲା

ଖୋର୍ଦ୍ଧା,୫।୪(ପ୍ରଭାତ ପାଣିଗ୍ରାହୀ)

## ମୃତଦେହ ବ୍ୟବଚ୍ଛେଦ ସାରି ଘରକୁ ଫେରୁଥିଲେ



ଡା.ପାର୍ଥସାରଥି ନାୟକ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ମୃତଦେହ ବ୍ୟବଚ୍ଛେଦ ସାରି ଘରକୁ ଫେରୁଥିବା ବେଳେ ଗାଡ଼ି ଧକ୍କାରେ ଜଣେ ଯୁବ ଡାକ୍ତରଙ୍କ ଜୀବନ ଯାଇଛି। ମୃତକ ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଲ୍‌ଟିଆର୍‌ଏଲ୍‌ଓ ଭାବେ କାର୍ଯ୍ୟରତ ଡା.ପାର୍ଥସାରଥି ନାୟକ(୩୫)। ସୂଚନା ମୁତାବକ, ଦୁଇଟି ମୃତଦେହ ବ୍ୟବଚ୍ଛେଦ ସାରି ପାର୍ଥସାରଥୀ ସ୍କୁଟିରେ ଘରକୁ ଫେରୁଥିଲେ। ଇନ୍‌ଫୋସିଟି ଥାନା ଅଧୀନ ଗଙ୍ଗପଡ଼ା ଟୋଲଗେଟ୍ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୁଖ୍ୟ ଚିକିତ୍ସାଳୟର ଡାକ୍ତର, କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୟାମାପ୍ରସନ୍ନ ମିତ୍ର ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ସୂର୍ଯ୍ୟ ଜ୍ୟୋତିକଳା କେନ୍ଦ୍ରର ୪ର୍ଥ ବାର୍ଷିକ ନୃତ୍ୟ ଉତ୍ସବର ରବିବାର ଉଦ୍‌ଯାପନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

## ସୂର୍ଯ୍ୟ ଜ୍ୟୋତିକଳା କେନ୍ଦ୍ରର ନୃତ୍ୟୋତ୍ସବ

ଭୁବନେଶ୍ୱର,୫।୪ (ସୌମ୍ୟରଞ୍ଜନ ରାଉତ)

ସୂର୍ଯ୍ୟ ଜ୍ୟୋତିକଳା କେନ୍ଦ୍ରର ୪ର୍ଥ ବାର୍ଷିକ ନୃତ୍ୟ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ଓର୍‌ମାସ୍‌ର ଶାନ୍ତନୁ ବାନାର୍ଜୀ, ବାସ୍ତୁବିଦ୍ ଜ୍ୟୋତିର୍ବିଦ ପଣ୍ଡିତ ନାରାୟଣ ପତି, ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ପ୍ରାଧ୍ୟାପକ ଶରତ ନାୟକ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ତତ୍ତ୍ୱାବଧାନରେ ଶିଳ୍ପୀ ଜ୍ୟୋତିର୍ମୟୀ ଦାସ ଓ ରବିଶଙ୍କର ମାଝୀଙ୍କ ଯୁଗଳ ବନ୍ଦୀ ନୃତ୍ୟ 'ଅହଲ୍ୟା' ପରିବେଷଣ କରିଥିଲେ। ଲୋକନୃତ୍ୟ, ପାଇକ ନୃତ୍ୟ ଏବଂ ରସରକେଳୀରେ ମଞ୍ଚ କମ୍ପି ଉଠିଥିଲା। ଶ୍ରୀନିବାସ ଘଟୁଆରୀଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ରବୀନ୍ଦ୍ର ଜେନା, ଉପସଭାପତି ମାନସ ରଞ୍ଜନ ସାହୁ ଏବଂ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିପିନ



@ ମାନସ



@ ସୁଶୀଲ



@ ପ୍ରଭାସ



@ ଆରତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଶ୍ୱିନୀ କୁମାର ମିଶ୍ର ପାଇବେ 'ବିଷୁବ ପୁରସ୍କାର'

କଟକ,୫।୪(କାର୍ତ୍ତିକ ସାହୁ)

ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଚଳିତବର୍ଷର ବିଭିନ୍ନ ପୁରସ୍କାର ସଂକ୍ରାନ୍ତରେ ରବିବାର ଘୋଷଣା କରାଯାଇଛି। କବି ତଥା ପ୍ରାବନ୍ଧିକ ଅଶ୍ୱିନୀ କୁମାର ମିଶ୍ରଙ୍କୁ ସମ୍ମାନଜନକ 'ବିଷୁବ ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ଏକଲକ୍ଷ ଟଙ୍କା ସହ ମାନପତ୍ର ଦିଆଯାଇ ସମ୍ମାନିତ କରାଯିବ। 'ଝଙ୍କାର' ପୃଷ୍ଠାରେ ନିଜର ସାହିତ୍ୟ କୃତି 'ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା' ପାଇଁ ପ୍ରଫେସର ନିଖିଳାନନ୍ଦ ପାଣିଗ୍ରାହୀ, କବିତାରେ ଗୀତିକବି ଧନଞ୍ଜୟ ସ୍ୱାଇଁ ଏବଂ ଓଡ଼ିଆ ଗଳ୍ପ ନିମନ୍ତେ ଅରବିନ୍ଦ ରାୟଙ୍କୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ସେହିପରି ଅନୁବାଦ ସାହିତ୍ୟରେ ନିଜର ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବଙ୍ଗାଳୀ ନନ୍ଦଙ୍କୁ ୧୦ ହଜାର ଟଙ୍କା ସହ 'ଝଙ୍କାର ଅନୁବାଦ ଭାରତୀ' ପୁରସ୍କାର ପ୍ରଦାନ କରାଯିବ।

ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଆସନ୍ତା ୧୪ତାରିଖ ପୂର୍ବାହ୍ନ ୧୦ଟାରେ ବିହାରୀବାଗ ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପ୍ରତିଭାଧାରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସମିତିର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ରବିବାର ସୂଚନା ଦେଇଛନ୍ତି।

# ଲେଣ୍ଡୋ ସେବା ସମବାୟ ସମିତି ସମ୍ପାଦକଙ୍କ ଝୁଲନ୍ତା ମୃତଦେହ ଜବତ

ନିରାକାରପୁର,୫।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଲେଣ୍ଡୋ ସେବା ସମବାୟ ସମିତି ସମ୍ପାଦକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ଲଳିତାପାଟପୁର ଗ୍ରାମର ଦେବବ୍ରତ ସାମନ୍ତରାୟ ଓରଫ ଦିପୁ(୩୨)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪/୨୬) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ୨୦୧୭ମସିହାରୁ ଦେବବ୍ରତ ଲେଣ୍ଡୋ ସେବା ସମବାୟ ସମିତି ସମ୍ପାଦକଭାବେ କାର୍ଯ୍ୟ କରିଆସୁଛନ୍ତି। ଶନିବାର ରାତିରେ ସେ ଘରେ ଖାଇବା ପରେ ଶୋଇଥିଲେ। ରବିବାର ସକାଳେ ଉଠିବାରେ ତାଙ୍କର ଡେରି ହେବାରୁ ସ୍ତ୍ରୀ କବାଟ ଖୋଲି ଦେବବ୍ରତଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରେ ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି।

# ସାହିଯାତ କ୍ରମରେ ରାବଣ ବଧ ନୀତି ସମ୍ପନ୍ନ

ପୁରୀ,୫।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମ ନବମୀ ଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହେବ। ଆଧ୍ୟାତ୍ମିକ ଚେତନା ସାଙ୍ଗକୁ ପାରମ୍ପରିକ ନୃତ୍ୟ ଓ ଉତ୍କର୍ଷ ସମରକଳାର ନିଦର୍ଶନରେ ଶ୍ରୀକ୍ଷେତ୍ର ମାଟି ପ୍ରକମ୍ପିତ ହେଉଛି। ବୈଶାଖ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ସାହିଯାତ କ୍ରମରେ ଜଗନ୍ନାଥବଲ୍ଲଭ ପରିସରରେ ରାବଣ ବଧ ନୀତି ସମ୍ପନ୍ନ ହୋଇଛି। ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ହାତରେ ମହାଜ୍ଞାନୀ ପ୍ରବଳ ପ୍ରତାପୀ ମହାରାଜ ରାବଣଙ୍କ ମୃତ୍ୟୁ ଘଟିଛି। ବାଲି ସାହି ପକ୍ଷରୁ ରାବଣ ଚରିତ୍ରରେ ମହାବୀର ସୁବୁଦ୍ଧି ବାହାରି ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଆଶିଷ ଲାଭ କରିବା ସହ ସାହିରେ ନୃତ୍ୟ ପରିବେଷଣ କରିଥିଲା। ରାତିରେ ସାହିନାୟକ ନିରଞ୍ଜନ ମହାପାତ୍ର ରାବଣ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିଲେ। ରାବଣଙ୍କ ସହିତ ରାକ୍ଷସ ସେନା ମଧ ଥିଲେ। ହରଚଣ୍ଡୀ ସାହି ଭ୍ରମଣ ପରେ ଗୌଡ଼ବାଡ଼ ସାହିସ୍ଥିତ ଜମେଶ୍ୱରଙ୍କ ମନ୍ଦିରରେ ଥିବା ନିକୁମ୍ଭିଳା ବଟମୂଳେ ରାବଣ ଯଜ୍ଞ କରିଥିଲେ। ସେଠାରେ ହନୁମାନଙ୍କ ପକ୍ଷରୁ ଯଜ୍ଞ ଭଙ୍ଗ କରାଯାଇଥିଲା। ପରେ ରାବଣ ହରଚଣ୍ଡୀ ସାହି, ମଣିକର୍ଣ୍ଣିକା ସାହି ଦେଇ ମାର୍କଣ୍ଡେଶ୍ୱର ଅନ୍ତର୍ଗତ ଗଡ଼ନ୍ତିଛକ ନିକଟ ଭଗବତୀ କୋଟକୁ ଆସିଥିଲେ। ସେଠାରେ ମା'ଙ୍କ ସମର୍ପିତ ପଣା ଗ୍ରହଣ କରିବା ସହ ସ୍ୱର୍ଗକୁ ନିଶୁଣି ଓ ଶକ୍ତିପ୍ରାପ୍ତ ହୋଇଥିଲେ।

ଅପରପକ୍ଷରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ସେଠାରେ ବାଲିସାହି ଆଖଡା ପକ୍ଷରୁ ରାବଣବଧ ନୀତି ପ୍ରସ୍ତାବ ଆଗତ କରାଯାଇଛି। ବାଲିସାହି ଆଖଡ଼ା ପକ୍ଷରୁ ରାବଣ ଏବଂ ତିନିଜଣ ବାଳକ ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶରେ ଜଗନ୍ନାଥବଲ୍ଲଭ ପରିସରରେ ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ପରେ ଠାକୁରଙ୍କୁ ଶୀତଳଭୋଗ ମଣୋହି କରାଯାଇ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ବାଲିସାହି ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ବାଲିସାହି ଆଖଡ଼ା ଅନ୍ତର୍ଗତ ଥିବା ସମସ୍ତ ଜାଗା ପକ୍ଷରୁ ନାଗା, ମେଢ, ନବଶିରା, କାଳୀମେଢ଼, ସପ୍ତଶିରା, ଫୁଲ ମେଢ଼, ଦୁର୍ଗା ମେଢ଼, ହନୁମାନ ମେଢ଼ ସହ ବିଭିନ୍ନ ସମରକଳା ପ୍ରଦର୍ଶନ କରାଯାଇଥିଲା। ୧୨ ତାରିଖରେ ରାମାଭିଷେକ ନୀତି ସହ ସାହିଯାତ ଶେଷ ହେବ।





ଶ୍ରୀକ୍ଷେତ୍ର ସାହିଯାତର ଅନ୍ତିମ ପର୍ବରେ ରାବଣବଧ ନୀତି ଅବସରରେ ବାଲିସାହି ପକ୍ଷରୁ ବାହାରିଥିବା ବିଭିନ୍ନ ମେଢ଼।

# ଝଡ଼ବର୍ଷା, ବଜ୍ରପାତ: ୨ ମୃତ

ବଡ଼ମ୍ବା/ଆଠଗଡ଼, ୫।୪
(ମାୟାଧର ମଲ୍ଲିକ/ସତ୍ୟ ପ୍ରସାଦ ରଥ)

କଟକ ଜିଲା ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳରେ ରବିବାର ଝଡ଼ବର୍ଷା ସମୟରେ ବଜ୍ରପାତ ଘଟିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ମୁଗଗହୀର ଗ୍ରାମର କାଶୀନାଥ ବେହେରା (୫୪) ଓ ଆଠଗଡ଼ ଥାନା ଅନ୍ତର୍ଗତ କରିକୋଲ ସବର ସାହିର ବିଳାସିନୀ ଗୁରୁ। ରବିବାର ଅପରାହ୍ନରେ କାଶୀନାଥ ନିକଟସ୍ଥ ବିଲରେ ଗୋରୁ ଚରାଇବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସେ ଟଳି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାଶୀନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବଡ଼ମ୍ବା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସେହିପରି ଆଠଗଡ଼ରେ ପ୍ରବଳ ବର୍ଷାବେଳେ କରିକୋଲ ଗ୍ରାମର ବିଳାସିନୀ ଘର ଦାଣ୍ଡରେ ଠିଆ ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ସଂଜ୍ଞାହୀନ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ବିଳାସିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ଆଠଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ହାତୀ ଆକ୍ରମଣରେ ୪ ଗୁରୁତର

ପରଜଙ୍ଗ,୫।୪(ନିଗମାନନ୍ଦ ଦଳବେହେରା): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଧୀନରେ ରବିବାର ଏକ ଦନ୍ତା ହାତୀ ଆକ୍ରମଣରେ ଭୋର୍‌ରୁ ୪ ଜଣ ମହୁଲ ଗୋଟାଳି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଆଖୁଆପାଳ ପଞ୍ଚାୟତ ଭେରୁବଣିଆ ମୁଣ୍ଡା ସାହିର କରମି ହାଁସଦା(୫୬), କନ୍ତୋର ପଞ୍ଚାୟତ ଚଣ୍ଡିକଡେ଼ୈଳା ସାହିର ସାବିତ୍ରୀ ସାହୁ(୫୦), ଖଇରା ସାହିର ଦେବରାଜ ସାହୁ(୭୦) ଓ ବାରିହାପୁର ଗାଁର ଆଦିତ୍ୟ ସାହୁ(୩୭)।

## ସ୍ମାର୍ଟସିଟି ରାସ୍ତା, କେମିତି ଦେବ ସ୍ୱଚ୍ଛତାର ବାର୍ତ୍ତା...?



ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ରାଜ୍ୟବ୍ୟାପୀ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଉଛି। ଏପରି ସ୍ଥିତିରେ ସ୍ମାର୍ଟସିଟି ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ରାସ୍ତା କଟକ ରୋଡ୍‌ର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାକୁ ଡ୍ରେନ୍ ଓ ଆବର୍ଜନା ପାଣି ମାଡ଼ି ରହିଥିଲେ ମଧ୍ୟ ବିଏମ୍‌ସି କିମ୍ବା ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କ ନଜର ନାହିଁ। **(ଫଟୋ: ବିକାଶ ନାୟକ)**

## ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର

**ପଟ୍ଟାମୁଣ୍ଡାଇ,୫।୪(କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚଉଦକୁଲାଟ ଫାଣ୍ଡି ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ଗାଁର ଚନ୍ଦ୍ରମଣି ଜେନା ଓରଫ ଚଗଲା ବଳାତ୍କାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୧୪୮/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଚଉଦକୁଲାଟ ଫାଣ୍ଡି ଅଞ୍ଚଳର ଏକ ଗ୍ରାମରେ ଅଷ୍ଟମପ୍ରହରୀ ପାଇଁ ଶନିବାର ଟେଣ୍ଟ ବନ୍ଧା ଯାଉଥିଲା। ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ନିଜ ଘର ସାମ୍ନାରେ ବସି ଟେଣ୍ଟ ବନ୍ଧା କାମ ଦେଖୁଥିଲେ। ଯୁବତୀଙ୍କ ଅସହାୟତା ଓ ମାନସିକ ବିକଳାଙ୍ଗ ଅବସ୍ଥାର ସୁଯୋଗ ନେଇ ଚଗଲା ଚତୁରତାର ସହିତ ତାଙ୍କୁ ନିକଟସ୍ଥ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ତେବେ ଯୁବତୀଙ୍କୁ ଘର ସାମ୍ନାରେ ନ ପାଇ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ବିଭିନ୍ନ ଆଡେ ଖୋଜିବା ଆରମ୍ଭ କରିଥିଲେ। ତେବେ ଯୁବତୀଙ୍କ ନାଁ ଧରି ତାଙ୍କ ବାପା ବଡ଼ପାଟିରେ ଡାକିବାରୁ ସେ ନିକଟସ୍ଥ ଏକ ପରିତ୍ୟକ୍ତ ଘର ମଧ୍ୟରୁ ଅର୍ଦ୍ଧ ଉଲଗ୍ନ ହୋଇ କାନ୍ଦି କାନ୍ଦି ବାହାରିଥିଲେ। ଯୁବତୀଙ୍କ ବାପା ଓ ଗ୍ରାମର କେତେଜଣ ଲୋକ ପାଟି କରିବାରୁ ସେଠାରେ ଥିବା ଚଗଲା ଛୁ ମାରିଥିବା ଦେଖିଥିଲେ। ଏହା ପରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ବନ୍ଦନା ପାତ୍ର, ଫାଣ୍ଡି ଅଧିକାରୀ ନୃସିଂହ ଚରଣ ମହାନ୍ତି ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳ ପରିଦର୍ଶନ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲେ।

## ଭିକ୍ଷାବୃତ୍ତି କରୁଥିବା ମହିଳାଙ୍କୁ ବଳାତ୍କାର

**ରାସୋଳ,୫।୪(ସରୋଜ ମିଶ୍ର)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ସରପା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଭିକ୍ଷାବୃତ୍ତି କରି ଗୁଜୁରାଣ ମେଣ୍ଟାଉଥିବା ଜଣେ ୫୨ବର୍ଷୀୟ ମହିଳାଙ୍କୁ ଶୁକ୍ରବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ମହିଳା ଜଣଙ୍କ କ୍ରସର ଅଞ୍ଚଳରେ ଭିକ୍ଷାବୃତ୍ତି କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ କ୍ରସରରେ କାମ କରୁଥିବା ଆଠମଲ୍ଲିକ ଅଞ୍ଚଳର ଜଣେ ଯୁବକ ଭିକ୍ଷାଦେବା ନାଁରେ ତାଙ୍କୁ ଏକ ନିଛାଟିଆ କୁଡ଼ିଆ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ଏନେଇ ରାସୋଳ ଥାନାରେ ଶନିବାର ଲିଖିତ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଅଭିଯୁକ୍ତ ଆଠମଲ୍ଲିକ ଥାନା ପାଇକସାହିର ସଞ୍ଜୟ ବେହେରା ବୋଲି ଜଣାପଡ଼ିଛି।

## ଓଡ଼ିଆ ପକ୍ଷ

## ଆଜି ରାଜ୍ୟବ୍ୟାପୀ ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୫।୪(ସୌମ୍ୟରଞ୍ଜନ ରାଉତ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ୬ଷ୍ଠ ଦିନ ସୋମବାର ରାଜ୍ୟବ୍ୟାପୀ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ରାଜ୍ୟରେ ସଚ୍ଛତା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବା ନିମନ୍ତେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମର ଆୟୁକ୍ତ, ସମସ୍ତ ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀମାନଙ୍କୁ ଚିଠି କରାଯାଇଛି। ସମସ୍ତ ପୌରାଞ୍ଚଳରେ ଏପ୍ରିଲ ୬ରେ 'ସ୍ୱଚ୍ଛ ଓଡ଼ିଶା ଦିବସ' ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଦେବାଳୟ, ଐତିହ୍ୟ ସ୍ଥଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ସ୍ଥଳଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମର ଆୟୋଜନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି।

## କାଠଯୋଡ଼ି ସେତୁ ସହ ସାଲିସ କରା ନ ଯାଉ: ସୋନାଲି



କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଓ ଡ. ମନୀଷା ଦାସ ପଟ୍ଟନାୟକ।

**ଭୁବନେଶ୍ୱର,୫।୪(ରବିନାରାୟଣ ଜେନା)**

ଗଙ୍ଗା ନଦୀରେ ଯେଉଁ ନିର୍ମାଣ କମ୍ପାନୀ ନିଜେ ଦୁଇଥର ଗଳିବା ସହିତ ନିଜର ସତ୍ତା ହରାଇଛି ସେ କିଭଳି ଓଡ଼ିଶାରେ କାଠଯୋଡ଼ି ନଦୀରେ ସେତୁ ନିର୍ମାଣ କରିବ। କାଠଯୋଡ଼ି ସେତୁ ସହିତ କୌଣସି ପ୍ରକାର ସାଲିସ କରା ନ ଯାଉ ବୋଲି କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି।

ଓଡ଼ିଶା ପ୍ରଦେଶ କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋନାଲି କହିଛନ୍ତି, ପ୍ରାୟ ୨୦୦ କୋଟିର କାଠଯୋଡ଼ି ସେତୁ ପ୍ରକଳ୍ପକୁ ଏସ୍‌ପିଏସ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀକୁ ଟେକିଦେବା ପାଇଁ ନିର୍ମାଣ ବିଭାଗ ଏକପ୍ରକାର ନୀତିଗତ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଓଡ଼ିଶାକୁ କେବଳ ରାଜସ୍ୱ କ୍ଷତି ପହଞ୍ଚିବ ତାହା ନୁହେଁ, ଆଗାମୀ ଦିନରେ ବହୁ ଧନ ଜୀବନ ନଷ୍ଟ ନ ହେବ ବୋଲି କିଏ ନିଶ୍ଚିତ କରିବ। ବିହାରର ବିବାଦୀୟ ସୁଲତାନଗଞ୍ଜ ଖୋଗାରିଆ ପୋଲ ଭୁଶୁଡ଼ିବା ଘଟଣାକୁ ଉଦ୍ଧୃତ କରି ସେ କହିଛନ୍ତି, ଏହି କମ୍ପାନୀ ତିଆରି କରୁଥିବା ୧୭୦୦ କୋଟିରୁ ଅଧିକ ମୂଲ୍ୟର ସେତୁ ଦୁଇରୁ ତିନିଥର ଭାଙ୍ଗି ପଡ଼ିବା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା କେବଳ ଦୁର୍ଘଟଣା ନୁହେଁ, ବରଂ କମ୍ପାନୀର ଗୁରୁତର ଅବହେଳା, ନିମ୍ନମାନର କାର୍ଯ୍ୟ, ଦକ୍ଷତାର ଅଭାବ, ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଓ କାର୍ଯ୍ୟ ସମ୍ପାଦନ ବିଫଳତାର ପ୍ରମାଣ ଦର୍ଶାଉଛି। ସେ କହିଛନ୍ତି, ଆଇଆଇଟି ରୁର୍‌କିର ରିପୋର୍ଟ ଏହି ପ୍ରକଳ୍ପରେ ଗଭୀର ତ୍ରୁଟି ଥିବା ଚିହ୍ନଟ କରିଥିଲା ଏବଂ ସମ୍ପୂର୍ଣ୍ଣ ସେତୁକୁ ପୁନଃନିର୍ମାଣ କରିବା ପାଇଁ ସୁପାରିସ କରିଥିଲା, ଯାହାକୁ ପାଟଣା ହାଇକୋର୍ଟ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଉକ୍ତ କମ୍ପାନୀକୁ କାହିଁକି କଳା ତାଲିକାଭୁକ୍ତ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ତାଙ୍କର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସୋନାଲି ଦାବି କରିଛନ୍ତି।

ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ସରକାରଙ୍କୁ ସିଧା ଟାର୍ଗେଟ କରି କହିଛନ୍ତି, ବିହାର ଘଟଣା କେବଳ ଯାନ୍ତ୍ରିକ ତ୍ରୁଟି ନୁହେଁ, ବରଂ ପ୍ରଶାସନିକ ଅବହେଳା ଓ ନିୟନ୍ତ୍ରଣର ଅଭାବକୁ ମଧ୍ୟ ସ୍ପଷ୍ଟ କରିଛି, ଯାହାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ପର୍ଯ୍ୟନ୍ତ ନେଇଯିବାକୁ ପଡ଼ିଥିଲା। ତେବେ କେଉଁ ଯୋଗ୍ୟତା ଆଧାରରେ ଏହି କମ୍ପାନୀକୁ କାଠଯୋଡ଼ି ନଦୀ ପାଇଁ ମନୋନୀତ କରାଗଲା ସେନେଇ ସରକାର ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି, ନଚେତ୍ କଂଗ୍ରେସ ଆଗକୁ ଆନ୍ଦୋଳନ ତୀବ୍ର କରିବ ବୋଲି ମନୀଷା କହିଛନ୍ତି।

## ଜୋର୍ ଧରିଲା ମେଟ୍ରୋ ରେଲ୍ ରାଜନୀତି

**ଭୁବନେଶ୍ୱର,୫।୪(ରବିନାରାୟଣ ଜେନା)**

ରାଜ୍ୟ କ୍ୟାବିନେଟ୍‌ରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ ସହିତ ବୁଝାମଣା ବାତିଲ ଲାଗି ନିଷ୍ପତ୍ତି ନିଆଯିବାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଏନେଇ ବିଜେଡି ପକ୍ଷରୁ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିବାବେଳେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର କଡ଼ା ଜବାବ ଦେଇଛନ୍ତି।

ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ଓଡ଼ିଶା ବୋଧେ ଆଉ ମେଟ୍ରୋ ଦେଖିପାରିବ ନାହିଁ। ଓଡ଼ିଶା ତଥା ରାଜଧାନୀ ଭୁବନେଶ୍ୱର ପାଇଁ ମେଟ୍ରୋ ରେଲ୍‌ର ଆବଶ୍ୟକତା ରହିଛି। ମେଟ୍ରୋ ନ ହେଲେ ବଡ଼ ବଡ଼ କମ୍ପାନୀ ଓଡ଼ିଶାରେ ବ୍ୟବସାୟ କରିବାକୁ ପଛଘୁଞ୍ଚା ଦେବେ। ବିଜେଡି ସରକାର ସମୟରେ ଏହାର ଶିଳାନ୍ୟାସ ହେବା ସହିତ କାମ ଅଗ୍ରସର ହୋଇଥିଲା। କାଳେ ବିଜେଡି ମାଇଲେଜ ନେଇଯିବ, ସେଥିପାଇଁ ଭାଜପା ସରକାର ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନର ଚୁକ୍ତିକୁ ବାତିଲ କରିଛନ୍ତି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ଡିପିଆର୍ ପରିବର୍ତ୍ତନ କରି ମୋବିଲିଟି ପ୍ଲାନ ପ୍ରସ୍ତୁତ ହୋଇପାରିବ। ମେଟ୍ରୋ ରୁଟ୍ ସମ୍ପ୍ରସାରଣ କରି ସରକାର ପ୍ରକଳ୍ପ ଯୋଜନା ପୁଣିଥରେ ପ୍ରସ୍ତୁତ କରିପାରିଥାନ୍ତେ। ମେଟ୍ରୋ ପ୍ରକଳ୍ପକୁ ସ୍ଥଗିତ କରିବା ଭାଜପା ସରକାରଙ୍କର ହୀନ ମାନସିକତାର ପରିଚୟ ଦେଉଛି ବୋଲି ବିଧାୟକ ଜେନା କହିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ଆଗାମୀ ଦିନରେ ନିଶ୍ଚିତ ଭାବରେ ମେଟ୍ରୋ ରେଲ୍ ହେବ। ବର୍ତ୍ତମାନ ସ୍ଥିତିରେ ମେଟ୍ରୋ କରି ନିଜର ନିର୍ବାଚନ ଚାଲ୍ ଖେଳିବା ଏବଂ ପ୍ରତିବର୍ଷ ଦୁଇ ହଜାର କୋଟି କ୍ଷତି କରିବାର ଆବଶ୍ୟକତା ନାହିଁ। ଗତ ସରକାର ସମୟରେ ହୋଇଥିବା ଚୁକ୍ତିନାମା ତ୍ରୁଟିପୂର୍ଣ୍ଣ ଥିଲା। ଆଗାମୀ ଦିନରେ ମେଟ୍ରୋକୁ ନେଇ ସରକାର ଗମ୍ଭୀର ଅଛନ୍ତି।

ସେ କହିଛନ୍ତି, ଦେଶରେ ଯେଉଁଠି ମେଟ୍ରୋ ରେଲ୍ ହୋଇଛି ସେଠି କେନ୍ଦ୍ର ସରକାରଙ୍କ ସହଭାଗିତାରେ ହୋଇଛି। ଗତ ସରକାର ସମୟରେ ମେଟ୍ରୋ ପାଇଁ ଯେତେବେଳେ ବ୍ୟବସ୍ଥା କଲେ ସେତେବେଳେ ଜାଣିଶୁଣି କେନ୍ଦ୍ର ସରକାରଙ୍କ ସହଭାଗିତାକୁ ଅଗ୍ରାଧିକାର ନ ଦେଇ ରାଜ୍ୟ ଯୋଜନାରୁ କରିବେ ବୋଲି ବସିଥିଲେ। ଆଗାମୀ ଦିନରେ ଉପଯୁକ୍ତ ଯୋଜନା କରି ମେଟ୍ରୋ କରାଯିବ। ବର୍ତ୍ତମାନ ତାହାକୁ ସ୍ଥଗିତ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

**ଭବାନୀପାଟଣା/ଜୁନାଗଡ଼,୫।୪ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଲଦିଆମାଲ ଗ୍ରାମରେ ରବିବାର ମଧ୍ୟାହ୍ନରେ ଦୁଃଖଦ ଘଟଣା ଘଟିଛି। ଚାଷ ଜମିରୁ କାମ କରି ଫେରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ ମହିଳା ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ସଞ୍ଜିତା ବିଶ୍ୱାଳ(୫୬)। ସେହିପରି ଗୁରୁତର ମହିଳାମାନେ ହେଲେ କ୍ଷୀରଦେଈ ପ୍ରଧାନୀ, ସଂଯୁକ୍ତା ଲହଜଲ ଓ ଭୂମିସୂତା ଲହଜଲ। ସମସ୍ତଙ୍କୁ ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଧିକ ଗୁରୁତର ହେବାରୁ କ୍ଷୀରଦେଈ ଓ ଭୂମିସୂତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜୁନାଗଡ଼ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ତାରାତାରିଣୀଙ୍କୁ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ପୁରୁଷୋତ୍ତମପୁର,୫।୪(ସବିତା ମିଶ୍ର)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଶକ୍ତିକାନ୍ତ ଦାସ ଓ ତାଙ୍କ ପତ୍ନୀ ରବିବାର ଗଞ୍ଜାମ ଗସ୍ତରେ ଆସି ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦାସ ମା'ଙ୍କ ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ମନ୍ଦିରର ବିକାଶ ସମ୍ପର୍କରେ ଉପସ୍ଥିତ ଆସିକା ଏମ୍‌ପି ଅନୀତା ଶୁଭଦର୍ଶନୀ ଓ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଛତ୍ରପୁର ଉପଜିଲାପାଳ ଶୁବାଶିଷ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ଏମ୍‌ପିଙ୍କ ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ସୀତାରାମ ପାଣିଗ୍ରାହୀ, ଶଙ୍କର ନାହାକଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ରବିବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସଙ୍କୁ ତାରାତାରିଣୀଙ୍କ ଫଟୋଚିତ୍ର ପ୍ରଦାନ କରୁଛନ୍ତି।

## ମହେନ୍ଦ୍ରଗିରିରେ ପର୍ଯ୍ୟଟକ ନିଖୋଜ



ବିନୋଦ ଜେନା

**ପାରଳାଖେମୁଣ୍ଡି,୫।୪(ଗିରିଧାରୀ ପରିଛା)**

ଗଜପତିଜିଲା ରାୟଗଡ ବ୍ଲକର ମହେନ୍ଦ୍ରଗିରିକୁ ରବିବାର ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କଟକ ଜିଲା ନିଆଳି ବ୍ଲକ ଓଲଟପୁର ଗ୍ରାମର ବିନୋଦ ଜେନା। ଅପରାହ୍ନରେ ୩ ସାଙ୍ଗଙ୍କ ସହ ମିଶି ବିନୋଦ ପାରଳାଖେମୁଣ୍ଡରେ ଥିବା ସମ୍ପର୍କୀୟଙ୍କ ଘରକୁ ଆସି ସେଠାରୁ ଏକ କାର୍ ଭଡ଼ାରେ ନେଇ ମହେନ୍ଦ୍ରଗିରି ବୁଲିବାକୁ ଯାଇଥିଲେ। ସେମାନେ କୁନ୍ତୀ ମନ୍ଦିର, ଯୁଧିଷ୍ଠିର ମନ୍ଦିର ଏବଂ ଅର୍ଜୁନ ଗୁମ୍ଫା ବୁଲିଥିଲେ। ଅର୍ଜୁନ ଗୁମ୍ଫାଠାରୁ ଭୀମ ମନ୍ଦିର ଅଭିମୁଖେ ପାହାଡ଼ ଚଢ଼ି ଯିବା ସମୟରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ପବନ ହୋଇଥିଲା। ଫଳରେ ଜୀବନ ବଞ୍ଚାଇବା ଲାଗି ସମସ୍ତେ ସୁରକ୍ଷିତ ସ୍ଥାନକୁ ଦୌଡ଼ିଥିଲେ। ୩ ସାଙ୍ଗ ଭୀମ ମନ୍ଦିରକୁ ପଳାଇଥିବା ବେଳେ ବିନୋଦ ପାହାଡ଼ ତଳପଟକୁ ଦୌଡ଼ିଥିଲେ। ବର୍ଷା ଛାଡ଼ିବା ପରେ ୩ ସାଙ୍ଗ ବିନୋଦଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ବନ କର୍ମଚାରୀଙ୍କ ସହ ମିଶି ସାଙ୍ଗମାନେ ଭୀମ ମନ୍ଦିର ପାହାଡ଼ରେ ଖୋଜାଖୋଜି କରିଥିଲେ। ବିନୋଦଙ୍କ କୌଣସି ସନ୍ଧାନ ନ ପାଇବାରୁ ଗାରବନ୍ଧ ଥାନାରେ ଜଣାଇଥିଲେ। ପୋଲିସ ଓ ବନ କର୍ମଚାରୀ ରାତିରେ ଖୋଜାଖୋଜି କରିଥିଲେ ମଧ୍ୟ ବିନୋଦଙ୍କ ସନ୍ଧାନ ମିଳିନାହିଁ।

## ଓବିସିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦିଆଯାଉ: ଅରୁଣ

**ବଲାଙ୍ଗୀର,୫।୪(ବୀରେନ୍ଦ୍ର କୁମାର ଝାଙ୍କର)**

ନୟାଗଡ ବିଧାୟକ ଡ. ଅରୁଣ ସାହୁ ରବିବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଖବରଦାତା ସମ୍ମିଳନୀ କରି ଓବିସିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦିଆଯିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ସମ୍ପ୍ରତି ରାଜ୍ୟରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କୁ ୩୮.୭୫% ଏବଂ ପଛୁଆ ବର୍ଗଙ୍କୁ ୧୧.୨୫% ସଂରକ୍ଷଣ ଦିଆଯାଉଛି। ଏହାସହିତ ଇଡବ୍ଲୁଏସ୍ ବର୍ଗକୁ ୧୦% ସଂରକ୍ଷଣ ଦିଆଯାଉଛି। ମାତ୍ର ଦୀର୍ଘବର୍ଷ ହେବ ଆମେ ସଂଖ୍ୟା ଅନୁପାତରେ ସଂରକ୍ଷଣ ଦିଆଯିବାକୁ ଦାବି କରି ଆସୁଛୁ। ଏବେ ରାଜ୍ୟ ସରକାର ଏସସି ଏବଂ ଏସଟିଙ୍କ ସଂରକ୍ଷଣ ପ୍ରତିଶତ ବୃଦ୍ଧି କରିଥିଲେ ମଧ୍ୟ ଓବିସିଙ୍କ କ୍ଷେତ୍ରରେ ସଂଖ୍ୟା ଅନୁପାତରେ ସଂରକ୍ଷଣ ବୃଦ୍ଧି କରିନାହାନ୍ତି। ସେ କହିଥିଲେ, ସଂଖ୍ୟା ଯାହାର ଯେତେ ଭାଗ ତାହାର ସେତେ। ଏହି ନ୍ୟାୟରେ ଓବିସିଙ୍କ ସଂରକ୍ଷଣ ବୃଦ୍ଧି ହେବା କଥା। ଓବିସିଙ୍କ ଜନସଂଖ୍ୟା ୫୪% ରହିଛି। ସେମାନଙ୍କୁ ମାତ୍ର ୧୧.୨୫% ସଂରକ୍ଷଣ ଦିଆଯାଉଛି। ଏଣୁ ରାଜ୍ୟ ସରକାର ତୁରନ୍ତ ଓବିସିଙ୍କ ସଂଖ୍ୟା ଅନୁପାତରେ ସଂରକ୍ଷଣ ବୃଦ୍ଧି କରନ୍ତୁ ବୋଲି ସେ ଦାବି କରିଥିଲେ।



ଡ. ଅରୁଣ ସାହୁ

ଅନ୍ୟପକ୍ଷେ ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ଅରୁଣ ଭାଜପା ସରକାରକୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବାସ୍ତବରେ ଯଦି ସରକାରଙ୍କ ମହାନଦୀ ପ୍ରସଙ୍ଗରେ ଇମୋଶନ୍ ରହିଛି ତେବେ ମହାନଦୀ ଅବବାହିକାରେ ଜନଶୁଣାଣି କରନ୍ତୁ। ଆବଶ୍ୟକ ପଡିଲେ ମହାନଦୀ ବାଲିରେ ଥରେ କ୍ୟାବିନେଟ୍ ବୈଠକ ଡାକନ୍ତୁ। ମହାନଦୀ ଏବେ ମରୁଭୂମି ଭଳି ଦେଖାଯାଉଛି। ଟୋପେ ପାଣିନାହିଁ। ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ଓଡିଶା, ଛତିଶଗଡ ଏବଂ କେନ୍ଦ୍ରରେ ଭାଜପା ସରକାର ରହିଛି। ବର୍ତ୍ତମାନ ମହାନଦୀ ଜଳ ବିବାଦ ସମାଧାନ ପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଆସନ୍ତା ୧୩ ତାରିଖ ଦିନ ସରିବ। ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବଢ଼ିବ କି ସରିବ ଏହା କାହାକୁ ଜଣାନାହିଁ।

## ଗଞ୍ଜାମ ଜିଲାରେ କାଳବୈଶାଖୀ ତାଣ୍ଡବ

**ଖଲ୍ଲିକୋଟ/ଦିଗପହଣ୍ଡି/ପାତ୍ରପୁର,୫।୪ (ପ୍ରଶାନ୍ତ କୁମାର ମିଶ୍ର/ଅଶେଷ ନାଥ ମିଶ୍ର/ଉମା ଚରଣ ନେପାକ)**

ଗଞ୍ଜାମ ଜିଲାରେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଖଲ୍ଲିକୋଟ, ଦିଗପହଣ୍ଡି ଓ ପାତ୍ରପୁର ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ଟାରୁ ସାଢ଼େ ୪ଟା ମଧ୍ୟରେ ଝଡ଼ପବନ ସହ କୁଆପଥର ବର୍ଷା ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ଓ ଗଛଡାଳ ଭାଙ୍ଗି ରାସ୍ତାରେ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ନିର୍ମଳଝରଠାରୁ ଖଲ୍ଲିକୋଟ ମଧ୍ୟରେ ପ୍ରାୟ ୧୦ଟି ବଡ଼ ଗଛ ଭାଙ୍ଗିପଡ଼ି ରାସ୍ତା ଉପରେ ପଡିଥିବାରୁ ଆସିକା-ଭୁବନେଶ୍ୱର ୩୦ନଂ. ରାଜ୍ୟ ରାଜପଥରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖଲ୍ଲିକୋଟରେ କେତେକ ଘର ଭାଙ୍ଗିଯାଇଥିବା ବେଳେ କେନ୍ଦୁପାଟ ଗ୍ରାମରେ ୩ ଜଣଙ୍କ ଘର ଭାଙ୍ଗିଯାଇଛି। ବଜ୍ରପାତରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତ ବଜ୍ରଗୁମ୍ଫା ଗ୍ରାମରେ ୨ ମଇଁଷିଙ୍କ ମୃତ୍ୟୁ ଘଟିଛି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଧୀନ ଅନେକ ଗ୍ରାମାଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବହୁ ଚାଳ ଓ ଟିଣ ଘର ଛପର ଉଡ଼ିଯାଇଛି। ଅଗ୍ନିଶମ ବାହିନୀ ରାସ୍ତାରେ ଭାଙ୍ଗିପଡିଥିବା ଗଛ ହଟାଇଛି। କୁଆପଥର ମାଡ଼ରେ ପରିବା ଫସଲ ନଷ୍ଟ ହୋଇଛି। ସେହିପରି ପାତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ପୋଲରାଜପୁରଠାରେ ନଡ଼ିଆ ଗଛ ପଡ଼ି ରବି ସାହୁଙ୍କ ଏକ ବଳଦର ମୃତ୍ୟୁ ହୋଇଛି। ସେହିପରି ଖାରିଆଗୁଡା ପଞ୍ଚାୟତ ମହୁଲବାଡ ଗ୍ରାମର ମାଲୁ ଶବର ଓ ସୀମା ଶବରଙ୍କ ୨ଟି ବଳଦଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ବଜ୍ରପାତରେ ୪ ମଇଁଷି ବଳଦ ମୃତ



ବଜ୍ରପାତରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ବଜ୍ରଗୁମ୍ଫା ଗ୍ରାମରେ ୨ ମଇଁଷି ପ୍ରାଣ ହରାଇଛନ୍ତି।

**ପାକିସ୍ତାନରେ ବର୍ଷା ବିପ୍ରାତ: ମୃତ୍ୟୁସଂଖ୍ୟା ୪୫**

ଉତ୍ତରପଶ୍ଚିମ ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ୧୦ଦିନ ହେଲା ଲାଗିରହିଥିବା ବର୍ଷା ବିପ୍ରାତରେ ଅନ୍ୟୂନ ୪୫ ଜଣଙ୍କ ଜୀବନ ଯିବା ସହ ୧୦୫ ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ୨୫ରୁ ସେଠାରେ ଲଗାଣବର୍ଷା ଯୋଗୁ ବହୁ କ୍ଷୟକ୍ଷତି ହେଲାଣି। ମୃତ ୪୫ ଜଣଙ୍କ ମଧ୍ୟରେ ୨୩ ଜଣ ପିଲା, ୧୭ ପୁରୁଷ ଓ ୫ ମହିଳା ଅଛନ୍ତି। ପ୍ରବଳ ବର୍ଷାରେ ବିଭିନ୍ନ ଜିଲାରେ ୪୪୨ଟି ଘର ଭାଙ୍ଗି ବହୁ ଧନଜୀବନ କ୍ଷତି ଘଟିଛି।



ମୁମ୍ବାଇରେ ରବିବାର ଅନୁଷ୍ଠିତ ବମ୍ବେ ଟାଇମ୍ସ ଫେଶନ ୱିକ୍, ୨୦୨୬ରେ ମଡେଲମାନେ ଡିଜାଇନର ରୋହିତ ବର୍ମାଙ୍କ ପ୍ରସ୍ତୁତ ପୋଷାକ ପିନ୍ଧି ର୍‍ୟାମ୍ପରେ ଚାଲୁଛନ୍ତି।

# ଇସି ପ୍ରାର୍ଥୀଙ୍କ ଉପରେ ନିର୍ଭରକଲେ ନିର୍ବାଚନ ନିରପେକ୍ଷ ହୋଇପାରିବ ନାହିଁ

ନୂଆଦିଲ୍ଲୀ,୫।୪



ଜଷ୍ଟିସ୍ ନାଗରତ୍ନା

ଭୋଟ ପରିଚାଳନା କରୁଥିବା ପଦାଧିକାରୀ ଯଦି ପ୍ରାର୍ଥୀମାନଙ୍କ ଉପରେ ନିର୍ଭର କରନ୍ତି, ତେବେ ନିର୍ବାଚନ ନିରପେକ୍ଷ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା କହିଛନ୍ତି। ସେ ପରୋକ୍ଷରେ ନିର୍ବାଚନ କମିଶନଙ୍କୁ ସତର୍କ କରାଇ ଦେଇଛନ୍ତି। ପାଟନାର ଚାଣକ୍ୟ ଆଇନ ବିଶ୍ୱବିଦ୍ୟାଳୟରେ ରାଜେନ୍ଦ୍ର ପ୍ରସାଦ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ ଜଷ୍ଟିସ୍ ନାଗରତ୍ନା ନିର୍ବାଚନ ତଦାରଖ କରୁଥିବା ସଂସ୍ଥାର ଢାଞ୍ଚାଗତ ସ୍ୱାଧୀନତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ୧୯୯୫ର ଏକ ରାୟରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ। ଏହା ନିର୍ବାଚନରେ ସାଧୁତାକୁ ସୁନିଶ୍ଚିତ କରିବା ନେଇ ଆସ୍ଥା ସ୍ଥାପନ କରାଯାଇଥିଲା। ତେବେ ନିର୍ବାଚନ ପରଚାଳନା କରୁଥିବା ଅଧିକାରୀ ଯଦି ନିର୍ବାଚନ ଲଢୁଥିବା ଲୋକଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ତେବେ ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରାଯାଇପାରିବ ନାହିଁ। ନିର୍ବାଚନ କେବଳ ଏକ ସମୟାନ୍ତରରେ ଘଟୁଥିବା ଘଟଣା ନୁହେଁ ବରଂ ଏକ ବ୍ୟବସ୍ଥା, ଯାହା ମାଧ୍ୟମରେ ସରକାର ଗଠନ ହୋଇଥାଏ। ନିର୍ଦ୍ଧାରିତ ବ୍ୟବଧାନରେ ନିର୍ବାଚନ ହେବା ଦ୍ୱାରା ସାମ୍ବିଧାନିକ ଗଣତନ୍ତ୍ରରେ ସରକାରର ସୁଗମ ପରିବର୍ତ୍ତନ ହୋଇଥାଏ। ସେହି ନିର୍ବାଚନ ପ୍ରକ୍ରିୟା ଉପରେ ଯିଏ ନିୟନ୍ତ୍ରଣ ରଖେ ସେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ସର୍ତ୍ତାବଳୀକୁ ମଧ୍ୟ ନିୟନ୍ତ୍ରଣ କରିପାରେ ବା ନିର୍ବାଚନ ଫଳାଫଳକୁ ନିଜ ସପକ୍ଷରେ ନେଇପାରେ ବୋଲି ଜଷ୍ଟିସ୍ ନାଗରତ୍ନା କହିଛନ୍ତି।

# ତେହରାନ ପାୱାର ପ୍ଲାଣ୍ଟ ଧ୍ୱଂସ କରିଦେବୁ: ଟ୍ରମ୍ପ

ୱାଶିଂଟନ,୫।୪

ଇରାନ ଯୁଦ୍ଧ ୩୭ ଦିନରେ ପହଞ୍ଚିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ସୋସିଆଲ ମିଡିଆରେ ଏକ ବିସ୍ଫୋରକ ପୋଷ୍ଟ ଜରିଆରେ ତେହରାନ୍ ତୁରନ୍ତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିଦେବା ପାଇଁ ଦାବି କରିଛନ୍ତି। ସୋମବାର ସୁଦ୍ଧା ଏହି ଜଳପଥକୁ ନ ଖୋଲିଲେ ମଙ୍ଗଳବାର ତେହରାନ୍‌ର ପାୱାର ପ୍ଲାଣ୍ଟ ଏବଂ ବ୍ରିଜ୍‌ଗୁଡ଼ିକୁ ଉଡ଼ାଇ ଦିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେ ଟ୍ରୁଥ୍ ସୋସିଆଲରେ କରିଥିବା ପୋଷ୍ଟରେ ଇରାନ ପ୍ରତି ଅତ୍ୟନ୍ତ ଅପମାନଜନକ ଭାଷା ବ୍ୟବହାର କରିଛନ୍ତି। ମଙ୍ଗଳବାର ଇରାନର ପାୱାର ପ୍ଲାଣ୍ଟ ଓ ବ୍ରିଜ୍‌ଗୁଡ଼ିକ ଉପରେ ଜୋର୍‌ଦାର ଆକ୍ରମଣ ହେବ ଏବଂ ଏହା ଯୁଦ୍ଧର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବାକୁ ଯାଉଛି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡର ହୋଇଥିବାବେଳେ ଆମେରିକା ଏବଂ ଇସ୍ରାଏଲ୍ ଆକ୍ରମଣ କରିବା ପରେ ଇରାନ ଉକ୍ତ ସାମୁଦ୍ରିକ



ଡୋନାଲ୍ଡ ଟ୍ରମ୍ପ

ପଥକୁ ବନ୍ଦ କରିଦେଇଛି। ଫଳରେ ଏହି ପ୍ରଣାଳୀ ଦେଇ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଜାହାଜ ଚଳାଚଳ ପାଇଁ ଇରାନ ଅବରୋଧ ମୁକ୍ତ କରିବାକୁ ଟ୍ରମ୍ପ ଶନିବାର ୪୮ ଘଣ୍ଟିଆ ମହଲତ ଦେଇଥିଲେ। ଅନ୍ୟଥା ଆମେରିକା ଯେଉଁ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ତାକୁ ସାମ୍ନା କରିବାକୁ ପଡ଼ିବ ବୋଲି ସେ କହିଥିଲେ। ତେବେ ତେହରାନ୍ ଏଦିଗରେ କୌଣସି ଆଗ୍ରହ ନ ଦେଖାଇ ପଡ଼ୋଶୀ ଆରବ ଦେଶଗୁଡ଼ିକର ଅର୍ଥନୀତି ଓ ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ ଜାରି ରଖିବାରୁ ଟ୍ରମ୍ପ ରବିବାର ପୁନର୍ବାର ଚେତାବନୀକୁ ଦୋହରାଇଛନ୍ତି। ତେହରାନ ସପକ୍ଷବାଦୀ ସଶସ୍ତ୍ର ବାହିନୀ ଇରାକ୍‌ସ୍ଥିତ ଆମେରିକା କୂଟନୈତିକ ସ୍ଥଳଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରିଥିବା ବାଗ୍‌ଦାଦସ୍ଥିତ ଆମେରିକା ଦୂତାବାସ ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଆମେରିକା ଏବଂ ଇସ୍ରାଏଲ୍ ଇରାନର ଏକ ବିମାନବନ୍ଦର ଉପରେ ଆକ୍ରମଣ କରିଛନ୍ତି।

ମହଲତ ଶେଷ ହେବା ପୂର୍ବରୁ ସୋମବାର ଇରାନ ସହ ଡିଲ୍ ହେବାର ଭଲ ସୁଯୋଗ ରହିଛି ବୋଲି ଟ୍ରମ୍ପ ବିଶ୍ୱାସ କରୁଛନ୍ତି। ଏଥିପାଇଁ ଏବେ ବୁଝାମଣା ଚାଲିଥିବା ସେ ଫକ୍ସ ନ୍ୟୁଜ୍‌କୁ କହିଛନ୍ତି।

## ଯୁଦ୍ଧ ପ୍ରଭାବ: ଆମେରିକାରେ ଗ୍ୟାସ୍, ପରିବହନ ମହଙ୍ଗା

ୱାଶିଂଟନ,୫।୪(ପି.ଟି.)

ଇରାନ ବିରୋଧରେ ଯୁଦ୍ଧ ଆମେରିକୀୟମାନଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି। ଆମାଜନ ଏହାର ଇ-କମର୍ସ ଡେଲିଭରି ପାଇଁ ଇନ୍ଧନ ଶୁଳ୍କ ଘୋଷଣା କରିଥିବାବେଳେ କେତେକ ଏୟାରଲାଇନ୍ସ ଚେକ୍ ଇନ୍ ବ୍ୟାଗେଜ୍ ଦେୟ ବଢ଼ାଇଛନ୍ତି। ଆମେରିକାରେ ଶୁକ୍ରବାର ପେଟ୍ରୋଲର ହାରାହାରି ମୂଲ୍ୟ ଗ୍ୟାଲୋନ୍ ପ୍ରତି ୪.୦୯ ଡଲାରକୁ ବୃଦ୍ଧି ପାଇଛି। ଯୁଦ୍ଧ ପୂର୍ବରୁ ଥିବା ମୂଲ୍ୟ ତୁଳନାରେ ୧ ଡଲାର ବଢ଼ିଛି। ୨୦୨୨ ଅଗଷ୍ଟ ପରେ ଏହା ସର୍ବାଧିକ ମୂଲ୍ୟ ବୃଦ୍ଧି। ସେହିପରି ଡିଜେଲ ମୂଲ୍ୟ ମଧ୍ୟ ୩.୬୪ ଡଲାରରୁ ୫.୫୩ ଡଲାରକୁ ବୃଦ୍ଧି ପାଇଛି। ଆମେରିକାରେ ଡିଜେଲକୁ ବିଶେଷତଃ କୃଷି, ନିର୍ମାଣ, ପରିବହନ ଓ ଅନ୍ୟାନ୍ୟ କଳକାରଖାନା କାର୍ଯ୍ୟରେ ବ୍ୟବହାର କରାଯାଇଥାଏ। ଇ-କମର୍ସ ସଂସ୍ଥା ଆମାଜନ ଆସନ୍ତା ୧୭ରୁ ଥାର୍ଡ ପାର୍ଟି ସେଲରଙ୍କ ଉପରେ ୩.୫ ପ୍ରତିଶତ ଇନ୍ଧନ ଶୁଳ୍କ ଲଗାଇବାକୁ ଯୋଜନା କରିଛି। ଆମେରିକା ଡାକସେବା ମଧ୍ୟ ପ୍ୟାକେଜ୍ ଏବଂ ଏକ୍ସପ୍ରେସ୍ ମେଲ୍ ଡେଲିଭରି ପାଇଁ ଅସ୍ଥାୟୀ ଭାବେ ୮ ପ୍ରତିଶତ ଇନ୍ଧନ ଶୁଳ୍କ ଲଗାଇବ ବୋଲି କହିଛି। ଇରାନ ବିରୋଧରେ ଯୁଦ୍ଧ ଯଦି ଅଧିକ ଦିନ ଲାଗିରହେ, ତେବେ ଆମେରିକାରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବ। ଏହାକୁ ନେଇ ବିଶେଷଜ୍ଞମାନେ ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଛନ୍ତି। ପରିବହନ ଖର୍ଚ୍ଚ ବଢ଼ିଲେ ସବୁ ଜିନିଷର ଦାମ୍ ବଢ଼ିଯିବ ବୋଲି ଫେଡେରାଲ ରିଜର୍ଭ ବ୍ୟାଙ୍କ, ସିକାଗୋ ଅଧ୍ୟକ୍ଷ ଅଷ୍ଟାନ୍ ଗୁଲ୍‌ସ୍‌ବି କହିଛନ୍ତି।

# ଇରାନରେ ଅଟକିଥିବା ୩୪୫ ମତ୍ସ୍ୟଜୀବୀ ଚେନ୍ନାଇ ଫେରିଲେ

ୱାଶିଂଟନ,୫।୪

ଯୁଦ୍ଧ ଯୋଗୁ ଇରାନରେ ଅଟକି ରହିଥିବା ମୋଟ ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀ ସୁରକ୍ଷିତ ଫେରିଛନ୍ତି। ସେମାନେ ସ୍ଥଳପଥରେ ଆର୍ମେନିଆ ଯାଇ ସେଠାରୁ ବିମାନ ଯୋଗେ ଶନିବାର ରାତିରେ ଚେନ୍ନାଇରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ତାମିଲନାଡୁ ଓ ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟର ବାସିନ୍ଦା। ସ୍ୱତନ୍ତ୍ର ବିମାନ ଯୋଗେ ଚେନ୍ନାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ମତ୍ସ୍ୟଜୀବୀମାନଙ୍କୁ ଅଫିସରମାନେ ପାଛୋଟି ନେଇଥିଲେ। ମତ୍ସ୍ୟଜୀବୀମାନେ ଅନେକ ମାସ ହେଲା ଇରାନ ସମୁଦ୍ରରେ କାମ କରୁଥିଲେ। ଇରାନ ଏବଂ ଆର୍ମେନିଆ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ବହିର୍ବ୍ୟାପାର ମନ୍ତ୍ରଣାଳୟ ସେମାନଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରିଥିଲା।

# ନିର୍ବାଚନ ହେଉଥିବା ରାଜ୍ୟରୁ ୬୫୦ କୋଟି ଜବତ

ନୂଆଦିଲ୍ଲୀ,୫।୪(ପି.ଟି.)

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଥିବା ୪ ରାଜ୍ୟ ଓ ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳରୁ ୬୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ନଗଦ ଅର୍ଥ ଓ ମଦ ଜବତ ହୋଇଛି। ଭୋଟରମାନଙ୍କୁ ପ୍ରଲୋଭିତ କରିବା ପାଇଁ ଏହି ଟଙ୍କା ଓ ମଦ ଯାଉଥିଲା ବୋଲି ନିର୍ବାଚନ କମିଶନ କହିଛନ୍ତି। କେବଳ ପଶ୍ଚିମବଙ୍ଗରୁ ୩୧୯ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ, ଡ୍ରଗ୍ସ, ମଦ ଓ ମୂଲ୍ୟବାନ ସାମଗ୍ରୀ ଜବତ ହୋଇଥିବାବେଳେ ତାମିଲନାଡୁରୁ ୧୭୦ କୋଟି ଟଙ୍କା ମୂଲ୍ୟର ଏଭଳି ସାମଗ୍ରୀ ମିଳିଛି। ଆସନ୍ତା ୯ରେ କେରଳ, ଆସାମ ଏବଂ ପଣ୍ଡିଚେରୀରେ ନିର୍ବାଚନ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୨୩ ଓ ୨୯ ଦୁଇ ପର୍ଯ୍ୟାୟରେ ଏବଂ ତାମିଲନାଡୁରେ ୨୩ରେ ଭୋଟଗ୍ରହଣ କରାଯିବ।

# ପଶ୍ଚିମବଙ୍ଗରେ ମହା ଜଙ୍ଗଲରାଜ ଚାଲିଛି: ମୋଦି

କୁଚ୍ ବିହାର,୫।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପଶ୍ଚିମବଙ୍ଗ କୁଚ୍ ବିହାରରୁ ଆନୁଷ୍ଠାନିକ ଭାବେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ମାଲଦାରେ ନ୍ୟାୟିକ ଅଧିକାରୀମାନଙ୍କୁ ଘେରାଉ କରାଯିବା ଘଟଣାକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ରାଜ୍ୟରେ ଆଇନର ଶାସନ ବଦଳରେ ଟିଏମ୍‌ସିର ମହାଜଙ୍ଗଲରାଜ ଚାଲିଥିବା ସ୍ପଷ୍ଟ ହେଉଛି ବୋଲି କହିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ଦଳର ଭୟ ବିସ୍ତାର ଏବଂ ଭାଜପାର ଭରସା ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ମହିଳାଙ୍କ ସୁରକ୍ଷା ଏବଂ ବାଂଲାଦେଶର ଅନୁପ୍ରବେଶ ପ୍ରସଙ୍ଗକୁ ନେଇ ମୋଦି ଟିଏମ୍‌ସି ଉପରେ ବର୍ଷିଛନ୍ତି।

ନିର୍ବାଚନ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗରେ ଏହା ମୋଦିଙ୍କ ପ୍ରଥମ ନିର୍ବାଚନୀ ସଭା। ଏହି ଅବସରରେ ସେ ମାଲଦା ପ୍ରସଙ୍ଗ ସମେତ ଆଇନ ଶୃଙ୍ଖଳା, ଜନସାଂଖ୍ୟିକ ପରିବର୍ତ୍ତନ, ବାଂଲାଦେଶୀଙ୍କ ଅନୁପ୍ରବେଶ, ଦୁର୍ନୀତି ଏବଂ ବେରୋଜଗାରୀ ପ୍ରସଙ୍ଗ ଉଠାଇ ମମତା ବାନାର୍ଜୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

# ସ୍କୁଲ ଉତ୍ସବରେ ନାଚିବାର କିଛି ଘଣ୍ଟା ପରେ ୬ ପିଲାଙ୍କ ମୃତ୍ୟୁ

ଭୋପାଳ,୫।୪

ମହାରାଷ୍ଟ୍ରର ନାଶିକ୍‌ଠାରେ ଶୁକ୍ରବାର ମଧ୍ୟରାତ୍ରରେ ଏକ ଖୋଲା କୂଅ ମଧ୍ୟକୁ କାର୍ ଖସିପଡ଼ିବାରୁ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୬ ଜଣ ପିଲା ଥିଲେ। ସେମାନେ ଡିଣ୍ଡୋରିସ୍ଥିତ ଏକ ସ୍କୁଲ୍‌ର ବାର୍ଷିକ ଉତ୍ସବରେ ନୃତ୍ୟ ପରିବେଷଣ କରି ଫେରୁଥିବା ବେଳେ ଜୀବନ ଯିବା ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଛି। ଦୁର୍ଗାଡେ ପରିବାରର ଏହି ପିଲାମାନଙ୍କ ସହ ୩ ଜଣ ବୟସ୍କ ଲୋକ ଉତ୍ସବରେ ଯୋଗ ଦେଇଥିଲେ। ଉତ୍ସବରୁ ଫେରୁଥିବାବେଳେ ସେମାନଙ୍କ ଗାଡ଼ି ରାସ୍ତା ପାର୍ଶ୍ୱ କୂଅରେ ଖସିପଡ଼ିଥିଲା। ଏକମାତ୍ର ୧୪ ବର୍ଷୀୟ ଅଜୟ ଦୁର୍ଗାଡେ ବଞ୍ଚିଯାଇଛନ୍ତି। ସେ କହିଛନ୍ତି, ପିଲାମାନେ ଲୋକପ୍ରିୟ ଗୀତ 'ମୌଲି ମୌଲି' ଓ ଅନ୍ୟାନ୍ୟ ଗୀତ ଉପରେ ନୃତ୍ୟ ପରିବେଷଣ କରିଥିଲେ।

# ଝିଅଙ୍କୁ ଠାବ କରିବାରେ ସହାୟତା କରିଥିଲା ପୋଲିସ

ବିଜୟୱାଡ଼ା,୫।୪

**ଆନ୍ଧ୍ରରେ ଅନର କିଲିଂ**

ଆନ୍ଧ୍ରପ୍ରଦେଶର ମାଚେର୍ଲାରେ ଜଣେ ୨୩ ବର୍ଷୀୟା ଯୁବତୀ ବାପାଙ୍କ ଇଚ୍ଛା ବିରୋଧରେ ବିବାହ କରିବାରୁ ତାଙ୍କୁ ମାରିଦିଆଯାଇଛି। ଟଙ୍କା ନେଇ ଝିଅଙ୍କୁ ଖୋଜି ବାହାର କରିବାରେ ୨ ଜଣ ପୋଲିସ ଅଫିସର ସହାୟତା କରିଥିବା ମୁଖ୍ୟ ଅଭିଯୁକ୍ତ ଝିଅଙ୍କ ବାପା ସ୍ୱୀକାର କରିବା ପରେ ଘଟଣା ଏକ ନାଟକୀୟ ମୋଡ଼ ନେଇଛି।

ତଦନ୍ତକାରୀ ଅଫିସରଙ୍କ କହିବା ଅନୁଯାୟୀ ଚୌଦେଶ୍ୱରୀ ତାଙ୍କ ବାପା ଚନ୍ଦ୍ର ଶ୍ରୀନୁଙ୍କ ଇଚ୍ଛା ବିରୋଧରେ ଯାଇ ନାଗାରାଜୁଙ୍କୁ ବିବାହ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ଚନ୍ଦ୍ର ଗତ ମାସ ୧୮ରେ ଝିଅଙ୍କୁ ହତ୍ୟା କରିଥିଲେ। ସେ ଏହାକୁ ଆତ୍ମହତ୍ୟାର ରୂପ ଦେବା ଓ ବ୍ୟବଚ୍ଛେଦ ରିପୋର୍ଟରେ ଜାଲିଆତି କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଝିଅଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ଚନ୍ଦ୍ରଙ୍କୁ ଗତ ୧ ତାରିଖରେ ଗିରଫ କରାଯାଇଥିଲା। ଜେରା ବେଳେ ସେ ଟଙ୍କା ଦେଇ ଝିଅଙ୍କୁ ଖୋଜି ବାହାର କରିବାରେ ପୋଲିସ ଅଫିସରଙ୍କ ସହାୟତା ନେଇଥିବା ସ୍ୱୀକାର କରିଥିଲେ। ପୋଲିସ ଚୌଦେଶ୍ୱରୀଙ୍କୁ ଠାବ କରିବା ପରେ ମାଚେର୍ଲା ଆଣିଥିଲା। ଝିଅ ସାବାଳିକା ଏବଂ ସ୍ୱାମୀଙ୍କ ସହ ରହିବାକୁ ଚାହାନ୍ତି ବୋଲି କହିବା ସତ୍ତ୍ୱେ ପୋଲିସ ତାଙ୍କୁ ଆଣି ମା'ବାପାଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟାକାଣ୍ଡ ଦିନ ସମ୍ପୃକ୍ତ ପୋଲିସ ଅଫିସର ଛୁଟିରେ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଅଭିଯୁକ୍ତଙ୍କ ସମେତ ପୋଲିସ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ଲୋକ ସଭା ଆସନ ବୃଦ୍ଧି ପ୍ରସ୍ତାବକୁ ନିନ୍ଦାକଲା କଂଗ୍ରେସ

ନୂଆଦିଲ୍ଲୀ,୫।୪(ପି.ଟି.)

**ଦେଶବାସୀଙ୍କୁ ପ୍ରତାରିତ କରାଯାଉଛି**

ଲୋକ ସଭା ଆସନ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରସ୍ତାବ ଦେଇଥିବାବେଳେ କଂଗ୍ରେସ ଏହାକୁ ଦୃଢ଼ ନିନ୍ଦା କରିଛି। ଲୋକ ସଭା ଆସନ ସଂଖ୍ୟା ବୃଦ୍ଧି ଦ୍ୱାରା କେବଳ ବୃହତ୍ ଏବଂ ଜନବହୁଳ ରାଜ୍ୟଗୁଡ଼ିକ ଲାଭବାନ ହେବେ। ଏହା କେବଳ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏକ ଅସ୍ତ୍ର ବୋଲି କଂଗ୍ରେସ କହିଛି। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପ୍ରତାରିତ କରିବା ପାଇଁ ବିଭ୍ରାନ୍ତିକର ବିବୃତି ଦେଉଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। ଲୋକ ସଭା ଆସନ ସଂଖ୍ୟା ୫୦ ପ୍ରତିଶତ ବଢ଼ିଲେ, ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ନାହିଁ ଓ ପ୍ରତି ରାଜ୍ୟର ଲୋକ ସଭା ଆସନ ସଂଖ୍ୟା ୫୦% ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହା ଲୋକଙ୍କୁ ପ୍ରତାରିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

**୧୨ରେ ହଙ୍ଗେରୀ ନିର୍ବାଚନ**

# ପରାଜିତ ହୋଇପାରନ୍ତି ପ୍ରଧାନମନ୍ତ୍ରୀ ଭିକ୍ଟର

ମିରଟ,୫।୪

ହଙ୍ଗେରୀୟମାନେ ଆସନ୍ତା ୧୨ରେ ଦେଶର ପ୍ରଧାନମନ୍ତ୍ରୀ ନିର୍ବାଚନ କରିବାକୁ ଯାଉଛନ୍ତି। ଏହା ଚଳିତବର୍ଷ ୟୁରୋପର ସବୁଠୁ ପରିଣାମସୂଚକ ନିର୍ବାଚନ ବୋଲି କୁହାଯାଉଛି। ୧୬ ବର୍ଷ ଧରି କ୍ଷମତାରେ ରହିଥିବା ଦେଶର କଠୋରପନ୍ଥୀ ପ୍ରଧାନମନ୍ତ୍ରୀ ତଥା ବିଶ୍ୱସ୍ତରୀୟ ଦକ୍ଷିଣପନ୍ଥୀ ଆଇକନ୍ ଭିକ୍ଟର ଓର୍ବାନ ଜଣେ ପୂର୍ବତନ ଅନୁଗତ ପିଟର ମାଗ୍ୟାର୍‌ଙ୍କଠାରୁ ସମ୍ଭାବ୍ୟ ପରାଜୟର ସମ୍ମୁଖୀନ ହେବାକୁ ଯାଉଥିବା କୁହାଯାଉଛି। ୟୁରୋପୀୟ ସଂଘର ଦୀର୍ଘଦିନ ଧରି ଶାସନରେ ଥିବା ଓର୍ବାନ୍ ୨୦୧୦ରୁ ହଙ୍ଗେରୀକୁ ଏକ କଠୋରପନ୍ଥୀ ଗଣତନ୍ତ୍ରରେ ପରିଣତ କରିଛନ୍ତି। ପାଶ୍ଚାତ୍ୟର ଉଦାରବାଦ ଏବଂ ବହୁସଂସ୍କୃତିବାଦର ଆକ୍ରମଣ



ଭିକ୍ଟର ଓର୍ବାନ



ପିଟର ମାଗ୍ୟାର୍

ବିରୋଧରେ ସେ ନିଜକୁ ୟୁରୋପର ପାରମ୍ପରିକ ଖ୍ରୀଷ୍ଟିଆନ୍ ପରିବାରର ମୂଲ୍ୟବୋଧର ରକ୍ଷକ ବୋଲି ଘୋଷଣା କରିଛନ୍ତି। ତାଙ୍କର କ୍ରମାଗତ ୪ ଥରର ସରକାର ହଙ୍ଗେରୀରେ ଆଇନର ଶାସନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି। କୋର୍ଟଗୁଡ଼ିକରେ କେବଳ ତାଙ୍କ ଅନୁଗତ ବିଚାରପତି ରହିଛନ୍ତି। ଦେଶର ଗଣମାଧ୍ୟମର ୮୦ ପ୍ରତିଶତ ତାଙ୍କ ପାଇଁ ତଥା ତାଙ୍କ ଫିଡେଜ୍ ପାର୍ଟି ପାଇଁ ପ୍ରଚାର ମେଶିନ୍‌ରେ ପରିଣତ ହୋଇଛନ୍ତି। ଆଗାମୀ ନିର୍ବାଚନ କେବଳ ହଙ୍ଗେରୀ ନୁହେଁ, ସମଗ୍ର ୟୁରୋପୀୟ ୟୁନିୟନ ପାଇଁ ବଡ଼ ପରିଣାମ ଆଣିବ। ହଙ୍ଗେରୀ ଜିଡିପି ୟୁରୋପୀୟ ୟୁନିୟନ ଜିଡିପିର ମାତ୍ର ୧.୧ ପ୍ରତିଶତ ବଂ ଜନସଂଖ୍ୟା ୨ ପ୍ରତିଶତ ହୋଇଥିବାବେଳେ ଓର୍ବାନଙ୍କ ଶାସନ କାଳରେ ଏହା ଅନ୍ତର୍ଜାତୀୟ ମଞ୍ଚରେ ନିଜ ଭୂମିକା ନିଭାଇଛି। ଚଳିତ ବର୍ଷ ଓର୍ବାନ ପାରମ୍ପରିକ ଲୋକାଭିମୁଖୀ ପ୍ରଚାର ଚଳାଇଛନ୍ତି। ଯୁଦ୍ଧ କିମ୍ବା ଶାନ୍ତି ମଧ୍ୟରୁ ଭୋଟରମାନେ ଗୋଟିକୁ ବାଛିବାକୁ ସେ ଆହ୍ୱାନ ଦେଇଛନ୍ତି। ତାଙ୍କୁ ନିର୍ବାଚିତ କରି ହଙ୍ଗେରୀ ଜନସାଧାରଣ ଦେଶର ସୁରକ୍ଷା ଏବଂ ଶାନ୍ତିର ଏକ ଦ୍ୱୀପ ଭାବେ ସଂରକ୍ଷଣ କରନ୍ତୁ। ମାଗ୍ୟାରଙ୍କୁ ନିର୍ବାଚିତ କରିବା ଦେଶକୁ ଅରାଜକତା ଓ ଯୁଦ୍ଧ ଆଡ଼କୁ ଟାଣିନେବ ବୋଲି ସେ କହିଛନ୍ତି। ସେ ମାଗ୍ୟାରଙ୍କୁ ବ୍ରସେଲ୍ସ ଏବଂ କିଭ୍‌ର ଏଜେଣ୍ଟ ଭାବେ ଚିତ୍ରଣ କରିଛନ୍ତି।

# ଭୟଭୀତ ଅକ୍ଷୟ

ମୁମ୍ବାଇ



ଅକ୍ଷୟ କୁମାର

ବହୁପ୍ରତୀକ୍ଷିତ ହରର କମେଡି 'ଭୂତ୍ ବଙ୍ଗଲା' ଖୁବ୍‌ଶୀଘ୍ର ପରଦାକୁ ଆସିବ। ଦର୍ଶକ ମଧ୍ୟ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। 'ଭୂତ ବଙ୍ଗଲା'ର ଟିଜର ସାଉଁଟିଛି ଚର୍ଚ୍ଚା। ଏହା ଏକ ମଜାଦାର ପାରିବାରିକ ମନୋରଞ୍ଜନଧର୍ମୀ ଫିଲ୍ମ। ଦର୍ଶକଙ୍କୁ କିନ୍ତୁ ଏହି ଫିଲ୍ମ ଦେଖିବାକୁ ଏବେ ଅପେକ୍ଷା କରିବାକୁ ପଡ଼ିବ। କାରଣ ଫିଲ୍ମ ରିଲିଜ୍ ଡେଟ୍‌ରେ ପରିବର୍ତ୍ତନ କରାଯାଇଛି। 'ଧୁରନ୍ଧର ୨'ର ଆୟ ଏବଂ କ୍ରେଜ ଯୋଗୁ ରିଲିଜ୍ ତାରିଖ ପରିବର୍ତ୍ତନ ହୋଇଛି। ପ୍ରଯୋଜକ ଅକ୍ଷୟ କୁମାର 'ଧୁରନ୍ଧର ୨' ସଫଳତାରେ ଭୟଭୀତ ହୋଇ ଏପରି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି। ପ୍ରଥମେ ଏପ୍ରିଲ ୧୦ରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଥିବାବେଳେ ଫିଲ୍ମଟି ଏବେ ଏପ୍ରିଲ ୧୭ରେ ରିଲିଜ୍ ହେବ। ଏହାସହ 'ଧୁରନ୍ଧର ୨' ଭଳି 'ଭୂତ ବଙ୍ଗଲା' ମଧ୍ୟ ପ୍ରେକ୍ଷାଳୟରେ ଆଗୁଆ ଦେୟଯୁକ୍ତ ପ୍ରିଭ୍ୟୁ ୧୬ ଏପ୍ରିଲ ରାତି ୯ଟାରେ ଆରମ୍ଭ ହେବ।

ବାଲାଜୀ ମୋସନ ପିକଚର୍ସ, କେପ ଅଫ ଗୁଡ ଫିଲ୍ମ ସହିତ ମିଶି 'ଭୂତ ବଙ୍ଗଲା' ନିର୍ମାଣ କରାଯାଇଛି। ଏଥିରେ ଅକ୍ଷୟ କୁମାର, ଭାମିକା ଗବ୍ବି, ପରେଶ ରାୱଲ, ତବୁ, ରାଜପାଲ ଯାଦବ, ଜିଶୁ ସେନଗୁପ୍ତା, ମିଥିଲା ପାଲକର ପ୍ରମୁଖ ଅଭିନୟ କରିଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ସାଜିଛନ୍ତି ଅକ୍ଷୟ କୁମାର, ଶୋଭା କପୁର ଏବଂ ଏକତା ଆର. କପୁର।



ଅନ୍ୟକୁ ସାହାଯ୍ୟ କରିବା କେବଳ ଜନମଙ୍ଗଳ କାର୍ଯ୍ୟ ନୁହେଁ ; ଆପଣଙ୍କ ହିତ ପାଇଁ ମଧ୍ୟ ଦୃଷ୍ଟି ଦେବାକୁ ହେବ । ଆପଣ ବଦଳିଲେ ଦୁନିଆ ବଦଳିଯିବ ।

– ଜ୍ୟାକ୍ ମା(ଚାଇନା ବ୍ୟବସାୟୀ ତଥା ଶିଳ୍ପପତି)



ବିଏସ୍‌ଇ ସେନ୍‌ସେକ୍ସ
୭୩,୩୧୯.୫୫(+୧୮୫.୨୩)



୧ ଡଲାର = ୯୨.୬୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୯.୦୩ ଡଲାର

# ସେଭିଙ୍ଗ୍‌ସ ବଣ୍ଡ୍ ନିୟମରେ ସଂଶୋଧନ

**ନୂଆଦିଲ୍ଲୀ, ୫।୪**

୨୦୨୦ ଫ୍ଲୋଟିଂ ରେଟ୍ ସେଭିଙ୍ଗ୍‌ସ ବଣ୍ଡ (ଟିକସଯୁକ୍ତ)ର ପରିଚାଳନାଗତ ମାର୍ଗଦର୍ଶିକା ଓ ନିୟମରେ ଭାରତୀୟ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ) ସଂଶୋଧନ କରିଛି। ଏହି ସରକାରୀ ବଣ୍ଡ୍ ପ୍ରଚଳନ ସମୟରେ ଯେଉଁ ନିୟମ ରହିଥିଲା ସେଥିରେ ଆର୍‌ବିଆଇ ପରିବର୍ତ୍ତନ ଆଣିବା ସହ ଏହାକୁ ତତ୍କାଳ ଲାଗୁ କରାଯାଇଛି। ବଣ୍ଡ୍ ଇସ୍ୟୁ ପ୍ରକ୍ରିୟା ସମେତ ନୋମିନେଶନ,ସୁଧ ଦେୟ, ବଣ୍ଡ ମାଚ୍ୟୁରିଟି ପୂର୍ବ ପରିଶୋଧ ସମେତ ନିବେଶକଙ୍କୁ ଅନ୍ୟାନ୍ୟ ଦିଗରେ ସୁବିଧା ଦେବା ଲାଗି ନିୟମରେ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ନିୟମ ଅନୁସାରେ ପ୍ରତି ଜାନୁଆରୀ ପହିଲା ଏବଂ ଜୁଲାଇ ପହିଲାରେ ଆର୍‌ବିଆଇ ଫ୍ଲୋଟିଂ ରେଟ୍ ବଣ୍ଡଗୁଡିକ ପାଇଁ ଆବର୍ତ୍ତକାଳୀନ ସୁଧ ପ୍ରଦାନ କରାଯିବ। ପ୍ରତି ୬ ମାସରେ ସୁଧ ପ୍ରଦାନ ସହ ମାଚ୍ୟୁରିଟି ପାଣ୍ଠି ସିଧାସଳଖ ନିବେଶକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ମାଚ୍ୟୁରିଟି ଅବଧି ୭ ବର୍ଷ ରହିଥିଲେ ହେଁ ଏହାପୂର୍ବରୁ ନିବେଶକ ବଣ୍ଡ୍ ଜମା ଦେଇ ଅର୍ଥ ଉଠାଣ କରିପାରିବେ। ବର୍ତ୍ତମାନ ଏହି ବଣ୍ଡ୍ ପାଇଁ ୮.୦୫ ପ୍ରତିଶତ ହାରରେ ସୁଧ ସ୍ଥିର କରାଯାଇଛି। କିନ୍ତୁ ପ୍ରାପ୍ତ ସୁଧ ଅର୍ଥ ଉପରେ ଟିକସ ଦେବାକୁ ପଡ଼ିବ। ଯଦି କୌଣସି ନିବେଶକ ଟିକସ କାଟ ପାଇଁ ଆବଶ୍ୟକ କାରଣ ଦର୍ଶାଇ ଆବେଦନ ନ କରନ୍ତି ତେବେ ସେ କ୍ଷେତ୍ରରେ ଟିଡିଏସ୍ ଲାଗୁ ହେବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

# ସରକାରଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଲା ସିଆଇଆଇ

**ନୂଆଦିଲ୍ଲୀ ,୫।୪**

ଯୁଦ୍ଧ ପରିସ୍ଥିତିକୁ ନେଇ ଉପୁଜିଥିବା ସମସ୍ୟାର ମୁକାବିଲା କରିବା ଲାଗି ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) କେନ୍ଦ୍ର ସରକାରଙ୍କଠାରୁ ଆର୍ଥିକ ସହାୟତା ଲୋଡ଼ିଛି। କୋଭିଡ୍ ସମୟରେ ଦେଶର ଶିଳ୍ପ ଏବଂ ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଯେଭଳି ପଦକ୍ଷେପ ନେଇଥିଲେ, ସାମ୍ପ୍ରତିକ ସ୍ଥିତିରେ ମଧ୍ୟ ସରକାର ସେଭଳି ନୀତିରେ କାର୍ଯ୍ୟ କରିବାକୁ ସିଆଇଆଇ କହିଛି। ସିଆଇଆଇ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ୨୦ ଦଫା ସମ୍ବଳିତ ଏକ ଏଜେଣ୍ଡା ପ୍ରଦାନ କରାଯିବା ସହ ଜରୁରିକାଳୀନ କ୍ରେଡିଟ୍ ସୁବିଧା ଏବଂ ଟିକସ ଓ ଶୁଳ୍କ କ୍ଷେତ୍ରକୁ ଦୃଷ୍ଟି ଦେଇ ଏହାକୁ ଆହୁରି ଯୁକ୍ତିଯୁକ୍ତ କରିବାକୁ କୁହାଯାଇଛି। ଯୁଦ୍ଧ ପରିସ୍ଥିତିକୁ ନେଇ ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ଏବଂ ରପ୍ତାନି କ୍ଷେତ୍ର ପ୍ରଭାବିତ ହେଉଥିବାରୁ ଏଥିପାଇଁ ସରକାର ସ୍ୱତନ୍ତ୍ର ନୀତିରେ କାର୍ଯ୍ୟ କରିବା ଉଚିତ ବୋଲି ସିଆଇଆଇ କହିଛି।

# ସଂସ୍ଥା ପ୍ରତି ନିଷ୍ଠା,ଏକାଗ୍ରତା ଜରୁରୀ



କରିମ୍ କବିରୁଦ୍ଦିନ

**କଟକଠାରେ ପ୍ରତିଷ୍ଠିତ ହେଲ୍‌ଥ ଫୁଡ୍ ପ୍ରଡକ୍ଟ ପ୍ରା. ଲିଃ.ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର କରିମ୍ କବିରୁଦ୍ଦିନ ଓଡ଼ିଶାର ଅନେକ ପରିବାରକୁ ରୋଜଗାରକ୍ଷମ କରି ବେକାର ସମସ୍ୟାର ସମାଧାନ କରିବାର ଚେଷ୍ଟା କରୁଛନ୍ତି। ଭିନ୍ନ ଭିନ୍ନ ସ୍ୱାଦର ଆଇସ୍‌କ୍ରିମ ଉତ୍ପାଦନ କରି ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି । କରିମଙ୍କ ସହ ତାଙ୍କର ବ୍ୟବସାୟିକ ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

ଧରିତ୍ରୀ | OrissaPOST
BUSINESS EMINENCE AWARDS

**ପ୍ର– ଆପଣଙ୍କର ବାଲ୍ୟଜୀବନ କିପରି ଥିଲା ଓ ବ୍ୟବସାୟିକ ଯାତ୍ରା କିପରି ଆରମ୍ଭ ହୋଇଥିଲା?**

ଉ– କଟକ ସହରରେ ମୋର ଜନ୍ମ। ମୋର ପାଠପଢା ଆରମ୍ଭ ଷ୍ଟିୱାର୍ଟ ସ୍କୁଲ ଏବଂ ପରେ ରେଭେନ୍‌ଶା କଲେଜରେ ବାଣିଜ୍ୟ(ସମ୍ମାନ)ରେ ସ୍ନାତକ ସହ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନ ଗ୍ରାଜୁଏଟ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲି । ମୋ ଜେଜେବାପା ଅମଳରୁ ମାଲଗୋଦାମରେ ବ୍ୟବସାୟ ଥିଲା। ପରେ ବାପା ଓ ବଡ଼ବାପା ମଧ୍ୟ ସେଥିରେ ନିଯୁକ୍ତ ହୋଇଥିଲେ। ବାପାଙ୍କର ଅସମୟରେ ଦେହାନ୍ତ ହୋଇଯାଇଥିଲା। ତେଣୁ ଅବସର ସମୟରେ ମାଲଗୋଦାମ ଯାଇ ପାରିବାରିକ ବ୍ୟବସାୟରେ କିଛିମାତ୍ରାରେ ଜଡ଼ିତ ହୋଇଥିଲି। ପରେ ପରେ ପାରିବାରିକ ବ୍ୟବସାୟର ଦାୟିତ୍ୱ ମଧ୍ୟ ନେବାକୁ ହେଲା ।

**ପ୍ର– ଆଇସ୍‌କ୍ରିମ ପରି ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଆଗ୍ରହୀ ହେଲେ କାହିଁକି ?**

ଉ–ମାଲଗୋଦାମ ବ୍ୟବସାୟ ସହ ଅନ୍ୟ କିଛି କରିବାର ଇଚ୍ଛା ଥିଲା। ନିଜେ ବଞ୍ଚିବା ସହିତ ଅନ୍ୟ ଲୋକମାନଙ୍କୁ କର୍ମସଂସ୍ଥାନ ଦେବା ଆରମ୍ଭରୁ ଲକ୍ଷ୍ୟ ଥିଲା। ଏହି ସମୟରେ ଏକ ଆଇସ୍‌କ୍ରିମ କମ୍ପାନୀର ଟେକ୍‌ଓଭର ପାଇଁ ପ୍ରସ୍ତାବ ଆସିଲା। ପରେ ସେଥିପ୍ରତି ଆଗ୍ରହ ପ୍ରକାଶ କରି ଆଇସ୍‌କ୍ରିମ କମ୍ପାନୀ ସ୍ଥାପନ କଲି ଏବଂ ଏହାର ନାମ ହେଲ୍‌ଥ ଫୁଡ୍ ପ୍ରଡକ୍ଟ କମ୍ପାନୀ ରଖିଲି, ଯାହାକି ଫ୍ରଷ୍ଟି ବ୍ରାଣ୍ଡରେ ଉପଲବ୍ଧ ହେଲା। ପରେ ଏହା ଫନ୍ ଇଣ୍ଡିଆ ବ୍ରାଣ୍ଡରେ ପରିବର୍ତ୍ତନ ହୋଇଛି ।

**ପ୍ର– ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ କ'ଣ ସତର୍କତା ଜରୁରୀ ?**

ଉ– ସରକାରୀ ନିୟମାନୁଯାୟୀ ପ୍ରତ୍ୟେକ ସମୟରେ ସତର୍କତା ସହ ଉତ୍ପାଦନ କରିବାକୁ ପଡ଼େ। ଏପରିକି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ, ଯେହେତୁ ଏହା ଗ୍ରାହକମାନେ ସିଧାସଳଖ ଗ୍ରହଣ କରିଥାନ୍ତି । ଉତ୍ପାଦନ ପାଇଁ ଉତ୍ତମ ଗୁଣମାନର କଞ୍ଚାମାଲ ଓ ସ୍ୱୟଂକ୍ରିୟ ଯନ୍ତ୍ର ସାହାଯ୍ୟରେ ତିଆରିରୁ ପ୍ୟାକିଂ ପର୍ଯ୍ୟନ୍ତ ସମସ୍ତ ନିରାପତ୍ତା ଅବଲମ୍ବନ କରାଯାଇଥାଏ।

**ପ୍ର– ଓଡ଼ିଶାରେ ଏହାକୁ ଉତ୍ପାଦନ କରି ବିକ୍ରି ପର୍ଯ୍ୟନ୍ତ କେଉଁସବୁ ଆହ୍ୱାନ ରହିଛି ?**

ଉ– ଆଇସ୍‌କ୍ରିମ ଏକ ହାଇଲି ପେରିସେବୁଲ ଆଇଟମ୍। ପ୍ରାୟ –୩୦ ଡିଗ୍ରୀ ତାପମାତ୍ରାରେ ଏହାକୁ ରଖିବାକୁ ପଡ଼େ। ବହୁତ ସମୟରେ ପାୱାର କଟ୍ ଆମକୁ ଅସୁବିଧାରେ ପକାଇଥାଏ। ଏହାଛଡ଼ା ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ ସହ ସମକକ୍ଷ ହୋଇ ଗୁଣବତ୍ତା ଓ ଉତ୍ତମ ଉତ୍ପାଦନକୁ ବଜାରରେ ପହଞ୍ଚାଇବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼େ। ଏହାବ୍ୟତୀତ ଆଇସ୍‌କ୍ରିମ ପରିବହନ ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଯାନର ଆବଶ୍ୟକ ପଡ଼ିଥାଏ। ରାସ୍ତାରେ ଦୁର୍ଘଟଣା ବା ଅସୁବିଧା ହେଲେ ସମୟାନୁସାରେ ବରାଦ ମୁତାବକ ଆଇସ୍‌କ୍ରିମ ପଠାଇବା କଷ୍ଟକର ବ୍ୟାପାର ହୋଇଯାଇଥାଏ । ଏହା ମଧ୍ୟ ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଥାଏ ।

**ପ୍ର– ଯୁବ ଉଦ୍ୟୋଗୀଙ୍କ ପ୍ରତି କ'ଣ ପରାମର୍ଶ ରହିବ?**

ଉ– ନିଜର ସଂସ୍ଥା ପ୍ରତି ଲକ୍ଷ୍ୟ ରଖି ସମୟାନୁସାରେ ନିଷ୍ଠା ଓ ଏକାଗ୍ରତା ସହକାରେ କାମ କରିବା ଉଚିତ। ଗ୍ରାହକମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦେବା ସହ ସମୟକୁ ସମୟ ଆବଶ୍ୟକ ଅନୁସାରେ ନୂତନ ଜ୍ଞାନକୌଶଳକୁ ଉପଯୋଗ କରି ଉତ୍ପାଦନ କରିବା ଆବଶ୍ୟକ। ନୋ ସର୍ଟ୍‌କଟ୍ ଟୁ ସକ୍‌ସେସ୍।

**ପ୍ର– ଆଗାମୀ ଦିନରେ ଆଉ କ'ଣ ଆଶା ରଖିଛନ୍ତି ?**

ଉ– ନୂଆ ଅପ୍‌ଡେଟ୍ ମେଶିନ ଆଣି ବଜାରକୁ ପରିବ୍ୟାପ୍ତ କରିବା ଆଶା ରହିଛି। ପୂର୍ବ ଭାରତ ସହିତ ଦକ୍ଷିଣ ଓ ଉତ୍ତର ଭାରତରେ ଫନ୍ ଇଣ୍ଡିଆକୁ ପହଞ୍ଚାଇବାର ଲକ୍ଷ୍ୟ ରହିଛି ।

# ୪୦% ମହଙ୍ଗା ହୋଇପାରେ ସାମଗ୍ରୀ ମୂଲ୍ୟ

**ନୂଆଦିଲ୍ଲୀ ,୫।୪**



ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ଭାରତର ବର୍ଦ୍ଧିତ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଉପସାଗରୀୟ ଦେଶଗୁଡିକରୁ ତୈଳ ଓ ଏଲ୍‌ପିଜି ପରିବହନଜନିତ ସମସ୍ୟାକୁ ନେଇ ଭାରତରେ ଏଗୁଡିକର ଅଭାବ ଅଭିବୃଦ୍ଧି ଧାରାକୁ ପ୍ରଭାବିତ କରିବା ଆଶଙ୍କା ବଢାଇଛି। ଭାରତର ମୋଟ ତୈଳ ଏବଂ ଏଲ୍‌ପିଜି ଆବଶ୍ୟକତା ମଧ୍ୟରୁ ଶତକଡ଼ା ୫୫ ଭାଗ ତୈଳ ଏହି ଉପସାଗରୀୟ ଦେଶଗୁଡିକରୁ ଆସିଥିଲାବେଳେ ଶତକଡ଼ା ୯୦ ଭାଗ ଏଲ୍‌ପିଜି ଆମଦାନୀ କରାଯାଇଥାଏ। କିନ୍ତୁ ବର୍ତ୍ତମାନ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଥିବାରୁ ଏଲ୍‌ପିଜି ଅଭାବରୁ ଶିଳ୍ପ ଏବଂ ଖାଉଟି ସ୍ତରରେ ସର୍ବାଧିକ ପ୍ରଭାବ ପଡ଼ିବ। ଶିଳ୍ପକ୍ଷେତ୍ରରେ ତୈଳ ଓ ଗ୍ୟାସ୍‌ର ଆବଶ୍ୟକତା ଅଧିକ ରହିଥିଲାବେଳେ ବର୍ତ୍ତମାନ ଏଲ୍‌ପିଜି ଅଭାବଜନିତ ସମସ୍ୟାକୁ କେତେକ ନିର୍ଦ୍ଦିଷ୍ଟ ଉତ୍ପାଦର ମୂଲ୍ୟ ବୃଦ୍ଧି ଘୋଷଣା କରାଯାଇଛି। ଆଗକୁ ଖାଦ୍ୟ ପଦାର୍ଥ ମୂଲ୍ୟ ବଢିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ତୈଳ ଅଭାବରୁ ଏହାର ମୂଲ୍ୟ ବଢିବା ସହିତ ପରିବହନ ଖର୍ଚ୍ଚ ବୃଦ୍ଧି ବଜାର କ୍ଷେତ୍ରକୁ ପ୍ରଭାବିତ କରିବ। ଏହାକୁ ନେଇ ଦେଶର ଅଭିବୃଦ୍ଧି ଧାରା ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ତୈଳ ଏବଂ ଗ୍ୟାସ୍ ଅଭାବଜନିତ ସମସ୍ୟାକୁ ନେଇ ଶିଳ୍ପକ୍ଷେତ୍ରରେ ଇନ୍‌ପୁଟ୍ ଖର୍ଚ୍ଚ ବଢିବ। ଏହାଦ୍ୱାରା ସାଧାରଣ ସାମଗ୍ରୀ ମୂଲ୍ୟରେ ଅନ୍ୟୁନ ୪୦ ପ୍ରତିଶତ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ଯେଉଁ ସାମଗ୍ରୀର ମୂଲ୍ୟ ୧୦୦ ଟଙ୍କା ରହିଥିଲା ବର୍ତ୍ତମାନ ତାହାର ମୂଲ୍ୟ ୧୪୦ ଟଙ୍କା ହୋଇଯିବ ବୋଲି କୁହାଯାଉଛି। ବିଶେଷକରି ଗୃହକରଣା ଜିନିଷ ମୂଲ୍ୟରେ ବୃଦ୍ଧି ହେବ। ବିଭିନ୍ନ ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲର ଅଭାବ ସମେତ ପ୍ଲାଷ୍ଟିକ୍, କେମିକାଲ ଏବଂ ପେପର ମୂଲ୍ୟ ବୃଦ୍ଧି ଯୋଗୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେବ। ଏହାଦ୍ୱାରା ଅପେକ୍ଷାକୃତ ଛୋଟ ଏବଂ ମଧ୍ୟମ ସହରଗୁଡିକରେ କାରବାର ହ୍ରାସ ପାଇବା ସହ ପରୋକ୍ଷରେ ଜାତୀୟ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଇଛି।

# ନୂଆ ଅମୃତ ଭାରତ କୋଚ୍ ନମୁନା ପରିଦର୍ଶନ କଲେ ଅଶ୍ୱିନୀ



**ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ନୂଆଦିଲ୍ଲୀ ଷ୍ଟେଶନରେ ନୂତନ ଅମୃତ ଭାରତ କୋଚ ନମୁନା ପରିଦର୍ଶନ କରିଛନ୍ତି। ଏହି ନମୁନା କୋଚ୍‌ର ଭିତର ଡିଜାଇନ୍ ଓ ରଙ୍ଗ ଦେଖିଛନ୍ତି। କୋଚଗୁଡ଼ିକର ସୌନ୍ଦର୍ଯ୍ୟକରଣ ତଥା ଯାତ୍ରୀଙ୍କୁ ଭଲ ଅନୁଭୂତି ପ୍ରଦାନ ପାଇଁ ପ୍ରସ୍ତୁତ ଏହି କୋଚଗୁଡ଼ିକରେ ଆଧୁନିକ ରଙ୍ଗ ଥିମ୍ ବ୍ୟବହାର କରାଯାଇଛି। ଫ୍ଲୋର, ସିଟ୍ ଓ ବର୍ଥର ରେକ୍ସିନ୍, ସ୍ନାକ୍ ଟେବୁଲ୍, ପର୍ଦା ଓ ଶୌଚାଳୟ ସବୁଠାରେ ସମାନ ରଙ୍ଗ ରହିଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ସାମଗ୍ରୀ ଏଚଏଲ୍୩ ଅଗ୍ନି ନିରାପତ୍ତା ମାନଦଣ୍ଡ ଅନୁଯାୟୀ ତିଆରି ହୋଇଛି।

# ଆଜି ମୁଦ୍ରାନୀତି କମିଟି ବୈଠକ

## ରେପୋ ଉପରେ ସମସ୍ତଙ୍କ ଦୃଷ୍ଟି

**ମୁମ୍ବାଇ, ୫।୪:** ସୋମବାରଠାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୩ ଦିନିଆ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଅନୁଷ୍ଠିତ ହେବ। ଚଳିତ ଆର୍ଥିକ ବର୍ଷ(୨୦୨୬–୨୭)ର ପ୍ରଥମ ଏମ୍‌ପିସି ବୈଠକ ଭାବେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲାବେଳେ ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଆର୍‌ବିଆଇ କର୍ତ୍ତୃପକ୍ଷ ରେପୋ ହାରକୁ ନେଇ କି ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି। ରେପୋ ହାର ହ୍ରାସକୁ ନେଇ ବିଭିନ୍ନ ମହଲରେ ଆଶା କରାଯାଉଥିଲେ ହେଁ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ଅପରିବର୍ତ୍ତିତ ରଖାଯିବାର ସମ୍ଭାବନା ଅଧିକ ବୋଲି ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି। ଯୁଦ୍ଧ ଯୋଗୁ ଏବେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ସାଙ୍ଗକୁ ବଢୁଥିବା ବୈଶ୍ୱିକ ରାଜନୈତିକ ଅନିଶ୍ଚିତତା ସାମଗ୍ରିକ ଅର୍ଥନୀତିକୁ ପ୍ରଭାବିତ କରିଛି। ଏହାଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ଆଶଙ୍କା ରହିଛି। ତେଣୁ ଚଳିତ ଏମ୍‌ପିସି ବୈଠକରେ ବର୍ତ୍ତମାନ ୫.୨୫ ପ୍ରତିଶତ ରହିଥିବା ରେପୋକୁ ଅପରିବର୍ତ୍ତିତ ରଖାଯାଇପାରେ ବୋଲି ଏହି ରିପୋର୍ଟରେ କୁହାଯାଇଛି।

# ଜୟବାବା ପକ୍ଷରୁ ରୟାଲ୍ ଏନଫିଲ୍ଡ ହଣ୍ଟର୍ ୩୫୦ର ଉନ୍ମୋଚନ




**ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)**

ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲର ରୟାଲ୍ ଏନଫିଲ୍ଡ ଡିଲରଶିପରେ ରୟାଲ୍ ଏନଫିଲ୍ଡ ହଣ୍ଟର୍ ୩୫୦ର ନୂତନ କଲରୱେଜ୍, ଥିମ୍ ଓ ଡିଜାଇନ୍‌ର ଉନ୍ମୋଚନ କରାଯାଇଛି। ଓଡ଼ିଶା ରୟାଲ୍ ଏନଫିଲ୍ଡ ଆରବିଏମ୍ ନରେନ୍ଦ୍ର ଶାହ୍, ଏଏସ୍ଏମ୍ ତାଲିବ୍ ରସୁଲ୍, ରାଇଡର୍ ପ୍ରଭୁ ଦତ୍ତ ପାତ୍ର, ଜୟବାବା ଟ୍ରାଇବ୍ ସଦସ୍ୟ ତଥା ଡିଲର୍ ପ୍ରିନ୍ସିପାଲ୍ ହର୍ଷିତ୍ ଲୋଧା ଏବଂ ଏସ୍ଏମ୍ ସତ୍ୟ ଧଳଙ୍କ ଉପସ୍ଥିତିରେ ନୂତନ କଲରୱେଜ୍ ଏବଂ ଭାରିଆଣ୍ଟଗୁଡ଼ିକୁ ଉନ୍ମୋଚନ କରାଯାଇଥିଲା। ହର୍ଷିତ ଲୋଧା ତାଙ୍କ ବକ୍ତବ୍ୟରେ ବାଇକ୍ ପ୍ରେମୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ହଣ୍ଟର୍ ୨୦୨୬ରେ ନୂଆ ଭାରିଆଣ୍ଟ ଟାର୍ମାକ୍ ବ୍ଲାକ୍ ଯୋଡ଼ା ଯାଇଛଇ। ଏଥିରେ ଆଲୟ୍ ହ୍ୱିଲ୍, ସେମି–ଡିଜିଟାଲ୍ ସ୍ପିଡୋମିଟର୍ ଏବଂ ୟୁଏସ୍‌ବି ସି ଚାର୍ଜର୍ ଭଳି ଅପଡେଟେଡ୍ ଫିଚର୍ ରହିଛି। ଏହି ଭାରିଆଣ୍ଟର ଏକ୍ସ–ଶୋରୁମ୍ ମୂଲ୍ୟ ମାତ୍ର ୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏହା ସହିତ ଟପ୍ ଅଫ୍ ଦ୍ ଲାଇନ୍ ଭାରିଆଣ୍ଟ ଭାବେ ୨ ଟି ନୂତନ କଲର ମୁନ୍‌ସଟ୍ ହ୍ୱାଇଟ୍ ଏବଂ ମୁମ୍ବାଇ ୟେଲୋ ମଧ୍ୟ ଲଞ୍ଚ୍ କରାଯାଇଛି। ଏହି ଦୁଇଟି ଭାରିଆଣ୍ଟର ଏକ୍ସ–ଶୋରୁମ୍ ମୂଲ୍ୟ ୧.୬୯ ଲକ୍ଷ ଟଙ୍କା ରହିଛି।

# ଭାରତୀୟ ବନ୍ଦର ସମୂହରେ ୯୧୫.୧୭ ଏମ୍‌ଟି ପଣ୍ୟ ପରିବହନ

## ପ୍ରଥମରେ ଦୀନଦୟାଲ ବନ୍ଦର, ଦ୍ୱିତୀୟରେ ପାରାଦୀପ

**ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)**

ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ଆର୍ଥିକ ବର୍ଷ ୨୦୨୫–୨୬ରେ ରେକର୍ଡ ୯୧୫.୧୭ ମିଲିୟନ ଟନ୍ ପଣ୍ୟ ପରିବହନ କରିଛନ୍ତି। ଏହା ନିର୍ଦ୍ଧାରିତ ଲକ୍ଷ୍ୟ ୯୦୪ ମିଲିୟନ ଟନ୍‌କୁ ଅତିକ୍ରମ କରିଥିବାବେଳେ ଗତ ବର୍ଷ ତୁଳନାରେ ୭.୦୬% ବୃଦ୍ଧି ହୋଇଛି। ପୋର୍ଟ୍ସ, ସିପିଙ୍ଗ୍ ଓ ୱାଟରୱେଜ୍ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି ପ୍ରମୁଖ ବନ୍ଦରଗୁଡ଼ିକର ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଦେଶର ମାରିଟାଇମ୍ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ସୁବିଧା ସମ୍ପ୍ରସାରଣର ଫଳ ବୋଲି ବିବେଚନା କରାଯାଉଛି। ପୋର୍ଟ୍ସ, ସିପିଙ୍ଗ୍ ଓ ୱାଟରୱେଜ୍ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ କହିଛନ୍ତି, ଆମ ପ୍ରମୁଖ ବନ୍ଦରଗୁଡ଼ିକର ୯୧୫ ମିଲିୟନ ଟନ୍ ପଣ୍ୟ ପରିବହନ ଏକ ଐତିହାସିକ ସଫଳତା। ଆମେ ବିଶ୍ୱସ୍ତରୀୟ ବନ୍ଦର ସୁବିଧା ନିର୍ମାଣ କରୁଛୁ ଏବଂ ଲଜିଷ୍ଟିକ୍ସ ଦକ୍ଷତା ବଢ଼ାଉଛୁ। ଏହା ଭାରତକୁ ଏକ ଗ୍ଲୋବାଲ୍ ମାରିଟାଇମ୍ ପାୱାରହାଉସ୍ ଭାବେ ପ୍ରତିଷ୍ଠିତ କରିବାର ଆମର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରୁଛି। ପଣ୍ୟ ପରିବହନରେ ଦୀନଦୟାଲ୍ ପୋର୍ଟ୍ ଅଥରିଟି ସର୍ବାଧିକ ୧୬୦.୧୧ ମିଲିୟନ ଟନ୍ ସହ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଏହା ପଛକୁ ପାରାଦୀପ ପୋର୍ଟ୍ ଅଥରିଟି ୧୫୬.୪୫ ମିଲିୟନ ଟନ୍ ଏବଂ ଜବାହରଲାଲ୍ ନେହେରୁ ପୋର୍ଟ୍ ଅଥରିଟି (ଜେଏନ୍‌ପିଏ) ୧୦୨.୦୧ ମିଲିୟନ ଟନ୍ କାର୍ଗୋ ହ୍ୟାଣ୍ଡଲ୍ କରିଛନ୍ତି। ବୃଦ୍ଧି ହାରରେ ମୋର୍ମୁଗାଓ ପୋର୍ଟ୍ ୧୫.୯୧%, କୋଲକାତା ଡକ୍ ସିଷ୍ଟମ୍ ୧୪.୨୮% ଏବଂ ଜେଏନ୍‌ପିଏ ୧୦.୭୪% ସର୍ବାଧିକ ବୃଦ୍ଧି ହାସଲ କରିଛନ୍ତି। ବନ୍ଦର ସୁବିଧାର ଆଧୁନିକୀକରଣ, ମଲ୍ଟିମୋଡାଲ୍ ସଂଯୋଗ, ଡିଜିଟାଲ୍ ପ୍ରଯୁକ୍ତି ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ଯୋଗୁ ଏହି ସଫଳତା ସମ୍ଭବ ହୋଇଛି। ଏହା ଦେଶର ଅର୍ଥନୈତିକ ବୃଦ୍ଧି ଓ ବାଣିଜ୍ୟକୁ ଆହୁରି ଗତି ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ନୂତନ ଭାବେ ଦକ୍ଷିଣତଟ ରେଳପଥ ଗଠନ ଉପରେ ସ୍ପଷ୍ଟୀକରଣ ରଖିଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)**

ନୂତନ ଭାବେ ଗଠିତ ଦକ୍ଷିଣତଟ ରେଳପଥରେ ସାମିଲ କରାଯାଇଥିବା ପୂର୍ବତଟ ରେଳପଥର କିଛି ରେଳ ଷ୍ଟେଶନକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ୫୦ କିଲୋମିଟର ଦୀର୍ଘ ପଲାସା–ଇଚ୍ଛାପୁରମ୍ ସେକ୍ସନ୍‌ରେ ପଲାସା, ସୁମ୍ମାଦେବୀ, ମଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ଭଳି ୭ଟି ଷ୍ଟେଶନ୍ ରହିଛି। ଏହି ସମସ୍ତ ଷ୍ଟେଶନ୍ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲାରେ ଅବସ୍ଥିତ। ଏହି ଷ୍ଟେଶନଗୁଡ଼ିକ ମଧ୍ୟରୁ କୌଣସିଟି ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଏହି ଷ୍ଟେଶନଗୁଡ଼ିକ ଛୋଟରୁ ମଧ୍ୟମ ଶ୍ରେଣୀର ଷ୍ଟେଶନ୍ ଯାହା ମୁଖ୍ୟତଃ ଯାତ୍ରୀ ପରିବହନ ପରିଚାଳନା କରିଥାଏ । ଏଥିମଧ୍ୟରୁ କୌଣସି ଷ୍ଟେଶନ୍ ପ୍ରମୁଖ ମାଲ୍ ପରିବହନର କେନ୍ଦ୍ର ନୁହେଁ ଏବଂ ପୂର୍ବତଟ ରେଳପଥର ରାଜସ୍ୱରେ ଏହାର କୌଣସି ପ୍ରଭାବ ନାହିଁ ବୋଲି ଦର୍ଶାଯାଇଛି। ଷ୍ଟେଶନଗୁଡ଼ିକ ଯେକୌଣସି ରେଳ ଜୋନ୍ ପରିସୀମାରେ ରହିଲେ ମଧ୍ୟ ପାସ୍–ଥ୍ରୁ ପଣ୍ୟ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ସେହିପରି କ୍ଷେତ୍ରୀୟ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଭାବେ ଜାରି ରହିଛି। ଏହାଦ୍ୱାରା ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ବର୍ତ୍ତମାନ ଚାଲୁଥିବା ସମସ୍ତ ଟ୍ରେନ୍, ଯଥା ପଲାସା–ଭୁବନେଶ୍ୱର, ପଲାସା–କଟକ ଏବଂ ଇଚ୍ଛାପୁରମ୍–କଟକ ମେମୁ ତଥା ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକର ସମୟସୂଚୀ କିମ୍ବା ମାର୍ଗରେ କୌଣସି ପରିବର୍ତ୍ତନ ବିନା ପୂର୍ବବତ୍ ଚାଲୁ ରହିବ। ପୂର୍ବତଟ ରେଳପଥ ଏବଂ ଦକ୍ଷିଣତଟ ରେଳପଥ ମଧ୍ୟରେ କର୍ମଚାରୀ ନିଯୋଜନ ସମେତ ସ୍ଥାନାନ୍ତରଣ ପଦ୍ଧତିଗୁଡ଼ିକୁ ଚୂଡ଼ାନ୍ତ କରାଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ପ୍ରତିଷ୍ଠିତ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି କୁହାଯାଇଛି।

# ୬ କମ୍ପାନୀଙ୍କ ବଜାର ପୁଞ୍ଜିରେ ୬୫,୦୦୦ କୋଟି ହ୍ରାସ

**ମୁମ୍ବାଇ,୫।୪**



ଗତ ସପ୍ତାହରେ ଭାରତୀୟ ଶେୟାର ବଜାରରେ ସାମାନ୍ୟ ଉନ୍ନତି ଘଟିଥିଲେ ହେଁ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୬ କମ୍ପାନୀଙ୍କ ବଜାର ପୁଞ୍ଜି(ଏମ୍–କ୍ୟାପ୍) ମୂଲ୍ୟରେ ଅନ୍ୟୁନ ୬୫ ହଜାର କୋଟି ଟଙ୍କା ହ୍ରାସ ପାଇଥିବା ସର୍ବଶେଷ ଷ୍ଟକ୍ ଏକ୍ସଚେଞ୍ଜ ତଥ୍ୟ ସୂତ୍ରରୁ ଜଣାପଡ଼ିଛି। ଗତ ସପ୍ତାହରେ ହାରାହାରି ଭାବେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଙ୍କ କାରବାର ୦.୩୫ ପ୍ରତିଶତ ହ୍ରାସ ପାଇବା ସହ ସେନ୍‌ସେକ୍ସରେ ୨୩୬ ପଏଣ୍ଟ ହ୍ରାସ ଘଟିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ୦.୪୬ ପ୍ରତିଶତ ହ୍ରାସ ଘଟି ନିଫ୍ଟିରେ ୧୦୬ ପଏଣ୍ଟ ହ୍ରାସ ହୋଇଥିଲା। ଏହାଯୋଗୁ ହାରାହାରି ଭାବେ ୬ଟି କମ୍ପାନୀର ବଜାର ପୁଞ୍ଜିରେ ୬୪ ହଜାର ୭୩୪ କୋଟି ଟଙ୍କା ହ୍ରାସ ହୋଇଥିଲା। ଏହି କ୍ରମରେ ଭାରତୀ ଏୟାରଟେଲର ଏମ୍ –କ୍ୟାପ୍ ସର୍ବାଧିକ ସ୍ତରରେ ହ୍ରାସ ପାଇଥିବା ଜଣାପଡ଼ିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ଶେୟାର ବଜାର ସହ ଭାରତୀୟ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଥିଲାବେଳେ ଯୁଦ୍ଧ ସ୍ଥିତିକୁ ନେଇ ନିବେଶକ ଆଶଙ୍କା ମଧ୍ୟରେ ରହିଛନ୍ତି। କାରଣ ଯୁଦ୍ଧ ବନ୍ଦ ହେବା ବଦଳରେ ଆଗକୁ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନିବେଶକମାନେ ବିଭିନ୍ନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ଫଳରେ ଆଗାମୀ ଦିନରେ ପ୍ରମୁଖ ଭାରତୀୟ କମ୍ପାନୀଗୁଡିକର ବଜାର ପୁଞ୍ଜିକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ଶେୟାର ବଜାର ଖୋଲିବା ପରେ ସ୍ଥିତି କିଭଳି ରହିବ ତାହା ଉପରେ ନିବେଶକଙ୍କ ଦୃଷ୍ଟି ନିବଦ୍ଧ ରହିଛି।

# ସୋନାଲିକା ଟ୍ରାକ୍ଟରର ବାର୍ଷିକ ବିକ୍ରିରେ ରେକର୍ଡ

**ଭୁବନେଶ୍ୱର , ୫।୪**

ଦେଶର ଅଗ୍ରଣୀ ଟ୍ରାକ୍ଟର ନିର୍ମାଣକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ୨୦୨୬ ଆର୍ଥିକ ବର୍ଷରେ ସର୍ବାଧିକ ୧,୮୦,୫୦୪ଟି ଟ୍ରାକ୍ଟର୍ ବିକ୍ରି କରି ନୂତନ ରେକର୍ଡ ସୃଷ୍ଟି କରିଛି। ଟ୍ରାକ୍ଟର ନିର୍ମାଣ କ୍ଷେତ୍ରରେ ୩୦ ବର୍ଷର ସଫଳତା କମ୍ପାନୀର ଶୃଙ୍ଖଳାବଦ୍ଧ କାର୍ଯ୍ୟଶୈଳୀ ଏବଂ ଉନ୍ନତ ପ୍ରଯୁକ୍ତି ସହ ହେଭି–ଡ୍ୟୁଟି ଟ୍ରାକ୍ଟର ଉତ୍ପାଦନ ପ୍ରତି ପ୍ରୟାସ ଓ ସମନ୍ୱୟକୁ ପ୍ରତିଫଳିତ କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତ, ' ଆମର ୩୦ ବର୍ଷର ସଫଳ ଯାତ୍ରା ବର୍ଷରେ 'ଜିତନେ କା ଦମ୍' ପ୍ରକୃତ ଅର୍ଥରେ ସାକାର ହୋଇଛି। କାରଣ ଆମେ ସର୍ବାଧିକ ଉପରୋକ୍ତ ସଂଖ୍ୟକ ଟ୍ରାକ୍ଟର ବିକ୍ରି କରି ରେକର୍ଡ କରିଛୁ। କୃଷକ ସମୃଦ୍ଧି ପ୍ରତି ଅତୁଟ ସଙ୍କଳ୍ପ ସହିତ ଆମେଆଗାମୀ ଦିନରେ ମଧ୍ୟ ନୂତନ ରେକର୍ଡ କରିବୁ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆରୋବି
ପରିବାରବର୍ଗ


ବର୍ଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ସନ୍ଦେହରେ ସ୍ତ୍ରୀ ସମେତ ୩ ଅଟକ

ବାଲିକୁଦା,୫।୪(ତାପସ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଜନତାକୋଠି ବଜାର ନିକଟସ୍ଥ କେନାଲ ବନ୍ଧ ରାସ୍ତାକଡ଼ରୁ ରବିବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ତଳକୁସୁମା (ବାଲିପାଟଣା) ଗ୍ରାମର ବିଜୟ ସ୍ୱାଇଁ (୪୨)। ତାଙ୍କ ମୃତ୍ୟୁର ପାରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ପୋଲିସ ହତ୍ୟା ସନ୍ଦେହରେ ସ୍ତ୍ରୀ ବବିତାଙ୍କ ସହ ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାଲିକୁଦା ଥାନାରେ ପୁଅ ଓମ୍‌ପ୍ରକାଶ ଅଭିଯୋଗ କରିବା ପରେ ମାମଲା (ନଂ.୧୩୮/୨୬) ରୁଜୁକରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବିଜୟ ଜଣେ ଦିନମଜୁରିଆ। ଶନିବାର ରାତିରେ ସ୍ଥାନୀୟ ଗରିଆ ଗାଁକୁ ଭୋଜି ଖାଇବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ପରେ ଭୋଜି ଖାଇ ଘରକୁ ସାଇକେଲରେ ଫେରୁଥିବା ବାଟରେ କେତେଜଣ ଲୋକ ଦେଖିଥିବା ପ୍ରକାଶ କରିଛନ୍ତି। ମାତ୍ର ଘରକୁ ଫେରିବା ବିଳମ୍ବ ହେବାରୁ ସ୍ତ୍ରୀ ବବିତା ବ୍ୟସ୍ତ ହୋଇ ନିକଟରେ ରହୁଥିବା ସମ୍ପର୍କୀୟ ଦିଅର ଦଭିଆ ସ୍ୱାଇଁଙ୍କୁ ଜଣାଇଥିଲେ। ଏହାପରେ ରାତି ପ୍ରାୟ ୧୧ଟାବେଳେ ଦିଅର ଦଭିଆ ଘରୁ ବାହାରି ୧ କିମି ଯିବା ପରେ କେନାଲ ବନ୍ଧ ରାସ୍ତା କଡ଼ରେ ବିଜୟଙ୍କ ସାଇକେଲ ପଡ଼ିଥିବା ଦେଖି ସେଠାରେ ଖୋଜାଖୋଜି କରିଥିଲେ। ସାଇକେଲଠାରୁ ମାତ୍ର କିଛି ହାତ ଦୂର ରାସ୍ତାକଡ଼ରେ ବିଜୟଙ୍କୁ ପଡ଼ିଥିବା ଦେଖିଥିଲେ। ବିଜୟ ଅଧିକାଂଶ ସମୟରେ ମିଳୁଥିବା ମଜୁରି ଟଙ୍କାରେ ମଦ ପିଇ ରାସ୍ତାଘାଟରେ ପଡ଼ନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେ ଦୃଷ୍ଟିରୁ ବିଜୟ ନିଶାଗ୍ରସ୍ତ ଅବସ୍ଥାରେ ପଡ଼ିଥିବା ନେଇ ଖୋଜିବାକୁ ଯାଇଥିବା ଦଭିଆ ସନ୍ଦେହ କରିଥିଲେ। ପରେ ବିଜୟଙ୍କୁ ଉଠାଇବାକୁ ଉଦ୍ୟମ କଲାବେଳେ ତାଙ୍କ ମୁହଁରେ ଜନ୍ଦା ପିମ୍ପୁଡ଼ି ଲାଗିଥିବା ଜଣାପଡ଼ିଥିଲା। ଏହାଦେଖି ବିଜୟଙ୍କୁ ସେଠାରେ ଛାଡ଼ି ଦଭିଆ ଗାଁକୁ ଫେରିଆସି ଲୋକଙ୍କୁ ଜଣାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚ ମାନସଙ୍କୁ ଖବର ଦେଇଥିଲେ। ସରପଞ୍ଚ ସେଠାରେ ପହଞ୍ଚିବା ସହ ପୋଲିସକୁ ଏବିଷୟରେ ଅବଗତ କରାଇଥିଲେ। ଏହାପରେ ବାଲିକୁଦା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହ ରବିବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ଗାଁ ଶ୍ମଶାନରେ ବିଜୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅପରପକ୍ଷେ ବିଜୟଙ୍କ ପୁଅ ଓମ୍‌ପ୍ରକାଶ କରିଥିବା ଅଭିଯୋଗ ଅନୁଯାୟୀ, ପୋଲିସ ଅଟକ ରଖିଥିବା ଯୁବକଙ୍କ ସହ କିଛିଦିନ ହେବ ବାପାଙ୍କ ବିବାଦ ଲାଗିରହିଥିଲା। ଏପରିକି ବାପା ଅଟକ ରହିଥିବା ଯୁବକ ନାମରେ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ। ଏଥିଯୋଗୁ ସେମାନେ ବାପାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ଓମ୍‌ପ୍ରକାଶ ଅଭିଯୋଗରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଆଇଆଇସି ସାହୁ କୁହନ୍ତି, ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଥାନାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରେଲଷ୍ଟେସନରୁ ଗଞ୍ଜେଇ ଭର୍ତ୍ତି ୭ ରଙ୍ଗ ବାଲ୍‌ଟି ଜବତ

## ବାଲ୍‌ଟି ଉପରେ ରଙ୍ଗ, ଭିତରେ ଗଞ୍ଜେଇ

କଟକ,୫।୪(କୁମାରଶ୍ରୀ)



ଅଭିନବ ଉପାୟରେ ନିଶା କାରବାର ଚାଲିଛି। ପୋଲିସକୁ ଭୁଆଁ ବୁଲାଇ ନିଶାବେପାରୀମାନେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ରବିବାର କଟକ ରେଲଷ୍ଟେସନରୁ ୭ଟି ରଙ୍ଗ ବାଲ୍‌ଟି ଜବତ ହୋଇଥିବାବେଳେ ତାହା ଭିତରୁ ମୋଟ ୮୭କେଜି ଗଞ୍ଜେଇ ମିଳିଛି। ଚତୁରତାର ସହ ବାଲ୍‌ଟି ତଳଭାଗରେ ଗଞ୍ଜେଇ ପ୍ୟାକେଟ୍ ରଖି, ଏହା ଉପରେ ରଙ୍ଗ ଢ଼ାଳି ବାଲ୍‌ଟିଗୁଡ଼ିକୁ ରେଳ ଯୋଗେ ଚାଲାଣ କରାଯିବାକୁ ଯୋଜନା ହୋଇଥିଲା। ଆର୍‌ପିଏଫ୍‌ର ପାଟ୍ରୋଲିଂ ବେଳେ ଏହି ଯୋଜନା ଫସର ଫାଟିଛି। ଉକ୍ତ ଘଟଣାରେ କୌଣସି ଅଭିଯୁକ୍ତ ଧରା ପଡ଼ି ନ ଥିବାବେଳେ ଆର୍‌ପିଏଫ୍ ପକ୍ଷରୁ ସିସି କ୍ୟାମେରା ଯାଞ୍ଚ କରାଯାଉଛି।

ସୂଚନା ମୁତାବକ, ରବିବାର ସକାଳେ କଟକ ରେଲଷ୍ଟେଶନ ପ୍ଲାଟଫର୍ମ ନଂ-୧ରେ ୭ଟି ରଙ୍ଗ ବାଲ୍‌ଟି ଥୁଆ ହୋଇଥିଲା। ଆର୍‌ପିଏଫ୍‌ର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ବାଲ୍‌ଟିଗୁଡ଼ିକ ସେମାନଙ୍କ ନଜରରେ ପଡ଼ିଥିଲା। ତେବେ ସମ୍ପୃକ୍ତ ବାଲ୍‌ଟିଗୁଡ଼ିକର କେହି ମାଲିକ ନ ଥିବା ଜଣାପଡ଼ିବା ପରେ ପାଟ୍ରୋଲିଂ ଟିମ୍‌ର ସନ୍ଦେହ ସୃଷ୍ଟି ହୋଇଥିଲା। ଗୋଟିଏ ରଙ୍ଗ ବାଲ୍‌ଟି ଖୋଲିବା ପରେ ଉପରେ ରଙ୍ଗ ଥିବା ଦେଖିବାକୁ ମିଳିଥିଲା। ତେବେ ରଙ୍ଗ ଭର୍ତ୍ତି ହୋଇଥିଲେ ସୁଦ୍ଧା ୨୦କେଜି ବିଶିଷ୍ଟ ବାଲ୍‌ଟିଗୁଡ଼ିକ ହାଲୁକା ଲାଗୁଥିବାରୁ ଆର୍‌ପିଏଫ୍ ଟିମ୍‌ର ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଥିଲା। ସମସ୍ତ ବାଲ୍‌ଟି ଯାଞ୍ଚ କରାଯାଇଥିଲା। ତେବେ ରଙ୍ଗ ଢ଼ାଳିବା ବେଳକୁ ବାଲ୍‌ଟି ଭିତରେ ପଲିଥିନ ବ୍ୟବହାର କରାଯାଇ ଗଞ୍ଜେଇ ଲୁଚାଯାଇଥିବା ଜଣାପଡ଼ିଥିଲା। ୭ଟି ଯାକ ବାଲ୍‌ଟିରୁ ମୋଟ ୮୭ କେଜି ଗଞ୍ଜେଇ ଜବତ ହୋଇଛି ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଜବତ ଗଞ୍ଜେଇକୁ ଅବକାରୀ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ବାଲ୍‌ଟିଗୁଡ଼ିକ କିଏ ଆଣି ଷ୍ଟେଶନ ପରିସରରେ ରଖିଥିଲା ଏବଂ ଏହା କେଉଁଆଡ଼େ ଚାଲାଣ ପାଇଁ ଯୋଜନା ହୋଇଥିଲା ସେ ନେଇ ଖୋଳତାଡ଼ ଚାଲିଛି ବୋଲି ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି।

# ଏସ୍‌ସିବି ମେଡିକାଲ ରକ୍ତ ଭଣ୍ଡାରରୁ ୩ ଦଲାଲ ଗିରଫ

କଟକ,୫।୪(କୁମାରଶ୍ରୀ)




ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାର ପରିସରରୁ ୩ଜଣ ଦଲାଲଙ୍କୁ ରବିବାର ମଙ୍ଗଳାବାଗ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁରର ଶିବ ମହାନ୍ତ, କେନ୍ଦ୍ରାପଡ଼ାର ଅବିନାଶ ରାଉତ ଏବଂ ଜଗତସିଂହପୁର ଅଞ୍ଚଳର ଧନେଶ୍ୱର ମହାନ୍ତି। କେସ୍ ନଂ-୧୧୧, ବିଏନ୍‌ଏସ୍ ଧାରା ୩୦୮(୪), ୩(୫) ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ମଙ୍ଗଳାବାଗ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ସୂଚନା ମୁତାବକ, ଜଗତସିଂହପୁର ବାଲିକୁଦା ଅଞ୍ଚଳର ବିବେକାନନ୍ଦ ବେହେରା ରକ୍ତ ଭଣ୍ଡାରରେ ଦଲାଲଙ୍କ ସକ୍ରିୟତା ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସର ଏକ ଟିମ୍ ସାଦା ପୋଷାକରେ ରକ୍ତ ଭଣ୍ଡାରରେ ପଶି ଖୋଳତାଡ଼ କରିବାବେଳେ ଉପରୋକ୍ତ ୩ ଅଭିଯୁକ୍ତ ଚିହ୍ନଟ ହୋଇଥିଲେ। ରୋଗୀ ସମ୍ପର୍କୀୟଙ୍କୁ ଫୁସୁଲାଇ ସେମାନଙ୍କଠାରୁ ଟଙ୍କା ନେଇ ରକ୍ତ ୟୁନିଟ ଦେବାକୁ ଅଭିଯୁକ୍ତମାନେ ପ୍ରତିଶ୍ରୁତି ଦେଉଥିଲେ। ଏଭଳି କାରବାର ଚଳାଇଥିବା ସ୍ପଷ୍ଟ ହେବା ପରେ ପୋଲିସ ସେମାନଙ୍କୁ କାବୁ କରିଥିଲା।


## HAPPY BIRTHDAY



Arobi Anabia Islam
April .06., Shibchar
Bangladesh
D-41

## Happy Birthday



BARSHA
"Happy birthday, my love! Every moment with you feels like magic, and I feel incredibly blessed to have you in my life".
Happy birthday BARSHA
BEST WISHES FROM:
Lija, Sweety family, friend, relatives
D-43


# କାର୍ ସହ ଗଞ୍ଜେଇ ଜବତ

ବ୍ରହ୍ମପୁର, ୫।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଜାଣି ଅବକାରୀ ପୋଲିସ ଅଙ୍କୁଶପୁର ନିକଟରେ ଯାନବାହନ ଯାଞ୍ଚ କରିଥିଲା। ରାସ୍ତା କଡ଼ରେ ଠିଆ ହୋଇଥିବା ଏକ କାର୍ ପାଖକୁ ଯାଇ ଦେଖିବା ବେଳେ ପୋଲିସକୁ ଚକମା ଦେଇ ଡ୍ରାଇଭର ସହ ଚାଲାଣକାରୀ ଚମ୍ପଟ ମାରିଥିଲେ। ଉକ୍ତ ଛକରେ ଗଞ୍ଜେଇ ଚାଲାଣକାରୀ ଛାଡ଼ି ଚାଲିଯାଇଥିବା ଏକ କାର (ନଂ. ଓଆର ୦୫ ଏଆର ୯୭୦୦)କୁ ପୋଲିସ ଜବତ କରିଛି। ଗାଡ଼ିରୁ ୩ଟି ଜରି ବସ୍ତାରେ ଥିବା ୬୦କେଜି ଗଞ୍ଜେଇ ଜବତ କରିଛି। ଏନେଇ ନଂ.୧୧/୨୬ରେ ମାମଲା ରୁଜୁ ହୋଇଛି। ଗାଡ଼ି ନଂ ଯାଞ୍ଚ କରିବାରୁ ଅଭିଯୁକ୍ତ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଚନ୍ଦ୍ରକାନ୍ତ ମଲ୍ଲିକ (୨୧) ବୋଲି ଜଣାପଡିଛି।

# ବନ୍ଧୁକ ଜବତ, ଯୁବକ ଗିରଫ

ଝାରସୁଗୁଡ଼ା, ୫।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଝାରସୁଗୁଡ଼ା ବୁରୋମାଲ ଅଞ୍ଚଳର ରାମ ସୋନକର ସିଂ(୨୧)। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଏବଂ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ଗଉନ୍ତିଆପଡ଼ା ପଡ଼ିଆ ନିକଟରେ ଅଭିଯୁକ୍ତ ଜଣଙ୍କ ବେଆଇନ ଭାବେ ବନ୍ଧୁକ ଧରି କୌଣସି ଅପରାଧ ଘଟାଇବା କିମ୍ବା ବିକ୍ରି ଉଦ୍ଦେଶ୍ୟରେ ବୁଲୁଥିବା ରବିବାର ଅପରାହ୍ଣ ପ୍ରାୟ ୧ଟାରେ ପୋଲିସ ଖବର ପାଇଥିଲା। ତୁରନ୍ତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସ ଗାଡ଼ି ଦେଖି ଅଭିଯୁକ୍ତ ଦୌଡ଼ିପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୨୧୪/୨୬) ରୁଜୁ ହୋଇଛି। ତେବେ ଏହି ବନ୍ଧୁକ ଅଭିଯୁକ୍ତ କେଉଁଠୁ ଆଣିଥିଲେ ଏବଂ ଏହା ପଛରେ ଆଉ କାହାର ସମ୍ପୃକ୍ତି ରହିଛି, ସେନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ୩୭୦୦ ବୋତଲ କଫ ସିରପ୍ ଜବତ, ୨ ଗିରଫ


ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କଫ ସିରପ୍ ଜବତ କରାଯାଉଛି।


ଗିରଫ ୨ ଅଭିଯୁକ୍ତ।

- ଥଣ୍ଡା ପାନୀୟ ବୋତଲ ଭିତରେ କଫ ସିରପ୍ ପେଟି
- ଭୁବନେଶ୍ୱରରୁ ବଲାଙ୍ଗୀରକୁ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଥିଲା

ସୋନପୁର,୫।୪(ମୃତ୍ୟୁଞ୍ଜୟ ଶତପଥୀ)

ଭୁବନେଶ୍ୱରରୁ ବଲାଙ୍ଗୀରକୁ ବିପୁଳ ପରିମାଣର କଫସିରପ୍ ଅଭିନବ ଉପାୟରେ ଚାଲାଣ ହେଉଥିଲା। ଏକ ପିକ୍‌ଅପ୍ ଭ୍ୟାନ୍‌ରେ ମେଙ୍ଗୋ ଡ୍ରିଙ୍କ୍‌ସ(ଥଣ୍ଡା ପାନୀୟ) ଭିତରେ କଫସିରପ୍ ଚାଲାଣ କରାଯାଉଥିଲା। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କୁ ଗୋଇନ୍ଦା ସୂତ୍ରରୁ ଏ ସମ୍ପର୍କରେ ସୂଚନା ମିଳିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ଟାଉନ ପୋଲିସ ତେଲନଦୀ ବ୍ରିଜ୍‌ଠାରୁ ଉକ୍ତ ପିକ୍‌ଅପ୍ ଭ୍ୟାନକୁ ପିଛା କରିଥିଲା। ସୋନପୁର ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ସୁବର୍ଣ୍ଣପୁର ସହର ବ୍ଲକ ଛକସ୍ଥିତ ଭେଣ୍ଡିଂ ଜୋନ ନିକଟରେ ଉକ୍ତ ଭ୍ୟାନକୁ ଅଟକ ରଖିବା ସହିତ କଫସିରପ୍ ଚୋରାଚାଲାଣ କରୁଥିବା ୨ଯୁବକଙ୍କୁ ମାଡି ବସିଥିଲା। ପୋଲିସ ୨୫ଟି ପେଟିରେ ଥିବା ୧୦୦ ମିଲିଲିଟର ବିଶିଷ୍ଟ ୩୭୫୦ ବୋତଲ ଏସ୍‌କଫ୍ କଫସିରପ୍ ଜବତ କରିଛି। ଏହି ଘଟଣାରେ ବଲାଙ୍ଗୀର ସହର ଲାଲଟିକିରା ଅଞ୍ଚଳର ଶିବ ବାଗ(୨୪) ଓ ବଲାଙ୍ଗୀର ସହର ଶାନ୍ତିପଡାର ନିଖିଲ ଆଦବର(୨୨)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ନିଶା ପାଇଁ ବହୁଳ ଭାବରେ ବ୍ୟବହୃତ ହେଉଥିବା ଜବତ କଫସିରପ୍‌ର ବଜାର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ପି ନାୟକ କହିଛନ୍ତି।

କଫସିରପ୍ ବ୍ୟବସାୟୀମାନେ ପୋଲିସ ନଜର ଏଡାଇବା ପାଇଁ ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି୦୩ଏଇ-୦୧୫୪) ଡାଲାରେ ଥଣ୍ଡା ପାନୀୟ ନାମକୁ ମାତ୍ର ପରିବହନ କରୁଥିଲେ। ତେବେ ଥଣ୍ଡା ପାନୀୟ ବୋତଲ ମଝିରେ କଫସିରପ୍ ଚାଲାଣ ହେଉଥିଲା। ଭ୍ୟାନ୍ ଅଟକ ପରେ ଅତିରିକ୍ତ ଏସ୍‌ପି କେ.କେ.ହରିପ୍ରସାଦ୍, ମାଜିଷ୍ଟ୍ରେଟ୍ ତଥା ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ ଓ ଡ୍ରଗ୍ସ ଇନ୍ସପେକ୍ଟର ଟିକେଶ୍ୱର ମାଝୀ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ କଫ୍‌ସିରପ୍ ବୋତଲ ଭ୍ୟାନ୍‌ରୁ କଢାଯାଇଥିଲା। ୨୫ଗୋଟି କାର୍ଟୁନ୍‌ରୁ ୩୭୫୦ବୋତଲ କଫସିରପ୍ ଜବତ ହୋଇଥିଲା। ଗୋଟିଏ ପ୍ୟାକେଟ୍‌ରେ ୩୦ଟି ଲେଖାଏ ଥଣ୍ଡା ପାନୀୟ ବୋତଲ ଥିବା ବେଳେ ମୋଟ ୨୪୮ଟି ପ୍ୟାକେଟ୍ ମିଳିଥିଲା। ଗଣତି ପରେ ମୋଟ ୭୪୪୦ ଥଣ୍ଡା ପାନୀୟ ବୋତଲ ଥିବା ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା(ନଂ ୧୧୭/୨୬)ରୁଜୁ ହୋଇଛି। ଏସଆଇ ସୁଶାନ୍ତ ଜେନା ମାମଲାର ଅଭିଯୋଗକାରୀ ଥିବାବେଳେ ଏସଆଇ ସୀତା ସେଠୀ ଏହାର ତଦନ୍ତ କରୁଛନ୍ତି। ଏହି ଚୋରାଚାଲାଣ ପଛରେ ଆଉ କାହାର ସମ୍ପୃକ୍ତି ଅଛି ସେ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।


# Classified Everyday
0674-2580101, 9692975378


REAL ESTATE

SALE

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-03

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana - 8984846329. D-76957

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

By virtue of an affidavit sworn before Executive Magistrate, Cuttack, dated 30.03.2026 (No. 2104), I, Abhisek Sahoo (22 Yrs), S/o.- Aswini Kumar Sahoo, At- Netaji Nagar, P.O./P.S.- Madhupatna, Dist.- Cuttack-753010 declare that my father's name is changed from Aswini Ku Sahoo to Aswini Kumar Sahoo. Henceforth, he shall be known as Aswini Kumar Sahoo for all purposes. D-45

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before Executive Magistrate, Cuttack, dated 30.03.2026 (No. 2103), I, Abhisek Sahoo (22 Yrs), S/o Aswini Kumar Sahoo, At- Netaji Nagar, P.O./P.S.- Madhupatna, Dist.- Cuttack-753010, declare that my mother's name is changed from Rojalin Sahoo to Rosalini Sahoo. Henceforth, she shall be known as Rosalini Sahoo for all purposes. D-46

By virtue of an affidavit sworn before Executive Magistrate, Bhubaneswar, dated- 26.02.2026, I Lokesh Dehury, permanent resident of At/P.O.- Kalanda, P.S.- Hindola, Dist.- Dhenkanal, PIN- 759020 declare that I have changed my name from Ranu Dehury to Lokesh Dehury. Henceforth, I shall be known as Lokesh Dehury for all purposes.
Lokesh Dehury
D-47

By virtue of an affidavit sworn before Executive Magistrate, Bhubaneswar, dated- 04.04.2026, I, Kabitanjali Samal, D/o.- Kailash Chandra Swain, W/o.- Gyanaranjan Samal, R/o. At: Plot No.- 2321/5888, Jharapada, Lane No.6, Niladri Nagar, Bhubaneswar- 751006, Dist.- Khurda, Odisha declare that I have changed my name from Kabitanjali Swain to Kabitanjali Samal. Henceforth, I shall be known as Kabitanjali Samal for all purposes.
Kabitanjali Samal
D-48

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ରଙ୍ଗୀନ ଟ୫୦୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ
୦୬।୦୪।୨୦୨୬ (ସୋମବାର)



ସ୍ୱର୍ଗତ ମହେଶ୍ୱର ବେହେରା
ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ: ୧୮।୦୭।୧୯୬୧
ତିରୋଧାନ: ୨୬।୦୩।୨୦୨୬

ଆପଣ ଯେଉଁଠି ଥାଅ, ସଦା ସୁଖ, ଶାନ୍ତିରେ ଥାଅ। ଆପଣଙ୍କ ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପୁତ୍ର- ଜ୍ୟୋତିପ୍ରକାଶ ବେହେରା, ପୁତ୍ରବଧୂ- ସୁଜାତାରାଣୀ ବେହେରା, ବନ୍ଧୁ ଓ ପରିବାରବର୍ଗ।
ଧ-୪୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଧନିତ୍ରୀ ସିଂହ
ପାଞ୍ଚଗାଁ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ତା.୦୧।୦୧।୧୯୩୦
ତିରୋଧାନ: ତା.୨୭।୦୩।୨୦୨୬
ରାମନବମୀ

ତୁମେ ଯେଉଁଠି ଥାଅ, ସଦାସର୍ବଦା ସୁଖ, ଶାନ୍ତିରେ ଥାଅ। ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭକୁ ପଥପ୍ରଦର୍ଶିତ କରୁଥାଉ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ଆପଣଙ୍କର ଶୋକାକୁଳ ପରିବାର ଓ ବନ୍ଧୁବର୍ଗ
ଧ-୪୪

# ହାଇଡ୍ରୋଜେନ ବଣ୍ଡ: ଦୈନନ୍ଦିନ ଜୀବନର ଅଦୃଶ୍ୟ ସ୍ଥାପତ୍ୟ



ଡ. ହିମାଂଶୁ ଶେଖର ବିଶ୍ୱାଳ

''ରସାୟନ ବିଜ୍ଞାନରେ, 'ଶକ୍ତ' ବନ୍ଧନଗୁଡ଼ିକ ଯେପରିକି ସହସଂଯୋଜକ (covalent) ବା ଆୟୋନିକ ବନ୍ଧନ ହେଉଛି ଏକ ଅଟ୍ଟାଳିକାର ଇସ୍ପାତ ବିମ୍ ଏବଂ କଂକ୍ରିଟ ଭିତ୍ତିଭୂମି ସଦୃଶ। ସେଗୁଡ଼ିକ ଏକ ଅଣୁର ମୌଳିକ ସଂରଚନା ଗଢ଼ିବା ପାଇଁ ପରମାଣୁଗୁଡ଼ିକୁ ଏକାଠି ଧରି ରଖନ୍ତି। ତେବେ, ହାଇଡ୍ରୋଜେନ ବନ୍ଧନଗୁଡ଼ିକ ଭେଲକ୍ରୋ (Velcro), ଚୁମ୍ବକ, କିମ୍ବା ଉନ୍ନତ କବ୍ଜା (hinges) ଭଳି କାମ କରନ୍ତି, ଯାହା ବିଭିନ୍ନ ଅଣୁକୁ ସ୍ଥାୟୀ ଭାବେ ନ ମିଶି ପାରସ୍ପରିକ ଲାଗି ରହିବା ଏବଂ ସୂଚନା ଆଦାନପ୍ରଦାନ କରିବାକୁ ସୁଯୋଗ ଦିଏ।''






କଥା ୧୯୧୯ ମସିହାର। ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲେରେ ଗ୍ରାଜୁଏଶନ ସମୟ ପାଖେଇ ଆସୁଥିଲା ଏବଂ ମୋରିସ ହଗିନ୍ସ ନାମକ ଜଣେ ଛାତ୍ର ବହୁତ ଚିନ୍ତାରେ ଥିଲେ। ତାଙ୍କୁ ପ୍ରଫେସର ୱିଲିୟମ ବ୍ରେ'ଙ୍କ ପାଖରେ ଏକ ଟର୍ମ ପେପର୍ ଦାଖଲ କରିବାର ଥିଲା, କିନ୍ତୁ ତାଙ୍କ ପାଖରେ କିଛି ବି ଲେଖା ନଥିଲା। ଶେଷ ମୁହୂର୍ତ୍ତରେ ହଗିନ୍ସ କେତେକ ଅସମାହିତ ରସାୟନ ବିଜ୍ଞାନ ସମସ୍ୟାର ସମାଧାନ ଉପରେ କିଛି 'ଅପରିପକ୍ୱ ନୋଟ୍ସ' ଦାଖଲ କରିଥିଲେ। ସେହି ନୋଟ୍ସ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଚିନ୍ତାଧାରା ଥିଲା: ଗୋଟିଏ ହାଇଡ୍ରୋଜେନ ପରମାଣୁ ବୋଧହୁଏ ଏକାସାଙ୍ଗରେ ଦୁଇଟି ଅନ୍ୟ ପରମାଣୁ ସହିତ ବନ୍ଧନ ସୃଷ୍ଟି କରିପାରେ। ସେ ସମୟରେ ଏହା ବିଜ୍ଞାନ ବିରୋଧୀ ମନେହେଉଥିଲା। ରସାୟନ ବିଜ୍ଞାନର ନିୟମ ଅନୁସାରେ ହାଇଡ୍ରୋଜେନ କେବଳ ଗୋଟିଏ ଇଲେକ୍ଟ୍ରନ ବାଣ୍ଟିପାରେ, ତେଣୁ ସେ କେବଳ ଗୋଟିଏ ବନ୍ଧନ ଗଢ଼ିପାରିବ। ଏହାକୁ ବ୍ରିଟିଶ ରସାୟନବିତ୍ ହେନେରୀ ଆର୍ମଷ୍ଟ୍ରଙ୍ଗ ବ୍ୟଙ୍ଗ କରି 'ଆଟମିକ ବାଇଗାମିଷ୍ଟ' (ପାରମାଣବିକ ବହୁପତ୍ନିକ) ବୋଲି କହିଥିଲେ। ଆଜି ଆମେ ଏହି ଚିନ୍ତାଧାରାକୁ 'ହାଇଡ୍ରୋଜେନ ବଣ୍ଡ' ଭାବରେ ଜାଣୁ। ଏହା କେବଳ ଏକ ପାଠ୍ୟପୁସ୍ତକର ବିଷୟ ନୁହେଁ, ବରଂ ଏହା ହେଉଛି ସେହି ଅଦୃଶ୍ୟ ଅଠା, ଯାହା ଆମର ଭୌତିକ ଜଗତକୁ ଯୋଡ଼ି ରଖିଛି। ଏହା ବିନା ସମୁଦ୍ର ଶୁଖି ବାଷ୍ପ ହୋଇଯା'ନ୍ତା, ଆମ କୋଷଗୁଡ଼ିକ ନଷ୍ଟ ହୋଇଯା'ନ୍ତା ଏବଂ ଜୀବନର ଅସ୍ତିତ୍ୱ ହିଁ ରହନ୍ତା ନାହିଁ।

**ଜୀବନର ଅଠା :** ଆମେ ଏକ 'ଦୁର୍ବଳ' ବନ୍ଧନ ବିଷୟରେ କାହିଁକି ଚିନ୍ତା କରିବା ? ରସାୟନ ବିଜ୍ଞାନରେ 'ଶକ୍ତ' ବନ୍ଧନଗୁଡ଼ିକ ଯେପରିକି ସହସଂଯୋଜକ ବା ଆୟୋନିକ ବନ୍ଧନ ହେଉଛି ଏକ ଅଟ୍ଟାଳିକାର ଇସ୍ପାତ ବିମ୍ ଏବଂ କଂକ୍ରିଟ ଭିତ୍ତିଭୂମି ସଦୃଶ। ସେଗୁଡ଼ିକ ଏକ ଅଣୁର ମୌଳିକ ସଂରଚନା ଗଢ଼ିବା ପାଇଁ ପରମାଣୁଗୁଡ଼ିକୁ ଏକାଠି ଧରି ରଖନ୍ତି। ତେବେ ହାଇଡ୍ରୋଜେନ ବନ୍ଧନଗୁଡ଼ିକ ଭେଲକ୍ରୋ, ଚୁମ୍ବକ, କିମ୍ବା ଉନ୍ନତ କବ୍ଜା ଭଳି କାମ କରନ୍ତି, ଯାହା ବିଭିନ୍ନ ଅଣୁକୁ ସ୍ଥାୟୀ ଭାବେ ନ ମିଶି ପାରସ୍ପରିକ ଲାଗି ରହିବା ଏବଂ ସୂଚନା ଆଦାନପ୍ରଦାନ କରିବାକୁ ସୁଯୋଗ ଦିଏ। ଯଦିଓ ଗୋଟିଏ ହାଇଡ୍ରୋଜେନ ବନ୍ଧନ, ସହସଂଯୋଜକ ବନ୍ଧନ ତୁଳନାରେ ବହୁତ ଦୁର୍ବଳ ଏବଂ ପାଖାପାଖି ୫% ରୁ ୧୦% ଶକ୍ତିଶାଳୀ, କିନ୍ତୁ ଏହାର ପ୍ରକୃତ ଶକ୍ତି ଏହାର ସଂଖ୍ୟାରେ ନିହିତ। ଏହା ସବୁଠାରୁ ପ୍ରସିଦ୍ଧ ଭାବେ ଆମର ଡିଏନ୍ଏ (DNA)ରେ ଦେଖାଯାଏ। ଆମ ଜେନେଟିକ କୋଡ୍ ବହନ କରୁଥିବା ଡବଲ ହେଲିକ୍ସ ସଂରଚନା କୌଣସି ସ୍ଥାୟୀ ରାସାୟନିକ 'ୱେଲ୍ଡିଂ' ଦ୍ୱାରା ବନ୍ଧା ହୋଇନାହିଁ। ଏହାର ପରିବର୍ତ୍ତେ, ଏହା ବେସ୍ ଯୋଡ଼ିଗୁଡ଼ିକ ମଧ୍ୟରେ ଥିବା ଲକ୍ଷ ଲକ୍ଷ କ୍ଷୁଦ୍ର ହାଇଡ୍ରୋଜେନ-ବନ୍ଧନ ରୂପୀ ସିଡ଼ିର ପାହାଚଗୁଡ଼ିକର ସାମୂହିକ ଶକ୍ତି ଉପରେ ନିର୍ଭର କରେ। ଏହି ସୂକ୍ଷ୍ମ ସନ୍ତୁଳନ ହିଁ ଜୀବନର ରହସ୍ୟ। ଏହି ବନ୍ଧନଗୁଡ଼ିକ ଆମ ଜେନେଟିକ ନକ୍ସାକୁ କୋଷଗୁଡ଼ିକର ଅସ୍ଥିର ତାପଜ ଶକ୍ତି ବିରୁଦ୍ଧରେ ସ୍ଥିର ରଖିବା ପାଇଁ ଯଥେଷ୍ଟ ଶକ୍ତ, ତଥାପି ସେଗୁଡ଼ିକ ଏତେ 'ଜିପର୍ ଭଳି' ଯେ ଯେତେବେଳେ ଗୋଟିଏ କୋଷକୁ ନିଜର ପ୍ରତିଲିପି ସୃଷ୍ଟି କରିବା ବା ମରାମତି କରିବା ଆବଶ୍ୟକ ହୁଏ, ସେତେବେଳେ ସର୍ବନିମ୍ନ ଉଦ୍ୟମରେ ସେଗୁଡ଼ିକୁ ଅଲଗା କରାଯାଇପାରେ। ଯଦି ଡିଏନ୍ଏ ଶକ୍ତ ସହସଂଯୋଜକ ବନ୍ଧନ ଦ୍ୱାରା ବନ୍ଧା ହୋଇଥାନ୍ତା, ତେବେ କେବଳ ଗୋଟିଏ ଜିନ ପଢ଼ିବା ପାଇଁ ଆପଣଙ୍କ ଶରୀରକୁ ପ୍ରଚୁର ଶକ୍ତି ହୁଏତ କୋଷକୁ ଜାଳିଦେବା ପାଇଁ ଯଥେଷ୍ଟ ଶକ୍ତି ଆବଶ୍ୟକ ହୋଇଥାନ୍ତା। ହାଇଡ୍ରୋଜେନ ବନ୍ଧନ ଜୀବନକୁ ସ୍ଥିର ବଦଳରେ ଗତିଶୀଳ ରହିବାର ସୁଯୋଗ ଦିଏ।

**ଜଳର ଯାଦୁ:** ହାଇଡ୍ରୋଜେନ ବନ୍ଧନର ସବୁଠାରୁ ସାଧାରଣ ଚମତ୍କାର ହେଉଛି ଏକ ଗ୍ଲାସ ପାଣି। ପର୍ଯ୍ୟାୟ ସାରଣୀର ସମସ୍ତ ନିୟମ ଅନୁସାରେ, ଜଳ ($H_2O$) ସାଧାରଣ ତାପମାତ୍ରାରେ ଏକ ଗ୍ୟାସ ହେବା କଥା, ଯେପରିକି ଏହାର ଆଣବିକ ପଡ଼ୋଶୀ ହାଇଡ୍ରୋଜେନ ସଲ୍ଫାଇଡ ($H_2S$)। କିନ୍ତୁ, ଅମ୍ଳଜାନ (Oxygen) ଅତ୍ୟଧିକ 'ଇଲେକ୍ଟ୍ରନ-ଲୋଭୀ' (electronegative) ହୋଇଥିବାରୁ, ଏହା ହାଇଡ୍ରୋଜେନ ଅଂଶୀଦାରମାନଙ୍କଠାରୁ ସେୟାର୍ ହୋଇଥିବା ଇଲେକ୍ଟ୍ରନ୍ସଗୁଡ଼ିକୁ ନିଜ ଆଡ଼କୁ ଟାଣିନିଏ। ଏହା ହାଇଡ୍ରୋଜେନ ପରମାଣୁଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ଆଂଶିକ ପଜିଟିଭ ଚାର୍ଜ ଛାଡ଼ିଦିଏ ଏକ 'ହଟ୍ ସ୍ପଟ୍' ଯାହା ଏକ ନେଗେଟିଭ ସାଥୀ ଖୋଜୁଥାଏ। ପ୍ରତ୍ୟେକ ଜଳ ଅଣୁ ଏହାର ପଡ଼ୋଶୀମାନଙ୍କ ପାଖକୁ ପହଞ୍ଚି ହାଇଡ୍ରୋଜେନ ବନ୍ଧନର ଏକ ବିସ୍ତୃତ, ଚମକପ୍ରଦ ଏବଂ କ୍ରମାଗତ ଭାବରେ ପରିବର୍ତ୍ତନଶୀଳ ନେଟୱର୍କ ସୃଷ୍ଟି କରେ। ଏହି ଆଣବିକ ଅଠାଳିଆପଣ ଅନେକ ଜୀବନଧାରଣକାରୀ ଘଟଣାକୁ ନେଇଯାଏ ଯାହାକୁ ଆମେ ସାଧାରଣ ବୋଲି ଧରିନେଉ। ନିମ୍ନରେ ଆହୁରି କିଛି ଉଦାହରଣ ଦିଆଯାଇଛି ଯେଉଁଠାରେ ହାଇଡ୍ରୋଜେନ ବଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ବନ୍ଧନ ଜଳ ପୋକ ପରି କୀଟମାନଙ୍କୁ ବୁଡ଼ି ନ ଯାଇ ହ୍ରଦର ପୃଷ୍ଠରେ ଚାଲିବାକୁ ଅନୁମତି ଦିଏ। ଉଦ୍ଭିଦ ଜଗତରେ ଏହା ବିଶାଳ ସେକୋୟା (giant sequoias) ଗଛଗୁଡ଼ିକୁ ସେମାନଙ୍କର ମୂଳରୁ ସବୁଠାରୁ ଉଚ୍ଚ ପତ୍ର ପର୍ଯ୍ୟନ୍ତ, ଶହ ଶହ ଫୁଟ୍ ଉଚ୍ଚରେ, ମାଧ୍ୟାକର୍ଷଣ ଶକ୍ତିର ନିରନ୍ତର ଟାଣ ବିରୁଦ୍ଧରେ ପାଣି ଟାଣିବାକୁ ସକ୍ଷମ କରେ।

ତରଳ ଜଳକୁ ବାଷ୍ପରେ ପରିଣତ କରିବା ପାଇଁ ଏହି 'ଅଠାଳିଆ' ବନ୍ଧନଗୁଡ଼ିକୁ ଭାଙ୍ଗିବାରେ ପ୍ରଚୁର ଶକ୍ତି ଆବଶ୍ୟକ ହୁଏ। ଏହି 'ଉତ୍ତାପ କ୍ଷମତା' ଆମ ସମୁଦ୍ରକୁ ବିନା ପ୍ରଚୁର ସୌର ଉତ୍ତାପ ଗ୍ରହଣ କରିବାକୁ ଅନୁମତି ଦିଏ, ଯାହା ପ୍ରଭାବଶାଳୀ ଭାବରେ ପୃଥିବୀର ଜଳବାୟୁକୁ ନିୟନ୍ତ୍ରଣ କରେ। ସାଧାରଣତଃ, କଠିନ ପଦାର୍ଥ ସେମାନଙ୍କର ତରଳ ରୂପ ଅପେକ୍ଷା ଅଧିକ ଘନତ୍ୱବିଶିଷ୍ଟ ହୁଅନ୍ତି ଏବଂ ବୁଡ଼ିଯାଆନ୍ତି। କିନ୍ତୁ ହାଇଡ୍ରୋଜେନ ବନ୍ଧନଗୁଡ଼ିକ ଜ୍ୟାମିତି ବିଷୟରେ ବହୁତ ସତର୍କ। ଯେତେବେଳେ ଜଳ ଜମାଟ ବାନ୍ଧେ, ଏହି ବନ୍ଧନଗୁଡ଼ିକ ଅଣୁଗୁଡ଼ିକୁ ଏକ ପ୍ରଶସ୍ତ, ଷଡ଼ଭୁଜୀୟ ଲାଟିସରେ ବାଧ୍ୟ କରନ୍ତି। ଏହା ବରଫକୁ ତରଳ ଜଳ ଅପେକ୍ଷା କମ୍ ଘନତ୍ୱବିଶିଷ୍ଟ କରେ। ଫଳ ସ୍ୱରୂପ, ବରଫ ଭାସିଥାଏ, ଯାହା ହ୍ରଦ ଏବଂ ସମୁଦ୍ର ଉପରେ ଏକ ଇନସୁଲେଟିଂ ସ୍ତର ସୃଷ୍ଟି କରେ ଯାହା ମାଛ ଏବଂ ଜଳଜୀବମାନଙ୍କୁ ନିମ୍ନରେ ଥିବା ତରଳ ଜଳରେ ଶୀତଦିନରେ ବଞ୍ଚିରହିବାକୁ ଅନୁମତି ଦିଏ। (କ୍ରମଶଃ...)

-ରସାୟନ ବିଜ୍ଞାନ ବିଭାଗ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (NISER), ଭୁବନେଶ୍ୱର
ମୋ : ୯୧୭୮୩୧୧୧୧୮

## ରକ୍ତଦାତାଙ୍କ ପାଇଁ...



ରକ୍ତଦାନ କରିବା ସମୟରେ ସଂପୃକ୍ତ ବ୍ୟକ୍ତି କେତୋଟି ଦିଗ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ନିହାତି ଦରକାର। ଏକଥା ପ୍ରାୟ ଅନେକ ଜାଣନ୍ତି ଯେ ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ଏବେ ଅନେକ ଲୋକ ରକ୍ତଦାନକୁ ଜୀବନର ଅନ୍ୟତମ ଅଙ୍ଗଭାବରେ ଗ୍ରହଣ କରିନେଇଛନ୍ତି। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନା ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ। ଏହି ସମୟରେ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ, ତେବେ ରକ୍ତଦାନ କରିବା କେତେ ଠିକ୍ ତାହା ରକ୍ତରୋଗ ବିଶେଷଜ୍ଞଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ।

## ମାନସିକ ରୋଗ: କିଛି କଥା



ମାନସିକ ରୋଗ ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର। ହେଲେ କେତେକେ ଏହାର ଲକ୍ଷଣ ବିଷୟରେ ଜାଣିପାରନ୍ତି ନାହିଁ। ଏହାଦ୍ୱାରା ମାନସିକ ରୋଗର ଠିକ୍ ଭାବରେ ଉପଚାର ହୋଇ ପାରି ନ ଥାଏ। ଯଦି ଠିକ୍ ସମୟରେ ଚିକିତ୍ସା ଆରମ୍ଭ ନ କରନ୍ତି, ତେବେ ହୁଏତ ବେଶିଦିନ ଔଷଧ ସେବନ କରିବାକୁ ପଡ଼ିପାରେ। ଏହାବ୍ୟତୀତ ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ। ଏଗୁଡ଼ିକ ସାଧାରଣତଃ ରୋଗର ଅବସ୍ଥା ଉପରେ ନିର୍ଭର କରିଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ନିୟମିତ ସମୟ ବ୍ୟବଧାନରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ, ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ଜାଣି ରଖନ୍ତୁ...

ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ୍ ସେ ବିଷୟରେ ତର୍ଜମା କରନ୍ତୁ। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଜମାରୁ ଭୁଲନ୍ତୁ ନାହିଁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବା ଦରକାର। ବେଳେବେଳେ କେତେକେ ମେଡିସିନ୍ ଷ୍ଟୋର୍‌ରୁ ରୋଗ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ ପସନ୍ଦ କରନ୍ତି। ଏଭଳି ଅଭ୍ୟାସ ବଦଳାନ୍ତୁ। ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜେ ତେବେ ମେଡିସିନ୍ ଏକ୍ସପର୍ଟ ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ ନ କରି ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ।

## କୁକୁର କାମୁଡ଼ିଥିଲେ...



ଯଦି କୌଣସି ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଛି ତେବେ ତାଙ୍କୁ ଡାକ୍ତରଖାନାକୁ ନେବା ପୂର୍ବରୁ କ୍ଷତ ସ୍ଥାନକୁ ତୁରନ୍ତ ସାବୁନ୍ ଲଗାଇ ବାରମ୍ବାର ଧୋଇ ଦିଅନ୍ତୁ। ହାତ କି ଗୋଡ଼କୁ କାମୁଡ଼ିଥିଲେ ସେହି ସ୍ଥାନକୁ ନଳ ତଳେ ଦେଖାଇ ଭଲ ଭାବରେ ଧୋଇଦିଅନ୍ତୁ। ସାବୁନ ଘଷି ଧୋଇବା ବେଶି ହିତକର। ତା'ପରେ ସ୍ପିରିଟ୍, ଟିଙ୍କଚର୍ ଆୟୋଡିନ୍ କି ପ୍ରୋଭିଡନ୍ ଆୟୋଡିନ୍ ଲୋସନ୍ ସେଠାରେ ଲଗାନ୍ତୁ। ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭ୍ସ, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଯାହା ଶରୀରରେ କୌଣସି କ୍ଷତ ଥିବ, ସେ ରୋଗୀ ସଂସ୍ପର୍ଶରେ ଆସିବା ଆଦୌ ନିରାପଦ ନୁହେଁ।

## ହୃଦ୍‌ରୋଗ ଓ ଖାଦ୍ୟ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ତେବେ କେତେକ ଖାଦ୍ୟ ପ୍ରତି ସତର୍କ ରହିଲେ ଏଭଳି ସମସ୍ୟାଠାରୁ ଆପଣ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ହୃଦ୍‌ରୋଗ ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଅନ୍ୟପକ୍ଷରେ ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲର ପରିମାଣ ଅଧିକ ହୋଇଥିବାରୁ ଏହା ହାର୍ଟ ପାଇଁ ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟଫୁଡ଼, ଜଙ୍କ୍‌ଫୁଡ଼ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳମୂଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ, ସୋୟାବିନ୍ ତେଲ, ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ଭଲ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ମଧ୍ୟ ଉପାଦେୟ। ସବୁଦିନେ ଚୁନାମାଛ ଖାଇପାରିଲେ ତାହା ମଧ୍ୟ ହାର୍ଟ ପାଇଁ ବେଶ୍ ଉପକାରୀ।

## ସ୍ୱାସ୍ଥ୍ୟ ସୂଚନା

- ଜିମ୍ ଯିବା ପୂର୍ବରୁ ସେ ବିଷୟରେ ଜିମ୍ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।
- ଏବେ ଖରାଦିନ। ଅଧିକ ତେଲମସଲା ଏବଂ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।
- ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗ ସାମିଲ କରନ୍ତୁ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଭରି ରହିଛି।
- ଘରେ କୌଣସି ଔଷଧ ରଖୁଥିଲେ ଏପରି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ସାଙ୍ଗେ ସାଙ୍ଗେ ପାଇପାରିବେ।
- ନିଜକୁ ମାନସିକ ଭାବେ ସବୁବେଳେ ସୁସ୍ଥ ରହିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟମ ସାମିଲ କରନ୍ତୁ।
- ସକାଳୁ ଯଦି ମର୍ନିଂ ୱାକ୍ କରୁଛନ୍ତି ତେବେ କିଛି ସମୟ ଖାଲି ପାଦରେ ଚାଲନ୍ତୁ।
- ଯଦି ଆପଣ ନିଜ ଖାଦ୍ୟପେୟ ଏବଂ ନିଦ୍ରା ପ୍ରତି ସଚେତନ ରହିଲେ ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।
- କୌଣସି ରୋଗରେ ପୀଡ଼ିତ ଥିଲେ ସେ ବିଷୟରେ ଅଧିକ ଚିନ୍ତା ନ କରି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।



# ଆବେଲ ପୁରସ୍କାର-୨୦୨୬



ଇଂ. ମାୟାଧର ସ୍ୱାଇଁ

ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ଏକ ଉଲ୍ଲେଖନୀୟ ସମ୍ମାନ। ଏହାକୁ ନୋବେଲ ପୁରସ୍କାର ସହ ସମାନ ମନେ କରାଯାଇଥାଏ। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲ୍‌ସ ହେନରିକ ଆବେଲଙ୍କ ଦୁଇଶତ ବର୍ଷ ଜନ୍ମ ଜୟନ୍ତୀ ଅବସରରେ ନରୱେ ସରକାର ୨୦୦୨ ମସିହାରେ ଏହାକୁ ପ୍ରଚଳନ କରିଛନ୍ତି। ସ୍ୱଳ୍ପ ଜୀବନକାଳ (୨୭ ବର୍ଷ) ମଧ୍ୟରେ ଆବେଲ ଗଣିତରେ କାଳଜୟୀ କାର୍ଯ୍ୟ କରିଯାଇଥିଲେ। ସାଧାରଣ ପଞ୍ଚଘାତୀ ସମୀକରଣର ସମାଧାନ ସମ୍ଭବ ନୁହେଁ ବୋଲି ସେ ପ୍ରମାଣ କରିଦେଇଥିଲେ। ଇଲିପଟିକ୍ ଫଳନ ଏବଂ ଆବେଲୀୟ ଫଳନରେ ତାଙ୍କର ଶ୍ରେଷ୍ଠ ଅବଦାନ ରହିଛି।

ଆବେଲ ପୁରସ୍କାର ପ୍ରତିବର୍ଷ ସର୍ବାଧିକ ତିନିଜଣ ଗଣିତଜ୍ଞଙ୍କୁ ପ୍ରଦାନ କରାଯାଇଥାଏ। ଗଣିତର ନିର୍ଦ୍ଦିଷ୍ଟ କ୍ଷେତ୍ର, ଗଣିତଜ୍ଞମାନଙ୍କର ଭୌଗୋଳିକ ଅଞ୍ଚଳ କିମ୍ବା ବୟସ୍କ ନିର୍ବିଶେଷରେ ଏହା ଦିଆଯାଇଥାଏ। ପୁରସ୍କାରରେ ୭.୫ ନିୟୁତ ନରୱେ କ୍ରୋନ୍‌ର (୭,୮୦,୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଏ। ଏପର୍ଯ୍ୟନ୍ତ ୨୯ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି।

ଚଳିତ ବର୍ଷ ପାଇଁ ଜର୍ମାନୀର ଗଣିତଜ୍ଞ ଜର୍ଡ ଫାଲ୍‌ଟିଂସଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ଗତ ମାସ ୧୯ ତାରିଖରେ ନରୱେ ବିଜ୍ଞାନ ଓ ସାହିତ୍ୟ ଏକାଡେମୀ ଘୋଷଣା କରିଛି। ସେ ମୋର୍ଡେଲଙ୍କ ଅନୁମାନକୁ ପ୍ରମାଣ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସଂଖ୍ୟାତତ୍ତ୍ୱ ସହ ଜ୍ୟାମିତିକୁ ମିଶାଇ ସେ ଏହି ସଫଳତା ପାଇଥିଲେ।

ମୋର୍ଡେଲ ଅନୁମାନ ଡାଇଓଫାଣ୍ଟୀୟ ସମୀକରଣ ଉପରେ ପର୍ଯ୍ୟବସିତ। ତୃତୀୟ ଶତାବ୍ଦୀର ଗ୍ରୀକ୍ ଗଣିତଜ୍ଞ ଡାଇଓଫାଣ୍ଟିନ୍ ଅଜଣା ସଂଖ୍ୟାଗୁଡ଼ିକର ସମଷ୍ଟି ଓ ଘାତକୁ ନେଇ କେତେଗୁଡ଼ିଏ ସମୀକରଣ ପ୍ରକାଶ କରିଥିଲେ, ଯାହାର ସମାଧାନ ପରିମେୟ ସଂଖ୍ୟା ହେବ। ଯେଉଁ ସଂଖ୍ୟାକୁ ଦୁଇଟି ପୂର୍ଣ୍ଣସଂଖ୍ୟାର ଅନୁପାତ ଭାବରେ ପ୍ରକାଶ କରିହୁଏ, ତାକୁ ପରିମେୟ ସଂଖ୍ୟା କୁହାଯାଏ। ସମସ୍ତ ପୂର୍ଣ୍ଣସଂଖ୍ୟା ଓ ଭଗ୍ନାଂଶ ହେଉଛି ଏହାର ଅନ୍ତର୍ଗତ। ଅଧିକ ଜଣାଶୁଣା ପିଥାଗୋରସ ଉପପାଦ୍ୟ ହେଉଛି ଗୋଟିଏ ଡାଇଓଫାଣ୍ଟୀୟ ସମୀକରଣ, ଯାହାର କେତେଗୁଡ଼ିଏ ପୂର୍ଣ୍ଣସଂଖ୍ୟାଭିତ୍ତିକ ସମାଧାନ ଅଛି। ଅନ୍ୟ ଗୋଟିଏ ପ୍ରସିଦ୍ଧ ଡାଇଓଫାଣ୍ଟୀୟ ସମୀକରଣକୁ ନେଇ ଫର୍ମାଙ୍କ ଶେଷ ଉପପାଦ୍ୟ ଅଛି।

ଯୁକ୍ତରାଷ୍ଟ୍ର ଆମେରିକାର ଗଣିତଜ୍ଞ ଲୁଇସ ମୋର୍ଡେଲ ୧୯୨୨ ମସିହାରେ ପ୍ରକାଶ କଲେ ଯେ କେତେକ ନିର୍ଦ୍ଦିଷ୍ଟ ଡାଇଓଫାଣ୍ଟୀୟ ସମୀକରଣ ପାଇଁ ପରିମେୟ ସମାଧାନ ହେଉଛି ସୀମିତ। କିନ୍ତୁ ସେ ଏହାର ଗାଣିତିକ ପ୍ରମାଣ ଦେଇ ପାରି ନ ଥିଲେ। ଏହାର ପ୍ରାୟ ୬୦ ବର୍ଷ ପରେ ଫାଲ୍‌ଟିଂସ ୧୯୮୩ ମସିହାରେ ଏହି ଅନୁମାନକୁ ପ୍ରମାଣ କଲେ ଏବଂ ଏହାପରେ ଏହା 'ଫାଲ୍‌ଟିଂସ ପ୍ରମେୟ' ଭାବରେ ଜଣାଗଲା। ଏହି କୃତି ପାଇଁ ତାଙ୍କୁ ୧୯୮୬ ମସିହାରେ ଫିଲ୍‌ଡସ ପଦକ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗଣିତରେ ଉଲ୍ଲେଖନୀୟ କୃତି ପାଇଁ ୪୦ ବର୍ଷରୁ କମ୍ ବୟସ୍କ ଯୁବ ଗଣିତଜ୍ଞଙ୍କୁ ପ୍ରତି ଚାରି ବର୍ଷରେ ଏହି ପୁରସ୍କାର ଦିଆଯାଇଥାଏ। ଫାଲ୍‌ଟିଂସଙ୍କୁ ଚଳିତବର୍ଷ ମେ' ୨୬ରେ ନରୱେର ଓସ୍‌ଲୋଠାରେ ଆବେଲ ପୁରସ୍କାର ପ୍ରଦାନ କରାଯିବ।

ଜର୍ଡ଼ ଫାଲ୍‌ଟିଂସ ଜର୍ମାନୀର ଜେଲସେନ୍‌କିଂଚେନଠାରେ ୧୯୫୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସ୍କୁଲରେ ପଢ଼ୁଥିବା ସମୟରେ ସେ ଜାତୀୟ ଗଣିତ ପ୍ରତିଯୋଗିତାରେ ଦୁଇଥର ବିଜୟୀ ହୋଇଥିଲେ। ସେ ମୁନଷ୍ଟେର ବିଶ୍ୱବିଦ୍ୟାଳୟରେ ଗଣିତ ଓ ପଦାର୍ଥ ବିଜ୍ଞାନ ଅଧ୍ୟୟନ କରି ୧୯୭୮ ମସିହାରେ ଗଣିତରେ ପିଏଚ୍‌ଡି ଡିଗ୍ରୀ ଲାଭ କରିଛନ୍ତି। ସେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପରିଦର୍ଶନ ଛାତ୍ର ଭାବେ ଅଧ୍ୟୟନ କରିଥିଲେ। ସେ ୧୯୭୯ ମସିହାରେ ମୁନେଷ୍ଟର ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ ଯୋଗ ଦେଇ ୨୧ ବର୍ଷ ବୟସରେ ଉପରତାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବରେ ନିଯୁକ୍ତି ପାଇଲେ। ସେ ୧୯୮୫ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍‌ସଟନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗ ଦେଲେ ଏବଂ ୧୯୯୪ ମସିହାରେ ସେଠାରୁ ଫେରି ବନ୍‌ସ୍ଥିତ ମାକ୍ସ ପ୍ଲାଙ୍କ ଗଣିତ ପ୍ରତିଷ୍ଠାନରେ ଗବେଷଣା ଓ ଅଧ୍ୟାପନା କରୁଛନ୍ତି। ସେ ୨୦୨୩ ମସିହାରୁ ସେଠାରେ ନିର୍ଦ୍ଦେଶକ ଏମିରେଟ୍‌ସ ଭାବରେ କାର୍ଯ୍ୟରତ ଅଛନ୍ତି। ସେ ୧୯୮୪ରେ ଆଞ୍ଜେଲିନା ସିମେଲ୍‌ଙ୍କୁ ବିବାହ କରିଥିଲେ ଏବଂ ୨୦୧୧ ମସିହାରେ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ତାଙ୍କର ଦୁଇ ଜଣ କନ୍ୟା ସନ୍ତାନ ଅଛନ୍ତି।




ଜର୍ଡ ଫାଲ୍‌ଟିଂସ

ଗଣିତରେ କୃତି ପାଇଁ ଫାଲ୍‌ଟିଂସଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ରହିଛି- ଡାନି ହେଇନମାନ ପୁରସ୍କାର (୧୯୮୩), ଫିଲ୍‌ଡସ ପଦକ (୧୯୮୬), ଗୁଗେନହେମ୍ ଫେଲୋସିପ (୧୯୮୮-୮୯), ଭନ୍ ଷ୍ଟାଉଟ ପୁରସ୍କାର (୨୦୦୮), ହିଞ୍ଜ ଗୁମିନ ପୁରସ୍କାର (୨୦୧୦), ସାଓ ପୁରସ୍କାର (୨୦୧୫) ଏବଂ ଆବେଲ ପୁରସ୍କାର (୨୦୨୬)।

-୭୦ଲକ୍ଷ୍ମୀ ବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୬/୨୦୨୬ Bhubaneswar, Monday, April 6/ 2026







# ଶାମି, ପନ୍ତଙ୍କ ଦମ୍‌ରେ ଲକ୍ଷ୍ନୌ ବିଜୟୀ



ପ୍ଲେୟର ଅଫ୍ ଦି ମ୍ୟାଚ ମହମ୍ମଦ ଶାମି।

**ହାଇଦ୍ରାବାଦ, ୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୫ ଉଇକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ହାଇଦ୍ରାବାଦ ୨୦ ଓଭରରେ ୯ ଉଇକେଟ ହରାଇ ୧୫୬ ରନ କରିଥିବାବେଳେ ଲକ୍ଷ୍ନୌ ୧୯.୫ ଓଭରରେ ୫ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ନେଇଥିଲା। ୪-୦-୯-୨ ସ୍ପେଲ୍‌ପାଇଁ ଲକ୍ଷ୍ନୌର ମହମ୍ମଦ ଶାମି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨ ମ୍ୟାଚରୁ ଲକ୍ଷ୍ନୌର ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ୩ ମ୍ୟାଚରୁ ଏହାଥିଲା ହାଇଦ୍ରାବାଦର ଦ୍ୱିତୀୟ ପରାଜୟ।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**କୋଲକାତା ବନାମ ପଞ୍ଜାବ**
**ସ୍ଥାନ: କୋଲକାତା**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଶତକୀୟ ଭାଗୀଦାରି

ଲକ୍ଷ୍ନୌ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ମାତ୍ର ୨୬ ରନ ମଧ୍ୟରେ ଟପ୍ ଅର୍ଡରର ୪ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ପ୍ରଥମ ୧୦ ଓଭରରେ ଦଳ ମାତ୍ର ୩୫ ରନ କରିବାକୁ ସକ୍ଷମ ହୋଇଥିଲା। ତେବେ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ବିସ୍ଫୋରକ ବ୍ୟାଟିଂ କରି ୫ମ ଉଇକେଟରେ ୬୩ ବଲ୍‌ରୁ ୧୧୬ ରନର ଭାଗୀଦାରି ଗଢ଼ିବାରୁ ହାଇଦ୍ରାବାଦ ଏକ ସମ୍ମାନଜନକ ସ୍କୋର କରି ପାରିଥିଲା। କ୍ଲାସେନ ସର୍ବାଧିକ ୬୨ ଓ ନୀତୀଶ ୫୬ ରନ ସ୍କୋର କରିଥିଲେ। ଏଲ୍ଏସ୍‌ଜିର ମହମ୍ମଦ ଶାମି ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୯ ରନ ଦେଇ ୨ଟି ଉଇକେଟ ନେଇଥିଲେ।

## ପନ୍ତଙ୍କ ମ୍ୟାଚ ବିଜୟୀ ଇନିଂସ

୧୫୭ ରନ ବିଜୟ ଲକ୍ଷ୍ୟରେ ଲକ୍ଷ୍ନୌ ଭଲ ଆରମ୍ଭ କରିଥିଲେ ହେଁ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ମ୍ୟାଚ ଶେଷ ଓଭର ପର୍ଯ୍ୟନ୍ତ ଯାଇଥିଲା। ତେବେ ରିଷଭ ପନ୍ତ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୬୦ (୫୦ ବଲ, ୯ ଚୌକା) ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଏଡେନ ମାରକ୍ରମ ୪୫ ରନ କରିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଅଧିକ ସମୟ ତିଷ୍ଠିପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୬/୯ (ହେନରିଚ୍ କ୍ଲାସେନ-୬୨, ନୀତୀଶ କୁମାର ରେଡ୍ଡୀ-୫୬, ମହମ୍ମଦ ଶାମି-୨/୯, ପ୍ରିନ୍ସ ଯାଦବ-୨/୩୪, ଆଭେସ ଖାଁ-୨/୩୬, ମନିମାରାନ ସିଦ୍ଧାର୍ଥ-୧/୨୯, ଦିଗଭେଶ ରାଠି-୧/୪୬)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୫ ଓଭରରେ ୧୬୦/୫ (ରିଷଭ ପନ୍ତ-୬୮*, ଏଡେନ ମାରକ୍ରମ-୪୫, ହର୍ଷ ଦୁବେ-୨/୧୮, ଇଶାନ ମାଲିଙ୍ଗା-୧/୩୦, ଶିବାଙ୍ଗ କୁମାର-୧/୩୦)।

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଆରସିବି

**ବେଙ୍ଗାଲୁରୁ, ୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୪୩ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଟିମ୍ ଡେଭିଡ, ଦେବଦତ୍ତ ପଡିକଲ, ଅଧିନାୟକ ରଜତ ପଟିଦାର ଓ ଫିଲିପ୍ ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଆର୍‌ସିବି ୨୦ ଓଭରରେ ୩ ଉଇକେଟ ହରାଇ ୨୫୦ ରନ କରିଥିଲା। ଯାହାକି ଚଳିତ ସିଜନରେ ସର୍ବାଧିକ ଦଳଗତ ସ୍କୋରଥିଲା। ଜବାବରେ ଚେନ୍ନାଇ ୧୯.୪ ଓଭରରେ ୨୦୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କ୍ରମାଗତ ୨ ମ୍ୟାଚ ଜିତି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି ଆରସିବି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଚେନ୍ନାଇ। ଆରସିବି ପକ୍ଷରୁ ଭଲ ଆରମ୍ଭ କରିଥିଲେ ବିରାଟ କୋହଲି ଓ ଫିଲ୍ ସଲ୍ଟ। ତେବେ ଓପନିଂ ଯୋଡ଼ିରେ ୩୭ ରନ ଯୋଗ ହେବାପରେ ବିରାଟ କୋହଲି ଆଉଟ ହେବାରୁ ଷ୍ଟାଡିୟମରେ ନୀରବତା ଛାଇ ଯାଇଥିଲା। ୧୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବିରାଟ ୨ ଚୌକା ଓ ୧ ଛକା ସହାୟତାରେ ୨୮ ରନ କରିଥିଲେ। ତେବେ ଫିଲ୍ ସଲ୍ଟ ଓ ଦେବଦତ୍ତ ପଡିକଲ ଦ୍ୱିତୀୟ ଉଇକେଟରେ ୫୬ ରନ ଯୋଡ଼ି ଇନିଂସ ସମ୍ଭାଳି ନେଇଥିଲେ। ସଲ୍ଟ ୪୬ (୩ ଚୌକା, ୨ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ମାତ୍ର ପଡିକଲଙ୍କ ସହିତ ଅଧିନାୟକ ରଜତ ପଟିଦାର ଯୋଗଦେବାରେ ରନ ହାର ଦ୍ରୁତ ହାରରେ ବଢ଼ିଥିଲା। ଦୁହେଁ ମାତ୍ର ୨୧ ବଲ୍‌ରୁ ୫୮ ରନର ଭାଗୀଦାରି ଗଢ଼ିଥିଲେ। ଇତିମଧ୍ୟରେ ପଡିକଲ ଅର୍ଦ୍ଧଶତକ ମଧ୍ୟ ପୂରଣ କରିଥିଲେ। ତେବେ ପଡିକଲ ଠିକ୍ ୫୦ (୨୯ ବଲ, ୫ ଚୌକା, ୨ ଛକା) ରନ କରିଥିବାବେଳେ ଜେମି ଓଭର୍ଟନଙ୍କ ବଲ୍‌ରେ ସ୍କୁପ ଶଟ୍ ଖେଳିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ। ପଡିକଲଙ୍କ ବିଦାୟପରେ ପଟିଦାର ଓ ଟିମ୍ ଡେଭିଡ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ଦୁହେଁ ଛକା ଓ ଚୌକା ବର୍ଷା କରି ଚେନ୍ନାଇ ବୋଲରଙ୍କୁ ଚକିତ କରିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଦୁହେଁ ମାତ୍ର ୩୬ ବଲ୍‌ରୁ ୯୯ ରନ ସଂଗ୍ରହ କରିବାରୁ ଆର୍‌ସିବି ସ୍କୋର ୨୫୦ ସ୍ପର୍ଶ କରିଥିଲା। ପଟିଦାର ୧୯ ବଲ୍‌ରୁ ୪୮ (୧ ଚୌକା, ୬ ଛକା) ଓ ଡେଭିଡ ୨୫ ବଲ୍‌ରୁ ୭୦ (୩ ଚୌକା, ୮ ଛକା) ରନରେ ଅପରାଜିତ ରହିଥିଲେ।



ଶଟ୍ ଖେଳିବା ଅବସରରେ ଟିମ୍ ଡେଭିଡ।

ବଡ଼ ସ୍କୋରର ପିଛା କରିଥିବା ଚେନ୍ନାଇ ମାତ୍ର ୩୦ ରନରେ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମିଡିଲ ଅର୍ଡରରେ ସର୍ଫରାଜ ଖାଁ (୨୫ ବଲ୍‌ରୁ ୫୦) ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ। ଶେଷଭାଗରେ ପ୍ରଶାନ୍ତ ବୀର ଓ ଜେମି ଓଭର୍ଟନ ୩୨ ବଲ୍‌ରୁ ୫୭ ରନର ପାର୍ଟନରଶିପ୍ ଗଢ଼ିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ପ୍ରଶାନ୍ତ ୨୯ ବଲ୍‌ରୁ ୪୩ ଓ ଓଭର୍ଟନ ୧୬ ବଲ୍‌ରୁ ୩୭ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର କୁମାର ୩ଟି ଉଇକେଟ ନେବା ସହ ଆଇପିଏଲ୍‌ରେ ୨୦୦ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଜ୍ୟାକବ ଡୁଫି, କ୍ରୁନାଲ ପାଣ୍ଡ୍ୟା ଓ ଅଭିନନ୍ଦନ ସିଂ ୨ଟି ଲେଖାଏ ଏବଂ ସୂୟାସ ଶର୍ମା ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୫୦/୩ (ଟିମ୍ ଡେଭିଡ-୭୦*, ଦେବଦତ୍ତ ପଡିକଲ-୫୦, ରଜତ ପଟିଦାର-୪୮*, ଫିଲିପ ସଲ୍ଟ-୪୬, ଅଂଶୁଲ କମ୍ବୋଜ-୧/୫୨, ଜେମି ଓଭର୍ଟନ-୧/୪୨, ଶିବମ୍ ଦୁବେ-୧/୩୦)। ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୨୦୭/ଅଲଆଉଟ (ସର୍ଫରାଜ ଖାଁ-୫୦, ପ୍ରଶାନ୍ତ ବୀର-୪୩, ଜେମି ଓଭର୍ଟନ-୩୭, ଭୁବନେଶ୍ୱର କୁମାର-୩/୪୧, ଜ୍ୟାକବ ଡୁଫି-୨/୫୮, କ୍ରୁନାଲ ପାଣ୍ଡ୍ୟା-୨/୩୬, ଅଭିନନ୍ଦନ ସିଂ-୨/୩୦, ସୂୟାସ ଶର୍ମା-୧/୨୧)।

# ସ୍ୱସ୍ତିକ, ଗୌରୀ ଶଙ୍କରଙ୍କୁ ବଡ଼ ଉପଲବ୍ଧି

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

ଉଜବେକିସ୍ତାନର ସମରକନ୍ଦଠାରେ ରବିବାର ଉଦ୍‌ଯାପିତ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତ ଏହାର ଅନ୍ତିମ ମ୍ୟାଚରେ କାଜାଖସ୍ତାନକୁ ୨୫-୨୦ ଗୋଲରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ସ୍ୱସ୍ତିକ ମହାପ୍ରସାଦ ପତି ଉନ୍ନତ ଖେଳ ପ୍ରଦର୍ଶନ ଏବଂ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ପ୍ରଶିକ୍ଷଣରେ ଭାରତ ଏହି ସଫଳତା ଅର୍ଜନ କରିଛି। ପ୍ରକାଶ ଯୋଗ୍ୟ ଯେ, ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ୨୦୨୪ରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏବେ ସେହି ସଫଳତା ଦୋହରାଇଥିବାରୁ ସ୍ୱସ୍ତିକ ଓ ଗୌରୀଶଙ୍କରଙ୍କୁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଅଭିନନ୍ଦନ ଜଣାଇଛନ୍ତି।

**ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲରେ ଭାରତକୁ ବ୍ରୋଞ୍ଜ**



କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ସହ ସ୍ୱସ୍ତିକ ମହାପ୍ରସାଦ ପତି।

# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସହଜ ବିଜୟ

**ପାଥୁମ୍ ଥାନି, ୫।୪ (ପି.ଟି.):** ସ୍ଥାନୀୟ ପାଥୁମ ଥାନି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଭାରତ ବିପକ୍ଷ ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟ୍‌ବଲ ମ୍ୟାଚରେ ୫-୦ଗୋଲ୍‌ରେ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ବିଜୟୀ ଦଳ ପକ୍ଷରୁ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିଲେ ସ୍କାଇ ହାଲମାରିକ୍ (୩୮ତମ, ୩୯ତମ ଓ ୪୮ତମ ମିନିଟ)। ଅଷ୍ଟ୍ରେଲିଆ ତରଫରୁ ଅନ୍ୟ ଦୁଇଟି ଗୋଲ୍ ସ୍କୋର କରିଥିଲେ ଡାନେଲା ବୁଟସ (୫୪ତମ) ଓ ଡାଇସି ବ୍ରାଉନ୍ (୯୦+୪')। ରବିବାର ଏହି ଫଳାଫଳ ଦ୍ୱାରା ଭାରତ ବର୍ତ୍ତମାନ ଦୁଇଟି ମ୍ୟାଚରୁ ବିନା କୌଣସି ପଏଣ୍ଟରେ ଗ୍ରୁପ୍ 'ସି'ରେ ସର୍ବନିମ୍ନ ସ୍ଥାନରେ ରହିଛି। ଜୋକିମ୍ ଆଲେକ୍‌ଜାଣ୍ଡରସନଙ୍କ ଦଳ ପାଇଁ ତଥାପି ସୁଯୋଗ ରହିଛି।

# ମୀନାକ୍ଷୀ, ଯସ୍ମିନ ସେମିଫାଇନାଲରେ

**ଉଲାନବାଟାର, ୫।୪ (ପି.ଟି.)**

ଭାରତୀୟ ମହିଳା ବକ୍ସିଂ ଦଳ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରିରଖିଛନ୍ତି। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ମୀନାକ୍ଷୀ ହୁଡା ଓ ଯସ୍ମିନ ଲାମ୍ବୋରିଆ ରବିବାର ସେମାନଙ୍କ ବାଉଟ ଜିତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ିଙ୍କ ବିଜୟ ଦ୍ୱାରା ସମସ୍ତ ଭାରତୀୟ ମହିଳା ବକ୍ସର ପଦକ ନିଶ୍ଚିତ କରିପାରିଛନ୍ତି। ପୁରୁଷ ବିଭାଗରେ ଲୋକେଶ ଆକାଶ ଓ ହର୍ଷ ଚୌଧାରୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମୀନାକ୍ଷୀ ୪୮କେଜି କାଟେଗୋରୀ ବାଉଟ କ୍ୱାର୍ଟରଫାଇନାଲରେ ଜାପାନର ୟୁକା ସାଦାମାତ୍‌ସୁଙ୍କୁ ୫-୦ ସର୍ବସମ୍ମତି ନିଷ୍ପତ୍ତିରେ ହରାଇ ଦେଇଛନ୍ତି। ସେହିପରି ଯସ୍ମିନ ୫୭କେଜି ଶ୍ରେଣୀରେ ଚାଇନାର ଜିୟି ଚେନ୍‌ଙ୍କୁ ସମାନ ୫-୦ ବ୍ୟବଧାନରେ ପରାସ୍ତ କରି ସେମିଫଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଲୋକେଶ (୮୫କେଜି) କୋରିଆର ଜିଚାଏ କିମ୍‌ଙ୍କ ବିପକ୍ଷରେ ୫-୦ରେ ବିଜୟ ଲାଭ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେହିପରି ଆକାଶ (୭୫କେଜି) ତୁର୍କମେନିସ୍ତାନର ୟଲାନ ବ୍ୟାଗ୍‌ତାରୋଭଙ୍କୁ ୫-୦ରେ ପରାସ୍ତ କରିଥିଲେ।

# ଅଭୟ ଜିତିଲେ

**ନୂଆଦିଲ୍ଲୀ, ୫।୪ (ପି.ଟି.)**

ଭାରତର ଅଭୟ ସିଂ ଇଜିପ୍ଟରେ ଚାଲିଥିବା ଏଲ୍ ଗୋନା ଓପନ ସ୍କ୍ୱାଶ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଓପନିଂ ରାଉଣ୍ଡରେ ବିଶ୍ୱର ୧୩ ନମ୍ବର ତଥା ଇଜିପ୍ଟର ଆଲି ଆବୋ ଏଲିନେନ୍‌ଙ୍କୁ ୩-୨ରେ ହରାଇ ଦେଇଛନ୍ତି। ବିଶ୍ୱର ୨୫ନମ୍ବର ଅଭୟ ୯-୧୧, ୧୧-୮, ୩-୧୧, ୧୧-୪, ୧୧-୮ରେ ବିଜୟ ଲାଭ କରିଥିଲେ। ଅନ୍ୟପକ୍ଷରେ ବିଶ୍ୱର ୨୦ନମ୍ବର ଭାରତର ଅନାହତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବିଶ୍ୱର ନମ୍ବର-୧ ଇଜିପ୍ଟର ହାନିଆ ଏଲ୍ ହାମାମିଙ୍କ ନିକଟରୁ ପରାଜିତ ହୋଇଛନ୍ତି।

# ଚିନ୍ନାସ୍ୱାମୀରେ ଦ୍ରାବିଡ଼, କୁମ୍ବଲେ ଏଣ୍ଡ ଉନ୍ମୋଚିତ

**ବେଙ୍ଗାଲୁରୁ, ୫।୪ (ପି.ଟି.)**

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦୁଇ କ୍ରିକେଟ ଷ୍ଟଲୱାର୍ଟ ରାହୁଲ ଦ୍ରାବିଡ ଓ ଅନିଲ କୁମ୍ବଲେ ଏଣ୍ଡ୍ ରବିବାର ସେମାନଙ୍କ ପରିବାର ସଦସ୍ୟମାନଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କର୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି ଭେଙ୍କଟେଶ ପ୍ରସାଦ, ଦୁଇ କିମ୍ବଦନ୍ତୀ ଦୀର୍ଘକାଳୀନ ଟିମ୍‌ମେଟ, ଉପ-ସଭାପତି ସୁଜିତ ସେମାସୁନ୍ଦର ଏବଂ ଆସୋସିଏଶନର ଅନ୍ୟ ଅଫିସିଆଲମାନେ ଉପସ୍ଥିତ ଥିଲେ। ଦ୍ରାବିଡ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୨୪, ୧୭୭ ରନ ସଂଗ୍ରହ କରିଥିବା ବେଳେ କୁମ୍ବଲେ ୯୫୬ ଉଇକେଟ ଅକ୍ତିଆର କରିଥିଲେ। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତର ପୂର୍ବତନ ମହିଳା କ୍ରିକେଟର ଶାନ୍ତା ରାଙ୍ଗାସ୍ୱାମୀଙ୍କ ନାମରେ ମଧ୍ୟ ଏକ ଷ୍ଟାଣ୍ଡ ଉନ୍ମୋଚନ ହୋଇଥିଲା।

# ସ୍କୁଲ୍ସ ଓପନ ଚେସ୍: ପ୍ରିୟଦର୍ଶନ ବିଜେତା

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ଧନଞ୍ଜୟ ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ପାଇ ପ୍ରିୟଦର୍ଶନ ରାୟ ଚାମ୍ପିୟନ ହୋଇଛନ୍ତି। ଆୟାଭନ୍ଷ ମହାନ୍ତି, ଅନୀଶ ପଣ୍ଡା, ଆୟୁଷ୍ମାନ ବେହେରା ଓ ଆରିଶ ନନ୍ଦ ଗୋସ୍ୱାମୀ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୬ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ସ୍ୱର୍ଗତ ଧନଞ୍ଜୟଙ୍କ ସ୍ତ୍ରୀ ଜ୍ୟୋତିଶ୍ରୀ ମହାନ୍ତି, ଭଉଣୀ ସୁମିତ୍ରା ମହାନ୍ତି ଓ ଝିଅ ଶିବାଙ୍ଗି ଶ୍ରେୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




# ଗ୍ରୀନ୍ସ-ରେଡ୍ ଷ୍ଟାର, ପାରାମାଉଣ୍ଟ-ଆଇଆଇସି ଭେଟ

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**
**ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ**

**ଭୁବନେଶ୍ୱର, ୫।୪ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ)କୁ ୫ ଉଇକେଟରେ ହରାଇ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି) ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ କ୍ଲବ୍ ଦି ରେଡ୍ ଷ୍ଟାର ମଧ୍ୟରେ ମୁକାବିଲା ହେବ। ବୁଧବାର ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟକୁ ଭେଟିବ ଆଇଆଇସି। ଶୁକ୍ରବାର ଫାଇନାଲ ଅନୁଷ୍ଠିତ ହେବ।

## ଆଇଆଇସି ୫ ଉଇକେଟରେ ବିଜୟୀ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବିବିସିଏ ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ଆଦର୍ଶ ଦାଶ ସର୍ବାଧିକ ୪୧ ଓ ସ୍ୱରିତ ଦାସ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ଆଶୁତୋଷ ଯାଦବ ୩ଟି ଉଇକେଟ ନେଇଥିଲେ। ଜବାବରେ ଆଇଆଇସି ୫ ଉଇକେଟ୍ ହରାଇ ୧୭୩ ରନ ସଂଗ୍ରହ କରି ନେଇଥିଲା। ଜୟନ୍ତ ମହାନ୍ତି ୫୪ ଓ ଆଶୁତୋଷ ଯାଦବ ୪୧ ରନ କରି ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ବିବିସିଏର ଆଦିତ୍ୟ ପଟ୍ଟନାୟକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଆଶୁତୋଷ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରତିଷ୍ଠିତ ଫୁଟବଲ ରେଫରି ଜିତେନ୍ଦ୍ର କୁମାର ସାମନ୍ତସିଂହାର ଓ ସଂଘର ସଦସ୍ୟ ସଞ୍ଜୟ ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ସଂଘର ସହ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଓ ଉପସଭାପତି ବଲ୍ଲଭ ଚରଣ ସାହୁ ଓ ସୂର୍ଯ୍ୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ରବିବାର ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ